# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ନଭେମ୍ବର ୨୩/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Balasore, Saturday, November 23/2019 | ★★★★

୪୫ଶ ଭାଗ ୩୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଈଶାନ୍ତଙ୍କୁ ୫ ଉଇକେଟ**

କୋଲକାତାର ଇଡେନ ଗାର୍ଡେନ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ବାଂଲାଦେଶ ବିପକ୍ଷ ଦିବାରାତ୍ର କ୍ରିକେଟ ଟେଷ୍ଟରେ ୫ ଉଇକେଟ ହାସଲ କରିଛନ୍ତି ଭାରତର ଈଶାନ୍ତ ଶର୍ମା। **୧୯**

**୧୧** **ନୋ କଣ୍ଡୋମ୍‌ସ୍ ପ୍ଲିଜ୍**

ବଲିଉଡ ଅଭିନେତା ଭିକି କୌଶଲ କଣ୍ଡୋମ୍‌ସ ସହ ଜଡ଼ିତ ଏକ ଫିଲ୍ମରେ କାମ କରିବା ଲାଗି ମନା କରିଛନ୍ତି। 'ନୋ କଣ୍ଡୋମ୍‌ସ୍ ପ୍ଲିଜ୍' କହି ଏହି ଫିଲ୍ମରୁ ମୁହଁ ଫେରାଇ ଦେଇଛନ୍ତି।



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**





ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

## ବାବୁ କରିବେ ଗୁରୁଗିରି

**ଆଜିର ମନ୍ତବ୍ୟ**

"ଅଯୋଧ୍ୟାରେ ବିଶାଳ ରାମମନ୍ଦିର ନିର୍ମାଣ କରାଯିବା ସପକ୍ଷରେ କଂଗ୍ରେସ ରହିଛି।"
–ସଚିନ ପାଇଲଟ୍, ବରିଷ୍ଠ କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ କୋଲ ଇଣ୍ଡିଆର ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣ ୮% ହ୍ରାସ ଘଟି ୨୫୩ ନିୟୁତ ଟନ୍ ରହିଛି।
– କୋଲ୍ ଇଣ୍ଡିଆ


Taste the difference! Vencobb FRESH CHICKEN

21.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 84 | 137 | 147 |
| BHM | 84 | 137 | 147 |

*Conditions Apply

Issued in the Interest of Consumers




କୋଲକାତାରେ ଶୁକ୍ରବାର ଭାରତ–ବାଂଲାଦେଶ ପିଙ୍କ୍‌ବଲ୍ ଦିବାରାତ୍ର କ୍ରିକେଟ ଟେଷ୍ଟ ଆରମ୍ଭ ଅବସରରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା। (ରିପୋର୍ଟ ଖେଳପୃଷ୍ଠା)

### ■ ମହାରାଷ୍ଟ୍ରରେ ଖୁବ୍‌ଶୀଘ୍ର ସରକାର

# ମୁଖ୍ୟମନ୍ତ୍ରୀ ହେବେ ଉଦ୍ଧବ

- ■ ଉଦ୍ଧବଙ୍କ ନେତୃତ୍ୱରେ ଗଢ଼ାଯିବ ସରକାର: ପାୱାର
- ■ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବାକୁ ଉଦ୍ଧବ ରାଜି ହୋଇଛନ୍ତି: ସଞ୍ଜୟ

**ମୁମ୍ବାଇ/ନୂଆଦିଲ୍ଲୀ,୨୨।୧୧**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଶେଷ ହେବାର ମାସକ ପରେ ଅଡୁଆ ଛିଣ୍ଡିଛି। ଶିବସେନା, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସ ମେଣ୍ଟର ସରକାର ଖୁବ୍‌ଶୀଘ୍ର ଗଠନ କରାଯିବ। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ହେବେ। ଏନ୍‌ସିପି ମୁଖ୍ୟ ଶରଦ ପାୱାର ଶୁକ୍ରବାର ସନ୍ଧ୍ୟାରେ ଏହି ଘୋଷଣା କରିବା ପରେ ରାଷ୍ଟ୍ରପତି ଶାସନାଧୀନ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଦୂରହେବା ଆଶା କରାଯାଉଛି। ତିନିଦଳର ନେତାମାନେ ଖୁବ୍‌ଶୀଘ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟି ସରକାର ଗଢ଼ିବା ଲାଗି ଦାବି ଜଣାଇବେ। ଏଥିଲାଗି ରାଜ୍ୟପାଳ ଦିଲ୍ଲୀ ଗସ୍ତ ବାତିଲ କରିଦେଇଥିବା ଜଣାପଡ଼ିଛି।

କେନ୍ଦ୍ରୀୟ ମୁମ୍ବାଇସ୍ଥିତ ନେହେରୁ ସେଣ୍ଟରରେ ଶୁକ୍ରବାର ତିନିଦଳର ବରିଷ୍ଠ ନେତାଙ୍କୁ ନେଇ ମାରାଥନ ବୈଠକ ହୋଇଥିଲା। ଏଥିରେ ଏନ୍‌ସିପିର ଶରଦ ପାୱାର, ଅଜିତ ପାୱାର, ପ୍ରଫୁଲ ପଟେଲ ଓ ଜୟନ୍ତ ପାଟିଲ ଉପସ୍ଥିତ ଥିଲେ। କଂଗ୍ରେସର ଅହମଦ ପଟେଲ, ମଲ୍ଲିକାର୍ଜୁନ ଖାର୍ଗେ, କେ.ସି. ବେଣୁଗୋପାଳ, ବାଲାସାହେବ ଥୋରାଟ, ପୃଥ୍ୱୀରାଜ ଚଭନ ଓ ଅବିନାଶ ପାଣ୍ଡେ ଯୋଗଦେଇଥିବାବେଳେ ଶିବସେନାର ମୁଖ୍ୟ ଉଦ୍ଧବ ଠାକ୍‌ରେ, ଏକନାଥ ସିନ୍ଦେ, ସଞ୍ଜୟ ରାଉତ୍ ଓ ସୁବାସ ଦେଶାଇ ବୈଠକରେ ସାମିଲ ହୋଇଥିଲେ। ନେତାମାନେ ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ (ସିଏମ୍‌ସି) ଚୂଡ଼ାନ୍ତ କରିବା ସହ ତିନିଦଳ ମଧ୍ୟରେ କ୍ଷମତା ଭାଗବଣ୍ଟା ଛିଣ୍ଡାଇଥିଲେ। ଉଦ୍ଧବଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସହମତି ହୋଇଥିବା ବୈଠକ ପରେ ପାୱାର ସ୍ପଷ୍ଟ କରିଛନ୍ତି। ସେହିପରି ଏନ୍‌ସିପି ମୁଖପାତ୍ର ନୱାବ୍ ମଲିକ୍ କହିଛନ୍ତି, ଶୁକ୍ରବାର ବିଳମ୍ବିତ ରାତିରେ କିମ୍ବା ଶନିବାର ସକାଳେ ରାଜ୍ୟପାଳଙ୍କୁ ୩ ଦଳର ପ୍ରତିନିଧି ମଣ୍ଡଳୀ ସାକ୍ଷାତ୍ କରି ସରକାର ଗଠନ ପାଇଁ ଦାବି ଜଣାଇବେ। ଶିବସେନା ହାତରେ ମୁଖ୍ୟମନ୍ତ୍ରୀ ପଦ ରହିବ ଏବଂ ୫ ବର୍ଷ ସ୍ଥାୟୀ ସରକାର ଚଳାଇବା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ଶିବସେନାକୁ ସମର୍ଥନ ଦିଆଯାଇଛି। ସରକାରରେ ସିପିଆଇଏମ୍ ଭଳି ଛୋଟ ଦଳଗୁଡ଼ିକୁ ମଧ୍ୟ ସାମିଲ କରାଯିବା ପାଇଁ ଶିବସେନା ସହ ଆଲୋଚନା ହେବ ବୋଲି ମହାରାଷ୍ଟ୍ର ଏନ୍‌ସିପି ମୁଖ୍ୟ ଜୟନ୍ତ ପାଟିଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାଟିଲଙ୍କ ସହ ଥିବା କଂଗ୍ରେସ ନେତା ପୃଥ୍ୱୀରାଜ ଚଭନ ମଧ୍ୟ ତାଙ୍କ ସହ ଏକମତ ଥିବା କହିଥିଲେ। ସମାଜବାଦୀ ପାର୍ଟି ନେତା ଅବୁ ଆଜ୍‌ମୀ ଦେଶରେ ସାମ୍ପ୍ରଦାୟିକତାର ଶେଷ ପାଇଁ ପ୍ରସ୍ତାବ ଦେଇଥିଲେ। ଆମ ଦଳର ସମର୍ଥନ ନେଲେ ଶିବସେନାକୁ ☞ପୃଷ୍ଠା–୧୫



ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ।

# ସିଲପଟ୍‌କୁ ଧକ୍କା ଦେଲା ଦୁରନ୍ତୋ ଏକ୍ସପ୍ରେସ୍



ଭାଙ୍ଗିଯାଇଥିବା ଇଞ୍ଜିନର ସମ୍ମୁଖ ଭାଗ।

- ■ ଗୁରୁତର ଭାବେ ଟ୍ରେନ୍ କ୍ଷତିଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ
- ■ ୩ ଘଣ୍ଟା ୪୫ ମିନିଟ୍ ଅଟକିଲା ଟ୍ରେନ୍
- ■ ୬ କୋଚ୍, ଇଞ୍ଜିନ୍, ପ୍ରେସର ଚାମ୍ବର, ହୋମ୍ ପାଇପ୍ କ୍ଷତିଗ୍ରସ୍ତ
- ■ ବେପରୁଆ କାର୍ଯ୍ୟରୁ ଦୁର୍ଘଟଣା

**ରୂପସା, ୨୨।୧୧ (ଡି.ଏନ.ଏ.)/ ଭୁବନେଶ୍ୱର(ବ୍ୟୁରୋ)**

ହାଓଡ଼ାରୁ ଯଶୋବନ୍ତପୁରକୁ ଯାଉଥିବା ଦୁରନ୍ତୋ ଏକ୍ସପ୍ରେସ (ନଂ. ୧୨୨୪୫) ଶୁକ୍ରବାର ବାଲେଶ୍ୱରର ରୂପସା ଷ୍ଟେଶନରେ ଗୁରୁତର ଭାବେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କୌଣସି ଯାତ୍ରୀ ମୃତାହତ ହୋଇ ନ ଥିଲେ ମଧ୍ୟ ଟ୍ରେନ୍‌ର ☞ପୃଷ୍ଠା–୧୫

## ବିଦ୍ୟୁତ ସଂସ୍ପର୍ଶରେ ଆସି ନାବାଳିକାଙ୍କ ମୃତ୍ୟୁ

**ଜଣେ ଗୁରୁତର**

**ଯାଜପୁର ଟାଉନ, ୨୨।୧୧ (ଡିଏନଏ)**

ଯାଜପୁର ସହର କୁସୁମା ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନାବାଳିକାଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡିଛି। ମୃତ ନାବାଳିକା ଦେବୀଦ୍ୱାର ଅଞ୍ଚଳର ନକୁଳ ଚମ୍ପିଆଙ୍କ ଝିଅ ତୁଳସୀ (୧୧) ବୋଲି ଜଣାପଡ଼ିଛି। ସେହିପରି ଗୁରୁତର ବ୍ୟକ୍ତି ଜଣକ ହେଲେ ଅଭିମନ୍ୟୁ ବେହେରା। ପ୍ରକାଶ ଯେ, ଶୁକ୍ରବାର ସକାଳୁ ତୁଳସୀ ଚା ଆଣିବା ପାଇଁ ଯାଉଥିବାବେଳେ କୁସୁମା ନିକଟରେ ଛିଡି ପଡିଥିବା ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଭିମନ୍ୟୁ ଛିଡି ପଡିଥିବା ତାରକୁ ଉଠାଇବାକୁ ଯାଉଥିବା ସମୟରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଦ୍ୟୁତ୍ ବିଭାଗର ବେପରୁଆ କାର୍ଯ୍ୟ ଯାଗୁ ଏହିପରି ଅଘଟଣ ଘଟୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

**ପରିଜା ଲାଇବ୍ରେରି ଛାତରେ ଯୁବକଙ୍କ ଉଲ୍ଲଙ୍ଗ କାଣ୍ଡ**
........୨୬........








# ୩୪୭ ଲୋକ ସଭା ଆସନରେ ଭୋଟ ଅମେଳ

■ ୬ ନିର୍ବାଚନମଣ୍ଡଳୀରେ ବିଜୟ ବ୍ୟବଧାନ ଅଧିକ
■ ତାଲିକାରେ ଓଡ଼ିଶାର କୋରାପୁଟ
■ ସୁପ୍ରିମକୋର୍ଟରେ ପିଟିଶନ୍



ନୂଆଦିଲ୍ଲୀ,୨୨।୧୧

୨୦୧୯ ଲୋକ ସଭା ନିର୍ବାଚନ ଫଳାଫଳରେ ତାଳମେଳ ନ ଥିବା ସୁପ୍ରିମକୋର୍ଟରେ ଦାଏର ପିଟିଶନ୍‌ରେ ଅଭିଯୋଗ ହୋଇଛି। ନିର୍ବାଚନ କମିଶନ ଘୋଷଣା କରିଥିବା ଅସ୍ଥାୟୀ ତାଲିକା ଏବଂ ଚୂଡ଼ାନ୍ତ ଭୋଟ ହିସାବରେ ବଡ଼ ଧରଣର ଅମେଳ ଥିବା ଜଣାପଡିବା ପରେ ଆସୋସିଏଶନ ଫର ଡେମୋକ୍ରାଟିକ୍ ରାଇଟ୍ସ (ଏଡିଆର୍) ଏବଂ 'କମନ କଜ୍' ପକ୍ଷରୁ ମିଳିତ ଭାବେ ଗତ ମଙ୍ଗଳବାର ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରାଯାଇଛି। ତେବେ ଏହା ଶୁଣାଣି ପାଇଁ ଅଦ୍ୟାବଧି ତାଲିକାଭୁକ୍ତ ହୋଇନାହିଁ। ଉକ୍ତ ପିଟିଶନ ଅନୁଯାୟୀ ନିର୍ବାଚନ ହୋଇଥିବା ୫୪୨ ଲୋକ ସଭା ଆସନ ମଧ୍ୟରୁ ୩୪୭ରେ ଭୋଟ ତଥ୍ୟ ଅମେଳ ରହିଛି। ଏପରିକି ୬ଟି ନିର୍ବାଚନ ମଣ୍ଡଳୀରେ ଯେଉଁ ବିଜୟ ବ୍ୟବଧାନ ଦର୍ଶାଯାଇଥିଲା, ତାହାଠାରୁ ପ୍ରକୃତ ବ୍ୟବଧାନ ଯଥେଷ୍ଟ ଅଧିକ ରହିଛି।

ଲୋକ ସଭା ନିର୍ବାଚନ ୭ ପର୍ଯ୍ୟାୟରେ ହୋଇଥିବାବେଳେ ମେ' ୨୩ରେ ଫଳାଫଳ ଘୋଷଣା କରାଯାଇଥିଲା। ଉପରୋକ୍ତ ଦୁଇ ଏନ୍‌ଜିଓ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ପିଟିଶନ୍ ଦାଏର କରିଛନ୍ତି। ନିର୍ବାଚନ କମିଶନ (ଇସି) ନିକଟରେ 'ମାଇଁଭୋଟର ଟର୍ନଆଉଟ୍‌ଆପ୍' ନାମକ ଏକ ମୋବାଇଲ ଆପ୍ ଜରିଆରେ ପ୍ରତି ନିର୍ବାଚନ ମଣ୍ଡଳୀରୁ ସଂଗୃହୀତ ଭୋଟ ସମ୍ପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପିଟିଶନ ଅନୁଯାୟୀ, ପ୍ରଥମ ୬ ପର୍ଯ୍ୟାୟ ନିର୍ବାଚନର ବୁଥ୍‌ୱାରୀ ଭୋଟ ତଥ୍ୟ ଦିଆଯାଇଥିବାବେଳେ ଶେଷ ପର୍ଯ୍ୟାୟ ନିର୍ବାଚନର କେବଳ ପ୍ରତିଶତ ତଥ୍ୟ ଦିଆଯାଇ ପୂର୍ବ ତଥ୍ୟକୁ ହଟାଇଦିଆଯାଇଛି।

ବିଶେଷଜ୍ଞମାନଙ୍କ ଏକ ଟିମ୍ ଏହାକୁ ଅନୁଧ୍ୟାନ କରିବା ପରେ ନିର୍ବାଚନ କମିଶନଙ୍କ ପ୍ରାରମ୍ଭିକ ତଥ୍ୟ ଏବଂ ବର୍ତ୍ତମାନର ଚୂଡ଼ାନ୍ତ ତଥ୍ୟ ମଧ୍ୟରେ ଗୁରୁତର ଅମେଳ ରହିଥିବା ଜଣାପଡିଥିଲା ବୋଲି ଏନ୍‌ଜିଓ ପକ୍ଷରୁ କୁହାଯାଇଛି। ନିର୍ବାଚନ କମିଶନଙ୍କ ମୁଖ୍ୟ ୱେବ୍‌ସାଇଟ ତଥ୍ୟ ଏବଂ 'ମାଇଁ ଭୋଟର ଟର୍ନଆଉଟ୍ ଆପ୍'ରେ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କରିବା ପରେ ୩୪୭ ଆସନରେ ଅମେଳ ଥିବା ଜଣାପଡିଥିଲା। ଦୁଇ ତାଲିକା ମଧ୍ୟରେ ବ୍ୟବଧାନ ଗୋଟିଏ ଭୋଟରୁ ଆରମ୍ଭ କରି ୧,୦୧,୩୨୩ ପର୍ଯ୍ୟନ୍ତ ରହିଥିବା ପିଟିଶନ୍‌ରେ ଦର୍ଶାଯାଇଛି। ୬ଟି ଆସନରେ ବ୍ୟବଧାନ ସର୍ବାଧିକ ରହିଛି। ସେହି ଆସନଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଓ ବିଶାଖାପାଟଣା, ଜମ୍ମୁ-କଶ୍ମୀରର ଅନନ୍ତନାଗ, ଝାଡ଼ଖଣ୍ଡର ଖୁଣ୍ଟି, ଓଡ଼ିଶାର କୋରାପୁଟ ଏବଂ ଉତ୍ତରପ୍ରଦେଶର ମଚ୍ଛଲିସହର। ତେବେ ଏହି ଅମେଳ ପଛରେ କୌଣସି ଦଳ ସହ ନିର୍ଦ୍ଦିଷ୍ଟ ସମ୍ପର୍କ ଥିବା ଜଣାପଡିନି। ସୂଚନା ଅଧିକାର (ଆର୍‌ଟିଆଇ) ଆବେଦନ ବଳରେ ସବିଶେଷ ତଥ୍ୟ ମଗାଯାଇଥିଲେ ହେଁ ଇସି ତାହାର ଜବାବ ଦେଇ ନ ଥିବା ପିଟିଶନରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି କୁହାଯାଇଛି ମେ' ୨୩ରେ ଭୋଟ ଫଳାଫଳ ଘୋଷଣା ହୋଇଥିଲେ ହେଁ ସମସ୍ତ ୫୪୨ ନିର୍ବାଚନ ମଣ୍ଡଳୀରୁ ଚୂଡ଼ାନ୍ତ ଭୋଟ ସଂଗ୍ରହ ତଥ୍ୟର ଇଣ୍ଡେକ୍ସ ଫର୍ମ ମିଳି ନ ଥିବା ଜୁନ୍ ୧ରେ ଇସି ସ୍ୱୀକାର କରିଥିଲେ। ତେଣୁ ବାସ୍ତବ ବାଲଟ ଗଣା ନ ଯାଇ ଅସ୍ଥାୟୀ ସଂଖ୍ୟା ଆଧାରରେ ଫଳାଫଳ ଘୋଷଣା କରାଯାଇଥିଲା ଏବଂ ଏହାକୁ ପୁଣି ଥରେ ମିଳାଯାଇ ନ ଥିଲା। ସବୁ ତଥ୍ୟ ଏକତ୍ର କରିବା ସହ ଠିକ୍ ତଥ୍ୟ ପ୍ରକାଶ କରିବା ନିର୍ବାଚନ କମିଶନଙ୍କ ବୈଧାନିକ ଦାୟିତ୍ୱ। ତେଣୁ ଇସି ଏହାର ତଦନ୍ତ କରି ତଥ୍ୟ ଅମେଳ ସମ୍ପର୍କରେ ଅଦାଲତଙ୍କୁ ଜଣାଇବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ନିମନ୍ତେ ପିଟିଶନ୍‌ରେ ଅନୁରୋଧ କରାଯାଇଛି। ଏଥିସହିତ ଭବିଷ୍ୟତରେ ତଥ୍ୟ ମେଳ ନକରି ଏଭଳି ଅସ୍ଥାୟୀ ଭାବେ ଫଳାଫଳ ଘୋଷଣା ନ କରିବାକୁ ଇସିଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନକାରୀ କହିଛନ୍ତି।

# ପ୍ରସାରଣରେ 'ଧରିତ୍ରୀ' ଏକ ନମ୍ବର

Circulation Figure of Odia Dailies Empanelled in I & PR Department

| Sl.No. | Name of the Newspaper | Publication Place | Circulation Figure(Year-2017-18) | Circulation Figure(Year-2018-19) |
|---|---|---|---|---|
| 1 | DHARITRI | BHUBANESWAR | 157677 | 476500 |
| 2 | PRAMEYA | BHUBANESWAR | 422360 | 422360 |
| 3 | SAMBAD | BHUBANESWAR | 365767 | 365767 |
| 4 | SAMAJ | CUTTACK | 224049 | 334521 |

## ବିଧାନସଭାରେ ଲିଖିତ ଉତ୍ତର ରଖିଲେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଧରିତ୍ରୀ ରାଜ୍ୟର ସର୍ବାଧିକ ପ୍ରସାରିତ ଖବରକାଗଜ। ୨୦୧୮-୧୯ ଆର୍ଥିକବର୍ଷର ହିସାବ ଅନୁଯାୟୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦେଇଥିବା ତଥ୍ୟରେ ଏହା ଦର୍ଶାଯାଇଛି। ୨୦୧୮-୧୯ ଆର୍ଥିକବର୍ଷରେ 'ଧରିତ୍ରୀ'ର ପ୍ରସାରଣ ୪ଲକ୍ଷ ୭୬ହଜାର ୫୦୦ ଥିବାବେଳେ ଏହା ତଳକୁ ଅନ୍ୟ ଖବରକାଗଜ ରହିଛନ୍ତି। ବିଜେଡି ସଦସ୍ୟ ପ୍ରଶାନ୍ତ ବେହେରା ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ 'ଧରିତ୍ରୀ' ତଳକୁ ଯେଉଁ ଖବରକାଗଜ ଦୁଇ ନମ୍ବରରେ ରହିଛନ୍ତି ସେମାନେ ଧରିତ୍ରୀଠାରୁ ପ୍ରାୟ ୫୦ ହଜାରରୁ ଅଧିକ ପ୍ରସାରଣ କମ୍‌ରେ ଅଛନ୍ତି। 'ପ୍ରମେୟ' ଦୁଇ ନମ୍ବର ସ୍ଥାନରେ ଥିବାବେଳେ ଏହାର ପ୍ରସାରଣ ୪ଲକ୍ଷ ୨୨ହଜାର ୩୬୦ ରହିଛି। ସେହିପରି ତୃତୀୟ ସ୍ଥାନରେ 'ସମ୍ବାଦ' ଏବଂ ଚତୁର୍ଥ ସ୍ଥାନରେ 'ସମାଜ' ରହିଛି। 'ସମ୍ବାଦ'ର ପ୍ରସାରଣ ୩ଲକ୍ଷ ୬୫ହଜାର ୭୬୭ ଥିବାବେଳେ 'ସମାଜ'ର ୩ଲକ୍ଷ ୩୪ହଜାର ୫୨୧ ରହିଛି। ଅନ୍ୟପଟେ ବୈଦ୍ୟୁତିକ ଗଣମାଧ୍ୟମ ଦର୍ଶକ ସଂଖ୍ୟା ନେଇ କୌଣସି ତଥ୍ୟ ସରକାରଙ୍କ ହସ୍ତଗତ ହୋଇ ନ ଥିବା ମନ୍ତ୍ରୀ ଦାସ କହିଛନ୍ତି।




ବାବୁମହଲ: ଷ୍ଟ୍ରାଇକ୍

ଦେଖନ୍ତୁ ଭିଡିଓ

YouTube /dharitrilive

# 'ଟାଇମ୍ସ' ହାୟର ଏଜୁକେଶନ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍‌ରେ ସୋଆ ବିଶ୍ୱବିଦ୍ୟାଳୟ


**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ):** 'ଟାଇମ୍ସ' ହାୟର ଏଜୁକେଶନ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍‌ରେ ପୁଣି ସ୍ଥାନ ପାଇଛି ସୋଆ ବିଶ୍ୱବିଦ୍ୟାଳୟ। ପୂର୍ବ ଭାରତରେ ସୁଖ୍ୟାତି ଅର୍ଜନ କରିଥିବା ସୋଆ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଟାଇମ୍ସ ହାୟର ଏଜୁକେଶନ ୱାର୍ଲ୍ଡ ରାଙ୍କିଙ୍ଗ୍‌ରେ ଭାରତରୁ ମନୋନୀତ ୯ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ଲାଭ କରିପାରିଛି। ରାଙ୍କିଙ୍ଗ୍‌ରେ ବିଶ୍ୱର ୭୭୫ ଉଚ୍ଚ ଶିକ୍ଷାନୁଷ୍ଠାନକୁ ନେଇ ଅନୁଧ୍ୟାନ କରିବା ପରେ ସୋଆକୁ ୬୦୧ ପ୍ଲସ କ୍ୟାଟେଗୋରିରେ ସ୍ଥାନିତ କରାଯାଇଛି। ସମଗ୍ର ପୂର୍ବ ଭାରତରେ କେବଳ ସୋଆ ହିଁ ଏହି ତାଲିକାରେ ସ୍ଥାନ ପାଇପାରିଛି। ସେହିଭଳି ତାଲିକାଭୁକ୍ତ ଭାରତର ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ହେଲା ଅମୃତା ବିଶ୍ୱ ବିଦ୍ୟାପୀଠମ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ମନିପାଲ ଏକାଡେମୀ ଅଫ୍ ହାୟର ଏଜୁକେଶନ, ପଞ୍ଜାବ ବିଶ୍ୱବିଦ୍ୟାଳୟ, ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟ, ଆମିଟୀ ବିଶ୍ୱବିଦ୍ୟାଳୟ, ଆନ୍ନାମାଲାଇ ବିଶ୍ୱବିଦ୍ୟାଳୟ ଓ ଏସଆର୍‌ଏମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲଜି। କିଛିଦିନ ପୂର୍ବରୁ ସୋଆ ଡିମ୍ଡ ବିଶ୍ୱବିଦ୍ୟାଳୟର ଫ୍ୟାକଲଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲଜିକୁ ଟାଇମ୍ସ ହାୟର ଏଜୁକେଶନ ବିଶ୍ୱ ରାଙ୍କିଙ୍ଗ୍‌ରେ ୬୦୧-୮୦୦ କ୍ୟାଟେଗୋରିରେ ସ୍ଥାନ ମିଳିଥିବାବେଳେ ଫ୍ୟାକଲଟି ଅଫ୍ କମ୍ପ୍ୟୁଟର ସାଇନ୍ସକୁ ୬୦୧ ପ୍ଲସ କ୍ୟାଟେଗୋରିରେ ସ୍ଥାନିତ କରାଯାଇଥିଲା।

# ସ୍କୁଲ ପାଠ୍ୟପୁସ୍ତକ ବିତରଣର ଶୁଭାରମ୍ଭ

ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)

**ପ୍ରଥମ ପର୍ଯ୍ୟାୟରେ ୫ ଜିଲାକୁ ୩ ଲକ୍ଷ ୫୦ ହଜାର ପାଠ୍ୟପୁସ୍ତକ ପ୍ରଦାନ**

ଭୁବନେଶ୍ୱରସ୍ଥିତ ପାଠ୍ୟପୁସ୍ତକ ନିର୍ଦ୍ଦେଶାଳୟରେ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍କୁଲ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାଶ କହିଥିଲେ, ବର୍ତ୍ତମାନ ୩ ଲକ୍ଷ ୫୦ ହଜାର ପାଠ୍ୟପୁସ୍ତକ ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର ଓ କେନ୍ଦୁଝର ଆଦି ୫ ଜିଲାକୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ବିଦ୍ୟାଳୟକୁ ବହି ଯୋଗାଇ ଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷ ଆରମ୍ଭରେ ପ୍ରତ୍ୟେକ ଜିଲାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଲାଙ୍କ ପାଖରେ ନୂତନ ପାଠ୍ୟପୁସ୍ତକ ପହଞ୍ଚି ପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଆବଶ୍ୟକ ୫ କୋଟି ୯୦ ଲକ୍ଷ ପୁସ୍ତକ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧ କୋଟି ୧୨ ଲକ୍ଷ ପାଠ୍ୟପୁସ୍ତକ ଛପା ସରିଛି ଏବଂ ଅବଶିଷ୍ଟ ପାଠ୍ୟପୁସ୍ତକ ଛାପିବା ପାଇଁ ଶୀଘ୍ର ପଦକ୍ଷେପ ନିଆଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ନବମ ଓ ଦଶମ ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକ ଛପାଯାଇ ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପାଠ୍ୟପୁସ୍ତକ ପ୍ରକାଶନ ଓ ବିତରଣ ବିଭାଗ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ଏଲିମେଣ୍ଟାରୀ ବିଭାଗ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତିଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



TATA ଉତ୍ପାଦନ
TANISHQ
PRESENTS
RIVAAH
FOR EVERY INDIAN BRIDE

25% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଏବଂ ଡାଇମଣ୍ଡ ଜ୍ୱେଲରୀର ମୂଲ୍ୟ ଉପରେ
+
100% ଏକ୍ସଚେଞ୍ଜ୍ ଭାଲ୍ୟୁ**
ପୁରୁଣା ଗୋଲ୍ଡ ଜ୍ୱେଲରୀ ଉପରେ


Buy online at tanishq.co.in

*ସର୍ତ୍ତାବଳୀ ଲାଗୁ • ଅଫର୍ 75 ଗ୍ରାମ୍ ଓ ତଦୁର୍ଦ୍ଧ୍ୱ ସ୍ୱର୍ଣ୍ଣ ଅଳଙ୍କାର କ୍ରୟ ଉପରେ ବୈଧ • ଅଫର୍ କେବଳ 1 ଲକ୍ଷ ଓ ତଦୁର୍ଦ୍ଧ୍ୱର ଡାଇମଣ୍ଡ ଜ୍ୱେଲରୀ କ୍ରୟ ଉପରେ ବୈଧ ଅଟେ । **ବିନିମୟ ବା ଏକ୍ସଚେଞ୍ଜ୍ ସାମଗ୍ରୀ 22 କ୍ୟାରେଟ୍ ଏବଂ ତଦୁର୍ଦ୍ଧ୍ୱ ବିଶୁଦ୍ଧତା ଆଧାରରେ ହୋଇଥାଏ
Check tanishq.co.in/offers for further details • Follow us on: • To know more, log on to tanishq.co.in or give a missed call on 1800 3010 5002

ଭୁବନେଶ୍ୱର - ଷ୍ଟେସନ ସ୍କୋୟାର୍ ଏବଂ ଚନ୍ଦ୍ରଶେଖରପୁର | କଟକ - କିଶୋର ହାଉସ୍, ମାତା ମଠ ପାଖରେ, କ୍ୟାଣ୍ଟନ୍‌ମେଣ୍ଟ ଛକ ରାଉରକେଲା - କେଶର ଭବନ, ମେନ୍ ରୋଡ୍ |
ବ୍ରହ୍ମପୁର - ହନୁମାନ ବଜାର ଛକ, ବ୍ରହ୍ମପୁର ରେ | ସମ୍ବଲପୁର : ବୁଢ଼ାରଜା ରୋଡ, ଓଡ଼ିଶା | ଅନୁଗୁଳ - ପ୍ଲଟ୍ ନଂ.623, ଅମଲା ପଡ଼ା 2ୟ ଲେନ୍ | ବାଲେଶ୍ୱର - ବିବେକାନନ୍ଦ ମାର୍ଗ।

## କମଲେଶ୍‌ଙ୍କ ସ୍ତ୍ରୀଙ୍କୁ ହତ୍ୟା ଧମକ

**ଲକ୍ଷ୍ନୌ, ୨୨।୧୧(ପି.ଟି.) :** ଉତ୍ତରପ୍ରଦେଶରେ ହିନ୍ଦୁ ସମାଜ ପାର୍ଟି ମୁଖ୍ୟ କମଲେଶ୍ ତିୱାରୀଙ୍କୁ ଦିବାଲୋକରେ ହତ୍ୟା କରାଯିବା ପରେ ଏବେ ତାଙ୍କ ସ୍ତ୍ରୀ ତଥା ଏବେକାର ପାର୍ଟି ସଭାପତି କିରନ୍‌ଙ୍କୁ ହତ୍ୟା ଧମକ ଦିଆଯାଇଛି। ମହାରାଷ୍ଟ୍ରର ଲାଟୁର୍‌ରୁ ଆସିଥିବା ଏକ ଚିଠିରେ ଏଭଳି ହତ୍ୟା ଧମକ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଚିଠି ୯ ପୃଷ୍ଠା ସମ୍ବଳିତ ହୋଇଥିବାବେଳେ ୨ ପୃଷ୍ଠା ଉର୍ଦ୍ଦୁରେ ଲେଖାଥିବା ଜଣାପଡ଼ିଛି। ଗଣେଶ ନାଗୋ ରାଓ ନାମକ ଜଣେ ବ୍ୟକ୍ତି ଲେଖିଛନ୍ତି। ଗତ ୧୪ରୁ ଏହା ମିଳିଥିବାବେଳେ ନାକା ହିଣ୍ଡୋଲା ପୋଲିସ ଷ୍ଟେଶନରେ ଏନେଇ କିରନ୍ ଅଭିଯୋଗ କରିଛନ୍ତି।




# ପିଆଜ ଦରରେ ନିଆଁ

### ୨୨୯ ଦୋକାନରେ ସୁଲଭ ମୂଲ୍ୟରେ ଯୋଗାଉଛନ୍ତି ସରକାର

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

ରାଜ୍ୟରେ ପିଆଜ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ବଜାରରେ ପିଆଜ ମୂଲ୍ୟ କିଲୋ ପିଛା ୮୦ରୁ ୯୦ ଟଙ୍କାରେ ବିକ୍ରି ହୋଇଥିଲା। ପ୍ରାୟ ଦେଢ଼ମାସ ଧରି ପିଆଜର ବର୍ଦ୍ଧିତ ମୂଲ୍ୟ ଯୋଗୁ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ହେଲେ ରାଜ୍ୟ ଯୋଗାଣ ବିଭାଗ ତରଫରୁ ଗତ ୧୧ ତାରିଖରୁ ୨୨୯ ଦୋକାନରେ ଖାଉଟିଙ୍କୁ ସୁଲଭ ମୂଲ୍ୟରେ ପିଆଜ ବିକ୍ରି କରାଯାଉଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ ବିଭାଗ ପକ୍ଷରୁ ଅନୁଗୋଳଠାରେ ୧୦ଟି ସୁଲଭ ମୂଲ୍ୟ ଦୋକାନରେ ପିଆଜ କିଲୋ ପିଛା ୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ସେହିପରି କଟକର ୩ଟି ଦୋକାନରେ କିଲୋ ପିଛା ୭୦ ଟଙ୍କାରେ, ସମ୍ବଲପୁରର ୨ ସ୍ଥାନରେ ୫୪ ଟଙ୍କାରେ, ବଲାଙ୍ଗୀରର ୫ ସ୍ଥାନରେ ୫୫ ଟଙ୍କାରେ, ଝାରସୁଗୁଡ଼ାର ୬ ସ୍ଥାନରେ ୬୦ ଟଙ୍କାରେ, ଖୋର୍ଦ୍ଧାର ୪ ସ୍ଥାନରେ ୭୦ ଟଙ୍କାରେ, ମୟୂରଭଞ୍ଜର ୬୦ ସ୍ଥାନରେ ୬୦ ଟଙ୍କାରେ, ଢେଙ୍କାନାଳର ୭ ସ୍ଥାନରେ ୭୦ ଟଙ୍କାରେ, ଭଦ୍ରକର ୭ ସ୍ଥାନରେ ୬୦ ଟଙ୍କାରେ, ନୂଆପଡ଼ାର ୨ ସ୍ଥାନରେ ୫୫ ଟଙ୍କାରେ, ଜୟପୁରର ୨ଟି ସ୍ଥାନରେ କେଜି ପିଛା ୬୫ ଟଙ୍କାରେ, ବ୍ରହ୍ମପୁରର ୬ ସ୍ଥାନରେ ୫୮ ଟଙ୍କାରେ, ଭବାନୀପାଟଣାର ୧୧ ସ୍ଥାନରେ ୫୮ ଟଙ୍କାରେ, ବାଲେଶ୍ୱରର ୧୫ ସ୍ଥାନରେ ୭୨ଟଙ୍କାରେ, କେନ୍ଦ୍ରାପଡ଼ାର ୬ଟି ସ୍ଥାନରେ ୭୩ ଟଙ୍କାରେ, କେନ୍ଦୁଝରର ୧୩ ସ୍ଥାନରେ ୬୮ଟଙ୍କାରେ, ରାୟଗଡ଼ା ଓ ନୟାଗଡ଼ର ଗୋଟିଏ ଲେଖାଏ ସ୍ଥାନରେ ୭୦ ଟଙ୍କାରେ ସୁବର୍ଣ୍ଣପୁର ଓ ପୁରୀର ୫ ଲେଖାଏ ସ୍ଥାନରେ ୬୫ଟଙ୍କାରେ, ସୁନ୍ଦରଗଡ଼ର ୨୫ ସ୍ଥାନରେ ୬୭ ଟଙ୍କାରେ, ନବରଙ୍ଗପୁରର ୮ ସ୍ଥାନରେ ୭୨ ଟଙ୍କାରେ, କନ୍ଧମାଳର ଗୋଟିଏ ସ୍ଥାନରେ ୬୫ ଟଙ୍କାରେ, ବରଗଡ଼ର ୬ ସ୍ଥାନରେ ୫୫ ଟଙ୍କାରେ, ମାଲକାନଗିରିର ୪ ସ୍ଥାନରେ ୫୦ ଟଙ୍କାରେ, ଦେବଗଡ଼ର ଗୋଟିଏ ସ୍ଥାନରେ ୬୦ ଟଙ୍କାରେ, ଗଜପତିର ୧୦ ସ୍ଥାନରେ ୫୦ ଟଙ୍କାରେ ଏବଂ ଯାଜପୁରର ୩ ସୁଲଭ ମୂଲ୍ୟ ଦୋକାନରେ କିଲୋ ପିଛା ୫୫ ଟଙ୍କାରେ ପିଆଜ ବିକ୍ରି କରାଯାଉଛି। ଦରବୃଦ୍ଧିକୁ ନେଇ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏହା କେବଳ ରାଜ୍ୟ ସମସ୍ୟା ନୁହେଁ, ଦେଶରେ ସବୁଆଡ଼େ ପିଆଜ ଦର ବୃଦ୍ଧିପାଇଛି ବୋଲି ସେ କହିଛନ୍ତି।

# ଚାଷୀ ଶାନ୍ତ, ଗୃହ ଅଶାନ୍ତ

- ଧାନକିଣା ଟୋକନ ବ୍ୟବସ୍ଥାକୁ ନେଇ ହଟ୍ଟଗୋଳ
- ମନ୍ତ୍ରୀ, ସରକାରୀ ଉପମୁଖ୍ୟ ସଚେତକ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଜାଣିବାକୁ ଦାବି କଲେ ବିରୋଧୀ
- ସୋମବାର ବିବୃତି ଦେବାକୁ ଯୋଗାଣ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ


**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ଧାନ କିଣିବା ପାଇଁ ଚାଷୀଙ୍କୁ କି ପ୍ରତିଶ୍ରୁତି ଦେଲ। ଟୋକନ ନ ଥିବା ଚାଷୀଙ୍କଠାରୁ କେତେ ଧାନ କିଣାଯିବ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓ ସରକାରୀ ଦଳ ଉପମୁଖ୍ୟ ସଚେତକ ଧାନ କିଣିବା ନେଇ ଚାଷୀଙ୍କୁ କି ପ୍ରତିଶ୍ରୁତି ଦେଇଛନ୍ତି। ଗୃହ ଅନ୍ଧାରରେ ରହିଛି। ଧାନ କିଣାକୁ ନେଇ ସମସ୍ତ ସଦସ୍ୟଙ୍କର ଉଦ୍‌ବେଗ ରହିଥିଲେ ମଧ୍ୟ ଗୃହକୁ କାହିଁକି ଅବଗତ କରାଗଲା ନାହିଁ। ଏଭଳି ଅଭିଯୋଗ ଆଣି ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ହଟ୍ଟଗୋଳ କରିଛନ୍ତି। ଏପରି କି ବିରୋଧୀ ଦଳ ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କଠାରୁ କୈଫିୟତ ତଲବ କରିବା ସହ ବିବୃତି ଦାବି କରିଥିଲେ। ପ୍ରବଳ ପାଟିତୁଣ୍ଡ ଯୋଗୁ ବାଚସ୍ପତି ଗୃହକୁ ୧୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଏବଂ ସରକାରୀ ଦଳ ଉପମୁଖ୍ୟ ସଚେତକ ଚାଷୀଙ୍କ ସହ ଆଲୋଚନା କରି ଟୋକନ ନ ଥିବା ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହା କେଉଁ ଜିଲା ପାଇଁ ଲାଗୁ ହେବ। ସମ୍ବଲପୁର ଏବଂ ବରଗଡ଼ ପାଇଁ ନା ବଲାଙ୍ଗୀର ଏବଂ କଳାହାଣ୍ଡି ପାଇଁ। ଆମେ ଦ୍ୱନ୍ଦ୍ୱରେ ରହିଛୁ। ମନ୍ତ୍ରୀ ଓ ଉପମୁଖ୍ୟ ସଚେତକ କାହା ନିର୍ଦ୍ଦେଶରେ ସେଠାକୁ ଯାଇଥିଲେ। ଗୃହ ଚାଲିଥିବା ବେଳେ ନିଷ୍ପତ୍ତି ବିଷୟରେ ଗୃହକୁ କାହିଁକି ଅବଗତ କରାଯାଉନାହିଁ। ଧାନମଣ୍ଡିଗୁଡ଼ିକ ଅତ୍ୟନ୍ତ ଅବ୍ୟବସ୍ଥାରେ ରହିଛି। ଧାନ ବିକିବାକୁ ଆସି କଳାହାଣ୍ଡିର ଜଣେ ଚାଷୀଙ୍କର ମୃତ୍ୟୁ ଘଟିଥିଲା। ମଣ୍ଡିରେ ପାଇଖାନା ଓ ପାନୀୟଜଳ ବ୍ୟବସ୍ଥା ନାହିଁ। ସରକାର ଏହାର ତୁରନ୍ତ ବ୍ୟବସ୍ଥା କରନ୍ତୁ। ଚାଷୀଙ୍କଠାରୁ ୧୪ କେଜି ପର୍ଯ୍ୟନ୍ତ ଧାନ କାଟି ଦିଆଯାଉଛି। ଧାନ ନେବା ଲାଗି ମିଲର୍‌ମାନଙ୍କୁ ଅଖା ବାବଦରେ ୧୧ରୁ ୧୨ କୋଟି ଟଙ୍କା ସରକାର ଦେଉଛନ୍ତି। ମିଲର ଚାଷୀଙ୍କୁ ଧାନ ଆଣିବାକୁ ଅଖା ଦିଏନି। ଚାଷୀ ନିଜ ଅଖାରେ ଧାନ ଦେଉଛନ୍ତି। କାହିଁକି ମିଲରଙ୍କୁ ସରକାର ପୋଷୁଛନ୍ତି ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଛନ୍ତି। ବସ୍ତା କିଣିବା ବ୍ୟବସ୍ଥା ସରକାର ବନ୍ଦ କରନ୍ତୁ। ଚାଷୀଙ୍କୁ ସରକାର କି ପ୍ରତିଶ୍ରୁତି ଦେଇଛନ୍ତି ବିଷୟରେ ବିଭାଗୀୟ ମନ୍ତ୍ରୀ ଗୃହରେ ବିବୃତି ରଖନ୍ତୁ ବୋଲି ସେ ଦାବି କରିଥିଲେ।

କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଚାଷୀଙ୍କୁ ଦିଆଯାଉଥିବା ପ୍ରତିଶ୍ରୁତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଚାଷୀ ହିତ ପାଇଁ ଟୋକନ ବ୍ୟବସ୍ଥା ଉଚ୍ଛେଦ କରିବାକୁ ଆମେ ଗୃହରେ ବାରମ୍ବାର ଦାବି କରୁଛୁ। ସରକାର ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୧୮୧୫ଟଙ୍କାରେ ସବୁ ଧାନ ନିଅନ୍ତି। କଳାହାଣ୍ଡି ଓ ବଲାଙ୍ଗୀରରେ ଧାନ କିଣା ହୋଇନାହିଁ। ଅଧିବେଶନ ଚାଲିଛି, କ'ଣ ନିଷ୍ପତ୍ତି ହେଲା ସେ ବିଷୟରେ ଗୃହକୁ ଅବଗତ କରାଯାଇ ନାହିଁ। ନିଷ୍ପତ୍ତି କେବଳ ବରଗଡ଼, ସମ୍ବଲପୁରରେ ଲାଗୁ ହେବ ନା ଅନ୍ୟ ଜିଲାରେ ଲାଗୁ ହେବ। ସେ ବିଷୟ ସ୍ପଷ୍ଟ ହେବା ଦରକାର। ବିଭାଗୀୟ ମନ୍ତ୍ରୀ ଏ ନେଇ ଗୃହରେ ବିବୃତି ଦିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟମାନେ ମନ୍ତ୍ରୀଙ୍କଠାରୁ ବିବୃତି ଦାବି କରି ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବାଚସ୍ପତି ମଧ୍ୟାହ୍ନ ୧୨ଟା ୧୪ରୁ ୧୦ ମିନିଟ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୨୪ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଗୃହରେ ବିବୃତି ଦେବାକୁ କହିଥିଲେ। ମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ମୋ ପାଖରେ ତଥ୍ୟ ନାହିଁ। ଆସନ୍ତା ସୋମବାର ବିବୃତି ରଖିବି। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ପାଇଁ ପ୍ରସ୍ତାବ ରଖିଥିଲେ।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'




ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଷ୍ଟ୍ରେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।

ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ବାଲେଶ୍ୱର/କେନ୍ଦୁଝର:** ଆଲୋକ ପ୍ରସାଦ କାନୁନ୍‌ଗୋ (୮୨୪୯୫୮୪୦୧୦), **ଭଦ୍ରକ:** ଦେବରାଜ ସାମଲ (୯୩୩୭୩୫୫୦୫୫), **ମୟୂରଭଞ୍ଜ:** ଯଶୋବନ୍ତ ମହାନ୍ତ (୯୩୩୭୬୮୯୪୯୪)
ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨

### କେନ୍ଦ୍ରମନ୍ତ୍ରୀ ଗଙ୍ଗୱାରଙ୍କୁ ଧସ୍ତାଧସ୍ତି ପ୍ରସଙ୍ଗ
# ଆରଡିସି ତଦନ୍ତ ରିପୋର୍ଟ ପ୍ରକାଶ ଦାବି

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ୨୦୧୬ ଜୁନ୍ ୨୪ରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବାବେଳେ ବରଗଡ଼ଠାରେ ତାଙ୍କ କାର ଉପରକୁ ପଥର ମାଡ଼ କରାଯିବା ସହ ତାଙ୍କୁ ଧସ୍ତାଧସ୍ତି କରାଯାଇଥିଲା। ଏଭଳି ଆକ୍ରମଣ ସ୍ଥାନୀୟ ବିଧାୟକ ଓ ବିଜେଡି କର୍ମୀମାନେ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଆର୍‌ଡିସି ତଦନ୍ତ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ୬୦ ଦିନ ମଧ୍ୟରେ ଆର୍‌ଡିସି ତାଙ୍କ ତଦନ୍ତ ରିପୋର୍ଟ ସରକାରଙ୍କୁ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏ ପର୍ଯ୍ୟନ୍ତ ବିଧାନସଭାରେ ଏହି ରିପୋର୍ଟ କାହିଁକି ଉପସ୍ଥାପନ କରାଯାଇନାହିଁ ବୋଲି ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ଶୁକ୍ରବାର ପ୍ରଶ୍ନ ଉଠାଇଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଜୟନାରାୟଣ କହିଥିଲେ ଯେ, ରାଜ୍ୟ ସରକାର ୧୯ଟି ତଦନ୍ତ କମିଶନ ଗଠନ କରିଛନ୍ତି। ସେଥିରୁ ଗୋଟିଏ ବି ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯାଇନାହିଁ। ଗଙ୍ଗୱାରଙ୍କୁ ଆକ୍ରମଣ ଘଟଣାର ଆରଡିସି ତଦନ୍ତ ରିପୋର୍ଟ ସରକାର ତୁରନ୍ତ ଗୃହରେ ଉପସ୍ଥାପନ କରନ୍ତୁ ବୋଲି ସେ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ।

## ଜିଲା ଚିଠି
### ରାଉରକେଲା



## ଚାଉଳ ଦୁର୍ନୀତି

ରାଉରକେଲାସ୍ଥିତ ଏଫ୍‌ସିଆଇ ଚାଉଳ ଗୋଦାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଯୋଗାଣ ବିଭାଗ ଓ ଏଫ୍‌ସିଆଇର କେତେଜଣ ଅସାଧୁ କର୍ମଚାରୀଙ୍କ ଭିତିରି ସମ୍ପର୍କ ଯୋଗୁ ଏହାର ଚେର ବଢ଼ିଥିଲା। ଏ କଥା ପଦାକୁ ଆସିବା ପରେ ନାନା ଚର୍ଚ୍ଚା ସାମନାକୁ ଆସିଥିଲା। ଆର୍‌ଏମ୍‌ସି ଅଧୀନ ସହରାଞ୍ଚଳ ସହ ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ପ୍ରାୟ ୬୩ ହଜାରରୁ ଊର୍ଦ୍ଧ୍ୱ ରାଶନକାର୍ଡଧାରୀ ଅଛନ୍ତି। କାର୍ଡଧାରୀଙ୍କୁ ପରିବାର ସଦସ୍ୟ ପିଛା ୫ କିଲୋ ହିସାବରେ ଚାଉଳ ଓ ଗହମ ଯୋଗାଇ ଦିଆଯାଇଥାଏ। ଏହିସବୁ ଚାଉଳ ଓ ଗହମ ଏଫ୍‌ସିଆଇ ଗୋଦାମରୁ ଲାଇସେନ୍ସପ୍ରାପ୍ତ ଠିକାଦାର ଗାଡ଼ିରେ ନେଇ ବିକ୍ରୟ କେନ୍ଦ୍ରରେ ଥିବା ଡିଲରମାନଙ୍କୁ ଦିଅନ୍ତି। ଗହମ ଓ ଚାଉଳ ଦେବା ସମୟରେ ୱେବ୍ରିଜରେ ଠିକ୍ ଭାବେ ଓଜନ ହୁଏନାହିଁ। ଏପରିକି କାର୍ଡଧାରୀମାନଙ୍କୁ ଚାଉଳ ଓ ଗହମ ଦେବା ସମୟରେ ମଧ୍ୟ ଓଜନରେ ଡିଲରମାନେ ହରିଲୁଟ କରିଥାନ୍ତି ବୋଲି ଅଭିଯୋଗ ହୁଏ। ଏପରି କି ଡିଲରମାନେ ଆଧାରକାର୍ଡରେ ଭୁଲ ଥିବା ଏବଂ ଫିଙ୍ଗରପ୍ରିଣ୍ଟ ଆସୁ ନ ଥିବା ବାହାନା ଦେଖାଇ କାର୍ଡଧାରୀଙ୍କୁ ଉପଯୁକ୍ତ ପରିମାଣରେ ଚାଉଳ ଓ ଗହମ ପ୍ରଦାନ କରୁ ନ ଥିବା କହିଥାନ୍ତି। ଫଳରେ ନିରୀହ କାର୍ଡଧାରୀମାନେ ଖାଦ୍ୟ ସାମଗ୍ରୀ ଠିକ୍‌ଭାବେ ପାଇ ପାରୁନାହାନ୍ତି। ଅନ୍ୟପକ୍ଷରେ ମାସ ଶେଷରେ ବଳକା ରହୁଥିବା ଚାଉଳକୁ ଅନ୍ୟତ୍ର ବିକ୍ରି କରି ଏଫ୍‌ସିଆଇ ଓ ଯୋଗାଣ ବିଭାଗ ଅଧିକାରୀ ମାଲାମାଲ ହେଉଛନ୍ତି ବୋଲି ଚର୍ଚ୍ଚା ହୋଇଛି। ଆଉ ଏଥିରେ ହାତ ମିଳାଉଛନ୍ତି ଚାଉଳ ଯୋଗାଣ କରୁଥିବା ଲାଇସେନ୍ସପ୍ରାପ୍ତ ଠିକାଦାରମାନେ। ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଥିଲା ଅକ୍ଟୋବର ୩୦ ତାରିଖରେ। ଏଫ୍‌ସିଆଇ ଗୋଦାମରୁ ବିନା କାଗଜପତ୍ରରେ ଯୋଗାଣ ବିଭାଗର ୧୦୦ କୁଇଣ୍ଟାଲ ଚାଉଳ ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ଧରାପଡ଼ିଥିଲା। ଧରାପଡ଼ିବା ପରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ବିଭିନ୍ନ କ୍ଷେତ୍ରରୁ ଚାପ ପଡ଼ିବା ପରେ ସେ ଚାଉଳ ଟ୍ରକକୁ ଜବତ କରିବା ସହ ଟ୍ରକକୁ ଥାନା ଜିମା ଦେଇଥିଲେ। ଅପରପକ୍ଷରେ ବିଭାଗ ପକ୍ଷରୁ ଏହି ଚାଉଳ ଲୁଟ ଘଟଣାର ଜଡ଼ିତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଗୋଦାମ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଥିଲା। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଚାଉଳ ଦୁର୍ନୀତି ଘୋଡାଇବାକୁ ବିଭାଗ ପକ୍ଷରୁ ଏକ ପ୍ରକାର ଉଦ୍ୟମ କରାଯାଉଥିବା ନେଇ ଚର୍ଚ୍ଚା ହୋଇଥିଲା। କଂଗ୍ରେସ ପକ୍ଷରୁ ଏହି ଦୁର୍ନୀତିକୁ ନେଇ ଭିଜିଲାନ୍ସ ବିଭାଗରେ ଏତାଲା ଦାଏର କରାଯାଇଥିଲା। ଫଳରେ ଏହି ଘଟଣା ବର୍ତ୍ତମାନ ରୋଚକ ମୋଡ ନେଇଛି।

– ମାନସ ମିଶ୍ର




40

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦନ୍ତା ହାତୀ ଶିକାର। ବିଷକ୍ରିୟାଜନିତ ମୃତ୍ୟୁ ସନ୍ଦେହ

ନିରାକାରପୁର, ୨୨।୧୧(ଡି.ଏନ.ଏ.)

ଖୋର୍ଦ୍ଧା ବନଖଣ୍ଡର ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ରାମେଶ୍ୱର ଛକଠାରୁ ୨୦୦ ମିଟର ଦୂର ମନ୍ଦାକିନୀ ନଦୀପଠାରୁ ଶୁକ୍ରବାର ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରାଯାଇଛି। ହାତୀଟିକୁ ଶିକାର କରାଯାଇଥିବା କୁହାଯାଉଛି। ଅନ୍ୟପକ୍ଷେ ପ୍ରାଥମିକ ତଦନ୍ତରୁ ହାତୀଟିର ବିଷକ୍ରିୟାଜନିତ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ସଂଗ୍ରହ କରାଯାଇଥିବା ନମୁନାର ରସାୟନ ପରୀକ୍ଷା ହେବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଓୟୁଏଟିସ୍ଥିତ ଭେଟେରିନାରୀ କଲେଜ ପାଥୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଶେନ କୁମାର ପଣ୍ଡା କହିଛନ୍ତି। ସକାଳେ ହାତୀ ମୃତ୍ୟୁ ଖବର ପାଇ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଅଜୟ କୁମାର ଜଗଦେବଙ୍କ ସମେତ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଡା. ସୁଶେନ କୁମାର ପଣ୍ଡା, ପିଜି ଡାକ୍ତରୀ ଛାତ୍ର ଓ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ପହଞ୍ଚି ହାତୀର ଶବ ବ୍ୟବଚ୍ଛେଦ କରିଥିଲେ। ବ୍ୟବଚ୍ଛେଦରୁ ହାତୀକୁ ବିଷ ଦେଇ ମରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ କିଛିଦିନ ହେଲା ଟାଙ୍ଗୀ ବନାଞ୍ଚଳରେ ହାତୀପଲ ଫସଲ କ୍ଷୟକ୍ଷତି କରୁଥିଲେ। ଏପରି କି ହାତୀଙ୍କୁ ମାରିବା ପାଇଁ ଯୋଜନା ଚାଲୁଥିବା ମଧ୍ୟ ଖବର ମିଳିଥିଲା।



# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ

- ସନ୍ଦେହରେ ଅପେରା ପାର୍ଟିର ୪ ଅଟକ
- ନାଚ ଶିଖାଇ ଦେବା ବାହାନାରେ ବଳାତ୍କାର ଅଭିଯୋଗ
- ଫୋରେନସିକ ଟିମ୍ ସହ ପୋଲିସର ତଦନ୍ତ ଆରମ୍ଭ

ନିଶ୍ଚିନ୍ତକୋଇଲି/ନେମାଳ, ୨୨।୧୧(ସ୍ୱ.ପ୍ର./ଡି.ଏନ.ଏ.)

କଟକ ଜିଲା ନେମାଳ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୬ ବର୍ଷର ନାବାଳିକାଙ୍କୁ ଏକ ଅପେରା ପାର୍ଟିର ଡ୍ୟାନ୍ସ ମାଷ୍ଟର ନାଚ ଶିଖାଇ ଦେବାର ପ୍ରଲୋଭନ ଦେଖାଇ ବଳାତ୍କାର କରିଛନ୍ତି। ଏହାପରେ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଛନ୍ତି। ଏନେଇ ନାବାଳିକାଙ୍କ ବାପା ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଦେହରେ ଅପେରା ପାର୍ଟିର ୪ଜଣଙ୍କୁ ଅଟକ ରଖିଛି। ଏଥିସହିତ ଫୋରେନସିକ୍ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଏନେଇ ଥାନାରେ ମାମଲା ନଂ-୧୨୧/୧୯ରୁଜୁ ହୋଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁସାରେ, ନାବାଳିକାଙ୍କ ଘର ନିକଟରେ ପ୍ରଥମାଷ୍ଟମୀ ଉପଲକ୍ଷେ ଭଦ୍ରକ ଅଞ୍ଚଳର ଏକ ଅପେରା ପାର୍ଟି ନାଚ କରୁଥିଲା। ନାବାଳିକା ଜଣକ ଗୁରୁବାର ସନ୍ଧ୍ୟାରେ ସେଠାକୁ ନାଚ ଦେଖିବାକୁ ଯାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବ୍ୟସ୍ତହୋଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ପାଇ ନ ଥିଲେ। ଶୁକ୍ରବାର ସକାଳେ ଗାଁ ପାଖ ଏକ ବାଉଁଶବୁଦା ଭିତରୁ କ୍ଷତାକ୍ତ ଅବସ୍ଥାରେ ନାବାଳିକା ବାହାରିବା ସମୟରେ ଗ୍ରାମର ଜଣେ ବ୍ୟକ୍ତି ଦେଖି ତାଙ୍କ ବାପାଙ୍କୁ ସୂଚନା ଦେଇଥିଲେ। ଏହା ପରେ ନାବାଳିକାଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରାତିରେ ଅପେରା ପାର୍ଟିର ଡ୍ୟାନ୍ସ ମାଷ୍ଟର ନାଣ୍ଟୁ ଓରଫ ରମାକାନ୍ତ ସିଂ ନାଚ ଶିଖେଇଦେବା ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଅସ୍ଥାୟୀ ବସାଘରକୁ ଡାକି ଆଣିଥିଲେ। ପରେ ତାଙ୍କ ମୁହଁରେ କପଡ଼ା ବାନ୍ଧି ବାଉଁଶବୁଦା ଭିତରକୁ ନେଇ ବଳାତ୍କାର କରିଥିଲେ ବୋଲି ନାବାଳିକା ଜଣକ କହିଛନ୍ତି। କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ୍ତ ଜେନା, ସାଲେପୁର ଏସଡିପିଓ ନିମାଇଁ ସେଠୀ, ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା ଘଟଣାର ତଦନ୍ତ କରୁଛନ୍ତି। ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ପୀଡ଼ିତା ଚିହ୍ନଟ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ହେଲେ ପୋଲିସ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବିଭିନ୍ନ ସମସ୍ୟାରେ ଜଡ଼ିତ ରହିଲେ ମଧ୍ୟ ଆନନ୍ଦର ଅନୁଭୂତି ଲାଭ କରିପାରିବେ। ବନ୍ଧୁମାନଙ୍କ ସାହାଯ୍ୟରୁ ପ୍ରତିଦ୍ୱନ୍ଦ୍ୱିତାରେ, ପାରିବାରିକ ସମସ୍ୟା ସମାଧାନରେ, ଜମିଜମା ବିବାଦରେ ବିଜୟୀ ହେବେ। ସହଜରେ ଅନ୍ୟ ଲୋକମାନଙ୍କ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ଅର୍ଥ, ପ୍ରଶାସନ, ଆଇନ,ସଭା ସମିତିରୁ ସୁଫଳ ପାଇବେ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ କିଛି ଗୁରୁତର ହେବ ନାହିଁ। ପରିବାରରୁ ପୂର୍ଣ୍ଣ ସମର୍ଥନ ନ ପାଇଲେ ମଧ୍ୟ କର୍ମକ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ରହି ଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ।

**ମିଥୁନ** ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ଭ୍ରମଣରେ ବାହାରି ପଡ଼ିବେ। ମିଠାକଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ ଓ କାମ ହାସଲ ପାଇଁ ସମର୍ଥନ ଓ ସାହାଯ୍ୟ ଆଶା କରିବେ। ବାଣିଜ୍ୟ, ବ୍ୟବସାୟରେ ମାନ ମନାନ୍ତର ଦେଖା ଦେଇପାରେ, କିନ୍ତୁ ଲାଭ ପରିମାଣ କମିବ ନାହିଁ।

**କର୍କଟ** ଆପଣଙ୍କ ମୂଳ ଉଦ୍ଦେଶ୍ୟକୁ ନ ବୁଝି ନ ଶୁଝି ମଧ୍ୟ କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ ଓ ସହାନୁଭୂତି ପ୍ରକାଶ କରିବେ। କିନ୍ତୁ କାର୍ଯ୍ୟକଳାପରେ କିଛି ତ୍ରୁଟିବିଚ୍ୟୁତି କାରଣରୁ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସାହିତ୍ୟ,ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** କୌଣସି କାମ ଅଟକିବ ନାହିଁ, କିନ୍ତୁ ଅର୍ଥ ସଙ୍କଟ,ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଓ ଅଧିକାଂଶ ସମୟରେ ମାନସିକ ଦୁଶ୍ଚିନ୍ତା ମନକୁ କବଳିତ କରି ରଖିବ। ବିଭିନ୍ନ ଯୋଜନା ସମ୍ପର୍କିତ ଆଲୋଚନା, ଜମିଜମା କାରବାର, ଗାଡ଼ି ମୋଟର ମରାମତି ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

**କନ୍ୟା** ଆଜି ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ ମାନସିକ ଅସ୍ଥିରତାର କେନ୍ଦ୍ରବିନ୍ଦୁ ପାଲଟିଯିବ। ଏଣେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଥିବାରୁ ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ ନାହିଁ। ବ୍ୟବସାୟ, ଗବେଷଣା, ଅନୁସନ୍ଧାନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି।

**ତୁଳା** ସ୍ୱାସ୍ଥ୍ୟ ଭଲ ରହିବା ସହ ନୂତନ ବନ୍ଧୁତ୍ୱ ଡୋରିରେ ବାନ୍ଧିହୋଇ ଏକ ନୂତନ ଅଧ୍ୟାୟ ଆରମ୍ଭ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପାରସ୍ପରିକ ଆଲୋଚନା କରିବା ଭଲ ହେବ। ସଭାସମିତିରେ ଯୋଗଦେଇ ଲାଭବାନ୍ ହେବେ ଓ ପ୍ରଶଂସା, ପ୍ରତିଷ୍ଠା ମଧ୍ୟ ପାଇବେ।

**ବିଛା** ଏକାଧିକ କାମ ହାତକୁ ନେଇ କୌଣସି କାମକୁ ମଧ୍ୟ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ।

**ଧନୁ** ପରିବର୍ତ୍ତିତ ପରିସ୍ଥିତି ମାନସିକ ସ୍ଥିରତା ରକ୍ଷା କରିବାରେ ସମର୍ଥ ହେବ। ନିଜର ପୂର୍ବ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ବଦଳାଇବାକୁ ବାଧ୍ୟ ହେବେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଯେକୌଣସି ପ୍ରକାରେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶକରି ସଫଳତା ହାସଲ କରିବେ। ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।

**ମକର** ବୈଷୟିକ ଉନ୍ନତି ସାଙ୍ଗକୁ ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମିତ୍ର ଭଳି ଆଚରଣ କରିପାରନ୍ତି। ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି କିନ୍ତୁ ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ ନ ଚଳିଲେ ନିନ୍ଦା, ଅପମାନ ପାଇପାରନ୍ତି। ତଥାପି ଧନିଷ୍ଠା ନକ୍ଷତ୍ର ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ନିକଟ ସମ୍ପର୍କୀୟ ମାନଙ୍କ ସାହାଯ୍ୟ ଲାଭକରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସ୍ଥିତିରେ ପ୍ରିୟକଥା କହି ସମସ୍ୟା ସୁଧାରିନେବେ।

**ମୀନ** ବନ୍ଧୁମାନଙ୍କ ସହଯୋଗରୁ ଗତକାଲିଠାରୁ ଆପଣ ଯେଉଁ ଜିନିଷଟି ପାଇବାକୁ ଇଚ୍ଛା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। କର୍ମକ୍ଷେତ୍ରରେ ଅପରାହ୍ନରେ ଟେନ୍‌ସନ କମିଯିବ। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ହଜିଯାଇଥିବା ଜିନିଷ ପ୍ରଭୃତି ଅଯଚା ବ୍ୟକ୍ତିଙ୍କ ନିକଟରୁ ପାଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣପକ୍ଷର ସର୍ବସମ୍ମତ ଉତ୍ପନ୍ନା ଏକାଦଶୀଯୁକ୍ତ ଦ୍ୱାଦଶୀ ଶନିବାର, ନଭେମ୍ବର୨୩ତାରିଖ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୬।୪୭ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୧ମି. ଗତେ, ଘ୮।୫୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୮ମି. ଗତେ, ଘ୧୦।୧୦ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302




### SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68429

Land for sale at Sundarpada right side, in front of SBI, 08917399909. D-15275

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68514

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68190

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851.** D-68428

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

Commercial plot for sale infront of TATA Motors between Khurda-Bhubaneswar NH-16. Contact: 9439101373, 9267901437. D-15372

TATA Motors frontରେ Bhubaneswar-Khurda NH-16କୁ ଲାଗି plot, 30' ରାସ୍ତା, Electric pole ସହିତ ମିଳୁଅଛି। Contact: 7077213675, 8917697736. D-15373

**Gharabari plot at Balianta, Bhingarpur and Bagalpur. Immediate possession & registration. Contact: 9437147826.** D-15246

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

SC house ready to move 24,00,000/- Hanspal (Finance available)- 8093465134. D-68612

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

1430sqft. plot at near DAV School, Pokhariput, Bhubaneswar @ 3,000/- per sqft., BDA Road. Contact: 9861125539, 9040521173. D-67255

**ପୁରୀରେ କମ୍ down payment ବିନିମୟରେ ନିଜର 1 BHK ଘର କିଣନ୍ତୁ ଏବଂ PMAY ମାଧ୍ୟମରେ 2lkh ପର୍ଯ୍ୟନ୍ତ subsidy ପାଆନ୍ତୁ। 9078711724.** D-15370

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

Plot for sale near Bhubaneswar, Andilo- 1250/-, Pahala-1800/-,1400/- Nakhara-1100/-, 1320/-, SC plot Pahala- 1300/-: 9438101895. D-15364

4/5 BHK duplex with gated community at Balianta. Land- 1400 & Construction- 2200 @ 60,00,000/- and 2600 @ 70,00,000/- Mplanets: 9938219397, 9861022055. D-15369

**2 bedroom (Apartment) ready to move flat at Pokhariput, Bhubaneswar, buyers directly contact Deepak- 9937329999.** D-68029

Ready to move 2BHK flats near (BJEM School-II) Tankapani Road, Bhubaneswar. 9776080988, 9437493502. D-63964

**33000 Sft. IDCO corner plot sale at Mancheswar, Bhubaneswar. Only directly buyer contact Deepak- 9937329999.** D-68030

Tankapani Road Sai Temple backside East facing plots available. Immediate registration & possession. Simplex B.J.E.M-(2) 15,80,000/-, Duplex 26,50,000/-. 7735738102. D-15361

4300sqft. converted land at Kalinga Nagar Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727




Structural Engineer (40years experience) design for building design consultancy. Contact: Prof. G P Meher, Bhubaneswar. 6309629747. D-63963

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15367

Do you want to construct buildings on your own plot? Contact: Sachi Pattanaik, B.Tech (Civil)- 9338401309, 9439143273. D-67510




New 3 BHK flat for rent at Bisal Garden, near Krupajal Management College, Bhubaneswar. Family preferred. Contact: 9337565886, 9437245757. D-15368

For residential/ office purposes at Phulnakhara, Bhubaneswar-Cuttack. 9437442108, 917057510886. D-67509

3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091




Rejuvenate and ayurvedic full body massage by smart therapist. 9114402304. D-68145

Refresh your mind and soul with best therapy at Orchid Salon/Spa. 9937287222. D-68703

Refresh your body with smart and expert therapist, Contact: 6370668486. D-68182

Sai herbal Spa refresh your body with smart and expert therapist, contact: 7608062524. D-68184

Full body herbal massage with refreshment expert therapist. 7381239585, 06742540855. D-68185

Experience full body massage with us (expert). Call: 7377048581, 06742597822. D-68186

Herbal full body massage by smart / expert therapist. Contact: 8338067247. D-68187

Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Ayurvedic full body massage ladies & gents smart therapist, 9337349409. D-68707

Summer special mesmerizing offer expert therapeutic refreshing massage appointment. 9668374480. D-68188

Ayurvedic full body massage ladies & gents smart therapist, 9668814589. D-68706




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270


### LOST

ଦଲିଲ୍ ନଂ.- 1481605103, ପୁରୀ ରେଳଷ୍ଟେସନ୍ ନିକଟରେ ହଜିଛି। କେହି ଯଦି ପାଇଥାନ୍ତି, ଦୟାକରି ମୀନା କୁମାରୀ ପାଣିଗ୍ରାହୀ, Ph. No. 9938476235 ରେ ଜଣାଇବେ। D-15365

### AFFIDAVIT

Before Notary Public, Bhubaneswar, Khurda, Odisha, I, Dipti Mohapatra W/o- Sukanta Mohapatra, at plot # 995/3665, Ranganisahi, Baramunda, BBSR changed my name from Dipti Nanda since 16th October 2010 and known as Dipti Mohapatra for all purposes. D-15375

### ନିରୁଦ୍ଦିଷ୍ଟ



**କୁମାରୀ ସବିତା ସୁନ୍ଦରାୟ, (ବନି),** ବୟସ- ୨୧, ରଙ୍ଗ- ଶ୍ୟାମଳ, ଉଚ୍ଚତା- ୫.୩', ଘର- ପାଣ୍ଡିଆକେରା, ଗଡ଼ମାଟିଆପଡ଼ା, ଜି: ପୁରୀ, କଟକ ସହରର ନୂଆପଡ଼ାରେ ରହି କାମ କରୁଥିଲେ। ଗତ ୧୯ ନଭେମ୍ବର ୨୦୧୯ ଅପରାହ୍ନ ୪.୪୫ ସମୟରେ ସେ ଘରମାଲିକଙ୍କୁ ନଜଣାଇ କେଉଁଆଡେ ପଳାଇଛନ୍ତି। ଯଦି କେହି ସବିତାଙ୍କ ସନ୍ଧାନ ପାଆନ୍ତି ତେବେ ୮୬୫୮୬୭୫୭୫୫, ୭୦୦୮୨୬୬୩୩୫ ମୋବାଇଲ ନଂ. କିମ୍ବା ମଧୁପାଟଣା ଥାନା ୦୬୭୧-୨୩୪୧୩୫୦ରେ ଜଣାଇବାକୁ ଅନୁରୋଧ।

ଧ-୬୮୫୧୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଭୁଶୁଡ଼ିଲା ବିପଦସଙ୍କୁଳ ଘର
# ୪ ଜଣଙ୍କ ମଧ୍ୟରୁ ୩ ଉଦ୍ଧାର

**ଜୟପୁର,୨୨।୧୧(ଡି.ଏନ.ଏ/ନି.ପ୍ର):** କୋରାପୁଟ ଜିଲା ଜୟପୁର ସଦରଥାନା ବାରିଣୀପୁଟସ୍ଥିତ ଇରିଗେଶନ ବିଭାଗର ଏକ ବିପଦସଙ୍କୁଳ ଘର ଶୁକ୍ରବାର ସନ୍ଧ୍ୟାରେ ଭୁଶୁଡ଼ି ପଡ଼ିଛି। ଫଳରେ ଭଙ୍ଗା ଛାତ ତଳେ ୪ ଜଣ ଚାପି ହୋଇ ରହି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ଖବର ଲେଖାଯିବା ପର୍ଯ୍ୟନ୍ତ ଉଦ୍ଧାର କରାଯାଇ ପାରିନାହିଁ। ଉଦ୍ଧାର ହୋଇଥିବା ସୂର୍ଯ୍ୟମଣି ବାଘ, ରଶ୍ମି ଖରା, ନିତୁ ବାଘଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟଜଣେ ରାସକେଲ ବାଘ ଭଙ୍ଗା ଛାତ ତଳେ ଚାପି ହୋଇ ରହିଥିବା ଜଣାଯାଇଛି। ଜୟପୁର ସଦର ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଉକ୍ତ ପରିତ୍ୟକ୍ତ ଘରୁ ମହିଳାମାନେ ଇଟା ବାହାର କରୁଥିବା ବେଳେ କାନ୍ଥ ଭୁଶୁଡ଼ି ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ସେମାନେ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ଏହି ବିପଦସଙ୍କୁଳ ଗୃହ ଭୁଶୁଡି ପଡ଼ିଥିବା ଆଲୋଚନା ହେଉଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ସୂଚନା ଯୋଗ୍ୟ ଯେ, କିଛି ବର୍ଷ ହେବ ବାରିଣୀପୁଟସ୍ଥିତ ଇରିଗେଶନ ଏବଂ ଓଏଚପିସି ବିଭାଗର ଅଧିକାଂଶ ଗୃହ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳରେ ଅବସ୍ଥାରେ ରହିଛି। ଏହି ପରିତ୍ୟକ୍ତ ଘରର କାନ୍ଥ ଭାଙ୍ଗି ସ୍ଥାନୀୟ ଲୋକେ ଇଟା ଓ ଲୁହା ଛଡ ବାହାର କରି ନେଉଥିଲେ।

# ମାନବିକ ଦୁର୍ଘଟଣାର ରାଜନୀତିକରଣ ଅମାନବୀୟ :ମୁଖ୍ୟମନ୍ତ୍ରୀ

- ଗୃହ ବିଭାଗ ଖର୍ଚ୍ଚ ଦାବି ସମ୍ପର୍କିତ ଆଲୋଚନାର ଉତ୍ତର
- ମହିଳା, ଶିଶୁଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା
- ଜନଗଣ ହିଁ ଗଣତନ୍ତ୍ରର ଆତ୍ମା
- ସୁଫଳ ଆଣିବ ୫-ଟି, ମୋ ସରକାର

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**



ମାନବିକ ଦୁର୍ଘଟଣାର ରାଜନୀତିକରଣ ଅମାନବୀୟ କଥା। ବିଶେଷ କରି ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଘଟଣାର ରାଜନୀତିକରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବିଧାନସଭାରେ କହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ଏପରି ଦୃଢ ମତ ପୋଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିରାଚରିତ ଧାରାରୁ ହଟି ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ଉପାଦେୟ ବକ୍ତବ୍ୟ ରଖିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୌଣସି ଦୁର୍ଘଟଣାକୁ ରାଜନୀତିକରଣ କଲେ, ତାହା କୌଣସି ସୁଫଳ ପ୍ରଦାନ କରି ନ ଥାଏ। ଆମ୍ଭେମାନେ ସଶକ୍ତ ଗଣତନ୍ତ୍ରର ଅଂଶବିଶେଷ। ବିଧାନସଭା ହେଉ ଅଥବା ଗୃହ ବାହାରେ, ଜନପ୍ରତିନିଧିମାନେ ଉଚ୍ଚମାନର ଉଦାହରଣ ସୃଷ୍ଟି କରନ୍ତୁ। ଗୃହର ପ୍ରତିଟି ସଦସ୍ୟ ୪.୫ କୋଟି ରାଜ୍ୟବାସୀଙ୍କ ପ୍ରତିନିଧି। ବଳାତ୍କାର, ହତ୍ୟା, ମହିଳାଙ୍କ ମୃତ୍ୟୁ ଇତ୍ୟାଦି ଅତ୍ୟନ୍ତ ଦୁଃଖଦ ଘଟଣା। ସର୍ବୋପରି ମହିଳାଙ୍କ ସହ ହୋଇଥିବା ନିର୍ଯାତନାର ରାଜନୀତିକରଣ ନାରୀଙ୍କ ମାନସିକତାକୁ କ୍ଷତି ପହଞ୍ଚାଇଥାଏ। ଏହି ରାଜନୀତିକରଣ ଅନ୍ୟ ଜନସାଧାରଣ ତଥା ବିଶେଷକରି ଯୁବ ବର୍ଗକୁ ନକାରାତ୍ମକ ବାର୍ତ୍ତା ପ୍ରେରଣ କରିଥାଏ। କୌଣସି ଘଟଣାରେ କରାଯାଇଥିବା ତଦନ୍ତରେ ଯଦି କେହି ଉପଯୁକ୍ତ ବିଚାର ହୋଇ ନ ଥିବା ଅନୁଭବ କରୁଛନ୍ତି, ତେବେ ସେ ଆଇନରେ ଥିବା ଅନ୍ୟ ବିକଳ୍ପ ପନ୍ଥା ସହାୟତା ପାଇଁ ରହିଥିବା ସୁବିଧା ଆପଣାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ବିଜୁ ଜନତା ଦଳର ସଭାପତି ଭାବେ ନୁହେଁ, ବରଂ ବିଧାନସଭାର ଜଣେ ବରିଷ୍ଠ ସଦସ୍ୟ ହେବା କାରଣରୁ ମହିଳା ଏବଂ ଶିଶୁମାନଙ୍କ ସୁରକ୍ଷା ପ୍ରତି ସେ ବେଶି ସମ୍ବେଦନଶୀଳ ବୋଲି ନବୀନ କହିଛନ୍ତି। ମହିଳାଙ୍କ ବିରୋଧରେ ହେଉଥିବା ନିର୍ଯାତନାକୁ ରୋକିବା ରାଜ୍ୟ ସରକାରଙ୍କ ସର୍ବପ୍ରଥମ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଆଶ୍ୱାସନା ଦେଇଛନ୍ତି। ନାରୀ ଏବଂ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧର ତୁରନ୍ତ ତଦନ୍ତ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ। ଶୀଘ୍ର ଏବଂ ପେସାଗତ ତଦନ୍ତ କରାଯାଇ ୪ଟି ମାମଲାରେ ପୋକ୍ସୋ ଆଇନ ବଳରେ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଛି। ଏହି ସମସ୍ତ ମାମଲାରେ ନାବାଳିକାଙ୍କୁ ବଳାତ୍କାର କରି ମାରି ଦିଆଯାଇଥିଲା। ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବାରେ କୌଣସି ଦିଗକୁ ଅବହେଳା କରାଯିବ ନାହିଁ। ବିଶେଷ କରି ଚଳିତ ବର୍ଷ ରେଡ୍ ଫ୍ଲାଗ୍ ଅଧୀନ ମାମଲାଗୁଡ଼ିକ ତଦନ୍ତ ସହ ବିଚାର କରାଯାଇ ଦଣ୍ଡ ପ୍ରଦାନ ହାର ୪୧.୪୮ % ରହିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ସର୍ବୋପରି ଜନଗଣ ହିଁ ଗଣତନ୍ତ୍ରର ଆତ୍ମା। ନାଗରିକଙ୍କୁ ଉତ୍ତମ ସେବା ଯୋଗାଇଦେବା ହିଁ ସୁଶାସନର ହଲ୍‌ମାର୍କ। ରାଜ୍ୟ ସରକାରଙ୍କ ନୂଆ ଚାର୍ଟ ଦ୍ୱାରା କରାଯାଇଥିବା ୫-ଟି ତଥା ମୋ ସରକାର କାର୍ଯ୍ୟକ୍ରମ ଗଣତନ୍ତ୍ରକୁ ଆହୁରି ପରିବର୍ଦ୍ଧିତ କରିବ। ଏହି ଯୋଜନାରେ ଅଭିଯୋଗ କରୁଥିବା ପ୍ରତିଟି ନାଗରିକଙ୍କ ଫୋନ୍ ନମ୍ବର ରେକର୍ଡଭୁକ୍ତ ହେଉଛି। ଏହା ପରେ ତଦନ୍ତ ନେଇ ସେମାନଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ନିୟମିତ ବ୍ୟବଧାନରେ ନିଜେ ଫୋନ୍ କରି କଥା ହେଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏବେ ସୁଦ୍ଧା ପ୍ରାୟ ୩୦୦ ଅଭିଯୋଗକାରୀଙ୍କୁ ମୁଖ୍ୟମନ୍ତ୍ରୀ ସିଧାସଳଖ ଫୋନ୍ କରି ସୁବିଧା ଅସୁବିଧା ବୁଝିଥିବା ଜଣାପଡିଛି।

## ଓଡ଼ିଶା ଲଳିତ କଳା ଏକାଡେମୀ ରାଜ୍ୟ ପୁରସ୍କାର ଘୋଷିତ
# ବିଭିନ୍ନ ବିଭାଗରେ ପୁରସ୍କୃତ ହେବେ ୮ ଶିଳ୍ପୀ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ଲଳିତକଳା ଏକାଡେମୀ ତରଫରୁ ଶୁକ୍ରବାର ରାଜ୍ୟ ପୁରସ୍କାର ଘୋଷଣା କରାଯାଇଛି। ବିଭିନ୍ନ ବିଭାଗରେ ମୋଟ ୮ଜଣ ଶିଳ୍ପୀଙ୍କୁ ୩୮ତମ ଓଡ଼ିଶା ଲଳିତକଳା ଏକାଡେମୀ ପୁରସ୍କାର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଚିତ୍ରକଳାରେ ହୃଷୀକେଶ ବିଶ୍ୱାଳ, ଜ୍ୟୋତି ପ୍ରକାଶ ପ୍ରଧାନ ଏବଂ ସତ୍ୟରଞ୍ଜନ ଦାସ, ଗ୍ରାଫିକ୍ସରେ ନୀର ଜାନି, ଭାସ୍କର୍ଯ୍ୟରେ ମାୟାଧର ସାହୁ ଏବଂ ବିଶ୍ୱଜିତା ମହାରଣା, ଟେରାକୋଟାରେ ବରୁଣ ବେହେରା ଏବଂ ପଟଚିତ୍ରରେ ନିରଞ୍ଜନ ମହାପାତ୍ର ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏକାଡେମୀ ପକ୍ଷରୁ ବିଭିନ୍ନ ବିଭାଗରୁ ମୋଟ ୩୬୮ଜଣ ଶିଳ୍ପୀଙ୍କଠାରୁ ୬୧୫ଟି କଳାକୃତି ଗ୍ରହଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଚୟନ ପରେ ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୧୧୦ଟି କଳାକୃତିକୁ ଚୟନ କରାଯାଇଥିଲା। ଏହାପରେ ୮ଜଣ ଶିଳ୍ପୀଙ୍କୁ ସେମାନଙ୍କର ଶ୍ରେଷ୍ଠ କଳାକୃତି ନିମନ୍ତେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ଆସନ୍ତା ଡିସେମ୍ବର ମାସରେ ଭୁବନେଶ୍ୱରଠାରେ ଏକାଡେମୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ପ୍ରତ୍ୟେକ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ବାବଦରେ ୫୦ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯିବ ବୋଲି ଏକାଡେମୀ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ ଭଳି ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ପ୍ରତିବର୍ଷ ଏହି ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ।


## ଇ-ନିଲାମ - କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ପରିସମାପନରେ)
### ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ ପରିସମ୍ପତ୍ତି ବିକ୍ରୟ

ମାନବ୍ୟର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କୋଲକାତା ଖଣ୍ଡପୀଠଙ୍କ ୨୬ ସେପ୍ଟେମ୍ବର, ୨୦୧୮ର ଆଦେଶ ଦ୍ୱାରା ନିଯୁକ୍ତ ପରିସମାପକଙ୍କ ଦ୍ୱାରା ଗଠିତ ଲିକ୍ୱିଡେସନ୍ ଇଷ୍ଟେଟ୍‌ର ଅଂଶରେ ପରିଣତ ହୋଇଥିବା କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍ (ପରିସମାପନରେ) ମାଲିକାନାରେ ଥିବା ପରିସମ୍ପତ୍ତି ଓ ସମ୍ପତ୍ତିଗୁଡ଼ିକର ବିକ୍ରୟ।

ଆଗ୍ରହୀ ଆବେଦନକାରୀମାନେ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ http://concastispat.com/nclt.html ଏବଂ ଇ-ନିଲାମ ୱେବ୍‌ସାଇଟ୍ https://ncltauction.auctiontiger.netରେ ଅପଲୋଡ୍ ହୋଇଥିବା ବିସ୍ତୃତ ଇଓଆଇ ପ୍ରକ୍ରିୟା ଦସ୍ତାବିଜ ଏବଂ ପରିସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ସ୍ମାରକ ଦେଖିପାରନ୍ତି।

ନିଲାମ ବିକ୍ରୟ ଇ-ନିଲାମ ପ୍ଲାଟ୍‌ଫର୍ମ ମାଧ୍ୟମରେ (ପ୍ରତ୍ୟେକ ୧୫ ମିନିଟର ଅସୀମିତ ସମୟବୃଦ୍ଧି ସହିତ) କରାଯିବ: https://ncltauction.auctiontiger.net

| ପରିସମ୍ପତ୍ତି ଲଟ୍ | ବିକ୍ରୟ ପଦ୍ଧତି | ନିରୀକ୍ଷଣ ତାରିଖ | ନିଲାମର ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଇଏମ୍‌ଡି ପରିମାଣ ଏବଂ ଦାଖଲର ଅନ୍ତିମ ତିଥି |
|---|---|---|---|---|---|
| ପରିସମ୍ପତ୍ତି ଲଟ୍ ନଂ.୧- ବାଙ୍କୁରା ୟୁନିଟ୍ | ଚାଲୁ ବ୍ୟବସାୟ ଭାବେ | ୧୦ ଡିସେମ୍ବର ୨୦୧୯ ପୂର୍ବରୁ | ୨୬ ଡିସେମ୍ବର ୨୦୧୯, ୧୩.୦୧ ଘ. ରୁ ୨୭ ଡିସେମ୍ବର ୨୦୧୯ ୧୩.୦୦ ଘ. | ୨୨୮.୦୩ କୋଟି | ୨୧ ଡିସେମ୍ବର ୨୦୧୯ କିମ୍ବା ତାହା ପୂର୍ବରୁ ୨୫ କୋଟି |
| ପରିସମ୍ପତ୍ତି ଲଟ୍ ନଂ.୪- ଝାରସୁଗୁଡ଼ା ୟୁନିଟ୍ | ମିଳିତ ଭାବେ- ବନ୍ଦ ୟୁନିଟ୍ | ୧୦ ଡିସେମ୍ବର ୨୦୧୯ ପୂର୍ବରୁ | ୨୩ ଡିସେମ୍ବର ୨୦୧୯, ୧୨.୦୧ ଘ. ରୁ ୨୪ ଡିସେମ୍ବର ୨୦୧୯, ୧୨.୦୦ ଘ. | ୨୮୭.୫୫ କୋଟି | ୧୮ ଡିସେମ୍ବର ୨୦୧୯ କିମ୍ବା ତାହା ପୂର୍ବରୁ ୩୦ କୋଟି |

ଇ-ନିଲାମ ସମ୍ପର୍କିତ ପ୍ରଶ୍ନ ପାଇଁ, ଯୋଗାଯୋଗ କରନ୍ତୁ: ଶ୍ରୀଯୁକ୍ତ ନଓନୀତ କୁମାର / ଶ୍ରୀଯୁକ୍ତ ସପ୍ତର୍ଷି ବୈଦ୍ୟଙ୍କ ସହିତ +୯୧ ୭୯୦୩୫ ୭୫୦୯୫/ ୯୮୩୬୦ ୭୦୯୯୨, ଇମେଲ୍: LQ.Concast@in.gt.com

**କ୍ଷୀତିଜ ଛାଓଛାରିଆ**
**କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ପରିସମାପନରେ)ର ପରିସମାପକ**
ଆଇବିବିଆଇ ପଞ୍ଜୀକରଣ ନଂ.- ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୩୫୮/୨୦୧୭-୧୮/୧୦୬୧୬
ପଞ୍ଜୀକୃତ ଠିକଣା: ମାର୍ଫତ୍ ବି. ଛାଓଛାରିଆ ଆଣ୍ଡ କୋ
୮ଏ ଏବଂ ବି, ସତ୍ୟମ୍ ଟାୱାର୍, ୩, ଆଲିପୁର ରୋଡ୍, କୋଲକାତା - ୭୦୦୦୨୭ । ଇମେଲ୍: Kshitiz@bccoindia.com


## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସୌମ୍ୟାଶ୍ରୀ ବେହେରା



ସୁବେଶ ବାରିକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର


DSPL - 155
## ପୁରୁଷ ବନ୍ଧ୍ୟାକରଣ ପକ୍ଷ
୨୧ ନଭେମ୍ବର - ୦୪ ଡିସେମ୍ବର,୨୦୧୯

ସମୟ ଏବେ ପୁରୁଷଙ୍କର,
ପରିବାର ନିୟୋଜନରେ ହେବେ ଭାଗୀଦାର ।

ସେହି ଦମ୍ପତି ଅଟନ୍ତି ଦାୟିତ୍ୱବାନ୍
ଯିଏ କରନ୍ତି ପରିବାର ପ୍ଲାନ୍

- ପୁରୁଷମାନଙ୍କ ପାଇଁ ଏନ.ଏସ୍.ଭି. ଏକ ସହଜ,ଫଳପ୍ରଦ, ସୁରକ୍ଷିତ ତଥା ସ୍ଥାୟୀ ଜନ୍ମନିୟନ୍ତ୍ରଣ ପଦ୍ଧତି ।
- ଏଥିପାଇଁ କଟାକଟି ବା ସିଲେଇର ଆବଶ୍ୟକତା ନାହିଁ ।
- ଏହାଦ୍ୱାରା ଶରୀରର ଶକ୍ତି, ପୁରୁଷତ୍ୱ କିମ୍ବା ଯୌନସୁଖ ହ୍ରାସ ହୁଏ ନାହିଁ ।



ପୁରୁଷ ବନ୍ଧ୍ୟାକରଣ କରାଇଥିବା ହିତାଧିକାରୀଙ୍କ ପାଇଁ
ଟ.୨୦୦୦ଙ୍କା ଆର୍ଥିକ ପ୍ରୋତ୍ସାହନ

10003/13/0054/1920

ଏହି ସେବା ନିର୍ଦ୍ଧାରିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।
ଏ ସମ୍ପର୍କରେ ଅଧିକ ସୂଚନା ଓ ସେବାପାଇବା ପାଇଁ ନିକଟସ୍ଥ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
facebook.com/HFWOdisha http://www.health.odisha.gov.in @HFWOdisha


## ରାଜ୍ୟ ସଭାରେ ଜେଏନ୍‌ୟୁ ଫି ବୃଦ୍ଧି ତାତି

**ନୂଆଦିଲ୍ଲୀ, ୨୨।୧୧(ପି.ଟି.) :** ରାଜ୍ୟ ସଭାରେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ଛାତ୍ରଙ୍କ ଫି ବୃଦ୍ଧିକୁ ବିରୋଧ କରି ବିକ୍ଷୋଭର ତାତି ଦେଖିବାକୁ ମିଳିଥିଲା। ଏହି ପ୍ରସଙ୍ଗକୁ ନେଇ ବାମପନ୍ଥୀ ସଦସ୍ୟ ଓ ଭାଜପା ସଦସ୍ୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ହଷ୍ଟେଲ ଫି ବୃଦ୍ଧିକୁ ପ୍ରତ୍ୟାହର କରିବା ଦାବିରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରିବାବେଳେ ପୋଲିସର ସେମାନଙ୍କ ଉପରେ ଲାଠିଚାର୍ଜକୁ ବାମପନ୍ଥୀ ନେତାମାନେ ସମାଲୋଚନା କରିବା ସହ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ। ଶୂନ୍ୟକାଳରେ ସିପିଆଇଏମ୍ ସଦସ୍ୟ କେ.କେ. ରାଗେସ୍ ଏହି ପ୍ରସଙ୍ଗ ଉଠାଇଥିଲେ। ଏହା ପରେ ଭାଜପା ଏମ୍‌ପି ପ୍ରକାଶ ଝା ଏହାକୁ ଏଡ଼ାଇ ଯାଇ ଜେଏନ୍‌ୟୁ କ୍ୟାମ୍ପସ୍‌ରେ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ କଥା ଉଠାଇଥିଲେ। ଜେଏନ୍‌ୟୁରେ ଭାରତ ବିରୋଧୀ ସ୍ଲୋଗାନ ଦିଆଯିବା ପ୍ରସଙ୍ଗ ଉଠାଇଥିଲେ। ଏହାକୁ ବାମପନ୍ଥୀ ନେତାମାନେ ବିରୋଧ କରିଥିଲେ।


ODISHA STATE HOUSING BOARD
A Govt. of Odisha undertaking
Sachivalaya Marg, Bhubaneswar-751001
Phone : 0674-2393524/2392587/2393277, Website : https://oshb.org




EWS, LIG (1BHK), MIG (2BHK), HIG (3BHK) Flats

Multi Storied Residential Apartment Complex at a Prime Locality in ANGUL Town

BOOKING CLOSES on 30th Nov. 2019

Behind District Headquarter Hospital and near to Daily Market, Bus Stand, Railway Station, Central School & Collectorate.

- Ample Open Space
- Gated Complex with required Infrastructure Facilities
- Quality Construction
- Nominal Registration Charges - only on divided share of Land Cost as per benchmark value
- Easy Payment Schedule during construction period
- Tie-up with State Bank of India, Bank of Baroda, HDFC Bank for EMD & Loan as per eligibility.

Forms are available at :
- SBI : Angul, Talcher, Dhenkanal, Kandsar, NTPC
- BOB : Angul
- OSHB : Site Office Angul, Cuttack, Rourkela, Sambalpur and Head Office at Bhubaneswar.

Housing Commissioner-cum-Secretary
ODISHA STATE HOUSING BOARD

For Details Contact :
98612 11820, 9437 22 6043, 90903 73641, 9437 228 444, 98610 32436
Or Visit : https://oshb.org

Building Houses Building Odisha




ON YOUR WEDDING
ARRIVE IN STYLE

Let the world be amazed by your gorgeous style statement. For a forever kind of wedding, choose from the trendiest collection of suits, sherwanis and the most breathtaking range of sarees and wedding lehengas from Kalamandir. Make your special day, **a truly special one!**

kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍

*Shop with a smile.*
3, Western Market, Bhubaneswar 751009

R K SWAMY BBDO KALA 2859/18

Benarasis | Kanjeevarams | Odissis | Printed Silks | Brocades | Jamevars
South Silks | Gadwals | Fancy Sarees | Lehengas | Suitings | Shirtings
Suits | Jackets | Kurta Pyjamas | Sherwanis | Exclusive Readymades
Women's Wear | Kidswear | Furnishings | Dress Materials

ଭଗବାନ ବଳବାନ ମଣିଷ ଚାହାନ୍ତି- ଭାବପ୍ରବଣ ଶିଶୁମାନଙ୍କୁ ନୁହେଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା- ଦୃଢ଼ତା ଓ ବୀରତ୍ୱ- ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। -ଶ୍ରୀଅରବିନ୍ଦ



# ବାବୁ କରିବେ ଗୁରୁଗିରି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଶିକ୍ଷାନବିସ ପ୍ରଶାସନିକ ସେବା ବାବୁମାନଙ୍କୁ ଏଣିକି ନିକଟରେ ଆରମ୍ଭ ହୋଇଥିବା ମୋଦି ସରକାରଙ୍କ 'ନର୍ଚର ଦ ଫ୍ୟୁଚର' ବା 'ଭବିଷ୍ୟତକୁ ପୋଷଣ ଦିଅ' କାର୍ଯ୍ୟକ୍ରମରେ ଏକ ଅତିରିକ୍ତ ଭୂମିକା ନିଭାଇବାକୁ ପଡ଼ିବ। ଏହି କାର୍ଯ୍ୟକ୍ରମ ଅଧୀନରେ ୨୦୧୯ ବ୍ୟାଚ୍‌ର ଶିକ୍ଷାନବିସ ବାବୁମାନେ କିଶୋରମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କର ଶୈକ୍ଷିକ ଓ ବୃତ୍ତିଗତ ଜୀବନ ସାରା ତାଙ୍କର ଗୁରୁ, ଅଭିଭାବକ ଓ ପରାମର୍ଶଦାତାର ଭୂମିକା ନିର୍ବାହ କରିବେ। ମିଳିଥିବା ରିପୋର୍ଟ ଅନୁସାରେ ସରକାର ଗୁଜରାଟର ୧୧ଟି ଗାଁରୁ ୪୨୫ ଜଣ ପିଲାଙ୍କୁ ଚିହ୍ନଟ କରି ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ସମେତ ୨୦ ପ୍ରଶାସନିକ ସେବାର ୪୨୫ ଜଣ ଅଫିସରଙ୍କ ସହ ସେମାନଙ୍କୁ ଯୋଡ଼ିଛନ୍ତି। ଉଭୟ ଗୁରୁ ଓ ଶିଷ୍ୟମାନଙ୍କୁ ସେମାନଙ୍କ ଆଧାର ନମ୍ବର ମାଧ୍ୟମରେ ସଂଯୁକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱାସ କରନ୍ତି ଯେ, ୧୦ମ ବା ତଦୂର୍ଦ୍ଧ୍ୱ ଶ୍ରେଣୀରେ ପଢୁଥିବା ବଞ୍ଚିତ ପିଲାମାନଙ୍କୁ ଜଣେ ପ୍ରଶାସନିକ ଅଫିସର ପରି ପରାମର୍ଶଦାତା ମିଳିଲେ ସେମାନେ ନିଜର ଶିକ୍ଷା ଓ ବୃତ୍ତିଗତ କ୍ଷେତ୍ରରେ ସହଜରେ ଉନ୍ନତି କରିପାରିବେ ଏବଂ ବାବୁମାନଙ୍କର ବି ସାମାଜିକ ଦାୟିତ୍ୱବୋଧ ସୃଷ୍ଟି ହେବ। ପ୍ରାପ୍ତ ସୂଚନା ଅନୁସାରେ ଏହି ପାଇଲଟ ପ୍ରୋଜେକ୍ଟ ଦେଶର ଅନ୍ୟ ଅଂଶକୁ ତଥା ଅନ୍ୟ ସରକାରୀ ପ୍ରଶିକ୍ଷଣ ଏକାଡେମୀକୁ ସମ୍ପ୍ରସାରିତ ହେବ। ତେବେ ସରକାରଙ୍କର ଏହି ପଦକ୍ଷେପ ସଫଳ ହୋଇ ଆଗକୁ ବଢ଼ିବ କି ଧୀରେ ଧୀରେ ମଉଳିଯିବ, ତାହା କହିବା କଷ୍ଟକର ହେଲେ ମଧ୍ୟ ଠିକ୍ ଦିଗରେ ପଦକ୍ଷେପ ନିଆଯାଇଛି। ଏପରି ଏକ ପଦକ୍ଷେପ ଗ୍ରହଣ କରିଥିବାରୁ ସରକାର ପ୍ରଶଂସାଯୋଗ୍ୟ।

### ଭିନ୍ନମତର ମୂଲ୍ୟ

ଜମ୍ମୁ-କଶ୍ମୀରରେ ତାଲାବନ୍ଦ ପ୍ରତିବାଦରେ ଆଇଏଏସ୍ ଚାକିରି ଛାଡ଼ିଥିବା କାନ୍ନନ ଗୋପୀନାଥନ୍‌ଙ୍କ ବିରୋଧରେ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିବା ଜଣାପଡ଼ିଛି। ଜମ୍ମୁ-କଶ୍ମୀରରେ ବାକ୍ ସ୍ୱାଧୀନତା ଅଧିକାରରୁ ଲୋକଙ୍କୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରି ସେ ଗତ ଅଗଷ୍ଟ ମାସରେ ନିଜ ପଦ ତ୍ୟାଗ କରିଥିଲେ, ଯାହା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇଥିଲା। ପ୍ରାପ୍ତ ସୂଚନା ଅନୁସାରେ ଚାକିରି ଛାଡ଼ିବା ପୂର୍ବରୁ ଦାଦ୍ରା ଓ ନଗର ହାବେଳିର ଜିଲାପାଳ ଥିବା ଗୋପୀନାଥନ୍‌ଙ୍କ ବିରୋଧରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ନ କରିବା ଅଭିଯୋଗ ଆସିଛି। କୌତୂହଳର ବିଷୟ ହେଲା ଗୋପୀନାଥନ୍‌ଙ୍କର ଯେହେତୁ ନିଜର ଘର ନ ଥିଲା ଓ ସେ ଭଡ଼ାଘରେ ରହୁଥିଲେ, ତେଣୁ ଅଭିଯୋଗ ଫର୍ଦ୍ଦଟି ତାଙ୍କ ଇମେଲରେ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ଆଗତ ଅଭିଯୋଗଗୁଡ଼ିକ ଦାଦର ଓ ନଗର ହାବେଳିରେ କାର୍ଯ୍ୟରତ ଥିବା ସମ୍ବନ୍ଧୀୟ। ଯଥାସମୟରେ ଫାଇଲ ଦାଖଲ ନ କରିବା, ଭୂମିତଳ କେବୁଲ କାମ ଠିକ୍ ସମୟରେ ନ ସାରିବା, କେରଳରେ ରିଲିଫ କାର୍ଯ୍ୟର ଟୁର୍ ରିପୋର୍ଟ ଦାଖଲ ନ କରିବା, ପ୍ରଧାନମନ୍ତ୍ରୀ ଶ୍ରେଷ୍ଠତା ପୁରସ୍କାର ପାଇଁ ଆବେଦନ ନ କରିବା ଏବଂ ସିଧାସଳଖ ପ୍ରଶାସକଙ୍କ ପାଖରେ ଫାଇଲ ଦାଖଲ କରିବା ପ୍ରଭୃତି ଅଭିଯୋଗ ତାଙ୍କ ବିରୋଧରେ ଆସିଛି। ପୁଣି ଗଣମାଧ୍ୟମ ସହ ବାର୍ତ୍ତାଳାପ କରି ସେ ସରକାରଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଥିବାର ମଧ୍ୟ ଅଭିଯୋଗ ଅଛି। ଏହା ସ୍ପଷ୍ଟ ଯେ, ଆଇଏଏସ୍ ଚାକିରିରେ ଯୋଗଦେବା ଯେତିକି କଷ୍ଟ, କେତେକଙ୍କ ପାଇଁ ଏହି ଚାକିରି ଛାଡ଼ିବା ମଧ୍ୟ ତତୋଽଧିକ କଷ୍ଟଦାୟକ ହୋଇଥାଏ।

### ରେଳ ଭବନରେ କଳ୍ପନାଜଳ୍ପନା

ରେଲୱେ ବୋର୍ଡର ଅଧ୍ୟକ୍ଷ ବିନୋଦ କୁମାର ଯାଦବ ତାଙ୍କ ଚାକିରିକାଳ ବଢ଼ାଇବାକୁ ଚାହୁଁଥିବା ବେଳେ ପରବର୍ତ୍ତୀ ଅଧ୍ୟକ୍ଷ କିଏ ହେବେ ସେଥିନେଇ ବାବୁମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ଦୁଇଜଣ ମାତ୍ର ବରିଷ୍ଠ ଅଫିସର ଅଛନ୍ତି, ଯେଉଁମାନେ ଉକ୍ତ ପଦ ଲାଗି ଯୋଗ୍ୟ। ପ୍ରାପ୍ତ ସୂଚନା ଅନୁସାରେ ପୂର୍ବ କେନ୍ଦ୍ରୀୟ ରେଳପଥର ମହାପ୍ରବନ୍ଧକ ଏଲ୍.ସି. ତ୍ରିବେଦୀ ଯାଦବଙ୍କ ଉତ୍ତରାଧିକାରୀ ହେବା ପାଇଁ ଦୌଡ଼ରେ ସବା ଆଗରେ ଅଛନ୍ତି। ତାଙ୍କର ରେଳ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନ ଏୟାର୍ ଇଣ୍ଡିଆର ଅଧ୍ୟକ୍ଷ ଆଶିଷ ଲୋହାନୀଙ୍କ ସହ ସମ୍ପର୍କ ଅଛି। କେତେକଙ୍କ ମତରେ ଏଥିପାଇଁ ଅନେକେ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିପାରନ୍ତି। ପୁଣି ଗୁଜବ ଉଠୁଛି ଯେ, ତ୍ରିବେଦୀ ଭିଜିଲାନ୍ସ ବିଭାଗର ରାଡାରରେ ଅଛନ୍ତି। ଅନ୍ୟ ପ୍ରାର୍ଥୀ ଜଣକ ହେଉଛନ୍ତି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ, ଯିଏ ଅବସର ନେବାକୁ ଆଉ ୨୨ ମାସ ବାକି ଅଛି। ଇତିମଧ୍ୟରେ ଯାଦବଙ୍କ କାର୍ଯ୍ୟକାଳ ଆସନ୍ତା ମାସରେ ଶେଷ ହେଉଥିବା ବେଳେ ସେ ଚାକିରିକାଳ ବୃଦ୍ଧି କରିବାକୁ ଆବେଦନ କରିଛନ୍ତି। ତେବେ ସରକାର ଏ ନେଇ ନୀରବ ଅଛନ୍ତି, ଯାହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି।

Email: dilipcherian@gmail.com

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ନଭେମ୍ବର ୧୯୯୪**

- ହିମାଚଳ ପ୍ରଦେଶର ଧର୍ମଶାଳାରେ ତିବ୍ବତୀୟ ସମ୍ପ୍ରଦାୟର ଗଠନ ଓ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବା ପାଇଁ ଭାରତ ଓ ଇଟାଲି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ୧୯୮୪ ମସିହାରେ ଭୋପାଳ ଗ୍ୟାସ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିମାନଙ୍କ ପରିବାର ମଧ୍ୟରୁ ଶତକଡା ୫୬ ଭାଗ ଉପଯୁକ୍ତ ଡାକ୍ତରୀ ସାର୍ଟିଫିକେଟ ପ୍ରଦାନ ନ କରିବାରୁ ସେମାନଙ୍କ କ୍ଷତିପୂରଣ ଦାବି ପ୍ରତ୍ୟାଖ୍ୟାତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | 1 | | E | | | 4 | | 7 | | B | | 6 |
| E | | D | | | 7 | | | A | | 2 | | | | |
| 5 | | | 9 | B | | | | | | | 8 | 0 | | 2 |
| 3 | 7 | 1 | | | | | | 8 | | | | 9 | 4 | |
| | C | | 5 | | | | | | E | | 4 | | | |
| A | | 3 | | | 4 | | | | | 6 | 1 | | 9 | |
| | | | | D | | | 0 | 7 | 4 | | | | | B |
| 7 | 0 | | | | 1 | | | | | | | | | |
| 6 | | E | | | | | | | | | 5 | 1 | 2 | |
| | 1 | 2 | B | 6 | 8 | | | | 3 | | 0 | | 5 | |
| | | | E | 5 | | C | | | | | A | | 0 | |
| | | | 3 | 7 | 9 | | | 1 | | C | | 4 | 8 | |
| | | | | | D | | 6 | 5 | 9 | 3 | | E | | |
| D | | | | | 6 | 8 | 2 | | | | | | | |
| | 6 | | | | | | | | 8 | | B | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 8 | 4 | 3 | A | 2 | 5 | C | 7 | 0 | 6 | 9 | D | 1 |
| 2 | 1 | 0 | D | 7 | 9 | A | 4 | 8 | C | 3 | E | 6 | B | 5 |
| C | 5 | 7 | 0 | 6 | E | D | 1 | 3 | 2 | B | 9 | 4 | 8 | A |
| 4 | 6 | D | 5 | B | 2 | E | 0 | 9 | 1 | 8 | A | 3 | C | 7 |
| 3 | 9 | A | 1 | 8 | C | 6 | B | 7 | 4 | 5 | D | E | 0 | 2 |
| 0 | B | E | 7 | C | 5 | 3 | 8 | 1 | D | 6 | 4 | 2 | A | 9 |
| 9 | 7 | 6 | B | 0 | 1 | 4 | C | 2 | 8 | A | 3 | D | 5 | E |
| D | 2 | 3 | 6 | A | 4 | 5 | 7 | B | E | 9 | 0 | C | 1 | 8 |
| 8 | C | 5 | E | 9 | 3 | 0 | D | A | B | 1 | 2 | 7 | 4 | 6 |
| 1 | A | 4 | 8 | 2 | D | 9 | 6 | E | 5 | 7 | C | 0 | 3 | B |
| 6 | 3 | 2 | C | E | B | 7 | A | 5 | 0 | 4 | 1 | 8 | 9 | D |
| A | 0 | C | 9 | 5 | 7 | B | 3 | D | 6 | E | 8 | 1 | 2 | 4 |
| 7 | 8 | B | 2 | D | 0 | 1 | E | 4 | 9 | C | 5 | A | 6 | 3 |
| 5 | D | 1 | A | 4 | 6 | 8 | 9 | 0 | 3 | 2 | 7 | B | E | C |
| E | 4 | 9 | 3 | 1 | 8 | C | 2 | 6 | A | D | B | 5 | 7 | 0 |

ଗତକାଲିର ଉତ୍ତର

# ଇଲେକ୍ଟୋରାଲ ବଣ୍ଡ୍ : ବେନାମୀ ପ୍ରହସନ



ନୀତୀନ ସେଠୀ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଇଲେକ୍ଟୋରାଲ ବଣ୍ଡ୍ କିଣୁଥିବା ଦାତା ତଥା ତା'ର ଗ୍ରହୀତା ରାଜନୈତିକ ଦଳଗୁଡ଼ିକର ଏକ ଗୁପ୍ତ ସଂଖ୍ୟାଭିତ୍ତିକ ରେକର୍ଡ ରଖିଥାଏ। କିନ୍ତୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଚାହିଁଲେ ଏହି ରେକର୍ଡକୁ ମାଗି ଦେଖିପାରିବେ। ସୁତରାଂ ଏହାକୁ ବେନାମୀ ବୋଲି ଯାହା କୁହାଯାଉଛି ତାହା ଏକ ପ୍ରହସନ ଛଡ଼ା ଆଉ କିଛି ନୁହେଁ।

୨୦୧୭ ଫେବୃୟାରୀରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ରାଜ୍ୟ ସଭାରେ ବେନାମୀ କର୍ପୋରେଟ୍ ଦାନକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇଥିଲେ। ନିୟମ ଅନୁସାରେ ଦାତାମାନେ ନିଜ ନାମ ଗୋପନ ରଖି ଇଲେକ୍ଟୋରାଲ ବଣ୍ଡ୍ କିଣିପାରିବେ ଏବଂ ନିଜ ପସନ୍ଦର ରାଜନୈତିକ ଦଳକୁ ଦାନ କରିପାରିବେ। ଦାତା କୌଣସି ରାଜନୈତିକ ଦଳକୁ କେତେ ଦାନ କଲେ ତାହା କେବଳ ସେ ହିଁ ଜାଣିବେ ବୋଲି ଜେଟ୍‌ଲୀ ଏକ ବ୍ଲଗ୍ ପୋଷ୍ଟରେ ଦାବି କରିଥିଲେ। ଏପ୍ରିଲ ୨୦୧୮ରେ ଏପରି କୋଡ୍ ନମ୍ବର ବିଶିଷ୍ଟ ଜଣେ ଦାତା ଦୁଇଟି ୧୦୦୦ ଟଙ୍କିଆ ବଣ୍ଡ୍ କିଣିଥିଲେ। ସେ ଯେତେବେଳେ କହିଲେ ଯେ ତାଙ୍କ କୋଡ୍ ନମ୍ବରଟି ଅତିବାଇଗଣୀ ଆଲୋକରେ ଦେଖାଯାଉଥିଲା, ସେତେବେଳେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍ ରିଲିଜ ଜାରି କରାଗଲା। ଏଥିରେ କୁହାଗଲା ଯେ ଏସ୍‌ବିଆଇ ଏହି ନମ୍ବରକୁ ଦାତା ବା ଗ୍ରହୀତା ରାଜନୈତିକ ଦଳ ସହ ସମ୍ବନ୍ଧିତ କୌଣସି ଦଲିଲରେ ଉଲ୍ଲେଖ କରେ ନାହିଁ। ତେଣୁ ଦାତା ବା ଗ୍ରହୀତାଙ୍କୁ ଟ୍ରାକ୍ କରିବା ପାଇଁ ଏହି ନମ୍ବରକୁ ବ୍ୟବହାର କରାଯାଇପାରିବ ନାହିଁ। ଏସ୍‌ବିଆଇ ଛଡ଼ା ଅନ୍ୟ କୌଣସି ବ୍ୟାଙ୍କକୁ ଏହି ବଣ୍ଡ୍ ବିକ୍ରି ପାଇଁ କ୍ଷମତା ଦିଆଯାଇ ନାହିଁ।

ବର୍ତ୍ତମାନ ସ୍ୱଚ୍ଛତା କର୍ମୀ କମୋଡୋର ଲୋକେଶ ବାତ୍ରା ଆର୍‌ଟିଆଇ ଆବେଦନ ମାଧ୍ୟମରେ ପାଇଥିବା ଏବଂ ହଫ୍‌ପୋଷ୍ଟ ସମୀକ୍ଷା କରିଥିବା ଅପ୍ରକାଶିତ ଦଲିଲ ଅନୁସାରେ ସରକାର ଯାହା କହିଛନ୍ତି ତାହା ଭୁଲ୍। କାରଣ ଏସ୍‌ବିଆଇ ଉକ୍ତ କୋଡ୍ ନମ୍ବରକୁ ବ୍ୟବହାର କରି କିଏ କେତେ ବଣ୍ଡ୍ କିଣିଲା ଓ କାହାକୁ ଦେଲା ତାକୁ ଟ୍ରାକ୍ କରୁଛି। ଅର୍ଥ ମନ୍ତ୍ରଣାଳୟ ଏଥିପାଇଁ ଅନୁମତି ଦେଇଥିବା ପ୍ରାପ୍ତ ଦଲିଲରୁ ଜଣାପଡ଼ିଛି। ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ନିୟମାବଳୀରେ ରହିଛି ଯେ ଯଦି ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଚାହିଁବେ ତେବେ ଏସ୍‌ବିଆଇ ଉକ୍ତ ତଥ୍ୟ ସେମାନଙ୍କୁ ପ୍ରଦାନ କରିବ। କେତେକ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଯଥା ସିବିଆଇ ଓ ଇଡି ତାଙ୍କ ରାଜନୈତିକ ମୁନିବମାନଙ୍କ ଇସାରାରେ କାମ କରୁଥିବା ନେଇ ବିରୋଧୀ ଦଳ ଅଭିଯୋଗ କରିଆସୁଛି। ତେଣୁ ଏହି ଇଲେକ୍ଟୋରାଲ ବଣ୍ଡ୍ ବର୍ତ୍ତମାନର ସରକାରଙ୍କ ପାଇଁ ବେନାମୀ ନୁହେଁ। କାରଣ ସରକାର ସିବିଆଇ ବା ଇଡିକୁ ଲଗାଇ ଏସ୍‌ବିଆଇଠାରୁ ସେହି ତଥ୍ୟ ହାସଲ କରିପାରିବେ। କେବଳ ବିରୋଧୀ ଦଳ ଏବଂ ସାଧାରଣ ଜନତା ଏ ବାବଦରେ ଅନ୍ଧାରରେ ରହିବେ। ତଥାପି ପାର୍ଲାମେଣ୍ଟରେ ବିତର୍କରେ ଜେଟ୍‌ଲୀ ଦାବି କରିଥିଲେ ଯେ ଦାତାମାନଙ୍କର ନାମ ପ୍ରକାଶ ନ କରିବାର ଉଦ୍ଦେଶ୍ୟ ହେଉଛି ତାହାଦ୍ୱାରା ବିରୋଧୀ ଦଳଗୁଡ଼ିକ ମଧ୍ୟ ରାଜନୈତିକ ଦାନ ଗ୍ରହଣ କରିବାରେ କୌଣସି ସମସ୍ୟା ରହିବ ନାହିଁ। ଯଦି ସରକାର ବିରୋଧୀ ଦଳଗୁଡ଼ିକୁ ମଧ୍ୟ ସାହାଯ୍ୟ କରିବା ପାଇଁ କୌଣସି ଆଇନ କରୁଛନ୍ତି, ତେବେ ଏହାଦ୍ୱାରା ସରକାରଙ୍କର ମହାନୁଭବତା ପ୍ରକାଶ ପାଉଛି ବୋଲି ଜେଟ୍‌ଲୀ କହିଥିଲେ। କିନ୍ତୁ ଜେଟ୍‌ଲୀଙ୍କର ଏହି ଦାବି ଯେ ନିରାଧାର ଓ ମିଥ୍ୟା ତାହା ହଫ୍‌ପୋଷ୍ଟ ସମୀକ୍ଷା କରିଥିବା ଦଲିଲରୁ ଜଣାପଡ଼ିଛି।

ଫେବୃୟାରୀ ୧, ୨୦୧୭ରେ ଜେଟ୍‌ଲୀ ଯେତେବେଳେ ତାଙ୍କ ବଜେଟ ଭାଷଣରେ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ବିଷୟରେ ଘୋଷଣା କଲେ, ସେତେବେଳେ ପ୍ରକୃତରେ ଏ ବଣ୍ଡ୍ କେମିତି କାମ କରିବ ସେ ବିଷୟରେ ସରକାରଙ୍କର କିଛି ଧାରଣା ନ ଥିଲା। ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ନିର୍ବାଚନ କମିଶନ (ଇସି) ଏବଂ ବିରୋଧୀ ଦଳଗୁଡ଼ିକ ସହ ଆଲୋଚନା କରିଥିଲେ ମଧ୍ୟ ସେମାନଙ୍କ ପରାମର୍ଶକୁ ଗ୍ରହଣ କରି ନ ଥିଲେ। ବର୍ଷକ ପରେ ଜାନୁୟାରୀ ୨୦୧୮ରେ ଅର୍ଥ ମନ୍ତ୍ରଣାଳୟର ଆଭ୍ୟନ୍ତରୀଣ ଫାଇଲ ଲିଖନରୁ ଜଣାପଡ଼ିଛି ଯେ, ଏହା ପ୍ରଥମେ ଏକ ମୌଳିକ ଧାରଣାଗତ ଫ୍ରେମ୍‌ୱାର୍କ ପ୍ରସ୍ତୁତ କଲା ଏବଂ ତା'ପରେ ଯୋଜନା କେମିତି ଚାଲିବ ସେ ନେଇ ଏସ୍‌ବିଆଇ ଅଧିକାରୀମାନଙ୍କ ସହ ଆଲୋଚନା କଲା। ଜାନୁୟାରୀ ୧୬, ୨୦୧୮ରେ ଏକ ବୈଠକରେ ଏସ୍‌ବିଆଇ ବୁଝାଇଦେଲା ଯେ କ୍ରେତା ଓ ଗ୍ରହୀତାମାନଙ୍କୁ ଚିହ୍ନଟ କରିବା ପାଇଁ ଏକ କ୍ରମିକ ସଂଖ୍ୟା (ସିରିୟଲ ନମ୍ବର) ରଖାଯିବା ଦରକାର। ଇଲେକ୍ଟୋରାଲ ବଣ୍ଡ୍‌ରେ କ୍ରେତା ବା ଦାତାଙ୍କ ନାମ ଉଲ୍ଲେଖ ରହିବ ନାହିଁ, କିନ୍ତୁ ସେଥିରେ ଗୋଟିଏ କ୍ରମିକ ସଂଖ୍ୟା ରହିବ। କ୍ରମିକ ସଂଖ୍ୟା ନ ରହିଲେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଓ ମିଳାମିଳି ବା ଅଡିଟ୍ କରିବା ସମ୍ଭବ ହେବ ନାହିଁ। ଯଦି କୋର୍ଟ ବା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ବଣ୍ଡ୍‌ର କ୍ରେତାମାନଙ୍କ ବିଷୟରେ କିଛି ପଚାରିବେ, ତାଙ୍କୁ କିଛି ଉତ୍ତର ଦିଆଯାଇପାରିବ ନାହିଁ। ଏକକ ଚିହ୍ନଟକାରୀ ବ୍ୟବସ୍ଥା ବ୍ୟତିରେକେ ବଣ୍ଡ୍‌ଗୁଡ଼ିକ ନକଲି କରାଯାଇପାରେ ଏବଂ ତା'ର ହିସାବକିତାବ ରଖିବା ଅସମ୍ଭବ ହୋଇପଡ଼ିବ। ତେବେ ଉକ୍ତ କ୍ରମିକ ସଂଖ୍ୟାର ଉଦ୍ଦେଶ୍ୟ ହେଉଛି ଇଲେକ୍ଟୋରାଲ ବଣ୍ଡ୍‌ଗୁଡ଼ିକର ସତତା ଓ ପ୍ରାମାଣିକତାକୁ ସୁନିଶ୍ଚିତ କରିବା। ସର୍ବସାଧାରଣଙ୍କ ପାଇଁ ଦାତାମାନଙ୍କ ନାମ ଗୋପନ ରହିବ କିନ୍ତୁ ଏସ୍‌ବିଆଇ ପାଖରେ ତାହା ଗୋପନ ରହିବ ନାହିଁ। ଅର୍ଥ ମନ୍ତ୍ରଣାଳୟ ଏସ୍‌ବିଆଇର ଏହି ପ୍ରସ୍ତାବରେ ରାଜି ହୋଇଥିବା ପ୍ରାପ୍ତ ଦଲିଲରୁ ଜଣାପଡ଼ିଛି।

ତେବେ ବ୍ୟାଙ୍କକୁ ଏହି ତଥ୍ୟ ଗୋପନ ରଖିବା ଓ କୌଣସି ପରିସ୍ଥିତିରେ ବି ଲିକ୍ ନ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା କୌଣସି ଆପରାଧିକ ମାମଲା ତଦନ୍ତ ପରିପ୍ରେକ୍ଷୀରେ ତଥ୍ୟ ମାଗିଲେ ଏସ୍‌ବିଆଇ ତାଙ୍କୁ ତାହା ପ୍ରଦାନ କରିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ନିୟମରେ ରହିଛି। କିଭଳି ଆପରାଧିକ ମାମଲା ବିଷୟରେ ଏଠାରେ କୁହାଯାଇଛି, ସେ ବିଷୟରେ ନିୟମରେ ପୂର୍ଣ୍ଣାଙ୍ଗ ବିବରଣୀ ନାହିଁ। କେଉଁ ପରିସ୍ଥିତିରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ତଥ୍ୟ ମାଗିପାରିବେ, ସେ ବିଷୟରେ କିଛି ଉଲ୍ଲେଖ ନାହିଁ।

ସିବିଆଇକୁ ସରକାରଙ୍କ ପୋଷା ଶୁଆ ବୋଲି ସୁପ୍ରିମ୍‌କୋର୍ଟ ଏକଦା ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ସିବିଆଇ ମାଧ୍ୟମରେ ସରକାର ଇଲେକ୍ଟୋରାଲ ବଣ୍ଡ୍‌ଗୁଡ଼ିକର କ୍ରେତା ଓ ଗ୍ରହୀତାମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ହାତେଇବା କିଛି ଅସମ୍ଭବ ନୁହେଁ। ପୁନଶ୍ଚ ଏସ୍‌ବିଆଇ ମଧ୍ୟ ସରକାରଙ୍କ ଆଦେଶ ଓ ନିର୍ଦ୍ଦେଶକୁ ଅନେକ ସମୟରେ ଅବମାନନା କରିଥିବାର ନଜୀର ରହିଛି। ତେଣୁ ସ୍ୱୟଂ ଏସ୍‌ବିଆଇ ତଥ୍ୟ ଲିକ୍ କରିବା ବି ଅସମ୍ଭବ ନୁହେଁ। ତେଣୁ ଇଲେକ୍ଟୋରାଲ ବଣ୍ଡ୍‌କୁ ବେନାମୀ ବୋଲି ଯାହା କୁହାଯାଉଛି ତାହା ଏକ ପ୍ରହସନ କହିଲେ ଭୁଲ୍ ହେବ ନାହିଁ। (ସୌଜନ୍ୟ: ହଫିଙ୍ଗ୍‌ଟନ୍‌ପୋଷ୍ଟ)

moruoak00@gmail.com

# ବିଦେଶିନୀ



ଡ. ବାସୁଦେବ ମିଶ୍ର

ଟ୍ରେନର କମ୍ପାର୍ଟମେଣ୍ଟ ଭିତରକୁ ପଶିଯାଇ ଦେଖିଲି ମୋ ପାଖ ସିଟ୍‌ରେ ଉପବିଷ୍ଟା ଗୌରାଙ୍ଗୀ ତନ୍ୱୀ ସମ୍ବଲପୁରୀ ଶାଢ଼ି ପରିହିତା ତରୁଣୀଙ୍କୁ ଭାରତୀୟ ଗେଟ୍ ଅପ୍‌ରେ। କିଛି କଲେଜପଢୁଆ ପିଲା ତାଙ୍କ ସହିତ ଖଣ୍ଟି ଇଂଲିଶରେ ବାର୍ତ୍ତାଳାପ କରୁଥାନ୍ତି। କହିବାକୁ ଗଲେ ବାର୍ତ୍ତାଳାପ କମ୍, ମଜା କରୁଥାନ୍ତି ବେଶି। ମଝି ମଝିରେ ସେହି ଯୁବତୀଙ୍କ ସମ୍ପର୍କରେ କିଛି ମନ୍ତବ୍ୟ ଦେବା ମଧ୍ୟ ମୋ କାନରେ ବାଜିଲା। ମୋ ସିଟ୍ ସେମାନେ ମୋତେ ଛାଡ଼ିଦେଲେ। ସେମାନଙ୍କ ଚପଳତା ମଧ୍ୟ ଧିମେଇ ଯିବାପରି ମୋତେ ଲାଗିଲା ଏବଂ କ୍ରମେ ସଂପୂର୍ଣ୍ଣ ବନ୍ଦ ହୋଇଗଲା।

ସମୟକ୍ରମେ ମୋର ତାଙ୍କ ସହିତ ଆରମ୍ଭ ହେଲା ବାର୍ତ୍ତାଳାପ। ପଚାରି ବୁଝିଲି ସେ ଆସିଛନ୍ତି ସୁଦୂର ନେଦରଲାଣ୍ଡରୁ ଭାରତ ଭ୍ରମଣ ଉଦ୍ଦେଶ୍ୟରେ। ବାଲେଶ୍ୱରରୁ ଯାଉଛନ୍ତି ପୁରୀ। ଗତକାଲି ତାଙ୍କର ସାଥୀମାନେ ପୁରୀ ଚାଲିଯାଇଛନ୍ତି। କୌଣସି ବିଶେଷ କାରଣରୁ ସେ ଯାଇପାରି ନ ଥିଲେ। ତାଙ୍କର ସାଥୀମାନଙ୍କ ସହ ଭେଟ ହେବ ପୁରୀରେ। ଆଜି ସନ୍ଧ୍ୟାରେ ତାଙ୍କର କିଛି କାର୍ଯ୍ୟକ୍ରମ ଅଛି ସେଠାରେ। ତା' ପରଦିନ ସେମାନେ ଯିବେ ଫୁଲବାଣୀ।

ପ୍ରସଙ୍ଗକ୍ରମେ ପଚାରିଦେଲି- କେମିତି ଲାଗୁଛି ତାଙ୍କୁ ଆମ ଦେଶ। କେମିତି ଲାଗନ୍ତି ତାଙ୍କୁ ଆମ ଦେଶର ଲୋକେ, ସେମାନଙ୍କର ବ୍ୟବହାର। ମୁଁ ତାଙ୍କୁ ଏତକ ପ୍ରଶ୍ନ କରିବା ଭିତରେ ସେ ପ୍ରାୟ ଇମୋଶନାଲ ହୋଇ ସାରିଥିଲେ। ସେ ଭାରତ ଭ୍ରମଣରେ ଆସି ଅତି ବୁଦ୍ଧିମାନର କାମ କରିଛନ୍ତି। ତାଙ୍କ ଦଳର ଅନ୍ୟ ସଦସ୍ୟମାନଙ୍କର ମଧ୍ୟ ମତ ପ୍ରାୟ ଏଇଆ। ତେବେ ଏହି ଦେଶ ଜ୍ଞାନ ଓ ପୁଣ୍ୟର ଦେଶ ବୋଲି ତାଙ୍କର ମତ। ଏ ଭୂଇଁରେ ଭଗବାନ ସ୍ୱଦେହରେ ଜନ୍ମ ନେଇ ଅର୍ଜୁନଙ୍କୁ ଗୀତା ଉପଦେଶ ଦେଇଥିଲେ। ତେଣୁ ସେ ଏ ଦେଶ ବୁଲିବାକୁ ଆସି ଅନେକ ଜ୍ଞାନ ଓ ପୁଣ୍ୟ ଅର୍ଜନ କରିଛନ୍ତି। ତାଙ୍କ କଥାରେ ମୁଁ ବିସ୍ମିତ ହେଲି। ଗୀତା ଉପଦେଶ କଥା ସେ କିପରି ଜାଣନ୍ତି? ପଚାରି ବୁଝିଲି ଅନେକ ଭାରତୀୟ ଶାସ୍ତ୍ରପୁରାଣ ସେ ଅଧ୍ୟୟନ କରିଛନ୍ତି। ଭାରତୀୟ ଦର୍ଶନ ତାଙ୍କ ପାଠ୍ୟର ଅନ୍ତର୍ଗତ ଥିଲା। ସେହି ହେତୁରୁ ଭଗବତ୍ ଗୀତା ସେ ପଢ଼ିଛନ୍ତି। ସେଥିରୁ ଅନେକ ଶ୍ଳୋକ ତାଙ୍କର କଣ୍ଠସ୍ଥ ଅଛି। ତାଙ୍କ କଣ୍ଠରୁ ଗୀତାର ଶ୍ଳୋକ 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତାଃ ଯୁଯୁତ୍ସବଃ, ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ'ରୁ ଆରମ୍ଭକରି ଅନେକ ଶ୍ଳୋକ ଶୁଣି ମୋର ବିସ୍ମୟର ସୀମା ରହିଲା ନାହିଁ।

କେବଳ ସେତିକି ନୁହେଁ। ଭାରତବର୍ଷର ତୁଙ୍ଗ ରାଜନେତାଙ୍କଠାରୁ ଆରମ୍ଭ କରି ସ୍ୱାଧୀନ ଭାରତର ଅନେକ ଶହୀଦଙ୍କ ସମ୍ପର୍କରେ ତାଙ୍କର ଜ୍ଞାନ ଗଭୀର। ଭାରତର ଅନେକ ଦର୍ଶନୀୟ ସ୍ଥାନ ସମ୍ପର୍କରେ ସେ ଅବଗତ। ସେଗୁଡ଼ିକ ସମ୍ବନ୍ଧରେ ସେ ପୁସ୍ତକରୁ ତଥା ଇଣ୍ଟରନେଟରୁ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଜର୍ମାନୀର କୌଣସି ଏକ ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ କେତେକ ଭାରତୀୟ ସହପାଠୀ ବନ୍ଧୁ ମଧ୍ୟ ତାଙ୍କର ଅଛନ୍ତି। ସେମାନଙ୍କ ସହିତ ତାଙ୍କର ପତ୍ରାଳାପ ସଂଯୋଗ ରହିଛି। ଭାରତ ଆସିବା ପରେ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ସହିତ ସାକ୍ଷାତ ମଧ୍ୟ ହୋଇ ସାରିଲାଣି।

ସେ ଯେଉଁ ଶାଢ଼ିଟି ପିନ୍ଧିଛନ୍ତି, ସେ ସମ୍ପର୍କରେ ତାଙ୍କର ବିଚାରଧାରା ଅନନ୍ୟ। ଶାଢ଼ିଟିରେ ପ୍ରକୃତିର ବ୍ୟାଖ୍ୟା ତାଙ୍କ ମନକୁ ସତେଯେମିତି ମୋହାବିଷ୍ଟ କରିଛି। ମନୁଷ୍ୟର କାରିଗରି, ପୁରୀ ଜଗନ୍ନାଥଙ୍କ ରଥର ସୁନ୍ଦର କଳାକୃତି ତାଙ୍କୁ ଏହି ଶାଢ଼ିଟି ପ୍ରତି ଆକୃଷ୍ଟ କରିଛି। ବାଲେଶ୍ୱରର ଏକ ଦୋକାନରୁ ସେ କିଣିଛନ୍ତି ଏଇ ଶାଢ଼ି କିଛିଦିନ ତଳେ। ଆଜି ଦ୍ୱିତୀୟ ଥର ପାଇଁ ପିନ୍ଧିଛନ୍ତି। ଭାରି ଭଲ ଲାଗୁଛି। ପଚାରିଲି- ଶାଢ଼ିଟିକୁ ସୁନ୍ଦର ଭାବେ ପିନ୍ଧିଛନ୍ତି, ପିନ୍ଧିବା ଶିଖିଲେ କେଉଁଠୁ? ପ୍ରଶ୍ନଟିକୁ ଶୁଣି ପ୍ରଥମେ ଖୁବ୍ ହସିଲେ ସେ। ଉତ୍ତରରେ କହିଲେ- ଇଣ୍ଟରନେଟରୁ ସେ ଶାଢ଼ି ପିନ୍ଧିବା ଶିଖିଛନ୍ତି, ତେବେ ବାଲେଶ୍ୱରର ଜଣେ ଓଡ଼ିଆଣୀ ବୋହୂ ତାଙ୍କୁ ଏ ବାଟରେ ବହୁତ ସାହାଯ୍ୟ କରିଛନ୍ତି। ଟିକିଏ ହସି ସେ ପୁଣି କହିଲେ- ସି ଇଜ୍ ମାଇଁ ଟିଚର। ସି ଟଟ୍ ମି ହାଓ ଟୁ ୱିଅର ଇଟ୍।

ମୁଣ୍ଡରେ ଓଡ଼ିଆଣୀ ବେଣୀ, କାନରେ ଝୁମୁକା, ନାକରେ ନାକଫୁଲ ସାଙ୍ଗକୁ ପାଦରେ ଅଳତା ଏବଂ ପାଉଁଜି ଖୁବ୍ ମାନୁଥିଲା ତାଙ୍କୁ। କୌଣସି ମେକ୍ ଅପ୍ ବିନା ସେ କଣ୍ଢେଇଟିଏ ପରି ଝଲସି ଉଠୁଥିଲେ। ମୁହଁରେ ସରୁ ହସଟିଏ ଲାଗି ରହିଥିଲା ଯେମିତି।

କେମିତି ଲାଗୁଛି ଆମ ଦେଶ ଆପଣଙ୍କୁ? କେମିତି ଲାଗୁଛନ୍ତି ଏଠା ଲୋକମାନେ, ଚାଲିଚଳନ, ବ୍ୟବହାର? ବୃକ୍ଷଲତା, ରାସ୍ତାଘାଟ କେମିତି ଲାଗୁଛନ୍ତି ଆପଣଙ୍କୁ? ମନରେ ଉତ୍କଣ୍ଠା ରଖି ପଚାରିଦେଲି।

ଫିକ୍ କିନା ହସିଦେଇ କହି ପକେଇଲେ, ଏଭ୍ରିଥିଙ୍ଗ ଫାଇନ୍। ଆଇ ଲଭ୍ ଏଭ୍ରିଥିଙ୍ଗ। ବହୁତ ଭଲ ଲାଗୁଛି। ଏଇ ଯେମିତି ଆପଣ। କେତେ କମ୍ ସମୟରେ ଆମ ଦୁହିଁଙ୍କ ମଧ୍ୟରେ ଏତେ ନିବିଡ଼ତା। ମୁଁ ଭାବିଲି- ଏଇ କିଛି ସମୟ ତଳେ ତାଙ୍କ ସହିତ ଚଗଲାମି କରୁଥିବା ପିଲା କେତେଜଣଙ୍କ ବ୍ୟବହାରକୁ ସେ ହୁଏତ ମାଇଣ୍ଡ କରି ନାହାନ୍ତି। ପଜିଟିଭ୍ ଥିଙ୍କିଂ ରଖିଲେ ସବୁ ଭଲ ଲାଗିବ ସବୁଠି। ସେ କହୁଥିଲେ, ଭାରତବର୍ଷ ପ୍ରାଚୀନ ସଂସ୍କୃତିର ଦେଶ। ଏଠି ଏମିତି ଖରାପ ଲାଗିବା ପରି କିଛି ନାହିଁ। ହଁ, ଖରାପ ଲୋକ ସବୁଠି ଅଛନ୍ତି। ଆମେ ସେମାନଙ୍କ କଥା ମନକୁ ଆଣିବା ଆବଶ୍ୟକ ନାହିଁ। ଏଠା ପ୍ରକୃତି ଅତି ସୁନ୍ଦର। ତା'ଠାରୁ ଆହୁରି ସୁନ୍ଦର ଏଠାକାର ସାଂସ୍କୃତିକ ପରମ୍ପରା।

ଆମ ପାରିବାରିକ ସଂସ୍କୃତିରେ ପ୍ରତିପାଳିତ ଆଜିକାଲିର ଝିଅଟିଏ ଶାଢ଼ି ପିନ୍ଧି ବାହାବେଦିରେ ବସେ। ଶାଢ଼ି ପିନ୍ଧି ଶାଶୁଘରକୁ ଯାଏ। କିନ୍ତୁ ସେଇଟିକୁ ସେ ବାଧ୍ୟବାଧକତାରେ ପିନ୍ଧେ ବୋଲି ମନେହୁଏ। କାରଣ ସମୟ ସୁବିଧା ଖୋଜି ପୁଣି ଡ୍ରେସ୍‌ର ଖୋଳପାଟିଏ ଦେହରେ ଗଳାଇଦିଏ। ସ୍ୱାମୀ ସହିତ ସହରାଞ୍ଚଳରେ ରହିବାର ସୁବିଧା ହୋଇଗଲା ତ କଥା ସଇଲା। ପୂରା ସ୍ୱାଧୀନ। କେହି କହିବାର ନାହିଁ। ନାଇଟି ଗୋଟାଏ ପିନ୍ଧି ରହିଥିବ ଅନବରତ। ମୁଣ୍ଡରେ ବେଣୀ ଖୋସା ପାରିବା ସମୟ ତ କେବେଠୁ ଗଲାଣି। ବିୟୁଟି ପାର୍ଲରର ହେୟାର କଟ୍ ବିଚିତ୍ର ଧରଣର। କିଛି ଆଗକୁ ତ କିଛି ପଛକୁ। ରଙ୍ଗ କିଛି ନାଲି ତ କିଛି କହରା। ପିନ୍ଧିଥିବା ଡ୍ରେସ୍ କେତେବେଳେ କାନ୍ଧପାଖରେ ଚିରା ତ କେତେବେଳେ ଜଙ୍ଘ ପାଖରେ ଫଟା। ପିଠିପାଖ ମୁକୁଳା ତ ଛାତିର ଅଧାଅଂଶ ଫୁଙ୍ଗୁଳା। ଯେଉଁମାନଙ୍କୁ ଅନୁସରଣ କରି ଆମେ ଏତେବାଟ ଗଲୁଣି ସେମାନେ ଯେ ଆମ ପିଛା ଧରିଛନ୍ତି, ଏ କଥା ଆମେ କେବେ ବୁଝିବା?

ଦଶରଥପୁର, ଯାଜପୁର,
ମୋ-୯୪୩୮୩୨୮୭୫୫

## ଏଇ ଭାରତରେ

ସମାଜରେ ଅନେକେ ଅଛନ୍ତି ଯେଉଁମାନଙ୍କ ଉଦ୍ୟମ କେବଳ ଭଲ କାର୍ଯ୍ୟ ଲାଗି ଅଭିପ୍ରେତ। ଏମାନଙ୍କ ମଧ୍ୟରୁ ଛତିଶଗଡ଼ର ଶ୍ରଦ୍ଧା ସାହୁ ଜଣେ। ପରିବେଶକୁ ପ୍ରଦୂଷଣ ପ୍ରକୋପରୁ ରକ୍ଷା କରିବା ପାଇଁ ତଥା ସଚେତନତା ଆଣିବାରେ ଭିଲାଇର ଉମରପଟିର ଶ୍ରଦ୍ଧା ଏକ ଅଭିନବ ପ୍ରୟାସ କରିଛନ୍ତି। ଥରେ ଉପଯୋଗ ହେଉଥିବା ପ୍ଲାଷ୍ଟିକ୍ ଗ୍ଲାସ, ପ୍ଲେଟ୍ ବ୍ୟବହାର ବନ୍ଦ କରିବା ଲାଗି ସେ ବାସନକୁସନ ବ୍ୟାଙ୍କ କରିଛନ୍ତି। ଏହି ବ୍ୟାଙ୍କରୁ ଥାଳି, ଗିନା. ଚାମଚ, ଗ୍ଲାସ୍ ବ୍ୟବହାର କରିବା ପାଇଁ ଲୋକମାନଙ୍କୁ ଦେଉଛନ୍ତି। ଏଥିପାଇଁ କିଛି ଦେୟ ନେଉନାହାନ୍ତି। କିନ୍ତୁ ବ୍ୟବହାର କରିବା ପରେ ତାହାକୁ ସଫା କରି ପୁଣି ଫେରାଇ ଦେବା ଲାଗି ଶ୍ରଦ୍ଧା ଏକ ସର୍ତ୍ତ ରଖିଛନ୍ତି। ସେ ତାଙ୍କ ପକେଟ ମନି ସଞ୍ଚୟ କରି ବ୍ୟାଙ୍କ ଲାଗି ଏହି ବାସନ କିଣିଛନ୍ତି। ୧୦୦ଟି ଥାଳିରେ ଏହି ବ୍ୟାଙ୍କ ଆରମ୍ଭ କରିଥିଲେ। ଏବେ ସେ ୫ ଶହରୁ ଅଧିକ ଥାଳି, ଗ୍ଲାସ୍ ଓ ଗିନା କିଣି ସାରିଲେଣି। ଏହି ବ୍ୟାଙ୍କର ଚାହିଦା ବଢ଼ିଯିବାରୁ ଏବେ ସେ ଅଧିକ ବାସନ ଟେଣ୍ଟ ହାଉସରୁ ଆଣି ଲୋକଙ୍କୁ ଯୋଗାଇ ଦେଉଛନ୍ତି। ବିଭିନ୍ନ ଧାର୍ମିକ, ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟରେ ତାଙ୍କ ବାସନ ବି ଉପଯୋଗ ହେଉଛି। ୪ଟି ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଶ୍ରଦ୍ଧାଙ୍କ ଏହି ବାସନବ୍ୟାଙ୍କରୁ ବାସନ ରେଲୱେ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଉପଯୋଗ ହେଉଛି। ପରିବେଶ ପ୍ରଦୂଷଣ ରୋକିବାରେ ଶ୍ରଦ୍ଧାଙ୍କର ଏହି ନିଆରା ଉପାୟ ଢେର ଲୋକପ୍ରିୟତା ହାସଲ କରିପାରିଛି।

## ଚିରନ୍ତନୀ

ପ୍ରଦୋଷ ଉଷାର ରଙ୍ଗମହଲ କୋଳେ
ରୂପାୟିତ ହୋଇ କେତେ ଋତୁ ମାସ ତଳେ
ସପତ ରଙ୍ଗେ ରଞ୍ଜିତ କରି ଧରା
ସପତ ସ୍ୱରରେ ସଙ୍ଗୀତ ହେଉ ଭରା
କୁସୁମ କୋରକ କହି ଉଠୁ ସେହି କଥା
ଫଗୁଣ ସମୀରେ ବାଜୁ ଦୁଇ ଗୁଣ ବ୍ୟଥା
କୋଟିଏ ବିଶ୍ୱ ଗୋଟିଏ କଥାରେ ଟାଣି
ସତ୍ୟ ହେଉ ଏ ସଚେତନ ରୂପବାଣୀ।
(ରୂପ ଓ ବାଣୀ)

ଦୁନିଆ ଉପରେ ବଜାଇ ବିଜୟ ଭେରୀ
ଅନ୍ଧାର କୋଳୁଁ ଭାରତ ଆସିବ ଫେରି
ଆସିବ ଫେରି ସେ ନିଜ ଗଉରବେ
ଚକିତ ଧରାରେ ଚାହିଁବେ ସରବେ
ବିଶ୍ୱ ସଭାରେ ଆଦରେ ତାହାକୁ ବସିବେ ସକଳେ ଘେରି
ଅନ୍ଧାର କୋଳୁଁ ଭାରତ ଆସିବ ଫେରି।
(ଭାରତ ଆସିବ ଫେରି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଅପଚୟ

ମହାଶୟ,

ବିଦ୍ୟୁତ ବଣ୍ଟନ କମ୍ପାନୀ କ୍ଷତି ସହିବାରୁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ପ୍ରସ୍ତାବ ରଖିଲେଣି। କମ୍ପାନୀ ଅଧୀନରେ ଫିଡ୍‌କୋ ଫ୍ରାଞ୍ଚାଇଜ ନେଇଛି। ସହରରେ ଦିନରାତି ଆଲୁଅ ଜଳିବା, ଫନୀ ବାତ୍ୟା ପରେ ଗ୍ରାହକମାନଙ୍କୁ ବିନା ମିଟରରେ ବିଦ୍ୟୁତ୍ ଯୋଗାଣ ଯୋଗୁ ଗ୍ରାହକଙ୍କ ବେପରୁଆ ବିଦ୍ୟୁତ୍ ବ୍ୟୟ ଲାଗି କମ୍ପାନୀ କ୍ଷତିର ସମ୍ମୁଖୀନ ହେଉଛି। କମ୍ପାନୀ ବିଦ୍ୟୁତ୍ ଶୁଳ୍କ ନିୟମିତ ଆଦାୟ କରି ନେଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ବିଦ୍ୟୁତ୍ କର୍ତ୍ତୃପକ୍ଷ ଏହାର ଅନୁସନ୍ଧାନ କରି ବିହିତ ବ୍ୟବସ୍ଥା କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

ଶ୍ରୀରାମଚନ୍ଦ୍ର ଦାଶ, ଦୁଃଶାସନ ପ୍ରଧାନ, ଗଦାଧର ପଣ୍ଡା,
ନିରଞ୍ଜନ ମହାପାତ୍ର, ସତ୍ୟବାଦୀ, ପୁରୀ

### ପୁରୀ ସମୁଦ୍ର ସ୍ନାନ ସୁରକ୍ଷିତ ହେଉ

ପୁରୀ ସମୁଦ୍ର ବେଳାଭୂମିରେ ଲାଇଫ୍ ଗାର୍ଡମାନଙ୍କୁ ଜଗାଇ ରଖାଯିବା ପରେ ବହୁ ପର୍ଯ୍ୟଟକ ମୃତ୍ୟୁମୁଖରୁ ଉଦ୍ଧାର ପାଇଲେଣି। ଆଜିର ଯୁଗରେ ପହଁରା ଶିଖିଥିବା ଲୋକ ସରି ସରି ଆସୁଛନ୍ତି। ପାଇପ୍ ପାଣି ବ୍ୟବହାର ବୃଦ୍ଧି ଓ ବ୍ୟାପକ ସହରୀକରଣ ଚାଲିଥିବା ବେଳେ ଆଗାମୀ ପିଢ଼ି ପାଇଁ ପହଁରା ଶିଖିବା ସୁଯୋଗ ମଧ୍ୟ ସଂକୁଚିତ ହୋଇଆସୁଛି। ଦୁଃସାହସ ଦେଖାଇ ପୁରୀରେ ସମୁଦ୍ର ସ୍ନାନ ବେଳେ ବିଶେଷକରି ଗଭୀରକୁ ଚାଲିଯାଉଥିବା ପହଁରା ଜାଣିଥିବା ଯୁବ ବୟସର ବ୍ୟକ୍ତି ମଧ୍ୟ ବିପଦରେ ପଡ଼ିଥାଆନ୍ତି। ସମୁଦ୍ର ସ୍ନାନ ବେଳେ ପର୍ଯ୍ୟଟକଙ୍କ ଜୀବନ ସୁରକ୍ଷା ଦାୟିତ୍ୱ ଭାରତୀୟ କୋଷ୍ଟ ଗାର୍ଡ କିମ୍ବା ଭାରତୀୟ ନ୍ୟାଭିର ନାବିକଙ୍କ ଉପରେ ଛାଡିଦିଆଗଲେ ଭଲହୁଅନ୍ତା। ଏଠାକୁ ଆସୁଥିବା ଶତପ୍ରତିଶତ ପର୍ଯ୍ୟଟକ ସୁରକ୍ଷିତ ଭାବେ ଖୁସି ମନରେ ଘରକୁ ବାହୁଡିବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛାତ୍ରାବାସରୁ ଲୁଚି ପଳାଇଥିବା ୨ ଛାତ୍ର ଉଦ୍ଧାର

**ପାଟଣା,୨୨।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୂଳିଠାରେ ଥିବା ୪୦ ଶଯ୍ୟା ବିଶିଷ୍ଟ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସର ଦୁଇଜଣ ଅନ୍ତେବାସୀ ଛାତ୍ର ଗୁରୁବାର ବିଦ୍ୟାଳୟ ପାଚେରି ଡ଼େଇଁ ପଳାଇ ଯାଇଥିଲେ। ସେମାନେ ୪୯ ନମ୍ବର ଜାତୀୟ ରାଜପଥ ଦେଇ କେନ୍ଦୁଝର ଆଡକୁ ଯାଉଥିବା ସମୟରେ ଡାବରଚୁଆ ନିକଟରୁ ତୁରୁମୁଙ୍ଗା ଥାନାର ଜଣେ ଗୃହରକ୍ଷୀ ଉଦ୍ଧାର କରିଛନ୍ତି। ଏହି ଛାତ୍ର ଦ୍ୱୟ ଚାଲି ଚାଲି ଯାଉଥିବା ବେଳେ ଡାବରଚୁଆ ନିକଟରେ କେତେକ ଲୋକ ସେମାନଙ୍କୁ ଦେଖି ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଖିରେଇଟାଙ୍ଗିରି ଗୃହରକ୍ଷୀ ପରମା ନନ୍ଦ ମହାନ୍ତ ପହଞ୍ଚି ଦୁଇ ନାବାଳକ ଛାତ୍ରଙ୍କୁ ଉଦ୍ଧାର କରି ବିଦ୍ୟାଳୟକୁ ନେଇ ପ୍ରଧାନ ଶିକ୍ଷକଙ୍କ ଜିମାରେ ଛାଡିଥିଲେ । ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ପାଇଁ ସରକାର ବିପୁଳଅର୍ଥ ବ୍ୟୟ କରୁଥିବା ବେଳେ କିଭଳି ପରିସ୍ଥିତିରେ ଏହି ଦୁଇ ଛାତ୍ର ଛାତ୍ରାବାସର ପାଚେରି ଡେଇଁ ପଳାଇଯିବାକୁ ସକ୍ଷମ ହେଲେ ତାହାର ତଦନ୍ତ କରିବା ଲାଗି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ଘଟଣା ପରିପ୍ରେକ୍ଷୀରେ ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତଙ୍କୁ ପଚାରିବାରୁ କହିଛନ୍ତି, ଏବିଓ ଜଗବନ୍ଧୁ ମହାନ୍ତଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ।

# ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ, ଗଣଧାରଣା



କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ ସଭା।

**କେନ୍ଦୁଝର, ୨୨।୧୧ (ସ୍ୱ.ପ୍ର.)**

ଦେଶରେ ଅହେତୁକ ଦରଦାମ ବୃଦ୍ଧି, ବିପର୍ଯ୍ୟସ୍ତ ଅର୍ଥନୀତି ସାଙ୍ଗକୁ ମାନ୍ଦାବସ୍ଥା ଓ ସରକାରୀ, ବେସରକାରୀ କ୍ଷେତ୍ରରେ ବେରୋଜଗରୀ ସମସ୍ୟା ବୃଦ୍ଧି ପ୍ରତିବାଦରେ କେନ୍ଦୁଝର ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର ସମୟରେ ଦେଶ ଓ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧିକୁ କଂଗ୍ରେସ ନେତାମାନେ ସମାଲୋଚନା କରିଥିଲେ। ସରକାରୀ ଓ ବେସରକାରୀ ସ୍ତରରେ ନିଯୁକ୍ତି ସୁବିଧା ହ୍ରାସକୁ ସେମାନେ ବିରୋଧ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ମୋହନ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର, ବିପ୍ଳବ ମିଶ୍ର, ପ୍ରଶାନ୍ତ ଦଳେଇ, ସଂଗ୍ରାମ ଦାସ, ପୟୋଧର ବେହେରା, କଦଣ୍ଡ ଜେନା, ରମାକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ କଂଗ୍ରେସ କର୍ମୀ ଓ ନେତାମାନେ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ପରେ ଜିଲାପାଳଙ୍କ ଜରିଆରେ ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଆସନ୍ତା ୨୦ରୁ ଗୋନାସିକା-କେନ୍ଦୁଝର ମହୋତ୍ସବ

**କେନ୍ଦୁଝର, ୨୨।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ଆଗାମୀ ଡିସେମ୍ବର ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କାଳୀପଡିଆଠାରେ ୫ ଦିନ ବ୍ୟାପୀ ଗୋନାସିକା କେନ୍ଦୁଝର ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ୨୦ ରୁ ୨୬ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ଏଥିଲାଗି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି । ଶୁକ୍ରବାର ଅପରାହ୍ନରେ ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଦରବାର ହଲ୍‌ଠାରେ ବୈଠକ ବସିଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଡଃ ଭକ୍ତ ଚରଣ ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, କେନ୍ଦୁଝର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ନାରାଣୟ ମୁର୍ମୁ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ,ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ସାଂସ୍କୃତିକ ସମାରୋହ ଲାଗି ଜିଲାର ବିଭିନ୍ନ ଅଞ୍ଚଳ ଓ ରାଜ୍ୟର ବିଭିନ୍ନ ଜିଲାର କଳାକାରଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟର ଲୋକକଳା ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଖାଦ୍ୟମେଳା, କବି ସମ୍ମିଳନୀ, ପୁସ୍ତକମେଳା, ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହେବ ବୋଲି ସ୍ଥିରୀକୃତ ହୋଇଥିଲା।

## କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
DSPL-151

**ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।**

**ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :**

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



**ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

10003/13/0053/1920
facebook.com/HFWOdisha http://www.health.odisha.gov.in/ @HFWOdisha

DSPL-161

## ଓଡ଼ିଶା
# ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀ

**(୨୩ ରୁ ୨୯ ନଭେମ୍ବର ୨୦୧୯)**

ଓଡ଼ିଶା ସମେତ ୧୬ ଟି ରାଜ୍ୟର ଜନଜାତି କଳା ସାମଗ୍ରୀର ଭବ୍ୟ ପ୍ରଦର୍ଶନ ଏବଂ ବିକ୍ରୟ





ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ**

୨୩ ନଭେମ୍ବର ୨୦୧୯
ସନ୍ଧ୍ୟା ଘ.୫.୩୦ ମିନିଟ୍

**ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର**
ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ
ସିଆରପି ଛକ, ଭୁବନେଶ୍ୱର

**ପ୍ରତ୍ୟହ ଅପରାହ୍ନ ୨ ଘଟିକାରୁ ରାତି ୮ ଘଟିକା ପର୍ଯ୍ୟନ୍ତ**


26026/13/0015/1920

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ODISHA
INDIA'S BEST KEPT SECRET.

## ଦିବାରାତ୍ର କବାଡ଼ି ଟୁର୍ନାମେଣ୍ଟ

# ଜୟ ଜଗନ୍ନାଥ ଟିମ୍ ଚାମ୍ପିୟନ



ଖେଳାଳିଙ୍କ ସହ ଅତିଥି ହାତ ମିଳାଉଛନ୍ତି।

ବାଲିଆପାଳ, ୨୨।୧୧(ସ୍ୱ.ପ୍ର.)- ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତ ଅନ୍ତର୍ଗତ ପାକମୁଣ୍ଡି ଗ୍ରାମରେ ଅନୁଷ୍ଠିତ ଦିବାରାତ୍ର କବାଡ଼ି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଟୁର୍ନାମେଣ୍ଟ କମିଟି ସଭାପତି ରତିକାନ୍ତ ଚଣ୍ଡ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ସମାଜସେବୀ ତଥା ଭାଜପା ନେତା ମାନସ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହିତ ଖେଳ ଦ୍ୱାରା ବନ୍ଧୁତ୍ୱ ଏବଂ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥାଏ ବୋଲି କହିଥିଲେ।

ବିଭିନ୍ନ ଅଞ୍ଚଳର ୮ଟି ଟିମ୍‌ର ୧୮ବର୍ଷରୁ କମ୍ ବାଳକମାନେ ଯୋଗଦେଇଥିଲେ। ଜମକୁଣ୍ଡା ଟିମ୍ ସହିତ ପାକମୁଣ୍ଡିର ଜୟଜଗନ୍ନାଥ ଟିମ୍ ପ୍ରଥମ ସେମିଫାଇନାଲ ଏବଂ ନାଭଡ଼ା ଟିମ୍ ସହିତ ବିଷ୍ଣୁପୁର ଟିମ୍ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳ ଜୟ ଜଗନ୍ନାଥ ଟିମ୍ ଏବଂ ବିଷ୍ଣୁପୁର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ବିଷ୍ଣୁପୁର ଟିମ୍ ୨୩ ପଏଣ୍ଟ ହାସଲ କରିଥିବା ବେଳେ ଜୟ ଜଗନ୍ନାଥ ଟିମ୍ ୫୨ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟ କମିଟି ସଭାପତି ରତିକାନ୍ତ ଚଣ୍ଡ ବିଜୟୀ ଦଳକୁ ଟ୍ରଫି ଏବଂ ଅର୍ଥ ରାଶି ପ୍ରଦାନ କରିଥିଲେ। ସୌମ୍ୟରେଶ ହାଜରା, ବାବୁଲା ଜେନା ଖେଳ ପରିଚାଳନା କରିଥିବା ବେଳେ ସିପୁ ପାତ୍ର, ଭରତ ପାତ୍ର, ମୃତ୍ୟୁଞ୍ଜୟ ମଣ୍ଡଳ, ବିଷ୍ଣୁ ପାତ୍ର, ବୁଲୁ ପାତ୍ର, ଘୁନା ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଅ'

## ସୀମାନ୍ତ ଉନ୍ନୟନ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଜଳେଶ୍ୱର,୨୨।୧୧

'ବୁଲ୍‌ବୁଲ୍' ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ସରକାର ଚିହ୍ନଟ କରି ସେମାନଙ୍କୁ ଅବିଳମ୍ବେ ସହାୟତା ଯୋଗାଇ ଦେବାକୁ ସୀମାନ୍ତ ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜଳେଶ୍ୱର ବିଡ଼ିଓ ନିତ୍ୟାନନ୍ଦ ସାହୁଙ୍କୁ ପ୍ରଦାନ କରାଯାଇଛି।

ଦାବିଗୁଡ଼ିକ ମଧ୍ୟରେ ଚାଷୀମାନଙ୍କ ଜମିର ସ୍ଥିତି ତଦନ୍ତ କରିବା, ଆସନ୍ତା ରବି ଚାଷ ପାଇଁ ଉଠାଜଳସେଚନ ଲାଗି ବିଦ୍ୟୁତ୍ ଶୁଳ୍କ ଛାଡ କରିବା, ସାର, ବିହନ ବିନା ମୂଲ୍ୟରେ ଯୋଗାଇବା, ସମସ୍ତ କୃଷି ଋଣ ଛାଡ କରି ନୂତନ ଋଣ ପ୍ରଦାନ କରିବା, ସରକାରୀ ଧାନମଣ୍ଡିରେ ଧାନ ସଂଗ୍ରହ କରିବା, କ୍ଷତିଗ୍ରସ୍ତ ଗୃହଗୁଡ଼ିକ ପାଇଁ ବିଜୁ ପକ୍କାଗୃହ ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଗୃହ ଯୋଗାଇ ଦେବାକୁ ନିବେଦନ କରାଯାଇଛି । ସୀମାନ୍ତ ଉନ୍ନୟନ ପରିଷଦ ସଭାପତି ରବୀନ୍ଦ୍ର ନାଥ ଦାସ, ପୂର୍ବତନ ସରପଞ୍ଚ ସୁଦାମ ଚରଣ ପାତ୍ର, ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସାଧୁଚରଣ ପରିଡା, ମିଳନ କୁମାର ଦେ, ସୁଶୀଲ କୁମାର ଦେ, ତାପସ କୁମାର ଗିରି, ଆଦିତ୍ୟ ପାତ୍ର, ଅକ୍ଷୟ ପାତ୍ର, ନିଖିଲ ଜେନା, ବସନ୍ତ ପ୍ରଧାନ, ନରୋତ୍ତମ ପ୍ରଧାନ, ରାଜୀବ ପ୍ରଧାନ, ନିତାଇ ଚରଣ ଗିରି, ପର୍ଶୁରାମ ସେନାପତି, ଗୌରାଙ୍ଗ ଦତ୍ତ, ସୁଜିଆ ଟାଡୁ, ରାଜେଶ ଜେନା, ପଞ୍ଚାନନ ଗିରି, ସୁଦର୍ଶନ ପାତ୍ର ପ୍ରମୁଖ କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।



ସୀମାନ୍ତ ଉନ୍ନୟନ ପରିଷଦ କର୍ମକର୍ତ୍ତାମାନେ ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଡୁଆ ସୂତାରୁ ଖିଏ**
**ଆମ ଦିହିଁଙ୍କର କଳି ଲାଗିଛି**
**ଏ କଳି ଭାଙ୍ଗିବ କିଏ ?**

ଦାମ୍ପତ୍ୟ ଜୀବନରେ କଳହ ଅତି ସାଧାରଣ କଥା। ଛୋଟ ମୋଟ କଥା ବା ଅତି ସାମାନ୍ୟ କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥାଏ। ସେ କଜିଆ ମନକୁ ମନ କେତେବେଳେ ସମାଧାନ ହୋଇଯାଏ କହି ହୋଇ ନ ଥାଏ। ସ୍ୱାମୀ ସ୍ତ୍ରୀଙ୍କ କଳିକଜିଆରୁ ଆଗପଛ କିଛି ମିଳି ନ ଥାଏ। ଏ କଜିଆ ଭାଙ୍ଗିବାକୁ ଚେଷ୍ଟା କରିବା ନିର୍ବୋଧତା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅବଳା ବଳା**
**ଘରେ ଭାତ ନାହିଁ ଦାଣ୍ଡକୁ ପଳା ।**

ଅଭାବଗ୍ରସ୍ତ ଘର ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବେ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ଘର ପରିବାରରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନ ଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜିଲା କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା

ବାଲେଶ୍ୱର ଅଫିସ,୨୨।୧୧

ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ମିଶନ ପଡ଼ିଆଠାରୁ ଏକ ବିଶାଳ ରାଲି ବାହାରି ସହର ପରିକ୍ରମା କରି ଜିଲାପାଳ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ପରେ କୃଷକ, ମହିଳା, ବେକାର ଯୁବକ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କର ଏକ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ନବୀନ ସରକାର ଲମ୍ବା ଲମ୍ବା ଭାଷଣ ଦେଇ ଆର୍ଥିକ ମାନ୍ଦାବସ୍ଥା, ନାରୀ ନିର୍ଯାତନା, ଦରବୃଦ୍ଧି ଏବଂ ବେକାରି ଦୂର କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏସବୁ ପ୍ରସଙ୍ଗକୁ ନେଇ ଏଆଇସିସି କାର୍ଯ୍ୟକାରୀ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ କଂଗ୍ରେସ ଦଳ ପକ୍ଷରୁ ଜନଜାଗରଣ ଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଗତ ନିର୍ବାଚନରେ ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଉଦ୍‌ବୋଧନ ଦେଇ ଚାଷୀଙ୍କ ସମସ୍ୟା ବୁଝିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ନୁହନ୍ତି ବୋଲି କହିଥିଲେ। ଜିଲା କଂଗ୍ରେସ ପୂର୍ବତନ ସଭାପତି ସତ୍ୟ ନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଅକ୍ଷୟ ଆଚାର୍ଯ୍ୟ, ସୁରେନ୍ଦ୍ର ପରମାଣିକ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଶେଷରେ ନଗର କଂଗ୍ରେସ ସଭପତି ତଥା ପୂର୍ବତନ କାଉନସିଲର ପଦ୍ମଲୋଚନ ଲେଙ୍କା ଧନ୍ୟବାଦ ଦେଇଥିଲେ।




କଂଗ୍ରେସ ନେତା ଓ କର୍ମୀମାନେ ସହର ପରିକ୍ରମା କରୁଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

ବାରିପଦା ଅଫିସ, ୨୨।୧୧- ବାରିପଦା ସଦର ଥାନା ଅଧୀନ ତେଲିବିଲା ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶତ୍ରୁଘ୍ନ ମହାନ୍ତ। ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିବା ଜଣାପଡ଼ିଛି। ସଦର ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସମାଜସେବୀଙ୍କ ସ୍ମୃତିସଭା

ବାଲିଆପାଳ, ୨୨।୧୧(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମର ଯୁବ ସମାଜସେବୀ ପ୍ରଦୀପ ବେହେରାଙ୍କ ଶୁକ୍ରବାର ଏକାଦଶାହ ଉପଲକ୍ଷେ ତାଙ୍କ ବାସଭବନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲାପରିଷଦ ସଦସ୍ୟ ବଳରାମ ସାହୁ, ପୂର୍ବତନ ସେନା ଅଧିକାରୀ ମାନସ କୁମାର ବେହେରା, ଇଂ ସୁଶାନ୍ତ ବେହେରା, ଅଧ୍ୟାପକ ଉମାକାନ୍ତ ପାତ୍ର, ଚକ୍ରଧର ପାତ୍ର, ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁ, ଆଡଭୋକେଟ ସତ୍ୟପ୍ରକାଶ ବେହେରା, ସାମ୍ବାଦିକ ଗୋପନାରାୟଣ ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସ୍ମୃତିଚାରଣ କରିଥିଲେ।

# ବିଜ୍ଞାନ ମେଳାରେ ୭୦ ପ୍ରକଳ୍ପ

ସୋର, ୨୨।୧୧(ଡି.ଏନ.ଏ.)

ସୋର ସତ୍ୟାନନ୍ଦ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ମୁଖ୍ୟଅତିଥି ଭାବେ ପରିଚାଳନା ସମିତିର ସଭାନେତ୍ରୀ ଅନିତା ରାଉତ, ମୁଖ୍ୟବକ୍ତା ଭାବେ ନିରଞ୍ଜନ ନାୟକ ଓ ସମ୍ମାନିତ ଅତଥି ଭାବେ ସଦସ୍ୟ ଓଁପ୍ରକାଶ ଗୁପ୍ତା ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମୟରେ ବିଜ୍ଞାନ ଶିକ୍ଷାର ଉପଯୋଗିତା ନେଇ ବକ୍ତବ୍ୟରେ କହିଥିଲେ। କୃଷି, ଗମନାଗମନ, ପରିବେଶ ସୁରକ୍ଷା, ପରିସଂସ୍ଥାନ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ୭୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

FINANCE

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

FINANCE
Ujjivan ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋରଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

!! ଋଣ ଋଣ ଋଣ!!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154



DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ବା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

TO LET

TO LET
Warehouse
At Mancheswar Industrial Estate, Bhubaneswar
Covered area of RCC/PEB Structure: Approx 300000 (Three Lacs) SQFT
Contact: balbhadradeve6@gmail.com


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### କେରଳରେ ଓଡ଼ିଆ ଶ୍ରମିକ ମୃତ

ପଦ୍ମପୁର,୨୨।୧୧(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆନ୍ଦୋଳା ପଞ୍ଚାୟତ ଅଧୀନ ଖାଣ୍ଟଖୁଆଡ଼ ଗ୍ରାମର ମାଧବ ମଲ୍ଲିକ(୩୨)ଙ୍କର କେରଳରେ ମୃତ୍ୟୁ ଘଟିଛି। ସେ ଗତ ୧୨ ବର୍ଷ ହେଲା ସେଠାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁସାରେ, ୮ ଦିନ ତଳେ କୌଣସି କାରଣରୁ ସେ ତଳେ ପଡ଼ିଯିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ଉକ୍ତ କମ୍ପାନୀ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ମୃତଦେହ ଅଣାଯାଇ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜିଲାପାଳଙ୍କ ଅଫିସ୍‌ରେ ସମିତିସଭ୍ୟା କର୍ମଚାରୀ

ଭଦ୍ରକ ଅଫିସ,୨୨।୧୧- ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ସମିତିସଭ୍ୟା ଡାଟାଏଣ୍ଟ୍ରି ଅପରେଟର୍ ଭାବେ କାର୍ଯ୍ୟ କରୁଛନ୍ତି। କିନ୍ତୁ ବର୍ତ୍ତମାନ ସେ କାମ କରୁନାହାନ୍ତି ବୋଲି ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର କହିଛନ୍ତି। ଠିକାସଂସ୍ଥା ଜରିଆରେ ସେ ଏଠାରେ କାର୍ଯ୍ୟ କରି ଆସୁଥିଲେ। ଗତ ଜୁଲାଇ ୩୧ରୁ ତାଙ୍କ ଅବଧି ସରିଯାଇଥିବାରୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଛି। ତେବେ ତାଙ୍କର ଚୁକ୍ତି ନବୀକରଣ ହୋଇ ନ ଥିବାରୁ କାର୍ଯ୍ୟାଳୟକୁ ଆସିବାକୁ ମନା କରାଯାଇଛି ବୋଲି ଭାରପ୍ରାପ୍ତ ଜିଲାପାଳ ମିଶ୍ର କହିଛନ୍ତି। ଏଭଳି ଘଟଣାକୁ ବିଭିନ୍ନ ମହଲରୁ ବିରୋଧ କରାଯାଉଛି।

### ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ
### କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା

ଭଦ୍ରକ ଅଫିସ,୨୨।୧୧- ଭଦ୍ରକ ପୌରାଞ୍ଚଳ ବଙ୍କସାହି ବଙ୍କବାସୁଦେବପୁର ଓ ଅପର୍ତ୍ତିବିନ୍ଧା ଅଞ୍ଚଳରେ ଗତ କିଛି ମାସ ଧରି ସ୍ଥାନୀୟ କେତେଜଣ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏହି ଯୁବକମାନେ ଝିଅବୋହୂଙ୍କୁ କମେଣ୍ଟ ମାରୁଛନ୍ତି। ସେମାନଙ୍କ ବିରୋଧରେ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଫଳରେ ଟାଉନ ପୋଲିସ ବିରୋଧରେ ବଙ୍କବାସୁଦେବପୁର ଓ ଅପର୍ତ୍ତିବିନ୍ଧା ମୌଜାର କେତେଜଣ ମହିଳା ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେହି ଯୁବକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଲିଖିତ ଭାବେ ଦାବି ଜଣାଇଛନ୍ତି। ଏସ୍‌ପି ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ସେମାନଙ୍କୁ କହିଥିଲେ।

### ୧୫ ଚିତି ସାପ ଉଦ୍ଧାର

ଧାମନଗର,୨୨।୧୧(ଡି.ଏନ.ଏ.)- ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଅନହରପୁର ଗ୍ରାମର କପିଳେନ୍ଦ୍ର ବଳଙ୍କ ଘରୁ ୧୫ଟି ଚିତି ସାପ ଉଦ୍ଧାର କରାଯାଇଛି। କପିଳେନ୍ଦ୍ରଙ୍କ ପୁରୁଣା ଘର ଭଙ୍ଗା ଯାଉଥିବା ବେଳେ କିଛି ସାପ ବାହାରୁଥିବା ଦେଖି ପରିବାର ଲୋକେ ଖବର ଦେବାରୁ ସାପଧରାଳି ସେକ୍ ମିର୍ଜା ପହଞ୍ଚି ଚିତି ଛୁଆଙ୍କୁ ଉଦ୍ଧାର କରିଥିଲେ।

# ଗାଁ ଲୋକେ ପ୍ରତିବର୍ଷ ବାନ୍ଧୁଛନ୍ତି ବନ୍ଧ



ସାଳନ୍ଦୀ ନଦୀର ମାଳିସାହି ଯୋରରେ ଲୋକେ ମାଟିବନ୍ଧ ତିଆରି କରୁଛନ୍ତି।

- ଜୁଆର ପାଣି ମାଡ଼ି ନଷ୍ଟ ହେଉଛି ଚାଷ
- ହୋଇପାରୁନି ସ୍ଥାୟୀ ପ୍ରତିକାର

ଚାନ୍ଦବାଲି,୨୨।୧୧(ଡି.ଏନ.ଏ.)

ପ୍ରଶାସନ ପକ୍ଷରୁ ହୋଇପାରୁନି ସ୍ଥାୟୀ ପ୍ରତିକାର। ନିଜ ଜମିକୁ ଜୁଆର ପ୍ରଭାବରୁ ରକ୍ଷା କରିବା ପାଇଁ ଚାଷୀମାନେ ପ୍ରତିବର୍ଷ ମାଟିବନ୍ଧ ତିଆରି କରୁଛନ୍ତି। ବର୍ଷାଦିନେ ଏହି ମାଟିବନ୍ଧ ଧୋଇ ଯାଉଛି। ଶୁକ୍ରବାର ଚାନ୍ଦବାଲି ବ୍ଲକର ଜଳଦେଶ ଅଞ୍ଚଳରେ କେତେକ ଗାଁର ଲୋକ ମିଶି ସାଳନ୍ଦୀ ନଦୀର ମାଳିସାହି ଯୋରରେ ଗରିପୁର ନିକଟରେ ଅସ୍ଥାୟୀ ମାଟିବନ୍ଧ ବାନ୍ଧିଛନ୍ତି। ପ୍ରାୟ ୪୦ ଫୁଟ୍ ଲମ୍ବ ଓ ୧୫ ଫୁଟ ଓସାରର ମାଟିବନ୍ଧ ତିଆରି ହେଉଛି। ତେବେ ବନ୍ଧ ପାଇଁ ମାଟିର ଅଭାବ ଦେଖାଦେଇଛି। କାମ ସରିବାକୁ ୨ରୁ ୩ ଦିନ ଲାଗିପାରେ ବୋଲି ବନ୍ଧ ତିଆରି କରୁଥିବା ଲୋକେ ପ୍ରକାଶ କରିଛନ୍ତି। ଭୂଇଁବୃତି ପଞ୍ଚାୟତର ଗରିପୁର, ପୁରୁଷୋତ୍ତମପୁର, ବଉଳଯୋଡ଼ା, ଧାନଖଣିଆ, ମାଧପୁର ପଞ୍ଚାୟତର ମାଳିସାହି, କୃଷ୍ଣପୁର, ବ୍ରହ୍ମପୁର ଆଦି ୭ଟି ଗାଁର ଲୋକ ନିଜର ଶ୍ରମଦାନ ଓ ଆର୍ଥିକ ସହଯୋଗରେ ବନ୍ଧ ନିର୍ମାଣ କରୁଛନ୍ତି।

ଚାଷୀମାନଙ୍କ କହିବା ଅନୁଯାୟୀ, ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ଯୋର ଉପରେ ଏକ ପକ୍କାପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ଲୁହାର ସଟର ଲାଗି ନ ଥିବାରୁ ତାହା କାମରେ ଆସୁନାହିଁ। ମୁକୁଳା ପଡ଼ିଥିବା ଏହି ଯୋର ଦେଇ ସାମୁଦ୍ରିକ ଜୁଆର ପାଣି ପାଚିଲା ଧାନ କିଆରିରେ ମାଡ଼ି ଯାଏ। ଫଳରେ ଚାଷଜମି କ୍ଷତିଗ୍ରସ୍ତ ହୋଇଥାଏ। ସାଳନ୍ଦୀ ନଦୀର ମାଳିସାହି ଯୋରରେ ସ୍ଲୁଇସଗେଟ୍ ନିର୍ମାଣ ପାଇଁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ପ୍ରାୟ ୫୦ ବର୍ଷ ହେବ ପ୍ରତିବର୍ଷ କାଳୀପୂଜା ପରେ ପାଗକୁ ଦେଖି ଏହି ଯୋରରେ ମାଟିବନ୍ଧ ବାନ୍ଧି ପାଣିକୁ ଅଟକ ରଖାଯାଉଛି। ବନ୍ଧର ଦୁଇପାଖରେ ଘାସ କଅଁଳିବା ପର୍ଯ୍ୟନ୍ତ ବନ୍ଧକୁ ସୁରକ୍ଷା ଦେବାକୁ ପଡ଼ିଥାଏ।

## ରହଣିଆରେ ଅଗ୍ନିକାଣ୍ଡ
# ୧୦ ବଖରା ଜଳିଗଲା



ବରାଳପୋଖରୀ ରହଣିଆ ଗ୍ରାମରେ ନିଆଁ ଲାଗି ଘର ଜଳୁଛି।

ଭଦ୍ରକ ଅଫିସ, ୨୨।୧୧

ଭଦ୍ରକ ପୌରପାଳିକାର ଚରମ୍ପା ୨ ନମ୍ବର ୱାର୍ଡ ବରାଳପୋଖରୀ ରହଣିଆ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୬ ପରିବାରର ୧୦ ବଖରା ଘର ଜଳିଯାଇଛି। ଗ୍ରାମର ବିଜୟ ପ୍ରଧାନ, ସତ୍ୟନାରାୟଣ ପ୍ରଧାନ, ବୈଶାଖୀ ପ୍ରଧାନ, ପ୍ରମିଳା ପ୍ରଧାନ, ମଞ୍ଜୁଳା ପ୍ରଧାନ ଓ ଉର୍ମିଳା ପ୍ରଧାନଙ୍କ ଘର ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ପ୍ରତ୍ୟେକଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଆକଳନ କରାଯାଉଛି। ନିଆଁର ପ୍ରଖର ଏତେ ତୀବ୍ର ଥିଲା ଯେ ଭଦ୍ରକ ଅଗ୍ନିଶମ ବିଭାଗର ୩ଟି ଗାଡ଼ି ନିୟୋଜିତ ହୋଇଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିବା ପାଇଁ ୩ ଘଣ୍ଟା ଲାଗିଥିଲା। ନିଆଁ ଲିଭା କାର୍ଯ୍ୟରେ ଅଗ୍ନିଶମ ବିଭାଗ ପକ୍ଷରୁ ହରେକୃଷ୍ଣ ମହାପାତ୍ର, ସମରେନ୍ଦ୍ର ଧଳ, କିଶୋର ମହାଳିକ ଓ ସାଗର ସେଠୀ ପ୍ରମୁଖ ନିୟୋଜିତ ହୋଇଥିଲେ। ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ତେବେ ଏହି ଅଗ୍ନି ବିପନ୍ନମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୧୬ ବିଦ୍ୟାଳୟକୁ ଗରିମା ପୁରସ୍କାର



ପୁରସ୍କାର ବିତରଣ ଉତ୍ସବରେ ଅତିଥି।

ଭଣ୍ଡାରିପୋଖରୀ, ୨୨।୧୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଗରିମା (କାଂସ୍ୟ) ପୁରସ୍କାର ବିତରଣ ଉତ୍ସବ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ବିଇଓ ଦୀପକ କୁମାର ପାଢୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ବିଡିଓ ବନମାଳି ତରାଇ ଓ ଅନ୍ୟତମ ଅତିଥି ଭାବେ ଏବିଇଓ ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପହୀ ଓ ସିଆର୍‌ସିସିମାନେ ଯୋଗ ଦେଇଥିଲେ। ଏହି ବ୍ଲକ ଅଧୀନରେ ଯୋଗ୍ୟ ବିବେଚିତ ୧୧୬ଟି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅତିଥିମାନେ ଗରିମା (କାଂସ୍ୟ) ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡିସେମ୍ବର ପ୍ରଥମ ସପ୍ତାହରେ ରୌପ୍ୟ ପୁରସ୍କାର ଲାଗି ସମସ୍ତେ ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ରାଉତ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟୀକାକରଣ ପାଇଁ ଶତପ୍ରତିଶତ ଛାତ୍ରୀଛାତ୍ର ଅନ୍ତର୍ଭୁକ୍ତ ସକାଶେ ସଚେତନ କରାଇଥିଲେ। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଓ ହାରାମଣି ବାଳିକା ବିଦ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ମହତାବ ଜୟନ୍ତୀ ଉତ୍ସବ
# ଦର୍ଶକଙ୍କୁ ବାନ୍ଧି ରଖିଲେ ନଟିଆ

ବନ୍ତ,୨୨।୧୧ (ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୦ତମ ଜୟନ୍ତୀ ଉତ୍ସବ ଗୁରୁବାର ବନ୍ତ ବ୍ଲକ ଆଗରପଡ଼ା ମହତାବ ଯୁଥ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ କ୍ଲବ ପରିସରରେ ସଦସ୍ୟ ସତ୍ୟସାଧନ ବେଜଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ମହତାବଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରି ଓଡ଼ିଶା ପ୍ରଦେଶର ନେତୃତ୍ୱ ନେବାରେ ଅଗ୍ରଣୀ ଭୂମିକା ଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ରାଜ୍ୟ ଯୁବ ବିଜେଡି ଉପସଭାପତି ଇଂ.ପ୍ରୟାସକାନ୍ତି ସାମଲ, ଲୋକଶକ୍ତିର ସମ୍ପାଦକ ରବୀନ୍ଦ୍ର କୁମାର ରାୟ ଯୋଗଦେଇ ମହତାବଙ୍କ ବହୁମୁଖୀ ପ୍ରତିଭା ବିଷୟରେ ବକ୍ତବ୍ୟ ରଖିଥିଲେ। ପରେ ଏହି ମଞ୍ଚରେ ହାସ୍ୟ ଅଭିନେତା ନଟିଆ ଭାବେ ପରିଚିତ ସ୍ମୃତିରଞ୍ଜନ ମହାନ୍ତି ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ। ନଟିଆ କମେଡ଼ି ଦର୍ଶକଙ୍କୁ ବାନ୍ଧି ରଖିଥିଲା।

ପରେ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କ୍ଲବର ସଦସ୍ୟ ପ୍ରକାଶ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ଜିତେନ୍ଦ୍ର ଶତପଥୀ ବାର୍ଷିକ ବିବରଣୀ ପାଠ ଓ ସଦସ୍ୟ ଚିନ୍ମୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କଟକର ଗୀତ ସରଗମର କାଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ କ୍ଲବର ସମସ୍ତ ସଦସ୍ୟ ଲକ୍ଷ୍ମୀବଜାରସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ଓ କର୍ମମନ୍ଦିର ସମାଧିପୀଠରେ ମାଲ୍ୟାର୍ପଣ କରିବା ପରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସକାଳର କାର୍ଯ୍ୟକ୍ରମକୁ ବରିଷ୍ଠ ସାମାଜିକ କର୍ମୀ ନୃସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। କ୍ଲବର ସଦସ୍ୟ ସୁରେଶ ପୃଷ୍ଟିଙ୍କ ସଭାପତିତ୍ୱରେ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀନାଥ ମହାନ୍ତି, ସରପଞ୍ଚ ଆଶୋକ ଦାସ, ଶିକ୍ଷାବିତ୍ ରାଜେନ୍ଦ୍ର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# 'ମହତାବ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'

ଭଦ୍ରକ ଅଫିସ, ୨୨।୧୧

ଭଦ୍ରକ ମହତାବ ଜୟନ୍ତୀ କମିଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ୧୨୦ତମ ଜୟନ୍ତୀ ପାଳିତ ହୋଇଯାଇଛି। କମିଟି ସଭାପତି ରବିନାରାୟଣ ଖିଲାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଇଂ. ଅଭୟ ସୂତାର ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ମହତାବ ନବଓଡ଼ିଶା ନିର୍ମାତା ସାଙ୍ଗକୁ ବହୁ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଶିଷ୍ଟ ଅତିଥି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ ଯୋଗଦେଇ ମହତାବଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଅତିଶ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

# କାୟାକଳ୍ପ ଟିମ୍‌ର ଡାକ୍ତରଖାନା ପରିଦର୍ଶନ

ବାସୁଦେବପୁର, ୨୨।୧୧ (ଡି.ଏନ.ଏ.)

ରାଜ୍ୟ କାୟାକଳ୍ପ ସମୀକ୍ଷା ଟିମ୍ ଶୁକ୍ରବାର ବାସୁଦେବପୁର ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଏହି ଟିମ୍ ଡାକ୍ତରଖାନା ପରିସରରେ ପହଞ୍ଚି ବିଭିନ୍ନ ବିଭାଗ ବୁଲି ଦେଖିବା ସହ ବାହ୍ୟ ଓ ଆଭ୍ୟନ୍ତରୀଣ ସ୍ୱଚ୍ଛତା ଅନୁଧ୍ୟାନ କରିଥିଲେ। ଟିମ୍‌ରେ ଏଚ୍‌ଆଇଭି ବିଭାଗର ଯୁଗ୍ମ ସଚିବ ଡା. ଅଞ୍ଜନା ପଣ୍ଡା, ଟିବି ବିଭାଗର ସଂଯୋଜକ ବି.କେ. ପଣ୍ଡା ଓ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପରାମର୍ଶଦାତା ତୃପ୍ତି ମିଶ୍ର ପ୍ରମୁଖ ସାମିଲ ଥିଲେ। ସେମାନେ ଡାକ୍ତରଖାନାର ସୁବିଧା ଅସୁବିଧା ଓ ସମସ୍ୟା ସମ୍ପର୍କରେ ରୋଗୀଙ୍କଠାରୁ ପଚାରି ବୁଝିଥିଲେ। ବିଶେଷ କରି ଡାକ୍ତରଖାନାର ବାହ୍ୟ ଓ ଆଭ୍ୟନ୍ତରୀଣ ପରିମଳ ବ୍ୟବସ୍ଥା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସୁଶାନ୍ତ ସାମନ୍ତ, ଜିଲା ଡିପିଏମ୍ ସରିତା ମହାପାତ୍ର, ଡାକ୍ତରଖାନା ବିପିଏମ୍ ଦୀପ୍ତିରଞ୍ଜନ ମଲିକ, ପ୍ରଦୀପ୍ତ କୁମାର ନାୟକ, ବିଡିଏମ୍ ଅଜିତ କୁମାର ମହାପାତ୍ର, ଗାଁ କଲ୍ୟାଣ ସମିତିର ଜିଲା ଅଧିକାରୀ ଅଭିଳାଷ ପାଣିଗ୍ରାହୀ, ପିଏଚ୍‌ଇଓ ଗୌରୀମଣି ସାହୁ ପ୍ରମୁଖ ଏହି କାୟାକଳ୍ପ ଟିମ୍‌କୁ ସହଯୋଗ କରିଥିଲେ।

### କ୍ଷୟକ୍ଷତି ଆକଳନ ଦାବି

ଭଣ୍ଡାରିପୋଖରୀ,୨୨।୧୧(ଡି.ଏନ.ଏ.)

ଭଣ୍ଡାରିପୋଖରୀ ତହସିଲ ଅଧୀନ ଅନେକ ପଞ୍ଚାୟତରେ ଚାଷୀ ବୁଲ୍‌ବୁଲ୍ ବାତ୍ୟାରେ କ୍ଷତି ସହିଥିବା ବେଳେ ସେମାନଙ୍କ ଚାଷଜମିର କ୍ଷୟକ୍ଷତି ଆକଳନ ହୋଇ ନ ଥିବା ଅଭିଯୋଗ କରିଛନ୍ତି। କୁରିଗାଁ, ସରସଦା, ଦକ୍ଷିଣବାଡ଼ ଓ ବାଲିପୋଖରୀ ପ୍ରମୁଖ ପଞ୍ଚାୟତର ଚାଷୀ ଶୁକ୍ରବାର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଭିଏଓଙ୍କୁ ଘେରି ଅସନ୍ତୋଷ ପ୍ରକାଶ କରିଥିଲେ। କ୍ଷତିଗ୍ରସ୍ତ, ଭାଗଚାଷୀ, ଭୂମିହୀନଙ୍କୁ ଚିହ୍ନଟ କରି ସହାୟତା ଯୋଗାଇ ଦେବାକୁ ସେମାନେ ତହସିଲଦାର ମୃତ୍ୟୁଞ୍ଜୟ ଭୁୟାଁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଜିଲା କଂଗ୍ରେସର ବିକ୍ଷୋଭ, ପ୍ରତିବାଦ ସଭା



ପ୍ରତିବାଦ ସଭାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ।

ଭଦ୍ରକ ଅଫିସ,୨୨।୧୧

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଦଳୀୟ କର୍ମୀ ଜିଲା କଂଗ୍ରେସ ଭବନରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିବାଦ ସଭାରେ ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ବହୁ ବରିଷ୍ଠ ନେତା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଗତ କିଛିବର୍ଷ ମଧ୍ୟରେ କେନ୍ଦ୍ରରେ ଏନ୍‌ଡିଏ ପରିଚାଳିତ ମୋଦି ସରକାର ଅମଳରେ ଅର୍ଥନୀତି ନିମ୍ନଗାମୀ ହେବାରେ ଲାଗିଛି। ରଣଭାର ବଢ଼ି ଚାଲିଥିବାବେଳେ ସବୁ କ୍ଷେତ୍ରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଛି। ବେକାରି ସମସ୍ୟା ବୃଦ୍ଧି ପାଉଥିବା ବେଳେ ତୈଳ ଦର ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ଦର ଆକାଶଛୁଆଁ। ଅପରପକ୍ଷେ ରାଜ୍ୟ ସରକାର କୃଷକଙ୍କ ସ୍ୱାର୍ଥ ପ୍ରତି ଆଖି ବୁଜି ଦେଇଥିବା କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଗତବର୍ଷ ଓ ଚଳିତବର୍ଷ ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ଼, ବୁଲ୍‌ବୁଲ୍ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ, ଜିଲାର ଚାଳଛପର ଘର ଥିବା ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ ଆଦି ଦାବି କରାଯାଇଛି।

ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତ, ଜିଲା ପର୍ଯ୍ୟବେକ୍ଷକ ଉମାବଲ୍ଲଭ ରଥ, ନେତ୍ରୀ ମଧୁସ୍ମିତା ସେଠୀ, ରାଜ୍ୟ ସମ୍ପାଦକ ଦେବରୂପ ମହାନ୍ତି, ନଳିନୀ ମହାନ୍ତି, ବିଦ୍ୟାଧର ସେଠୀ, ସୁବ୍ରତ ଦାସ, ଦିଗମ୍ବର ଦାସ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ସଭାନେତ୍ରୀ ସବିତା ଚନ୍ଦ, ବ୍ଲକ ସଭାପତି ପ୍ରଫୁଲ୍ଲ ସାମଲ, ବିକାଶ ସାମଲ, ଆଶିଷ ରାଉତ, ଶିବପ୍ରସାଦ ମହାନ୍ତି, ଅବଦୁଲ ମୋକିଦ ଖାଁ, ଅସରଫ ଅଲ୍ଲୀ ଖାଁ ଓ ଛାତ୍ର କଂଗ୍ରେସର ରାଜ୍ୟ ସଂଯୋଜକ ଅଭିଳାଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ମା ଦକ୍ଷିଣକାଳୀ ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁରେନ୍ଦ୍ର ମୁଦୁଲି, ପିତା: ଗଙ୍ଗାଧର ମୁଦୁଲି, ସା: ପୋଡ଼ାଙ୍ଗ, ପୋ: ତେଇଶିପୁର, ଭାୟା: ସାତଶଙ୍ଖ, ଜିଲ୍ଲା: ପୁରୀ, ଓଡ଼ିଶା। | ଜାମିନଦାର ଏବଂ ସମ୍ପତ୍ତି ମାଲିକ: ଶ୍ରୀ ନିରଞ୍ଜନ ପୃଷ୍ଟି, ପିତା: ରାମଚନ୍ଦ୍ର ପୃଷ୍ଟି ଏବଂ ଶ୍ରୀମତୀ ସ୍ୱର୍ଣ୍ଣଲତା ପୃଷ୍ଟି, ସ୍ୱାମୀ: ନିରଞ୍ଜନ ପୃଷ୍ଟି, ସା/ପୋ: ଖେଲାର, ଭାୟା: ବେରବୋଇ, ଜିଲ୍ଲା: ପୁରୀ, ଓଡ଼ିଶା। | ଶ୍ରୀ ନିରଞ୍ଜନ ପୃଷ୍ଟି, ପିତା: ରାମଚନ୍ଦ୍ର ପୃଷ୍ଟି ଏବଂ ଶ୍ରୀମତୀ ସ୍ୱର୍ଣ୍ଣଲତା ପୃଷ୍ଟି, ସ୍ୱାମୀ: ନିରଞ୍ଜନ ପୃଷ୍ଟିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ଖେଲାର, ତହସିଲ୍: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ମ୍ୟୁଟେଡ୍ ଖାତା ନଂ.: ୭୧୩/୧୯୩, ମ୍ୟୁଟେଡ୍ ପ୍ଲଟ ନଂ.: ୨୨୦, କ୍ଷେତ୍ର : ଏକର ୦.୩୩ ଡିସିମିଲ୍, କିସମ: ଘରବାଡି, ଚୌହଦୀ-ପୂର୍ବ: ଡେଲାଙ୍ଗ-ପିପିଲି ରୋଡ୍, ପଶ୍ଚିମ: ଗତିଆ ପାଇକରାୟ, ଉତ୍ତର: ବ୍ରଜବନ୍ଧୁ ସାମନ୍ତରାୟ, ଦକ୍ଷିଣ: ହେମକାନ୍ତ ସାହୁ। | ୧୨.୦୭.୨୦୧୯ | ୨୧.୧୧.୨୦୧୯ | ୧୦.୦୭.୨୦୧୯ ସୁଦ୍ଧା ଟ.୧୩,୬୮,୩୯୬/- ଏବଂ ତତ୍‌ପରବର୍ତ୍ତୀ ସୁଧ + ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| ଋଣଗ୍ରହୀତା: ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ମଞ୍ଜରୀ ଅଗ୍ରୱାଲ, ଉଭୟଙ୍କ ଠିକଣା-ଅକ୍ଷୟ ପାତ୍ର ଫାଉଣ୍ଡେସନ ସମ୍ମୁଖ, ଗ୍ରାଣ୍ଡ ରୋଡ୍, ପୁରୀ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ, ପିନ-୭୫୨୦୦୧। | ଜାମିନଦାର ଏବଂ ସମ୍ପତ୍ତି ମାଲିକ: ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ, ପିତା: ୰ ଶ୍ୟାମସୁନ୍ଦର ଅଗ୍ରୱାଲ, ଅକ୍ଷୟ ପାତ୍ର ଫାଉଣ୍ଡେସନ ସମ୍ମୁଖ, ଗ୍ରାଣ୍ଡ ରୋଡ୍, ପୁରୀ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ, ପିନ-୭୫୨୦୦୧। | ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ, ପିତା: ୰ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶ ବିଶେଷ ଯାହାର ଜିଲ୍ଲା: ପୁରୀ, ଡିଏସ୍‌ଆରଓ: ପୁରୀ, ଥାନା: ପୁରୀ ଟାଉନ୍, ୟୁନିଟ୍ ନଂ. ୨୫, ତହସିଲ୍: ପୁରୀ ସଦର, ନଂ.: ୬୬୫, ମୌଜା: ଗାନ୍ଧୀଘାଟ, ଖାତା ନଂ.: ୬୧, ପ୍ଲଟ ନଂ.: ୧୦, କିସମ: ଘରବାଡି-୧, କ୍ଷେତ୍ର : ଏକର ୦.୩୦୦ ଡିସିମିଲ୍‌ରୁ ଏକର ୦.୮୭.୫ ଡିସିମିଲ୍, ପରିବର୍ତ୍ତୀତ ସାବିକ ମୌଜା: ବାଲୁଖଣ୍ଡ-୧୦୮, ଖାସମାହଲ, ସାବିକ୍ ଜମାବନ୍ଦି ନଂ. ୮୦, ସାବିକ୍ ପ୍ଲଟ୍ ନଂ.: ୬୦୩, କ୍ଷେତ୍ର: ଏକର ୦.୦୩୦୮ ଡିସିମିଲ୍ (ଅଂଶ), ଅବିଭାଜିତ ଜମିରେ ବିକ୍ରିତ ଫ୍ଲାଟ୍‌ର ଏରିଆ: ମୋଟ କ୍ଷେତ୍ର ଏକର ୦.୦୮୭.୫ ଡିସିମିଲ୍‌ରୁ ଏକର ୦.୦୦୫.୮୩ ଡିସିମିଲ୍, ଯାହାକି ୨୫୪ ବର୍ଗ ଫୁଟ, ସାଧାରଣ ଫ୍ଲୋରିଙ୍ଗ ସହିତ ୬୦୮ ବର୍ଗଫୁଟରେ ୪ର୍ଥ ମହଲାରେ ଥିବା ଫ୍ଲାଟ୍ ନଂ. ୪୦୧। | ୨୫.୦୩.୨୦୧୯ | ୨୧.୧୧.୨୦୧୯ | ୧୫.୦୩.୨୦୧୯ ସୁଦ୍ଧା ଟ.୧୮,୪୦,୫୮୪/- ଏବଂ ତତ୍‌ପରବର୍ତ୍ତୀ ସୁଧ + ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ: ୨୨.୧୧.୨୦୧୯,
ସ୍ଥାନ: ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଭାଜପାର କେତେଜଣ ବରିଷ୍ଠ କେନ୍ଦ୍ରୀୟ ନେତା କର୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ବି.ଏସ୍. ୟେଦୁରାପ୍ପାଙ୍କୁ ହଟାଇବାକୁ ଚାହୁଁଛନ୍ତି।
-ଏଚ୍.ଡି. କୁମାରସ୍ୱାମୀ, ଜେଡିଏସ୍ ନେତା





ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ରୀୟ ମୁମ୍ବାଇର ନେହେରୁ ସେଣ୍ଟରରେ ହେବାକୁ ଥିବା ଏନ୍‌ସିପି-କଂଗ୍ରେସ ବୈଠକକୁ ଯାଉଛନ୍ତି।



ବୈଠକ ପରେ କଂଗ୍ରେସ ନେତା ଅହମଦ ପଟେଲ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

**ମହାରାଷ୍ଟ୍ର ରାଜନୀତିରେ ନୂଆ ମୋଡ଼**



କଂଗ୍ରେସ ଓ ଶିବସେନା ସହ ବୈଠକ ପରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଫେରୁଛନ୍ତି।



ବୈଠକରେ ଯୋଗଦେଇ ନେହେରୁ ସେଣ୍ଟରରୁ ଫେରୁଛନ୍ତି ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ।

# କାର୍ ରାଇଡ୍‌ରୁ ବଦଳିଥିଲା ସମୀକରଣ

ମୁମ୍ବାଇ/ନୂଆଦିଲ୍ଲୀ,୨୨।୧୧

ମହାରାଷ୍ଟ୍ରରେ ତିନୋଟି ଭିନ୍ନ ବିଚାରଧାରାର ଦଳର ମେଣ୍ଟକୁ ନେଇ ସରକାର ଗଢ଼ାଯିବା ପାଇଁ ସ୍ଥିର ହୋଇଛି। ଏହି ଅପ୍ରତ୍ୟାଶିତ ପଦକ୍ଷେପ ରାଜନୈତିକ ପର୍ଯ୍ୟବେକ୍ଷକ ଓ ଦିଲ୍ଲୀର ନେତାମାନଙ୍କୁ ବିସ୍ମିତ କରିଛି। ତେବେ ଏହି ବଡ଼ ରାଜନୈତିକ ଘଟଣାକ୍ରମ ପଛରେ ଦୁଇ ଶତ୍ରୁଙ୍କ କାର୍ ରାଇଡ୍ କାମ କରିଥିଲା ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଅକ୍ଟୋବର ୨୧ ବିଧାନସଭା ନିର୍ବାଚନର ଫଳ ୨୪ ତାରିଖ ଅପରାହ୍ନରେ ଆସିବା ପରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ପରିଭ୍ରମଣରେ ଘରୁ ବାହାରିଥିଲେ। ବାଟରେ ସେ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍‌ଙ୍କୁ ଭେଟିଥିଲେ। ଉଭୟେ ନିଜ ନିଜ ବାଟରେ ଯିବା ପୂର୍ବରୁ ଏକ କାର୍‌ରେ ବସି କିଛି କିଲୋମିଟର ଯାତ୍ରା କରିଥିଲେ। ଏଇଠୁ ଆରମ୍ଭ ହୋଇଥିଲା ଶିବସେନା ଓ ଏନ୍‌ସିପି ମଧ୍ୟରେ ଆଲୋଚନା। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ପାୱାରଙ୍କ ମଧ୍ୟରେ ଯୋଗସୂତ୍ରର ମାଧ୍ୟମ ପାଲଟିଥିଲେ ସଞ୍ଜୟ। ସେ ଦୁହିଙ୍କ କଥା ପରସ୍ପରକୁ ଏକାଧିକ ଥର ଭେଟି ଜଣାଉଥିଲେ। ଇତିମଧ୍ୟରେ ପାୱାର କୌଣସି ରାଜନୈତିକ ଖେଳରେ ଆଗ୍ରହୀ ନ ଥିବା ପ୍ରକାଶ କରିଥିଲେ। କିନ୍ତୁ ଏନ୍‌ସିପି ମୁଖପାତ୍ର ନୱାବ ମଲିକ କହିଥିଲେ, ପାୱାର ସାହେବ ଚାଣକ୍ୟଙ୍କୁ ଚେକ୍ ଦେଇଛନ୍ତି। ଅନେକ ରାଜ୍ୟରେ ଭାଜପାକୁ କ୍ଷମତାସୀନ କରାଇଥିବା ଦଳର ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଉଦ୍ଦେଶ୍ୟରେ ସେ ଏପରି କହିଥିଲେ। ଏନ୍‌ସିପି ମଙ୍ଗୁଆଳଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ଉଦ୍ଧବ ଶେଷରେ ଭାଜପା ସହ ତିନି ଦଶନ୍ଧି ପୁରୁଣା ସମ୍ପର୍କ ତୁଟାଇବା ପାଇଁ ଆଗକୁ ବଢ଼ିଥିଲେ। କିନ୍ତୁ ବିଚାରଧାରା ଦୃଷ୍ଟିରୁ ଏକ ବିରୋଧାଭାସ ଥିବା ଦଳ ସହ ମେଣ୍ଟ କରିବା ପାଇଁ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରଥମ ବୈଠକରେ ମନାକରିଦେବା ପରେ କେଁ ବାହାରିଥିଲା। ତେବେ କଂଗ୍ରେସ ବିଧାୟକମାନଙ୍କ ଚାପ ଓ ଏନ୍‌ସିପିର ବରିଷ୍ଠ ନେତାଙ୍କ ଉଦ୍ୟମ ନିଷ୍ପତ୍ତି ବଦଳାଇବା ପାଇଁ ସୋନିଆଙ୍କୁ ବାଧ୍ୟ କରିଥିଲା।

ସେପଟେ ଶିବସେନା ସହ ହାତ ନ ମିଳାଇଲେ କେତେଜଣ କଂଗ୍ରେସ ବିଧାୟକ ଦଳ ଛାଡ଼ିପାରନ୍ତି ବୋଲି ମହାରାଷ୍ଟ୍ରର କଂଗ୍ରେସ ନେତାମାନେ ସୋନିଆଙ୍କୁ ଚେତାଇଦେଇଥିଲେ। ସୋନିଆଙ୍କ ପ୍ରତିନିଧି ଅହମଦ ପଟେଲ, ମଲ୍ଲିକାର୍ଜୁନ ଖାର୍ଗେ ଏବଂ କେ.ସି. ବେଣୁଗୋପଳ ସମାନ ରିପୋର୍ଟ ହାଇକମାଣ୍ଡଙ୍କୁ ଦେଇଥିଲେ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମଧ୍ୟ ଜୟପୁରର ଏକ ହୋଟେଲରେ ଥିବା କଂଗ୍ରେସ ବିଧାୟକଙ୍କ ମନକଥା ସମ୍ପର୍କରେ ସୋନିଆଙ୍କୁ ଅବଗତ କରାଇଥିଲେ। ଇତିମଧ୍ୟରେ କର୍ନାଟକ ଭଳି ବିଫଳତାର ପୁନରାବୃତ୍ତି ଚାହୁଁ ନ ଥିବା କଂଗ୍ରେସ ନେତୃତ୍ୱ ମହାରାଷ୍ଟ୍ରରେ ଏପରି ଏକ ମେଣ୍ଟ ଗଢ଼ିବାକୁ ନିଷ୍ପତ୍ତି ନେଲେ, ଯାହାକି ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ (ସିଏମ୍‌ପି) ଉପରେ ଆଧାରିତ ହେବ। କ୍ଷମତା ଭାଗବଣ୍ଟା ଚୁକ୍ତି ଅନୁସାରେ ଶେଷରେ ସିଏମ୍‌ପି ଚିଠା ପ୍ରସ୍ତୁତ କରାଯାଇଛି।



**ଉଦ୍ଧବ-ପାୱାରଙ୍କ ଦୂତ ସାଜିଥିଲେ ସଞ୍ଜୟ**

## ଠାକ୍‌ରେ ପରିବାରରୁ ପ୍ରଥମ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୨।୧୧(ପି.ଟି.) : ମାସେ ତମାମ୍ ମହାରାଷ୍ଟ୍ର ରାଜନୈତିକ ଡ୍ରାମା ପରେ ଅଙ୍କ ଛିଣ୍ଡିଛି। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ସ୍ଥିର କରାଯାଇଛି। ଶିବସେନା ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ଅମଳରୁ ମହାରାଷ୍ଟ୍ର ରାଜନୀତିରେ ଠାକ୍‌ରେ ପରିବାର ନିଜର ପରାକାଷ୍ଠା ଦେଖାଇ ଆସିଛି। ଦଳର ନେତା ମନୋହର ଜୋଷୀ, ନାରାୟଣ ରାଣେ ମୁଖ୍ୟମନ୍ତ୍ରୀ ଥିବାବେଳେ ମଧ୍ୟ ଠାକ୍‌ରେ ପରିବାରର ଆଶୀର୍ବାଦ ଓ ସହଯୋଗ ଲୋଡ଼ିଥିଲେ। ଏବେ ପ୍ରଥମଥର ଲାଗି ପରିବାରରୁ ଜଣେ ସଦସ୍ୟ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଉଦ୍ଧବଙ୍କ ପୁଅ ଆଦିତ୍ୟ ଠାକ୍‌ରେ ପରିବାରର ପ୍ରଥମ ସଦସ୍ୟ ଭାବେ ମୁମ୍ବାଇର ୱର୍ଲି ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ତାଙ୍କୁ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ କରିବା ଲାଗି ଜୋର୍‌ଦାର ଲବି କରାଯାଇଥିଲା। ହେଲେ ସଂଖ୍ୟାର ଖେଳ ଓ ସହଯୋଗୀଙ୍କ ସମର୍ଥନ ପରେ ଉଦ୍ଧବଙ୍କ ସପକ୍ଷରେ ଜନମତ ରହିଲା।

## ‘୬ ମାସ ତିଷ୍ଠିବନି ସୁବିଧାବାଦୀ ମେଣ୍ଟ’

ରାଞ୍ଚି,୨୨।୧୧(ପି.ଟି.)



ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ମଧ୍ୟରେ ସୁବିଧାବାଦୀ ମେଣ୍ଟ ହୋଇଛି। ଏହା ୬ରୁ ୮ ମାସ ତିଷ୍ଠିବ ନାହିଁ ବୋଲି ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ସମାଲୋଚନା କରିଛନ୍ତି। ଝାଡ଼ଖଣ୍ଡରେ ନିର୍ବାଚନ ପ୍ରଚାର ବେଳେ ଏକ ସାକ୍ଷାତ୍‌କାରରେ ଗଡ଼କରୀ କହିଛନ୍ତି, ଭିନ୍ନ ଭିନ୍ନ ବିଚାରଧାରା ସମ୍ପନ୍ନ ଦଳଗୁଡ଼ିକୁ ନେଇ ମେଣ୍ଟ ଗଠନର ଉଦ୍ଦେଶ୍ୟ ହେଉଛି ଭାଜପାକୁ କ୍ଷମତାରୁ ଦୂରେଇ ରଖିବା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାର ଗଠନ ହେବା ନେଇ ସନ୍ଦେହ ରହିଛି। ଯଦି ବି ସରକାର ଗଢ଼ାହୁଏ, ତେବେ ଏହା ୬ରୁ ୮ ମାସ ଚାଲିପାରିବ ନାହିଁ ବୋଲି ଗଡ଼କରୀ କହିଛନ୍ତି।

## ମେଣ୍ଟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍

ନୂଆଦିଲ୍ଲୀ,୨୨।୧୧: ମହାରାଷ୍ଟ୍ରରେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ଗଠନ ହେବା ପୂର୍ବରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରାଯାଇଛି। ଭାଜପା କର୍ମୀ ସୁରେନ୍ଦ୍ର ବାହାଦୁର ସିଂଙ୍କ ପକ୍ଷରୁ ଦାଏର ପିଟିଶନରେ ଉଲ୍ଲେଖ କରାଯାଇଛି ଯେ, ବିଧାନସଭା ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟକୁ ଜନାଦେଶ ମିଳିଛି। କିନ୍ତୁ ରାଜ୍ୟବାସୀଙ୍କ ଜନାଦେଶ ବିରୋଧରେ ତିନି ରାଜନୈତିକ ଦଳ ମିଶି ସରକାର ଗଠନ କରିବାକୁ ବାହାରିଛନ୍ତି। ତେଣୁ ଏହି ଅପବିତ୍ର ମେଣ୍ଟକୁ ନିମନ୍ତ୍ରଣ ନ କରିବା ଲାଗି ସର୍ବୋଚ୍ଚ ଅଦାଲତ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ନିର୍ଦ୍ଦେଶ ଦିଅନ୍ତୁ।

## ଆଧାର ଆଇନରେ ସଂଶୋଧନ
# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୧୧(ପି.ଟି.)



ଆଧାର ଆଇନରେ ସଂଶୋଧନର ବୈଧତାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ପରିଚୟ ପ୍ରମାଣ ଲାଗି ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଯୋଗାଇଦେଉଥିବା ଆଧାର ତଥ୍ୟ ବ୍ୟବହାର ଲାଗି ଘରୋଇ ସଂସ୍ଥାଗୁଡ଼ିକୁ ଅନୁମତି ଦେବା ନିମନ୍ତେ କେନ୍ଦ୍ର ସରକାର ଆଇନରେ ସଂଶୋଧନ କରିଥିଲେ। ଏହି ସଂଶୋଧନର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଏନେଇ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ଏବଂ ବିଚାରପତି ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରିବା ସହ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ଏସ୍.ଜି. ଭୋମ୍ବାଟ୍‌କେରେ ଦାଏର କରିଥିବା ପିଟିଶନରେ ଦର୍ଶାଇଥିଲେ, ଆଧାର ଆଇନରେ କରାଯାଇଥିବା ସଂଶୋଧନ ସର୍ବୋଚ୍ଚ ଅଦାଲତଙ୍କ ପୂର୍ବ ରାୟର ଉଲ୍ଲଂଘନ କରୁଛି। ପୂର୍ବରୁ ୫ ଜଣିଆ ସାମ୍ବିଧାନିକ ପୀଠ ଆଧାର ଆଇନର ବୈଧତାକୁ କାଏମ ରଖିବା ସହ ଘରୋଇ ସଂସ୍ଥାଙ୍କୁ ଆଧାର ତଥ୍ୟ ବ୍ୟବହାର ଲାଗି ଅନୁମତି ଦିଆଯାଇପାରିବ ନାହିଁ ବୋଲି କହିଥିଲେ। ପରେ ସରକାର ଆଧାର ଆଇନରେ ସଂଶୋଧନ ଆଣି ଏହାକୁ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ମୋବାଇଲ ଫୋନ ସଂଯୋଗ ପାଇବା ପାଇଁ ବ୍ୟବହାର ନିମନ୍ତେ ଅନୁମତି ଦେଇଥିଲେ।

ସୂଚନାଯୋଗ୍ୟ ଆଧାର ଓ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୧୯କୁ କେତେକ ବିପକ୍ଷ ଦଳ ବିରୋଧ କରିବା ସତ୍ତ୍ୱେ ଗତ ଜୁଲାଇରେ ରାଜ୍ୟ ସଭାରେ ଏହା ବାଚନିକ ଭୋଟରେ ଗୃହୀତ ହୋଇଥିଲା। ଏହି ବିଲ୍‌କୁ ଲୋକ ସଭା ଜୁଲାଇ ୪ରେ ଅନୁମୋଦନ କରିଥିଲା।

## ୫ ବର୍ଷରେ ଉପସାଗରୀୟ ଅଞ୍ଚଳରେ
# ଗଲାଣି ୩୪ ହଜାର ଭାରତୀୟଙ୍କ ଜୀବନ

ହାଇଦ୍ରାବାଦ,୨୨।୧୧

**ସୌଦି ଆରବ, ୟୁଏଇରେ ସର୍ବାଧିକ**

ଉପସାଗରୀୟ ରାଷ୍ଟ୍ର କୁଏଟ୍, ସୌଦି ଆରବ, ବାହାରିନ୍, କାତାର, ଓମାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଦିନକୁ ହାରାହାରି ୧୫ ଭାରତୀୟ ପ୍ରାଣ ହରାଉଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୨୦୧୪ରୁ ଇତିମଧ୍ୟରେ ଅର୍ଥାତ୍ ୫ ବର୍ଷ ମଧ୍ୟରେ ଏହି ୬ଟି ଦେଶରେ ମୋଟ ୩୩,୯୮୮ ଭାରତୀୟଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ କେବଳ ତେଲଙ୍ଗାନାରୁ ୧୨୦୦ ଲୋକ ପ୍ରାଣ ହରାଇଥିବା ଜଣାପଡିଛି। ଗତବର୍ଷ ଉପସାଗରୀୟ ଅଞ୍ଚଳରେ ୪୮୨୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଲୋକ ସଭାରେ କଂଗ୍ରେସ ଏମ୍‌ପି ଏନ୍. ଉତ୍ତମ କୁମାର ରେଡ୍ଡୀଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ୍ ଉପରୋକ୍ତ ତଥ୍ୟ ଦେଇଥିଲେ। ସୌଦି ଆରବ ଏବଂ ୟୁଏଇରେ ସର୍ବାଧିକ ଭାରତୀୟଙ୍କ ମୃତ୍ୟୁ ଘଟିଛି।

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଉପସାଗରୀୟ ଅଞ୍ଚଳରେ ରହିଥିବା ପ୍ରବାସୀ ଭାରତୀୟଙ୍କଠାରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ୧୫,୦୫୧ଟି ଅଭିଯୋଗ ପାଇଛି। ଏଜେଣ୍ଟଙ୍କ ଦ୍ୱାରା ନିଯୁକ୍ତିରେ ଠକେଇକୁ ନେଇ ଅଧିକାଂଶ ଅଭିଯୋଗ ଆସିଥିବା ମୁରଲୀଧରନ କହିଛନ୍ତି। ବେତନ ନ ମିଳିବା, ଆଇନଗତ ଶ୍ରମ ଅଧିକାର ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ନ ମିଳିବା ଆଦି ଅଭିଯୋଗ ମଧ୍ୟ ମନ୍ତ୍ରଣାଳୟର ହସ୍ତଗତ ହୋଇଛି।

## ଇତିହାସର ଆଇନାରେ — ନଭେମ୍ବର ୨୩ର ପ୍ରମୁଖ ଘଟଣା

୧୯୭୮ ନଭେମ୍ବର ୨୩ରେ ଶ୍ରୀଲଙ୍କାରେ ଭୟଙ୍କର ବାତ୍ୟା ଦେଖାଦେଇଥିଲା। ଏହାର ପ୍ରଭାବରେ ପ୍ରାୟ ୧ ହଜାର ଲୋକ ପ୍ରାଣ ହରାଇଥିଲେ। ୧ ନିୟୁତରୁ ଅଧିକ ଲୋକ ଏହା ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ୨୪୦ ସ୍କୁଲ ବିଲ୍ଡିଂକୁ ମିଶାଇ ଅଢ଼େଇ ଲକ୍ଷ ଘର ଭାଙ୍ଗିଥିବାବେଳେ ଲକ୍ଷ ଲକ୍ଷ ଗଛ ଭାଙ୍ଗି ଚାରିଆଡ ଜଳଚର ହୋଇପଡ଼ିଥିଲା।

୨୦୦୬ ନଭେମ୍ବର ୨୩ରେ ଇରାକର ସଦର ସିଟିରେ ସିରିଜ୍ ବୋମା ବିସ୍ଫୋରଣ ହେବାରୁ ୨୧୫ ଜଣ ପ୍ରାଣ ହରାଇଥିଲେ। ଏଥିରେ ପ୍ରାୟ ୨୫୭ ଆହତ ହୋଇଥିଲେ। ମୋର୍ଟାର ଓ କାର୍ ବୋମା ବିସ୍ଫୋରଣ କରାଯାଇଥିଲା। ଏହା ପରେ ବାଗ୍‌ଦାଦ ସହରକୁ ୨୪ ଘଣ୍ଟିଆ ସଜାଗ ରଖାଯାଇଥିଲା ଓ ବିମାନ ଉଡ଼ାଣ ବନ୍ଦ କରାଯାଇଥିଲା।

# କଶ୍ମୀର ଗଲା ଯଶୱନ୍ତଙ୍କ ପ୍ରତିନିଧି ଦଳ

ଶ୍ରୀନଗର,୨୨।୧୧(ପି.ଟି.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କ ନେତୃତ୍ୱରେ ସିଭିଲ ସୋସାଇଟିର ଏକ ପ୍ରତିନିଧି ଦଳ ଶୁକ୍ରବାର କଶ୍ମୀରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ୧୦୦ ଦିନରୁ ଅଧିକ ସମୟ ଧରି ଉପତ୍ୟକାରେ ଦୋକାନ ବଜାର ବନ୍ଦ ରହିଥିବାବେଳେ ଜନସାଧାରଣ ସମ୍ମୁଖୀନ ହୋଇଥିବା ଆର୍ଥିକ କ୍ଷତିର ଆକଳନ କରିଛି ଉକ୍ତ ପ୍ରତିନିଧି ଦଳ। ଏହି ଟିମ୍‌ରେ ସିହ୍ନାଙ୍କ ବ୍ୟତୀତ ପୂର୍ବତନ ମୁଖ୍ୟ ସୂଚନା କମିଶନର ୱାଜହାତ୍ ହବିବୁଲ୍ଲା, ପୂର୍ବତନ ଏୟାର ଭାଇସ୍ ମାର୍ଶାଲ କପିଲ କାକ୍, ଖବରଦାତା ଭାରତ ଭୂଷଣ ଏବଂ ସୁଶୋଭ ଭାର୍ବେ ପ୍ରମୁଖ ରହିଛନ୍ତି।

ପୂର୍ବରୁ ଏହି ପ୍ରତିନିଧି ଦଳ କଶ୍ମୀର ଯିବା ପାଇଁ ଉଦ୍ୟମ କରିଥିଲେ ହେଁ ସେମାନଙ୍କୁ ବିମାନବନ୍ଦରରୁ ଫେରାଇ ଦିଆଯାଇଥିଲା। ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ପରେ ସେଠାର ସ୍ଥିତି ସମ୍ପର୍କରେ ଜାଣିବା ପ୍ରତିନିଧି ଦଳର ଉଦ୍ଦେଶ୍ୟ। କଶ୍ମୀରକୁ ନେଇ ସରକାର ଗୋଟିଏ ପ୍ରକାର ରିପୋର୍ଟ ଦେଉଥିଲାବେଳେ ବିଦେଶୀ ଗଣମାଧ୍ୟମ ଭିନ୍ନ ଖବର ପରିବେଷଣ କରୁଛନ୍ତି।

# ଇ-ସିଗାରେଟ ନିଷିଦ୍ଧ ବିଲ୍ ଲୋକ ସଭାରେ ଆଗତ

ନୂଆଦିଲ୍ଲୀ,୨୨।୧୧(ପି.ଟି.)

ଇ-ସିଗାରେଟ ଏବଂ ଅନୁରୂପ ସାମଗ୍ରୀ ଉତ୍ପାଦନ, ବିକ୍ରି ଓ ଆମଦାନୀ ବନ୍ଦ କରିବା ଲାଗି ଶୁକ୍ରବାର ଲୋକ ସଭାରେ ବିଲ୍ ଆଗତ ହୋଇଛି। ଇଲେକ୍ଟ୍ରୋନିକ୍ ସିଗାରେଟ ନିଷିଦ୍ଧ କରିବା ଲାଗି ସରକାର ନିକଟରେ ଅଧ୍ୟାଦେଶ ଜାରି କରିଥିଲେ। ଲୋକ ସଭାରେ ଅଣାଯାଇଥିବା ବିଲ୍ ଆଇନରେ ପରିଣତ ହେଲେ ତାହା ଅଧ୍ୟାଦେଶ ସ୍ଥାନରେ ଲାଗୁ ହେବ। ଇ-ସିଗାରେଟ ଜନସାଧାରଣ ବିଶେଷ କରି ଯୁବବର୍ଗଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବାରୁ ଏହାର ଉତ୍ପାଦନ, ଆମଦାନୀ, ଗଚ୍ଛିତ ରଖିବା ଏବଂ ବିକ୍ରିକୁ ନିଷିଦ୍ଧ କରିବା ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ଉକ୍ତ ଆଇନର ଉଲ୍ଲଂଘନ କଲେ ତିନିବର୍ଷ ଜେଲଦଣ୍ଡ ସାଙ୍ଗକୁ ଜରିମାନା ବ୍ୟବସ୍ଥା ରହିଛି।

**ଆସନ୍ତା ସପ୍ତାହରେ ଏସ୍‌ପିଜି ସଂଶୋଧନ ବିଲ୍**

ଆସନ୍ତା ସପ୍ତାହରେ ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ (ଏସ୍‌ପିଜି) ଆଇନ୍‌ରେ ସଂଶୋଧନ ନେଇ ଲୋକ ସଭାରେ ବିଲ୍ ଗୃହୀତ ହେବ ବୋଲି ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି। ଏସ୍‌ପିଜି କମାଣ୍ଡୋମାନେ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେଇଥାନ୍ତି। ଏହା ବ୍ୟତୀତ ବିପଦ ଆଶଙ୍କାକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ସେମାନଙ୍କ ପରିବାରକୁ କିଛିବର୍ଷ ପାଇଁ ଏହି ସୁରକ୍ଷା ମିଳିଥାଏ। ଏସ୍‌ପିଜି ଆଇନରେ ସଂଶୋଧନକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିସାରିଛି। ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କ ପରିବାରକୁ ଆଉ ଏସ୍‌ପିଜି ସୁରକ୍ଷା ମିଳିବ ନାହିଁ ବୋଲି ଜଣାପଡିଛି। ଗାନ୍ଧୀ ପରିବାରକୁ ୩ ଦଶନ୍ଧି ଧରି ମିଳୁଥିବା ଏସ୍‌ପିଜି ସୁରକ୍ଷା ବ୍ୟବସ୍ଥାକୁ ସରକାର ନିକଟରେ ପ୍ରତ୍ୟାହାର କରିନେଇଥିଲେ।

## ଇଲେକ୍ଟୋରାଲ ବଣ୍ଡ୍‌କୁ ବିରୋଧ ଜାରି
# ପାର୍ଲାମେଣ୍ଟ ପରିସରରେ କଂଗ୍ରେସର ବିକ୍ଷୋଭ

ନୂଆଦିଲ୍ଲୀ,୨୨।୧୧(ପି.ଟି.)




ପାର୍ଲାମେଣ୍ଟର ଉଭୟ ଗୃହରେ ଇଲେକ୍ଟୋରାଲ ବଣ୍ଡ୍‌କୁ ନେଇ ବିରୋଧ ଜାରି ରହିଛି। ଶୁକ୍ରବାର କଂଗ୍ରେସ ଦଳ ପକ୍ଷରୁ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ସରକାର ମିଛ କାରଖାନାରେ ପରିଣତ ହୋଇଛି ବୋଲି କଂଗ୍ରେସ ସମାଲୋଚନା କରିଛି। ଇଲେକ୍ଟୋରାଲ ବଣ୍ଡ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବତା ଭଙ୍ଗ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ସଂସଦ ଭବନ ପରିସରରେ ଅନୁଷ୍ଠିତ ବିକ୍ଷୋଭରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ, ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ବରିଷ୍ଠ ନେତା ମନୀଷ୍ ତିୱାରୀ, ଶଶୀ ଥରୁର, ଆନନ୍ଦ ଶର୍ମା ପ୍ରମୁଖ ସାମିଲ ହୋଇଥିଲେ।

ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନକୁ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବଂ ନିର୍ବାଚନ କମିଶନ (ଇସି)ର ବିରୋଧ ସତ୍ତ୍ୱେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ଇଲେକ୍ଟୋରାଲ ବଣ୍ଡ୍‌କୁ ନେଇ ରାଜନୀତି ଜୋର ଧରିଛି। ଅବଧି ଶେଷ ହୋଇଥିବା ବଣ୍ଡ୍ ବେଆଇନ ୱିଣ୍ଡୋରେ ବିକ୍ରି ହେଉଥିବାବେଳେ ତାହାକୁ ଗ୍ରହଣ କରିବା ଲାଗି ସରକାର ଏସ୍‌ବିଆଇ ଉପରେ ଚାପ ପକାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିବା ଦର୍ଶାଇ କଂଗ୍ରେସ ଦଳର ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ସରକାରଙ୍କୁ ମିଛର ଫ୍ୟାକ୍ଟ୍ରି ବୋଲି ଟୁଇଟ୍ କରିଛନ୍ତି। ୧୯୯୩ ମୁମ୍ବାଇ ବୋମା ବିସ୍ଫୋରଣର ଅଭିଯୁକ୍ତ ଇକ୍‌ବାଲ ମିର୍ଚ୍ଚିଙ୍କଠାରୁ ସମ୍ପତ୍ତି କିଣିଥିବା କମ୍ପାନୀ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଚଳାଇଛି। ଉକ୍ତ କମ୍ପାନୀଠାରୁ ଭାଜପା ଚାନ୍ଦା ସଂଗ୍ରହ କରିଥିବା କଂଗ୍ରେସ ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ସିପିଆଇ ମଧ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି।

କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ଶୁକ୍ରବାର ରାଜ୍ୟ ସଭାରେ ଇଲେକ୍ଟୋରାଲ ବଣ୍ଡ୍ ପ୍ରସଙ୍ଗ ଉଠାଇବାକୁ ଚାହିଁଥିଲେ ହେଁ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଏଥିପାଇଁ ଅନୁମତି ଦେଇ ନ ଥିଲେ। ନିୟମ ୨୬୭ ଅନୁଯାୟୀ ବିପକ୍ଷ ଦଳଗୁଡିକ ଏକାଧିକ ନୋଟିସ ଦେଇ ଅନ୍ୟ ସବୁ କାର୍ଯ୍ୟକୁ ପଛରେ ପକାଇ ବଣ୍ଡ୍ ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରିଥିଲେ। ନାଇଡୁ କହିଥିଲେ, ସେ ଏହି ପ୍ରସଙ୍ଗକୁ ଅନୁଧ୍ୟାନ କରିଛନ୍ତି। ଏହା ସେପରି ଗୁରୁତ୍ୱପୂର୍ଣ୍ଣ ହୋଇ ନ ଥିବାରୁ ଅନ୍ୟ କାର୍ଯ୍ୟକୁ ବନ୍ଦ କରି ଇଲେକ୍ଟୋରାଲ ବଣ୍ଡ୍ ପ୍ରସଙ୍ଗ ଆଲୋଚନା ନିମନ୍ତେ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସେ କହିଥିଲେ। ତେବେ ଅଧ୍ୟକ୍ଷଙ୍କ ଉତ୍ତରରେ ଅସନ୍ତୁଷ୍ଟ ସଦସ୍ୟମାନେ ଗୃହରେ ହୋ-ହଲ୍ଲା ଜାରି ରଖିଥିଲେ।

ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ରାଷ୍ଟ୍ରାୟତ୍ତ କମ୍ପାନୀ (ପିଏସ୍‌ୟୁ)ଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ପ୍ରସଙ୍ଗ ଉଠାଇ ଭାଜପା ନେତୃତ୍ୱାଧୀନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। କେତେକ ଘରୋଇ କମ୍ପାନୀଙ୍କୁ ସନ୍ତୁଷ୍ଟ କରିବା ଲାଗି ସରକାର ଲାଭଦାୟକ ପିଏସ୍‌ୟୁଗୁଡ଼ିକର ବିକ୍ରି କରିବା ଯୋଜନାରେ ଅଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।



ଇଣ୍ଡିଆନ୍ ଆଇଡଲ୍-୧୧ ବିଚାରପତି ପଦରୁ ଅନୁ ମଲିକ ହଟିବା ଏକ ଶୁଭ ଖବର। ଏଥିଲାଗି ସମର୍ଥକମାନଙ୍କୁ ମୋର ଧନ୍ୟବାଦ।

-ସୋନା ମହାପାତ୍ର,
ବଲିଉଡ୍ ଗାୟିକା

# ଗଛରେ ଫଳୁଛି ୪୦ ପ୍ରକାର ଫଳ



**ନ୍ୟୁୟର୍କ:** ଆଜିର ବିଜ୍ଞାନ ଯୁଗରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦ୍ୱାରା ଅନେକ ଅସମ୍ଭବକୁ ସମ୍ଭବ କରିହେଉଛି। ବୈଜ୍ଞାନିକମାନେ ରିସର୍ଚ୍ଚ କରିବା ସହ ବିଭିନ୍ନ ଟେକ୍ନିକ୍ ପ୍ରୟୋଗ କରି ବହୁ ଅବିଶ୍ୱସନୀୟ ଜିନିଷ ଖୋଜି ବାହାର କରିଛନ୍ତି। ଏହି କ୍ରମରେ ନ୍ୟୁୟର୍କ ସେରାକୁଜ୍ ୟୁନିଭର୍ସିଟିର ପ୍ରଫେସର ସାମ୍ ଭନ୍ ଏକିନ୍ ଏଭଳି ଏକ ଗଛର ଅନୁସନ୍ଧାନ କରିଛନ୍ତି, ଯେଉଁଥିରେ ୪୦ ପ୍ରକାର ଫଳ ଫଳୁଛି। କଥାଟି ବିଶ୍ୱାସଯୋଗ୍ୟ ହୋଇ ନ ଥିଲେ ବି ସତ। ଗୋଟିଏ ଗଛରେ କେବଳ ଗୋଟିଏ ପ୍ରକାର ଫଳ ହିଁ ଫଳିବ ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ଗ୍ରାଫ୍ଟିଙ୍ଗ୍ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଗୋଟିଏ ଗଛରେ ଏକାଧିକ ପ୍ରକାର ଫଳ ଫଳାଇବା ଭଳି ଅଦ୍ଭୁତ ସଫଳତା ହାସଲ କରିଛନ୍ତି ପ୍ରଫେସର୍ ସାମ୍। ଏହି ଗଛରେ ନାମ 'ଟ୍ରି ଅଫ୍ ୪୦' ଦିଆଯାଇଛି। ଏଥିରେ ବିଭିନ୍ନ ପ୍ରକାର କୋଳି ସହ ଦେଶୀଆଳୁ, ଆପ୍ରିକଟ୍ ଓ ଚେରୀ ଆଦି ୪୦ ପ୍ରକାର ଫଳ ଫଳୁଛି। ପ୍ରଫେସର ସାମ୍ ଜଣେ ଚାଷୀ ପରିବାରର ପିଲା ହୋଇଥିବାରୁ ଚାଷ କ୍ଷେତ୍ରରେ କିଛି ନୂଆ କରି ଦେଖାଇବା ପାଇଁ ପିଲାବେଳୁ ତାଙ୍କର ଦୃଢ଼ ଇଚ୍ଛା ଥିଲା। ସେ ଏହି 'ଟ୍ରି ଅଫ୍ ୪୦' ଗଛ ଉପରେ ୨୦୦୮ରୁ କାମ କରୁଛନ୍ତି। ଏ ସମ୍ପର୍କରେ ପ୍ରଫେସର ସାମ୍ କୁହନ୍ତି, ନ୍ୟୁୟର୍କର ଷ୍ଟେଟ୍ ଏଗ୍ରିକଲ୍‌ଚରାଲ୍ ଏକ୍ସପେରିମେଣ୍ଟ କରୁଥିବା ସମୟରେ ପାଖରେ ଥିବା ଏକ ବଗିଚା ଉପରେ ତାଙ୍କ ନଜର ପଡ଼ିଥିଲା। ସେହି ବଗିଚାରେ ବିଭିନ୍ନ ପ୍ରକାର ଫଳ ଗଛ ଲାଗିଥିଲା। ଫଣ୍ଡିଂ ଅଭାବରୁ ବଗିଚାଟି ଧ୍ୱଂସ ପ୍ରାୟ ହୋଇପଡ଼ିଥିବା ବେଳେ ସେଠାରେ କାମ କରୁଥିବା ମାଳୀ ମଧ୍ୟ କାମ ଛାଡ଼ି ଚାଲିଯାଇଥିଲେ। ତେବେ ପ୍ରଫେସର୍ ସାମ୍ ବଗିଚାଟିକୁ ଲିଜ୍ ସୂତ୍ରରେ ନେଇ ଗ୍ରାଫ୍ଟିଙ୍ଗ୍ ଟେକ୍ନିକ୍ ସାହାଯ୍ୟରେ ଗବେଷଣା ଆରମ୍ଭ କରିଥିଲେ।


# ଇତିହାସ ପାଲଟିବ 'ଗଧ'

**ନୂଆଦିଲ୍ଲୀ:** ନିର୍ବୁଦ୍ଧିଆ ପ୍ରାଣୀ ଭାବେ ଦୁର୍ନାମ ମୁଣ୍ଡାଇଛି ଗଧ। ଏପରି କି 'ଗଧ' ନାଁ ଶୁଣିଲେ ମନରେ ଭିନ୍ନ ଭାବନା ସୃଷ୍ଟି ହୁଏ। ଦୀର୍ଘଦିନ ଧରି ଆମ ସମସ୍ତଙ୍କ ମାନସିକସ୍ତରରେ ଏହି ପ୍ରାଣୀଙ୍କୁ ନେଇ ନକାରାତ୍ମକ ଭାବନା ପୂରାଇ ଦିଆଯାଇଛି। ହେଲେ ଏହା ବି ସତ ଯେ, ଗଧଙ୍କ ପାଇଁ ମାଲାମାଲ ହେଉଛି ପଡ଼ୋଶୀ ଚାଇନା। ଚାଇନାର ପାରମ୍ପରିକ ଔଷଧ ଉଦ୍ୟୋଗରେ ଗଧଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ସର୍ବାଧିକ ବ୍ୟବହାର କରାଯାଏ। ଏହି ଧାରା ଜାରି ରହିଲେ ମାତ୍ର କେଇ ବର୍ଷ ଭିତରେ ଗଧ ଇତିହାସ ପାଲଟିଯିବେ ବୋଲି ଆଶଙ୍କା ବ୍ୟକ୍ତ କଲେଣି ପ୍ରାଣୀପ୍ରେମୀ। ସାରା ଦୁନିଆରେ ଗଧଙ୍କ ସଂଖ୍ୟା ୪.୪ କୋଟି। ହେଲେ ଆଗାମୀ ୫ବର୍ଷ ଭିତରେ ଏହି ସଂଖ୍ୟା ଅଧା ହୋଇଯିବ। ଅନ୍ତର୍ଜାତୀୟସ୍ତରରେ ପ୍ରାଣୀଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରୁଥିବା ଚାରିଟି ସଂସ୍ଥା 'ଡଙ୍କି ସୋଂକ୍ଚୁଆରୀ' ପକ୍ଷରୁ ଏପରି ଆଶଙ୍କା ବ୍ୟକ୍ତ କରାଯାଇଛି। ସଂସ୍ଥା ପକ୍ଷରୁ ପ୍ରଦତ୍ତ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଚାଇନାର ପରମ୍ପରାଗତ ଔଷଧ ଶିଳ୍ପ ଗଧଙ୍କ ବିନା ଅସମ୍ଭବ। ଏଥିଲାଗି ବାର୍ଷିକ ୪୮ ଲକ୍ଷରୁ ଉର୍ଦ୍ଧ୍ୱ ଗଧଙ୍କ ଆବଶ୍ୟକତା ପଡୁଛି। ଏହି କାରଣରୁ ୩ ଦଶନ୍ଧି ମଧ୍ୟରେ ଚାଇନାରେ ଏହି ପ୍ରାଣୀଙ୍କ ସଂଖ୍ୟା ତିନିଚତୁର୍ଥାଂଶକୁ କମିଆସିଲାଣି। ତେଣୁ ସାରା ଦୁନିଆର ଗଧଙ୍କ ଉପରେ ଏବେ ପଡ଼ିଛି ଡ୍ରାଗନ ଆଖି। କେବଳ ଚାଇନା ନୁହେଁ, କେନିଆ, ଘାନା ଭଳି ଦେଶରେ ଏକଦା ବ୍ୟାପକ ପରିମାଣରେ ଗଧ ଦେଖାଯାଉଥିବାବେଳେ ଏବେ ସେମାନଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଲାଣି। ଲମ୍ବା ସମୟ ଧରି ଗଧମାନଙ୍କୁ ଅତି ଦୟନୀୟ ଭାବେ ଚାଲାଣ କରାଯାଉଛି। ବିନା ଖାଦ୍ୟ, ପାନୀୟରେ ଦୀର୍ଘଯାତ୍ରା ମଧ୍ୟରେ ସେମାନଙ୍କ ମଧ୍ୟରୁ ୨୦% ରାସ୍ତାରେ ହିଁ ମରିଯାଇଥାନ୍ତି। ଅଧିକାଂଶ ଖୁରାରେ ଗଭୀର ଆଘାତ ପାଇ ଯନ୍ତ୍ରଣାରେ କଲବଲ ହୋଇଥାନ୍ତି। ତଥାପି ସେମାନଙ୍କୁ ନିସ୍ତାର ମିଳେନାହିଁ। ଔଷଧ ପାଇଁ



ସେମାନଙ୍କୁ ନିର୍ଦ୍ଦୟ ଭାବେ ହତ୍ୟା କରାଯାଏ। ସଂସ୍ଥା ପକ୍ଷରୁ କୁହାଯାଇଛି, ଗଧକୁ ସବୁବେଳେ ଉପହାସ କରାଯାଉଛି। ହେଲେ କେତେକ ଦେଶ ଏପରି ପ୍ରାଣୀକୁ ହତ୍ୟାକରି ଭରପୂର ଲାଭ ଉଠାଉଛନ୍ତି। ଗଧ ସଂଖ୍ୟାରେ ଅଭିବୃଦ୍ଧି ଏବେ ଜରୁରୀ ହୋଇପଡ଼ିଛି। ହେଲେ ଏହାକୁ ଭରଣା କରିବାକୁ ହାରାହାରି ୨୦ବର୍ଷ ଲାଗିଯିବ। ଗଧଙ୍କ ପ୍ରଜନନ ଚକ୍ର ଅତି ମନ୍ଥର। ମାଈ ଗଧର ଗର୍ଭଧାରଣ କ୍ଷମତା ବର୍ଷେ। ସମୟ କ୍ରମେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇଥାଏ। ତେଣୁ ସେମାନଙ୍କ ସଂଖ୍ୟା ବୃଦ୍ଧି ଏବେକାର ସମୟରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଗଧ ବଂଶର ସୁରକ୍ଷା ପାଇଁ ୧୮ଟି ଦେଶରେ କଡ଼ା ନିୟମ ଲାଗୁ କରାଯାଇଛି। ଘାନା, ମାଲି ଭଳି ପଶ୍ଚିମ ଆଫ୍ରିକୀୟ ଦେଶରେ କଂସେଇଖାନା ବନ୍ଦ କରି ଦିଆଯାଇଛି। ତଥାପି ନିୟମ ଫାଙ୍କି ଗଧଙ୍କୁ ହତ୍ୟା କରାଯାଉଛି। ଏହା ଜାରି ରହିଲେ ଗଧଙ୍କ ଅସ୍ତିତ୍ୱ ଲୋପ ପାଇଯିବ ବୋଲି ସଂସ୍ଥା ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଉଛି।

# ସାମ୍ନାକୁ ଆସିଲେ ରାଖୀ ସାୱନ୍ତଙ୍କ ଝିଅ





**ମୁମ୍ବାଇ :** ନିଜର ଅଜବ୍ କାର୍ଯ୍ୟକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିବାକୁ ପସନ୍ଦ କରୁଥିବା ବଲିଉଡ୍‌ର ଡ୍ରାମା କୁଇନ୍ ରାଖୀ ସାୱନ୍ତ ଏବେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ବାହାହେବାର ୩ ମାସ ପରେ ତାଙ୍କ ଝିଅ ସାମ୍ନାକୁ ଆସିଛନ୍ତି। ହଠାତ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ବ୍ରିଟେନ୍ ବ୍ୟବସାୟୀ ରୀତେଶ୍‌ଙ୍କୁ ବିବାହ କରିଥିବା କିଛିମାସ ତଳେ ରାଖୀ କହିଥିଲେ। ରୀତେଶ୍‌ଙ୍କ ସହ କେବେ ଫଟୋ ଶେୟାର୍ କରି ନ ଥିବା ରାକ୍ଷୀ ଏବେ ସ୍ୱାମୀଙ୍କ ସହ ଲଣ୍ଡନରେ ରହୁଥିବା କହିଛନ୍ତି। ବେଶ୍ ଖୁସି ଅଛନ୍ତି ଓ ରୋଷେଇ ଶିଖୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ହେଲେ ଗୁରୁବାର ସେ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ନିଜ ୩ ମାସର ଝିଅକୁ ସାମ୍ନାକୁ ଆଣିଛନ୍ତି। ଝିଅଟି ମଧ୍ୟ ରାଖୀଙ୍କୁ ମମ୍ ବୋଲି ସମ୍ବୋଧନ କରୁଛି। ଏଥିରେ ନିଜ ଝିଅକୁ ଆଶୀର୍ବାଦ ଦେବା ଲାଗି ରାଖୀ ଫ୍ୟାନମାନଙ୍କୁ ଅନୁରୋଧ କରିଛନ୍ତି। ଏହାକୁ ନେଇ ରାଖୀଙ୍କୁ ଟ୍ରୋଲ୍ କରାଯାଇଛି। ପ୍ରକୃତରେ ସେ ଝିଅ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।


# ସନ୍ନିଙ୍କ ଫୁଟ୍‌ବଲ ପ୍ରେମ





**ମୁମ୍ବାଇ:** ବଲିଉଡ୍ ନାୟିକା ସନ୍ନି ଲିଓନ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରୁହନ୍ତି। ଫ୍ୟାନ୍‌ମାନଙ୍କ ସହ ଯୋଡ଼ିହୋଇ ରହିବାକୁ ସନ୍ନି ଇନ୍‌ଷ୍ଟାଗ୍ରାମରେ ନିଜର ଟିକିନିଖି ଅପ୍‌ଡେଟ୍ସ ଦେଇଥାନ୍ତି। ଏହି କ୍ରମରେ ଏକ ନୂଆ ଭିଡିଓ ସନ୍ନି ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଶେୟାର କରିଛନ୍ତି, ଯାହା ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ଲକ୍ଷ ଲକ୍ଷ ଲୋକ ଏହାକୁ ଦେଖି ଲାଇକ୍ ଏବଂ କମେଣ୍ଟ କରୁଛନ୍ତି। ଏହି କାରଣରୁ ସୋସିଆଲ୍ ମିଡିଆରେ ଏବେ ସନ୍ନି ରହିଛନ୍ତି ଚର୍ଚ୍ଚାରେ। ତାଙ୍କ ଏହି ଭିଡିଓରେ ସେ ଫୁଟ୍‌ବଲ୍ ଖେଳୁଥିବା ଦେଖିବାକୁ ମିଳିଛି। ତାଙ୍କର ଫୁଟ୍‌ବଲ ସଉକ୍ ବି ରହିଛି, ସେନେଇ ଫ୍ୟାନ୍‌ମାନେ କେବେ ଚିନ୍ତା ବି କରି ନ ଥିବେ। ଭିଡିଓରେ ସେ ଜଣେ ଅନୁଭବୀ ଖେଳାଳି ଭଳି ଜଣାପଡୁଛନ୍ତି। ସନ୍ନିଙ୍କ ଏହି ଲୁକ୍କାୟିତ ପ୍ରତିଭାକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିବା ସହ ତାଙ୍କର ପ୍ରଶଂସା ମଧ୍ୟ କରିଛନ୍ତି। ତେବେ ବର୍ତ୍ତମାନ ସେ ଆବୁଧାବିରେ ଅଛନ୍ତି ଏବଂ ଟି-୧୦ ଲିଗ୍ ପାଇଁ ଦିଲ୍ଲୀ ବୁଲ୍‌ସ ଟିମ୍‌ର ପ୍ରମୋଶନ କରୁଛନ୍ତି। ଏହି ଭିଡିଓରେ ସେ ଦିଲ୍ଲୀ ବୁଲ୍‌ସଙ୍କ ଜର୍ସି ସହ ଡେନିମ୍ ସ୍କର୍ଟ ପିନ୍ଧି ଫୁଟବଲ୍ ଖେଳୁଥିବା ଦେଖିବାକୁ ମିଳିଛି। ଟି-୧୦ ଲିଗ୍‌ରେ ଦିଲ୍ଲୀ ବୁଲ୍‌ସ ଟିମ୍ ସନ୍ନି ଲିଓନଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କରିଛି। ଅନ୍ୟପକ୍ଷରେ ସନ୍ନି ଆଜିକାଲି ଏମ୍‌ଟିଭିର ଏକ ପପୁଲାର୍ ଟିଭି ଶୋ ହୋଷ୍ଟ କରୁଛନ୍ତି। ୨୦୧୨ରେ ପୂଜା ଭଟ୍ଟଙ୍କ ଫିଲ୍ମ 'ଜିସ୍‌ମ ୨'ରୁ ସେ ବଲିଉଡରେ ଡେବ୍ୟୁ କରିଥିଲେ।

# ସୁନାର ୫୦ ତୁଳସୀପତ୍ର ଚଢ଼ାଇଲେ ଶ୍ରଦ୍ଧାଳୁ



**ବିଶାଖାପାଟଣା:** ଭଗବାନଙ୍କ ନିକଟରେ ନିଜର ଭକ୍ତି ଓ ଆସ୍ଥାକୁ ଲୋକେ ବିଭିନ୍ନ ଉପାୟରେ ପ୍ରକାଶ କରିଥାନ୍ତି। ଅନେକ ଲୋକ ମନ୍ଦିରରେ ଦାନ କରି ଶାନ୍ତି ମଧ୍ୟ ଲାଭ କରନ୍ତି। ନିଜ କ୍ଷମତା ଅନୁଯାୟୀ ଲୋକେ ବସ୍ତ୍ର, ଟଙ୍କା ଏବଂ ସୁନା ରୁପା ଅଳଙ୍କାର ଆକାରରେ ଦାନ କରିଥାନ୍ତି। ଆନ୍ଧ୍ର ପ୍ରଦେଶର ତିରୁପତି ମନ୍ଦିରରେ ଲୋକେ ସର୍ବାଧିକ ସୁନା ଗହଣା ଦାନ କରୁଥିବାବେଳେ ସିହ୍ମାଚଳମ୍‌ସ୍ଥିତ ବରାହ ଲକ୍ଷ୍ମୀ ନରସିହ୍ମା ମନ୍ଦିର ମଧ୍ୟ ଦାନଧର୍ମ ପାଇଁ ପ୍ରସିଦ୍ଧ। ହେଲେ ଜଣେ ଶ୍ରଦ୍ଧାଳୁ ସୁନାରେ ନିର୍ମିତ ୫୦ଟି ତୁଳସୀପତ୍ର ଚଢ଼ାଇ ନିଜର ଭକ୍ତି ଅର୍ପଣ କରିବା ବିଷୟ ଏବେ ଚର୍ଚ୍ଚା ପରିସରକୁ ଆସିଛନ୍ତି। ସେ ୨୫ ଲକ୍ଷ ଟଙ୍କାରେ ଏହି ସୁନାର ତୁଳସୀପତ୍ର କରିଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ସେ ଏହି ମନ୍ଦିରକୁ ଏକ ତାମ୍ରରେ ନିର୍ମିତ ଏକ ଗରୁଡ଼ ଯାନ ଦାନ କରିଛନ୍ତି। ଏହି ମନ୍ଦିର ବହୁ ପ୍ରସିଦ୍ଧ ହୋଇଥିବାବେଳେ ଭଗବାନ ବିଷ୍ଣୁ ଏଠାରେ ବରାହ ନରସିହ୍ମାଭାବେ ପୂଜା ପାଇଥାନ୍ତି।

# ନୋ କଣ୍ଡୋମ୍‌ସ୍ ପ୍ଲିଜ୍





## ଲାଜେଇଗଲେ ଅଭିନେତା

**ମୁମ୍ବାଇ :** ବଲିଉଡ୍‌ରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିବା ଅଭିନେତା ଭିକି କୌଶଲ ଏବେ ଚର୍ଚ୍ଚାରେ ଅଛନ୍ତି। ବଲିଉଡ୍ ହିଟ୍‌ଫିଲ୍ମ 'ଉରି' ଓ 'ରାଜି'ରେ ଚମତ୍କାର ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ମନ ଜିଣିନେଇଛନ୍ତି। ବଲିଉଡ୍‌ରେ ତାଙ୍କୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନାହିଁ। କେତେବେଳେ ଭଲ ଆକ୍ଟିଂକୁ ନେଇ ତ ପୁଣି କେତେବେଳେ ଲଭ୍ ଆଫେୟାର୍ସକୁ ନେଇ। ତନୁପାତଳୀ କାଟ୍ରିନା କୈଫ୍‌ଙ୍କ ସହ ଆଫେୟାର୍ସକୁ ନେଇ ଭିକି ହେଡ୍‌ଲାଇନ୍ସରେ ରହିଛନ୍ତି। ଏବେ ପୁଣି କଣ୍ଡୋମ୍‌ସ ସହ ଜଡ଼ିତ ଏକ ଫିଲ୍ମରେ କାମ କରିବା ଲାଗି ମନା କରିବାରୁ ସେ ଚର୍ଚ୍ଚାକୁ ଆସିଛନ୍ତି। ଲାଜକୁଳା ସ୍ୱଭାବର ଭିକି 'ନୋ କଣ୍ଡୋମ୍‌ସ୍ ପ୍ଲିଜ୍' କହି ଏହି ଫିଲ୍ମରୁ ମୁହଁ ଫେରାଇ ଦେଇଛନ୍ତି। ସନ୍ନି ଏଣ୍ଟରଟେନ୍‌ମେଣ୍ଟ ଟେଲିଭିଜନ ପକ୍ଷରୁ ଭିକିଙ୍କୁ ଏହି ଅଫର୍ ଦିଆଯାଇଥିଲା। ହେଲେ ସେ ସଫା ସଫା କଣ୍ଡୋମ୍‌ସ୍ ସହ ଜଡ଼ିତ କୌଣସି ଫିଲ୍ମରେ କାମ କରିବାକୁ ଚାହୁଁ ନ ଥିବା କହିଥିଲେ। ପ୍ରକାଶଥାଉ କି, ଭୂତ୍ ପାର୍ଟ-୧, ଦ ହଣ୍ଟେଡ୍ ଶିପ୍, ସର୍ଦ୍ଦାର୍ ଉଦ୍ଧମ ସିଂ ଓ ମାନେକ୍ ଶ' ଭଳି ଅନେକ ଫିଲ୍ମରେ ଭିକି ବ୍ୟସ୍ତ ଅଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ୨୩ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ଡିସେମ୍ବର ୨୯ରୁ ମା' ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ

**ଖଇରା, ୨୨।୧୧(ଡି.ଏନ.ଏ.):** ପ୍ରତ୍ୟେକ ବର୍ଷ ପରି ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳପଡିଆରେ ଡିସେମ୍ବର ୨୯ ତାରିଖରୁ ମା' ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିରାଦେବୀ ସ୍ପୋର୍ଟ୍ସ ଆସୋସିଏଶନର ସଭାପତି ବିଷ୍ଣୁମୋହନ ମୁଦୁଲି ପୌରୋହିତ୍ୟ କରିଥିଲେ। ସମ୍ପାଦକ ଭୀମସେନ ଧାଉଁଡିଆ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଚଳିତବର୍ଷ ଖେଳ ୨୫ବର୍ଷରେ ପଦାର୍ପଣ କରିଥିବାରୁ ଏହାକୁ ଆଡମ୍ବରରେ ପାଳନ କରିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ଗୋପାଳ ପଣ୍ଡା, ଶରତ ପରିଡା, ସୁଧାଂଶୁ ମୁଦୁଲି, ଦୀପକ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

**ରୂପ୍‌ସା,୨୨।୧୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଝୋଟକଳ ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବୈଶିଙ୍ଗା-ରୂପ୍‌ସା ରାସ୍ତାରେ ଝୋଟକଳଠାରେ ତାହାରପୁର ଗ୍ରାମର ଟୁନା ମାଝି ଓ ବାଙ୍ଗରା ଦାସ ବାଇକ୍ ଯୋଗେ ଆସୁଥିଲେ। ଏହି ସମୟରେ ଜାମୁନିଆ ଗ୍ରାମର ଡ୍ରାଇଭର ଅର୍ଜୁନ ମହାନ୍ତି ଟାଟାଏସିଇ ଭ୍ୟାନ୍ ନେଇ ଯାଉଥିବାବେଳେ ଏକ ଡମ୍ଫର ସହ ଧକ୍କା ହୋଇଥିଲା। ଫଳରେ ଭ୍ୟାନ୍ ଡ୍ରାଇଭରଙ୍କ ସମେତ ୨ ବାଇକ୍ ଆରୋହୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗୁରୁତର ଆହତ ଟୁନା ମାଝିଙ୍କୁ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି।

### ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଗଣଧାରଣା



**ଜଳେଶ୍ୱର, ୨୨।୧୧:** ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗତ ଲଘୁଚାପ ଜନିତ ବର୍ଷା 'ବୁଲ୍‌ବୁଲ୍'ରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ପ୍ରଦାନ ପାଇଁ ଭାଜପା ପକ୍ଷରୁ ଜଳେଶ୍ୱର ବ୍ଲକ ସମ୍ମୁଖରେ ଗଣଧାରଣା ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଅରୁଣ କୁମାର ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଭାଜପା ନେତା ବାଣୀଦାସ ମହାପାତ୍ର, ପ୍ରଦୀପ କୁମାର ମହାନ୍ତି, ଗଦାଧର ସିଂ, ଲକ୍ଷ୍ମୀନାରାୟଣ ପ୍ରଧାନ, ପରେଶ ଚନ୍ଦ୍ର ଘୋଷ, ସୁଶୀଲ କୁମାର ପ୍ରଧାନ, ବିଜୟ ହେମ୍ବ୍ରମ, ଅରୁଣ ମହାନ୍ତି, ରମେଶ ଚନ୍ଦ୍ର ଧଳ, ଦିନବନ୍ଧୁ ମଲ୍ଲିକ, ସଞ୍ଜୟ ଦାସ ପ୍ରମୁଖ ନେତୃବୃନ୍ଦ ଉଦ୍‌ବୋଧନ ଦେଇ ଜଳେଶ୍ୱର ବ୍ଲକକୁ କେନ୍ଦ୍ରୀୟ ଅନୁଧାନ ଟିମ୍ ନ ଆସିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଟାଳଟୁଳ ନୀତିକୁ ସମାଲୋଚନା କରିଥିଲେ। ରାଜ୍ୟ ସରକାର ବାର୍ଦ୍ଧକ୍ୟ, ବିଧବା, କଳାକାର ଆଦି ଭତ୍ତା ପ୍ରଦାନ କରୁଥିବା ବେଳେ କୃଷକ ଭତ୍ତା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଥିଲେ। ପରେ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ନିତ୍ୟାନନ୍ଦ ସାହୁଙ୍କ ଜରିଆରେ ପ୍ରଦାନ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ରୂପ୍‌ସା, ୨୨।୧୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାହାର ଗ୍ରାମର ଧର୍ମପରାୟଣା ମହିଳା ବାସନ୍ତୀ ସାହୁଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୪ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଯକୃତ ଜନିତ ରୋଗରେ ପୀଡ଼ିତ ଥିଲେ। ଦରିଦ୍ର ଲୋକଙ୍କ ସେବାରେ ନିଜ ଜୀବନକୁ ସେ ଉତ୍ସର୍ଗ କରି ସମଗ୍ର ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଥିଲେ।

# ଋଣ ଦେବା ନାଁରେ ୧.୪୦ଲକ୍ଷ ହଡ଼ପ

## ଥାନାର ଦ୍ୱାରସ୍ଥ ହେଲେ ମହିଳା

**ରୂପ୍‌ସା, ୨୨।୧୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଆଘିରିଆ ଗ୍ରାମରେ ଋଣ ଦେବା ନାମରେ ଏକ ଫାଇନାନ୍ସ ସଂସ୍ଥାର ଅଧିକାରୀ ୧ଲକ୍ଷ ୪୦ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଠକେଇର ଶିକାର ହୋଇଥିବା ମହିଳା ଝରଣା ବାରିକ, ମାଳତୀ ଦାସ, ଅର୍ଚ୍ଚନା ଜେନା, ପ୍ରମିଳା ଗିରି, ରଞ୍ଜିତା ଦାସ, ସୁମତୀ ଦାସ, ସରିତା ଜେନା ପ୍ରମୁଖ ଥାନାଧିକାରୀ ସୁଚନ୍ଦ୍ର ମହାଲିକଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।



ଥାନା ସମ୍ମୁଖରେ ଅଭିଯୋଗକାରୀ ମହିଳା।

ଖୋର୍ଦ୍ଧା ଜିଲା ବାଲିଗ୍ରାମର ଯୁବକ ସୌରଭ ମିଶ୍ର ଗତ ୫ତାରିଖରେ ଆଘିରିଆ ଗ୍ରାମକୁ ଆସିଥିଲେ। ଗ୍ରାମର ମହିଳାଙ୍କୁ ଡାକି ଏକ ବୈଠକ କରାଇ ନିଜକୁ ଏକ ଫାଇନାନ୍ସ ସଂସ୍ଥାର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ସମସ୍ତଙ୍କୁ ୧୦ଦିନ ମଧ୍ୟରେ ୫୦ହଜାର ଟଙ୍କାର ଋଣ ପ୍ରଦାନ କରାଯିବ ବୋଲି କହି ବିଶ୍ୱାସ ଜନ୍ମାଇଥିଲେ। ପ୍ରତିବଦଳରେ ଜଣ ପ୍ରତି ୨ହଜାର ଟଙ୍କା ଲେଖାଏଁ ଦେବାକୁ ପଡ଼ିବ ବୋଲି ସେ କହିବାରୁ ଏଥିରେ ସମସ୍ତେ ରାଜି ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ସୌରଭ ୪୦ଜଣ ମହିଳାଙ୍କଠାରୁ ୮୦ହଜାର ଟଙ୍କା ନେଇଥିବା ବେଳେ ସେହି ଗ୍ରାମର ହରିହର କାମିଲାଙ୍କଠାରୁ ୬୦ହଜାର ଟଙ୍କା ନେଇ ବ୍ୟକ୍ତିଗତ ଭାବେ ମୋଟା ଅଙ୍କର ଋଣ ଦେବେ କହି ପଳାଇଥିଲେ। ୧୦ଦିନ ବିତିଯିବା ପରେ ମହିଳାମାନେ ମୋବାଇଲରେ ତାଙ୍କ ସହ ଋଣ ବାବଦରେ କଥାବାର୍ତ୍ତା ହେବାରୁ ସେ ଗାଳିଗୁଲଜ କରିଥିବା ଏତଲାରେ ଉଲ୍ଲେଖ ରହିଛି। ପୁଣି ସୌରଭ ୧୬ତାରିଖରେ ଗାଁରେ ପହଞ୍ଚି ଆଉ କିଏ ଋଣ ନେବେ କହି ୨ହଜାର ଟଙ୍କା ଲେଖାଏଁ ଦେବାକୁ କହିଥିଲେ। ଗ୍ରାମର ମହିଳାମାନେ ଏକଜୁଟ୍ ହେବା କ୍ଷଣି ସେ କୌଶଳକ୍ରମେ ଖସି ପଳାଇଥିଲେ। ତେବେ ଚିଟ୍‌ଫଣ୍ଡ ଓ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥା ସହର ଓ ଗ୍ରାମାଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଉଥିଲେ ହେଁ ଏ ଦିଗରେ ଜନସାଧାରଣ ସଚେତନ ନ ହେବା ଚର୍ଚ୍ଚା ସବୁଠି ହେଉଛି। ଅପରପକ୍ଷରେ ବିଭିନ୍ନ ଫାଇନାନ୍ସ ସଂସ୍ଥା ଗାଁ, ସହରରେ ପ୍ରବେଶ କରୁଥିବା ପ୍ରଶାସନ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି।

## ଡାକ୍ତର ପଦବୀ ପୂରଣ ଦାବିରେ ଧାରଣା

**ସୋର, ୨୨।୧୧(ଡି.ଏନ୍.ଏ.)**

ସୋର ସିଏଚ୍‌ସିରେ ଏବେ ଡାକ୍ତରଙ୍କ ପଦବୀ ଖାଲି ପଡିଥିବା ବେଳେ ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି। ସୋର ସମେତ ୭ଟି ବ୍ଲକର ଲକ୍ଷାଧିକ ରୋଗୀ ଏହି କେନ୍ଦ୍ର ଉପରେ ନିର୍ଭରଶୀଳ। ଏଠାରେ ୮ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୨ ଜଣ ନିୟମିତ ଡାକ୍ତରଙ୍କୁ ନେଇ ଚିକିତ୍ସା ସେବା ଚାଲିଛି। ଏଥିସହ ନିରାମୟ ଯୋଜନାରେ ମାଗଣାରେ ମିଳୁଥିବା ଔଷଧ ଠିକ୍ ଭାବେ ଲୋକଙ୍କ ପାଖରେ ଉପଲବ୍ଧ ହେଉନି। ଏହାର ପ୍ରତିବାଦ କରି ଶୁକ୍ରବାର ସୋର ଭାଜପା ପକ୍ଷରୁ ଶତାଧିକ କର୍ମୀ ଡାକ୍ତରଖାନା ସାମ୍ନାରେ ଗଣଧାରଣାରେ ବସିଥିଲେ। ସୋର ତହସିଲଦାର ଦେବୀପ୍ରସାଦ ଦାଶ ଧାରଣାକାରୀଙ୍କୁ ଭେଟି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ କଥା ହୋଇ ୭ ଦିନ ମଧ୍ୟରେ ଏହାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିଲା ଉପସଭାପତି ଈଶ୍ୱର ଚନ୍ଦ୍ର ବେହେରା, ମୃତ୍ୟୁଞ୍ଜୟ ଜେନା, ସଂଗ୍ରାମ କେଶରୀ ମହାପାତ୍ର, ମାଧବ ଧଡା , ଭଜହରି ପୃଷ୍ଟି, ସଞ୍ଜୀବ ରାଉଳ, ପୁରଞ୍ଜନ ପଣ୍ଡା ପ୍ରମୁଖ ଏହି ଧାରଣାର ନେତୃତ୍ୱ ନେଇଥିଲେ।




ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ଶୋଭାଯାତ୍ରା।

## ଜାତୀୟ ଶିକ୍ଷାନୀତି ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୨୨।୧୧**

ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ପୁଷ୍ଟିହୀନତା ଦୂରୀକରଣ, ଗର୍ଭବତୀ ଓ ପ୍ରସୂତିଙ୍କର ପୁଷ୍ଟିହୀନତା ଦୂରୀକରଣ ଓ ପ୍ରସୂତିକାଳୀନ ମୃତ୍ୟୁହାର ହ୍ରାସ କରିବାର ଗୁରୁଦାୟିତ୍ୱ ବହନ କରିଆସିଥିବା ଆଇସିଡିଏସ୍‌କୁ ବନ୍ଦ କରିବା ପାଇଁ ଜାତୀୟ ଶିକ୍ଷାନୀତି–୨୦୧୯ରେ ପ୍ରସ୍ତାବ ରହିଥିବାରୁ ବାଲେଶ୍ୱର ଜିଲା ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ଶୁକ୍ରବାର ପୂର୍ବାହ୍ନରେ ଷ୍ଟେଶନ ଛକ ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି।

ସଂଘର ଜିଲା ସଭାନେତ୍ରୀ ପ୍ରତିଭା ପାଲ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ଜେନା ଉଦ୍‌ବୋଧନ ଦେଇ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ଜିଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ ଦାବି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସମାଧାନ ହୋଇ ନ ଥିବା ଅଭିଯୋଗ କରିଥିଲେ। ସମାବେଶରେ ସୁଷମା ପାତ୍ର, ଶାନ୍ତିପ୍ରିୟା ଜେନା, ଅନ୍ନପୂର୍ଣ୍ଣା ପ୍ରଧାନ, ପୂର୍ଣ୍ଣିମା ଦେ, ଅନୁପମା ଗିରି, ନିଶାମଣି ନାୟକ, ଲକ୍ଷ୍ମୀପ୍ରିୟା ମିଶ୍ର, ଜିତାରାଣୀ ସିଂ, ମିନତି ଆଚାର୍ଯ୍ୟ, ରିଙ୍କି ହାଲଦାର, ପ୍ରତିଭା ନାୟକ, ମନୋରମା ପରିଡ଼ା, ମମତା ଦାସମହାପାତ୍ର, ସୁଜାତା ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର୍ ଆଣ୍ଡ ବିଲ୍ଡିଂ କନଷ୍ଟ୍ରକଶନ୍ ୱାର୍କର୍ସ ୟୁନିୟନ ପକ୍ଷରୁ ତପନ କୁମାର ସିଟ୍ ଏବଂ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ମୋହିନୀମୋହନ ପରିଡ଼ା ଏବଂ ଅଭିରାମ ବାରିକ ଏହି ଆନ୍ଦୋଳନକୁ ସମର୍ଥନ କରି ବକ୍ତବ୍ୟ ଦେଇଥିଲେ।

## 'ପରିବେଶ ସୁରକ୍ଷା ସମତି' ପକ୍ଷରୁ ସ୍ମାରକପତ୍ର

**ବାଲେଶ୍ୱର ଅଫିସ,୨୨।୧୧:** ବିଶ୍ୱରେ ପ୍ରଦୂଷଣ ଜନିତ ସମସ୍ୟା ପାଇଁ ଜୀବଜଗତର ସ୍ଥିତି ଆଜି ସଙ୍କଟାପନ୍ନ। ରାଜ୍ୟରେ ଅତି ପ୍ରଦୂଷିତ ସହର ମଧ୍ୟରେ ବାଲେଶ୍ୱର ରହିଛି। ସହରର ଚର୍ତୁର୍ଦ୍ଦିଗରେ ସବୁଜିମା, ବଳଙ୍ଗ ନଦୀ ଓ ବିଭିନ୍ନ ଜଳଭଣ୍ଡାର ପରିବେଷ୍ଟିତ ଥିଲା ବେଳେ ସହର ଠାରୁ ଅନତି ଦୂରରେ ବେଆଇନ ଚିମ୍‌ନୀ ଇଟାଭାଟି, ପାଖ ଇଲାକାରେ ଥିବା କଳକାରଖାନାରୁ ନିର୍ଗତ ଧୂଆଁ, ପଡ଼ି ରହୁଥିବା କୁଡ଼ କୁଡ଼ ଆବର୍ଜନା ଓ ଗାର୍ବେଜ ଡ଼ମ୍ପିୟାର୍ଡ଼ ଦ୍ୱାରା ଏହି ସହର ପ୍ରଦୂଷଣ ମାନକ ଯନ୍ତ୍ରରେ କଳା ତାଲିକାଭୁକ୍ତ ହୋଇଛି। ଜିଲାରେ ପ୍ରଦୂଷଣ ଆଇନ୍ ବିଫଳ ନେଇ 'ପରିବେଶ ସୁରକ୍ଷା ସମତି' ପକ୍ଷରୁ ଡେପୁଟି କଲେକ୍ଟର ଅରୁଣା ତ୍ରିପାଠୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଦୂଷଣ ରୋକିବା ଲାଗି ପଦକ୍ଷେପ ନିଆ ନ ଗଲେ ଜିଲାବାସୀ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି 'ଜଳ ସମ୍ପଦ ଓ ପରିବେଶ ସୁରକ୍ଷା ସମତି' ପକ୍ଷରୁ ଚେତାବନୀ ଦିଆଯାଇଛି।



ଗ୍ରାମବାସୀ ବିଦ୍ୟାଳୟ ଗେଟ୍ ବନ୍ଦ କରିଛନ୍ତି।

## ରାତି ଅଧିଆ କମିଟି ପରିବର୍ତ୍ତନକୁ ଗ୍ରାମବାସୀଙ୍କ ବିରୋଧ

**ଖଇରା, ୨୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଘୁଆ ନୋଡାଲ ହାଇସ୍କୁଲର ରାତିଅଧିଆ ଅଭିଭାବକ–ଶିକ୍ଷକ କମିଟି ପରିବର୍ତ୍ତନ ଉଦ୍ୟମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରତିବାଦରେ ଗ୍ରାମବାସୀ ଶୁକ୍ରବାର ପୂର୍ବାହ୍ନରେ ସ୍କୁଲ ଖୋଲିବା ମାତ୍ରେ ଗେଟ୍ ବନ୍ଦ କରି ପ୍ରଧାନଶିକ୍ଷକଙ୍କୁ ଅଟକ ରଖିଥିଲେ। ପରେ ଏ ସଂକ୍ରାନ୍ତରେ ଗ୍ରାମବାସୀ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ଅଭିଭାବକ ଓ ଶିକ୍ଷକଙ୍କ ସହ କୌଣସି ଆଲୋଚନା କରା ନ ଯାଇ ସମସ୍ତ ନିଷ୍ପତ୍ତି ଗ୍ରହଣ କରୁଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ରଘୁନାଥ ନାୟକ ଏଭଳି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି।

## ଆତ୍ମ ସୁରକ୍ଷା ପ୍ରଶିକ୍ଷଣ

**ଜଳେଶ୍ୱର, ୨୨।୧୧**

ଜଳେଶ୍ୱର ବ୍କଳ ରାଇବଣିଆ ଅଞ୍ଚଳରେ ଥିବା ସାଧୁଚରଣ ମହାବିଦ୍ୟାଳୟର ଯୁକ୍ତ ୨ ଶ୍ରେଣୀରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଅଧ୍ୟକ୍ଷ ସୁଧୀର କୁମାର କର ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ଅଧିକ ସଚେତନ ହେବା ସହିତ ଓ ଅନ୍ୟାୟ ବିରୋଧରେ ଲଢ଼ିବାର କୌଶଳ ଶିଖିବାର ଆବଶ୍ୟକତା ଅଛି ବୋଲି କହିଥିଲେ। ଶିକ୍ଷକ ତନୁଜ କୁମାର ହୁଇ, ସରୋଜ ରଞ୍ଜନ ସେନାପତି, ସୁଧାଂଶୁ ସେଖର ପ୍ରଧାନ, ଫକୀରମୋହନ କର, ପ୍ରଭାକର ବଲ୍ଲଭ ଗୋସ୍ୱାମୀ, ରାମଶଙ୍କର ଦାସ, ପୁରେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ କହିଥିଲେ। ମାଷ୍ଟର ଟ୍ରେନର ଦେବଯାନୀ ପ୍ରଧାନ ଉପସ୍ଥିତ ଥିଲେ। ଏଥିରେ ମୋଟ ୭୪ଜଣ ଛାତ୍ରୀ ପ୍ରଶିକ୍ଷଣରେ ଭାଗ ନେଇଥିଲେ।

## 'କବିତା ପଠନ କବିତା ଗଠନ' କର୍ମଶାଳା

**ବାଲେଶ୍ୱର ଅଫିସ, ୨୨।୧୧:** ବାଲେଶ୍ୱର ସହର ପଡୁଆଁପଦାସ୍ଥିତ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ଅଫିସ୍ ପରିସରରେ 'କବିତା ପଠନ କବିତା ଗଠନ' କର୍ମଶାଳା ଆୟୋଜିତ ହୋଇଯାଇଛି। ଆଲୋଚକ ଭାବେ ଡ. ରାଧାରଞ୍ଜନ ପଟ୍ଟନାୟକ ଯୋଗଦେଇ କବିତାର ଗଠନ ପର୍ଯ୍ୟାୟରେ ତାହାର ଆଙ୍ଗିକ ଓ ଆତ୍ମିକ ପକ୍ଷକୁ ବିଚାରକୁ ନିଆଯାଇଥାଏ। କବିତାର ଗଢ଼ଣ, ଶୈଳୀ, କଳ୍ପନା ଓ ସେଥିପ୍ରତି ଶ୍ରଦ୍ଧା ତାହାର ମୁଖ୍ୟ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଉପସଭାପତି ଅରୁଣା ରାୟ ଅଧ୍ୟକ୍ଷତା କରିଥିଲେ।

## ସରିଲା ଜିଲା ଯୁବ ଉତ୍ସବ

**ବାଲେଶ୍ୱର ଅଫିସ,୨୨।୧୧**

ବାଲେଶ୍ୱର ଷ୍ଟେସନ ଛକ ସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଶୁକ୍ରବାର ଦୁଇଦିନିଆ ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ପ୍ରମୁଖ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ଯୁବଗୋଷ୍ଠୀଙ୍କୁ ସମ୍ବୋଧିତ କରି ଜୀବନରେ ଯୁବା ଅବସ୍ଥାରେ ସମୟକୁ ସଦୁପଯୋଗ କରିପାରିଲେ ପରବର୍ତ୍ତୀ ଜୀବନ ସୁଖ ସ୍ୱାଚ୍ଛନ୍ଦ୍ୟରେ ବିତିଥାଏ। ପ୍ରତିଯୋଗିତାରେ ବିଜୟରୁ ଉଲ୍ଲସିତ ଏବଂ ପରାଜୟରୁ ମର୍ମାହତ ନ ହୋଇ ସାରା ଜୀବନ ଏକ ପ୍ରତିଯୋଗିତା ଭାବି ଚାଲିବାକୁ ଆହ୍ୱାନ ଦେଇଥିଲେ।



ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ।

ଏହି ଯୁବ ଉତ୍ସବରେ ମୋଟ ୧୧ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ୧୨ଟି ବ୍ଲକ ଏବଂ ୪ଟି ସହରାଞ୍ଚଳର ୨୭୬ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ବିଜୟୀ ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ଆୟୋଜନ ହେବାକୁ ଥିବା ଯୁବ ଉତ୍ସବରେ ଯୋଗଦେବେ। ସେମାନଙ୍କୁ ସେଥିପାଇଁ ଅଧିକ ପ୍ରସ୍ତୁତି କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପରିଚାଳନା କରିଥିବାବେଳେ ଅମୂଲ୍ୟ ରାଉତ, ଚିତରଞ୍ଜନ ପାସା, ବାବାଜୀ ଚରଣ ପାଢ଼ୀ, ରାଜୀବ ଲୋଚନ ଜେନା, ମନୋରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଖଇରା ଗାୟତ୍ରୀ ଶକ୍ତିପୀଠରେ ମହାଯଜ୍ଞ

**ଖଇରା, ୨୨।୧୧(ଡି.ଏନ.ଏ.)**

ଖଇରା ବଣପାରିଆସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ପୀଠର ପ୍ରତିଷ୍ଠାତା ସ୍ୱର୍ଗତ ଶଙ୍କର୍ଷଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ବୁଧବାର ଶେଷ ହୋଇଯାଇଛି। ଯଜ୍ଞବରାହ ମହାନ୍ତି ଓ ରଞ୍ଜିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଧର୍ମଧ୍ୱଜା ଉତ୍ତୋଳନ କରିଥିଲେ। ୫୦୮ ମହିଳାଙ୍କର ମଙ୍ଗଳ କଳସ ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରି ଶକ୍ତିପୀଠରେ ପହଞ୍ଚିଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଶାନ୍ତିକୁଞ୍ଜ ହରିଦ୍ୱାରରୁ ଅରୁଣ ଖଣ୍ଡାଗ୍ଲେ, ବାଳକୃଷ୍ଣ ପଣ୍ଡା, ବଳରାମ ସାହୁ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଓ ପ୍ରତିଭାଧାରୀ ବ୍ୟକ୍ତିବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଗାୟତ୍ରୀ ଶକ୍ତିପୀଠର ପ୍ରତିଷ୍ଠାତା ଶଙ୍କର୍ଷଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଓ ସ୍ମୃତି ପର୍ବ ପ୍ରଫେସର ଉମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ ଯୋଗଦେଇଥିଲେ। ଏହି ଅବସରରେ ଉଗରପଡାର ବିବେକ ଭାରତୀ ସେବାଶ୍ରମର ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଯୋଗାସନ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ପୁସ୍ତକ 'ସ୍ମୃତି ଅମୃତ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।



ଉଦ୍‌ଘାଟନୀ ଦିବସରେ କଳସ ଶୋଭାଯାତ୍ରା।

## 'ଜୀବନ ପାଇଁ ମହୋତ୍ସବର ଆବଶ୍ୟକତା ରହିଛି'

**ସିମୁଳିଆ, ୨୨।୧୧(ଡି.ଏନ.ଏ.)**

ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିଷ୍ଠିତ ମହତାବ ମଣ୍ଡପରେ ଗୁରୁବାର ମହତାବଙ୍କ ୧୨୧ତମ ଜୟନ୍ତୀ ଦିବସବ୍ୟାପୀ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପୂର୍ବାହ୍ନ ୯ଟାରେ ପତାକା ଉତ୍ତୋଳନ, ଶିକ୍ଷାବିତ ବଙ୍କିମ ଚନ୍ଦ୍ର ମହାରଣା ଓ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ବିଶିଷ୍ଟ ସାହିତ୍ୟିକ ମହେନ୍ଦ୍ର ପ୍ରସାଦ ବାରିକଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ୪୦ଜଣ କବି କବିତା ପାଠ କରିଥିଲେ। ଅତିଥି ରୂପେ ବର୍ଷିୟାନ ସାହିତ୍ୟିକ ନାରାୟଣ ପ୍ରସାଦ ସାମଲ, ଯାତ୍ରା ଗବେଷକ ଡ. ପଦ୍ମଲୋଚନ ମହାକୁଡ କବିତା କଥା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ବନମାଳୀ ନାୟକ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନଙ୍କ ଦ୍ୱାରା ବାର୍ଷିକ ସାହିତ୍ୟ ପତ୍ରିକା 'ନମସ୍ୟ' ଉନ୍ମୋଚନ କରାଯାଉଛି।

ଅପରାହ୍ନ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ରୂପେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଜୀବନ ପାଇଁ ମହୋତ୍ସବର ଆବଶ୍ୟକତା ରହିଛି ବୋଲି କହିବା ସହ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିର୍ଲା ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟର କୁଳପତି, ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ସିମୁଳିଆ ବ୍ଲକ ରାମକୃଷ୍ଣପୁର ଅଞ୍ଚଳର ଡ. ସୁଧାକର ପଣ୍ଡାଙ୍କୁ 'ସିମୁଳିଆ ସୌରଭ ସମ୍ମାନ', ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନ ଶିକ୍ଷୟିତ୍ରୀ ବସନ୍ତ ମିଶ୍ରଙ୍କୁ 'ଜମ୍ବୁବତୀ ରତ୍ନଶ୍ରୀ ସମ୍ମାନ' ଖଇରା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକଙ୍କୁ ଶିକ୍ଷକ ରତ୍ନ ବଙ୍କିମଚନ୍ଦ୍ର ମହାରଣା ସ୍ମୃତି ସମ୍ମାନ, ଡାକ୍ତରୀ ଛାତ୍ର ସୌଭାଗ୍ୟ ନାୟକଙ୍କୁ 'ମହତାବ ମେଧାବୃତ୍ତି' ସମ୍ମାନ, ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ରୁଦ୍ରାଭିଷେକ ଦାସଙ୍କୁ 'ଅସୁମାରୀ ମେଧା ପ୍ରୋତ୍ସାହନ, ଏନ୍‌ଆର୍‌ଟିଏସ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅମରଜ୍ୟୋତି ପ୍ରାଣିଗ୍ରାହୀ, ଫକୀରମୋହନ ୟୁନିଭର୍ସିଟିରେ ସର୍ବୋଚ୍ଚ ନମ୍ବର ରଖିଥିବା ସିମୁଳିଆ କଲେଜର ଛାତ୍ର ହେମନ୍ତ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ସାହିତ୍ୟ ପତ୍ରିକା 'ନମସ୍ୟ' ଉନ୍ମୋଚନ କରାଯାଇଥିଲା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଠାକୁରମୁଣ୍ଡା, ୨୨।୧୧ (ଡି.ଏନ୍.ଏ.)- ଠାକୁରମୁଣ୍ଡା ଥାନା ଭରାଣ୍ଡିହା ପଞ୍ଚାୟତ ଅଧୀନ ଦିରିବ ଗ୍ରାମ ପୋଖରୀରେ ଭାସୁଥିବା ଜଣେ ବୃଦ୍ଧଙ୍କ ମୃତଦେହକୁ ଶୁକ୍ରବାର ସକାଳେ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ମୃତକ ଜଣକ ସେହି ଗ୍ରାମର ଅରଥୁ ମହାନ୍ତ (୭୦) ବୋଲି ଜଣାପଡିଛି। ଗୁରୁବାର ଅପରାହ୍ଣ ପ୍ରାୟ ୩ଟା ସମୟରେ ଅରଥୁ ନିଜ ମଇଁଷିଗୁଡିକୁ ଗ୍ରାମ ପୋଖରୀରେ ଧୋଇବାକୁ ନେଇ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ପାରି ନ ଥିଲେ। ଶୁକ୍ରବାର ସକାଳୁ ପୋଖରୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଠାକୁରମୁଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୧୯) ରୁଜୁ ହୋଇଛି।

### ୩ ମଦ ବେପାରୀ ଧରାପଡ଼ିଲେ

ରାଇରଙ୍ଗପୁର, ୨୨।୧୧ (ଡି.ଏନ୍.ଏ.)- ରାଇରଙ୍ଗପୁର ଅବକାରୀ ସର୍କଲ ଅଧୀନ ବହଳଦା ଅବକାରୀ ବିଭାଗ ଶୁକ୍ରବାର ଚଢାଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାମଦା ଥାନା ଅଧୀନ ଧଳପୁର ଗ୍ରାମର ପ୍ରତାପ ପାତ୍ର, ଚେପଲ ମୁଣ୍ଡିଆ ଓ କାଣ୍ଡସର ଗ୍ରାମର ମାହି ମାରାଣ୍ଡି। ସେମାନଙ୍କଠାରୁ ୨୭ ଲିଟର ଦେଶୀମଦ ଜବତ ହୋଇଛି। ଅବକାରୀ ବିଭାଗ ୩ଟି ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୁଳିଅଣା,୨୨।୧୧(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅନ୍ତର୍ଗତ ଚିନୋଇ ଗ୍ରାମର ଜଣେ ବୃଦ୍ଧଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଶୁକ୍ରବାର ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଭଗବାନ ବେହେରା(୬୫)। ସେ ତାଙ୍କ ସ୍ତ୍ରୀଙ୍କ ଶାଢିକୁ ବେକରେ ବାନ୍ଧି ଘର ଅଗଣାରେ ଆତ୍ମହତ୍ୟା କରିଥିବା ଜାଣି ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୫/୧୯) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।

### କପ୍ତିପଦା ଲ୍ୟାମ୍ପ୍‌ସର ବାର୍ଷିକ ସାଧାରଣ ସଭା

କପ୍ତିପଦା,୨୨।୧୧(ଡି.ଏନ.ଏ)- କପ୍ତିପଦା ଲ୍ୟାମ୍ପସ୍‌ର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନନ୍ଦକିଶୋର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ବିକାଶରଞ୍ଜନ ଦାସ ବାର୍ଷିକ ବିବରଣୀ, ଜମା ଖର୍ଚ୍ଚ, ବଜେଟ୍ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଉଦଳା ଶାଖାର ରଜତ କୁମାର ମିଶ୍ର ବୈଠକରେ ଯୋଗଦେଇ ଋଣ ଆଦାୟ, ଧାନ ଏବଂ ସାର ବିକ୍ରୟ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ପରିଚାଳନା ସମିତିର ସମସ୍ତ ସଦସ୍ୟାସଦସ୍ୟ ଯୋଗଦେଇଥିଲେ। ଲ୍ୟାମ୍ପସର କର୍ମଚାରୀ ଅଜୟ କୁମାର ନାୟକ, ଭଗବାନ ନାୟକ, ରବୀନ୍ଦ୍ର ଦେହୁରୀ, ସୁରେଶ ଚନ୍ଦ୍ର ମହାଳିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷାମାରଣ ନୀତିକୁ ବିରୋଧ

# ଦଳିତ ଆଦିବାସୀ ମହାସଂଘର ବିକ୍ଷୋଭ

ବାରିପଦା ଅଫିସ,୨୨।୧୧



ସଂଗଠନର କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ମାରଣନୀତିକୁ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। ମହାସଂଘର ସଭାପତି ରାକେଶ କୁମାର ସିଂଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହିତ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲଙ୍କ କୁଶପୁତ୍ତଳିକା ମଧ ଦାହ କରିଥିଲେ। ସଂଘ ପକ୍ଷରୁ ଜିଲା ପ୍ରଶାସନ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟରେ ଅହେତୁକ ଫି' ବୃଦ୍ଧିକୁ ଅବିଳମ୍ୱେ ପ୍ରତ୍ୟାହାର କରାଯିବା ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଫି' ବୃଦ୍ଧି ଯୋଗୁ ବହୁ ଗରିବ, ଦଳିତ ଓ ଆଦିବାସୀ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସେମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବା ନେଇ ମଧ ଆଶଙ୍କା ରହିଛି। ଏହା ସହିତ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଥିବା ସମସ୍ତ ସେଲ୍ଫ ଫାଇନାନ୍ସ କୋର୍ସଗୁଡିକୁ ନିୟମିତ କରିବା ପାଇଁ ମଧ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପସଭାପତି କାରୁ ସୋରେନ, ସମ୍ପାଦକ ଅନନ୍ତ ମୁର୍ମୁ, ବାରିପଦା ବ୍ଲକ ସଭାପତି ଧର୍ମପଦ ସିଂ, ଜିଲା ଯୁବ କ୍ଷେତ ମଜଦୁର କଂଗ୍ରେସ ସଭାପତି ଅଂଶୁମାନ ସିଂ, ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଭାପତି ଧରମରାଜ ହାଁସଦା, ଜିଲା ଛାତ୍ର କଂଗ୍ରେସ ସଂଯୋଜକ ଆଶିଷ କୁମାର ବାରିକ, ଜିଲା କଂଗ୍ରେସ ମିଡିଆ ସେଲ ସଂଯୋଜକ ଯଶୋବନ୍ତ କଲିଆପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ବହଳଦା,୨୨।୧୧(ଡି.ଏନ୍.ଏ.)

ନିଆଁରେ ପୋଡ଼ି ମୃତ୍ୟୁବରଣ କରିଥିବା ବହଳଦା ଥାନା ଦୁନ୍ଦୁ ଗାଁର ନୁସରତ ପରବିନ(୨୨)ଙ୍କ ସ୍ୱାମୀ ମହମ୍ମଦ ୱାସିମଙ୍କୁ ମୟୂରଭଞ୍ଜ ଜିଲା ବହଳଦା ଥାନା ପୋଲିସ ଯୌତୁକ ନିର୍ଯାତନା ଜନିତ ହତ୍ୟା ଅଭିଯୋଗରେ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ରୋଷେଇ କରୁଥିବା ବେଳେ ଗ୍ୟାସ ପାଇପ ଫାଟି ନିଆଁ ଲାଗିଯିବାରୁ ପରବିନ୍‌ଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ କହିଛନ୍ତି। ତେବେ ମୃତା ମହିଳାଙ୍କ କାକା ଟାଟାନଗର ଜୁଗ୍‌ସଲାଇର ମହମ୍ମଦ ସମିମ୍ ତାଙ୍କ ଝିଆରୀଙ୍କୁ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକ ବାରମ୍ବାର ନିର୍ଯାତନା ଦେବା ସହ ପୋଡ଼ି ମାରିଦେଇଥିବା ବହଳଦା ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ପୋଲିସ ଏକ ମାମଲା(ନଂ.୭୨/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ଶନିବାର କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ନୁସରତଙ୍କ ମୃତ୍ୟୁ ଘଟିଥିଲା।

# ଅବକାରୀ ଚଢ଼ାଉ ,୩ ଗିରଫ



ଗିରଫ ଅଭିଯୁକ୍ତମାନେ।

ଖୁଣ୍ଟା,୨୨।୧୧(ଡି.ଏନ୍.ଏ.)-

ଖୁଣ୍ଟା ଅବକାରୀ ଥାନା ଓ ବାରିପଦା ମୋବାଇଲ ଟିମ୍ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୨୯ ଲିଟର ଦେଶୀ ମଦ ଓ ଏକ ବାଇକ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଣିଆବସା ଗ୍ରାମର ଠକିରି ଦେହୁରୀ,ରାଇଗୋଡି ଗ୍ରାମର ପ୍ରଧାନ ମୁର୍ମୁ ଓ ବାଲିମୁଣ୍ଡଳୀ ଗ୍ରାମର ସୁନେଇ ହେମ୍ବ୍ରମ। ଖୁଣ୍ଟା ଅବକାରୀ ଥାନା ଅଧିକାରୀ ସଚିନ ବେହେରା ,ବାରିପଦା ମୋବାଇଲ ଅଧିକାରୀ ଡମ୍ବରୁଧର ହରିଜନ ଓ ଉଦଳା ଏଏସଆଇ ଶରତ ଚନ୍ଦ୍ର ବାରିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ ।

# ଚାଷୀଙ୍କ ଧାନ କିଣା ନେଇ ଆଲୋଚନା

ବଡ଼ସାହି,୨୨।୧୧(ସ୍ୱ.ପ୍ର)

ବୁଧବାର ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀସ୍ଥିତ ମାନଗୋବିନ୍ଦପୁର ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦନପୁର ପଞ୍ଚାୟତ ପୁରୀଖୁଣ୍ଟା ଶାଖାର ଗୋବର୍ଦ୍ଧନ ବେହେରା ସଭାପତିତ୍ୱ କରିଥିଲେ। ଲ୍ୟାମ୍ପସ ଶାଖା ପରିଚାଳନା ନିର୍ଦ୍ଦେଶକ ଅଜୟ ନାରାୟଣ ଗୋସ୍ୱାମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବଡ଼ସାହି ଶାଖା ପରିଚାଳକ ପ୍ରଶାନ୍ତ କୁମାର ସିଂହବାବୁ ଯୋଗଦେଇ ପରିଚାଳନା ପରିଷଦର ସଭ୍ୟାସଭ୍ୟ ଓ ଉପସ୍ଥିତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଶାନ୍ତିଶୃଙ୍ଖଳାର ସହିତ ଚାଷୀଙ୍କ ଧାନ କ୍ରୟ ନେଇ ସରକାରଙ୍କ ନୂତନ ନୀତି ସମ୍ପର୍କରେ ସଭାରେ ଆଲୋଚନା ହେବା ସହିତ ଋଣ ପରିଶୋଧ, ତତ୍କାଳ ଋଣ ପ୍ରଦାନ, ବୁଲ୍‌ବୁଲ୍ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସରକାରୀ ସୁବିଧା ଓ ଲ୍ୟାମ୍ପସ ପକ୍ଷରୁ ଗୃହୀତ କାର୍ଯ୍ୟକ୍ରମ ସାଙ୍ଗକୁ ଆଗାମୀ ଖସଡ଼ା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଲ୍ୟାମ୍ପସର ସମସ୍ତ କର୍ମଚାରୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ଗିରଫ ହେଲେ ୨ ମଦ ବେପାରୀ

ଠାକୁରମୁଣ୍ଡା, ୨୨।୧୧ (ଡି.ଏନ୍.ଏ.)- ଠାକୁରମୁଣ୍ଡା ଅବକାରୀ ଥାନା କର୍ମଚାରୀଙ୍କ ସହାୟତାରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କାଡ ଶୁକ୍ରବାର ଠାକୁରମୁଣ୍ଡା ଓ ଚମ୍ପାଝର ବଜାର ଅଞ୍ଚଳରୁ ବିପୁଳ ପରିମାଣର ଚୋରା ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ସଂପୃକ୍ତି ଥିବା ଅଭିଯୋଗରେ ୨ ମଦ ବେପାରୀଙ୍କୁ ଗିରଫ କରାଯାଇଛି।

ଚମ୍ପାଝର ବଜାର ଅଞ୍ଚଳରେ ଚଢାଉ ବେଳେ ୪୩ ଲିଟର ୮୦୦ଗ୍ରାମର ବିୟର ଓ ୫୭ଲିଟର ବିଭିନ୍ନ ବ୍ରାଣ୍ଡର ମଦ ଜବତ ହେବା ସହ ରତ୍ନାକର ସାହୁଙ୍କୁ ଗିରଫ କରାଯାଇଛି। ସେହିପରି ଠାକୁରମୁଣ୍ଡା ବଜାରର ଏକ ଦୋକାନ ଉପରେ ଚଢ଼ାଉ କରି ୧୯ଲିଟର ବିୟର ଓ ୨୦ଲିଟର ବିଦେଶୀ ମଦ ଜବତସହ ରାକେଶ କୁମାର ସାହୁଙ୍କୁ ଗିରଫ କରାଯାଇଛି। ଜବତ ମଦର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ କହିଛି। ଏନେଇ ଠାକୁରମୁଣ୍ଡା ଅବକାରୀ ଥାନାରେ ଦୁଇଟି ମାମଲା(ନଂ.୧୯୦/୧୯ ଓ ୧୯୧/୧୯) ରୁଜୁ ହୋଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫ୍ଲାଇଙ୍ଗ ସ୍କାଡ ଆଇଆଇସି ସୁଶାନ୍ତ ପାଢ଼ୀ, ସବ ଇନ୍ସପେକ୍ଟର ମନୀଷା ବଳ, କମଲ ପାଇକରାୟ, ଠାକୁରମୁଣ୍ଡା ଅବକାରୀ ସବ ଇନ୍ସପେକ୍ଟର କ୍ଷିତୀଶ ଦାଶ, ଏଏସଆଇ ଶରତ ଦାସଙ୍କ ସମେତ ଅବକାରୀ ବିଭାଗର କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ଧାରଣା



କଂଗ୍ରେସର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାରିପଦା ଅଫିସ,୨୨।୧୧

ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ବିରୋଧ କରି ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ଜିଲା ସଭାପତି ହେମନ୍ତ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ଓ ଧାରଣା ସଭାରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଏମପି ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବିଜନ ଦାସ, ଅରବିନ୍ଦ ଦାସ, ମହିଳା ଜିଲା ସଭାନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ଉପସ୍ଥିତ ରହି ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ଗୁଡିକର ଅତ୍ୟଧିକ ଦର ବୃଦ୍ଧି ଯୋଗୁ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଯାଇଛି ବୋଲି କହିଥିଲେ। ଏହା ଉପରେ କେନ୍ଦ୍ର କିମ୍ବା ରାଜ୍ୟ ସରକାର ରୋକ ଲଗାଇ ପାରୁ ନାହାନ୍ତି। ଏହା ଫଳରେ ଦେଶରେ ବେକାରି ସମସ୍ୟା ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟା ଉପୁଜୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶାନ୍ତନୁ ପାଲ, ହଳଧର ନାଗ, ନିର୍ମଳ କୁମାର ପ୍ରଧାନ, ଚୈତନ୍ୟ ହାଁସଦା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଭା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଥିଲା।

### ରେଳ ଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୨୨।୧୧ (ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଷ୍ଟେଶନ ନିକଟସ୍ଥ ରେଳ ଧାରଣାରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଟାଉନଥାନା ଅଧୀନ ଇଚିଣ୍ଡା ବସ୍ତିର ନରେଶ ଚନ୍ଦ୍ର ମହାନ୍ତ। ଟ୍ରେନରେ କଟି ତାଙ୍କ ଗଣ୍ଡି ମୁଣ୍ଡ ଅଲଗା ହୋଇଯାଇଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ରେଳବାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବିଦ୍ୟାଳୟରେ ପ୍ରେରଣା କାର୍ଯ୍ୟକ୍ରମ

ଠାକୁରମୁଣ୍ଡା,୨୨।୧୧(ଡି.ଏନ୍.ଏ.)- ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଦୁଃଖବନ୍ଧୁ ନାୟକ, ସମ୍ମାନନୀୟ ଅତିଥି ଭାବେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ମନରଞ୍ଜନ ବାରିକ, ଏବିଇଓ ଭାଗୀରଥି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ କିପରି ସଫଳତା ପାଇପାରିବେ ଓ ଉଚିତ ମାର୍ଗ ବାଛି ଭବିଷ୍ୟତରେ ସଫଳ ନାଗରିକ ହୋଇ ପାରିବେ ସେ ନେଇ ମୁଖ୍ୟ ଅତିଥି ମାର୍ଗଦର୍ଶନ କରିଥିଲେ। ଛାତ୍ରୀ ଭାଗ୍ୟଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଖବରଦାତାଙ୍କୁ ଆକ୍ରମଣ ଘଟଣା

# ଏସ୍‌ପିଙ୍କୁ ଭେଟିଲେ ଜିଲା ପ୍ରତିନିଧି

ବାରିପଦା ଅଫିସ,୨୨।୧୧

ମୟୂରଭଞ୍ଜ ଜିଲା ବହଳଦା ଅଞ୍ଚଳରେ ଥିବା ଏକ ଘରୋଇ ଡିପ୍ଲୋମା ଇଞ୍ଜିନିୟରିଂ କଲେଜକୁ ଗୁରୁବାର ସଂଗ୍ରହ ପାଇଁ ଯାଇଥିବା କେତେକ ଖବରଦାତାଙ୍କୁ କଲେଜ କର୍ତ୍ତୃପକ୍ଷ ବାଧା ଦେବା ସହିତ ମାରପିଟ କରିଥିବା ଅଭିଯୋଗ ହୋଇଛି। ସେହିପରି କଲେଜର ନିର୍ଦ୍ଦେଶକ ଓ ତାଙ୍କ ସ୍ତ୍ରୀ ସେମାନଙ୍କୁ ସେଠାକୁ କାହିଁକି ଆସିଥିବା ପଚାରିବାରୁ ଖବରଦାତାମାନେ ଦୁର୍ବ୍ୟବହାର କରିଥିବା ମଧ ଅଭିଯୋଗ ହୋଇଛି। ଏହି ଦୁଇଟି ଅଭିଯୋଗକୁ ଭିତ୍ତି କରି ବହଳଦା ଥାନାରେ ଦୁଇଟି ମାମଲା (ନଂ.୭୫/୧୯ ଓ ୭୬/୧୯) ରୁଜୁ ହୋଇଛି। ତେବେ ଖବରଦାତାମାନଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ରୁଜୁ କରାଯାଇଥିବା ମୟୂରଭଞ୍ଜ ଜିଲା ପ୍ରତିନିଧି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସଂଘର ପ୍ରତିନିଧି ଦଳ ଶୁକ୍ରବାର ଏସପି ପରମାର ସ୍ମିଥ ପୁରୁଷୋତ୍ତମଦାସଙ୍କୁ ସାକ୍ଷାତ କରି ଏନେଇ ଆଲୋଚନା କରିଛନ୍ତି। କଲେଜର ସିସି ଟିଭି କ୍ୟାମେରାକୁ ଜବତ କରି ଏହା ଆଧାରରେ ତଦନ୍ତ କରାଯିବା ସହିତ ଖବରଦାତାଙ୍କ ନାମରେ ହୋଇଥିବା ମିଥ୍ୟା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ସଂଘର କର୍ମକର୍ତ୍ତାମାନେ ଏସପିଙ୍କ ନିକଟରେ ଦାବି କରିଛନ୍ତି। ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି ପୁରୁଷୋତ୍ତମଦାସ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ସଂଘର ପ୍ରିୟବ୍ରତ ମିଶ୍ର, ଅଭିଜିତ ମହାନ୍ତି, ସୁବ୍ରତ ପ୍ରଧାନ, ରଞ୍ଜନ କୁମାର ଦାଶ, ସଞ୍ଜୟ କୁମାର ଚୌଧୁରୀ, ପ୍ରୟାଗରାଜ କର, ପ୍ରଦୀପ୍ତ କୁମାର ହୋତା, ସୁକାନ୍ତ କୁମାର ସାହୁ, ରୂପମ କୁମାର ସ୍ୱାଇଁ, ମାନସ କୁମାର ବେହେରା, ମାନିକଲାଲ ପାଣି, ଦୋଳଗୋବିନ୍ଦ ବାରିକ, ଅକ୍ଷୟ ଅଗ୍ରୱାଲା, ରାଜକିଶୋର ଦାଶ, ସତ୍ୟଜିତ ଶୋମ, ଘାଶିରାମ ବେହେରା, ଦିଲ୍ଲୀପ କୁମାର ମହାନ୍ତି, ଅସିତ କୁମାର ଷଡଙ୍ଗୀ, ରବିନାରାୟଣ ଚଲାନ ପ୍ରମୁଖଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।


ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଦକ୍ଷତା ବୃଦ୍ଧି ଲାଗି ଛାତ୍ରଙ୍କ କୃଷିକ୍ଷେତ୍ର ପରିଦର୍ଶନ

କପ୍ତିପଦା,୨୨।୧୧(ଡି.ଏନ.ଏ) କପ୍ତିପଦା ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର କୃଷି ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରମାନେ ଦକ୍ଷତା ବୃଦ୍ଧି ନିମନ୍ତେ କୃଷିକ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରଧାନଶିକ୍ଷକ ଅମୀୟରଞ୍ଜନ ଦାସଙ୍କ ମାର୍ଗଦର୍ଶନ ଓ କୃଷି ବୈଷୟିକ ଶିକ୍ଷକ ସାଗର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କୃଷିକ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରମାନେ ଶାଳଚୁଆ ପଞ୍ଚାୟତ ଅନ୍ତର୍ଗତ ଗେଣ୍ଡାଗଡ଼ିଆ ଗ୍ରାମସ୍ଥିତ ଏକ କୃଷିକ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ କୃଷିକ୍ଷେତ୍ର ରକ୍ଷକ ନିରଞ୍ଜନ ମହାନ୍ତି ଛାତ୍ରମାନଙ୍କୁ ବିଭିନ୍ନ କୃଷିର ପ୍ରଣାଳୀ ସମ୍ପର୍କରେ ଅବଗତ କରାଇଥିଲେ। ନର୍ସରୀ କୃଷିର ପ୍ରଣାଳୀ, ଉଦ୍ୟାନ କୃଷିର ପଦ୍ଧତି ସମ୍ପର୍କରେ ଛାତ୍ରମାନେ ବିସ୍ତୃତ ଜ୍ଞାନ ଆରୋହଣ କରିବାର ସୁଯୋଗ ଲାଭ କରିଥିଲେ। କୃଷି କ୍ଷେତ୍ରରେ ଥିବା ବିଭିନ୍ନ ଚାରା, ପରିବା, ମତ୍ସ୍ୟ ଓ କଦଳୀ ଚାଷ ସମ୍ପର୍କରେ ଜ୍ଞାନ ଲାଭ କରିଥିଲେ।



କୃଷିକ୍ଷେତ୍ରରେ ଛାତ୍ରମାନେ।

# ୧ରୁ ଲାଗୁହେବ ଫାଷ୍ଟ ଟ୍ୟାଗ୍ ଆଇନ

କେନ୍ଦୁଝର, ୨୨।୧୧ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ନୂତନ ଆଇନ ଅନୁଯାୟୀ ପ୍ରତ୍ୟେକ ଗାଡିରେ ଫାଷ୍ଟ ଟ୍ୟାଗ୍ (ଟିପସ) ନ ଲଗାଇଲେ ଟୋଲ ଗେଟ୍‌ରେ ଦୁଇଗୁଣ ଜରିମାନା ଆଦାୟ କରାଯିବ। ଏହି ବ୍ୟବସ୍ଥା ଡିସେମ୍ବର ୧ରୁ ଲାଗୁ ହେବାକୁ ଯାଉଛି । ତଦନୁଯାୟୀ କେନ୍ଦୁଝର ଜିଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ଆସନ୍ତା ୧ତାରିଖଠାରୁ ସମସ୍ତ ଟୋଲ ପ୍ଲାଜାରେ ଇ-ଟୋଲ ଆଦାୟ ହେବ। ରାଜପଥର ହସନପୁର, ଖଣ୍ଡଘର, ବନାଯୋଡି ଟୋଲ ପ୍ଲାଜାରେ 'ଫାଷ୍ଟ ଟ୍ୟାଗ' ବ୍ୟବସ୍ଥା ପ୍ରଚଳନ କରାଯାଉଥିବା ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଫାଷ୍ଟଟ୍ୟାଗ ବ୍ୟବହାର କରୁଥିବା ଗାଡି ଟୋଲ ଗେଟ ଅତିକ୍ରମ କରିବା ମାତ୍ରେ ଯାନବାହନର ଝରକା କାଚରେ ଲାଗିଥିବା ଆର୍‌ଏଫ୍‌ଆଇଡିଭିତ୍ତିକ ଫାଷ୍ଟ ଟ୍ୟାଗ ସହ ଲିଙ୍କ୍ ଥିବା ବ୍ୟାଙ୍କ ଆକାଉଣ୍ଟରୁ ଆପେ ଆପେ ରାଜପଥ ବାବଦକୁ ଶୁଳ୍କ କଟିଯିବ। ତେବେ ବର୍ତ୍ତମାନ ଦୁଇଗୁଣ ଜରିମାନା ଆଦାୟକୁ କୋହଳ କରାଯାଇଥିବା କୁହାଯାଉଛି । ଦେଶର ସମସ୍ତ ଟୋଲ ଗେଟରେ ଏହି ବ୍ୟବସ୍ଥା ଲାଗୁ ହେବାକୁ ଯାଉଥିବାରୁ ଏ ନେଇ ଲୋକଙ୍କୁ ଅଧିକ ସଚେତନ କରାଯାଉଛି।

ଉଲ୍ଲେଖନୀୟ ଯେ, ଦୁଇ ଚକିଆ, ତିନି ଚକିଆ ଓ ଟ୍ରାକ୍ଟର ବ୍ୟତୀତ ଏବେ ଯେଉଁ ସବୁ ଗାଡି ନୂଆ ଆସୁଛି ସେଥିରେ ଫାଷ୍ଟ ଟ୍ୟାଗ ଲାଗି ଆସୁଛି । ବ୍ୟାଙ୍କ ଆକାଉଣ୍ଟ ସହିତ ଏସବୁ ଟିପସ୍‌ର ଲିଙ୍କ୍ ରହୁଛି । ଗାଡି ଟୋଲ୍ ଗେଟ ପାଖରେ ପହଞ୍ଚିବାର ପ୍ରାୟ ୩୦୦ ମିଟର ପୂର୍ବରୁ ଟୋଲ ଗେଟରେ ଥିବା କମ୍ପ୍ୟୁଟର ସହିତ ଏହାର ଯୋଗାଯୋଗ ସ୍ଥାପନ ହୋଇପାରିବ । ଫଳରେ ଗାଡିକୁ ଆଉ ଅଧିକ ସମୟ ଠିଆ ହୋଇ ରହିବାକୁ ପଡିବ ନାହିଁ । ଟୋଲଗେଟ୍‌ରେ ଲାଗିଥିବା ଫାଟକ ଆପେ ଖୋଲିଯିବଏବଂ ଫି ବାବଦକୁ ଟଙ୍କା ସିଧାସଳଖ ଲିଙ୍କ୍ ଯୋଗେ ବ୍ୟାଙ୍କ ଆକାଉଣ୍ଟରୁ କଟିଯିବ । ଏହାଦ୍ୱାରା ଟୋଲ ଗେଟ୍‌ରେ ଟ୍ରାଫିକ୍ ଜାମ ହେବ ନାହିଁ , ପ୍ରଦୂଷଣ ମାତ୍ରା କମିବ ଏବଂ ଶୁଳ୍କ ଆଦାୟରେ ସ୍ୱଚ୍ଛତା ରକ୍ଷା ସହ ସରକାରଙ୍କ ଡିଜିଟାଲ ବା ଇ -ଅର୍ଥ କାରବାରକୁ ଏଥିରୁ ପ୍ରୋତ୍ସାହନ ମିଳିବ । କେନ୍ଦୁଝରଠାରେ ଥିବା ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ଆର. ଭେଙ୍କଟେଶ୍ୱରଲୁ ଏଠାରେ ଏହି ସୂଚନା ପ୍ରଦାନ କରିଛନ୍ତି । ଏହାବାଦ ଜାତୀୟ ରାଜପଥ ଦେୟ ନିୟମ ୨୦୦୮ ମୁତାବକ ଟୋଲ ପ୍ଲାଜାରେ କେବଳ ଫାଷ୍ଟ ଟ୍ୟାଗ ବ୍ୟବହାରକାରୀ ଗାଡି ପାଇଁ ସ୍ୱତନ୍ତ୍ର ଲେନ ବ୍ୟବସ୍ଥା ସଂରକ୍ଷିତ ହୋଇ ରହିବ। ଫାଷ୍ଟ ଟ୍ୟାଗ ଲାଗି ନ ଥିବା ଗାଡି ଏହି ଲେନରେ ଯାତାୟାତ କରିପାରିବେ ନାହିଁ। ଏବେ ଟୋଲ ପ୍ଲାଜା ନିକଟରେ ପ୍ରିପେଡ ଫାଷ୍ଟ ଟ୍ୟାଗ ଚାଳକଙ୍କୁ ଯୋଗାଇଦେବା ବ୍ୟବସ୍ଥା କରାଯାଇଛି । ମୋବାଇଲ ଭଳି ଏହାକୁ ମଧ୍ୟ ରିଚାର୍ଜ କରି ବ୍ୟବହାର କରାଯାଇ ପାରିବ ବୋଲି ସେ କହିଥିଲେ।


୨୦ ନମ୍ବର ଜାତୀୟ ରାଜପଥରେ ଥିବା ବନାଯୋଡ଼ି ଟୋଲ ପ୍ଲାଜା।

■ ୨୦ ନମ୍ବର ଜାତୀୟ ରାଜପଥ ଟୋଲ ପ୍ଲାଜାରେ ଆଦାୟ ହେବ ଇ-ଟୋଲ

## ସଂକ୍ଷେପରେ

### କୀଟନାଶକ ପିଇ ଘରଜ୍ୱାଇଁଙ୍କ ଆତ୍ମହତ୍ୟା

**କେନ୍ଦୁଝର,୨୨।୧୧ ( ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ରୁଟିଶିଳା ଗ୍ରାମରେ ପାରିବାରିକ କଳହକୁ ନେଇ ଘରଜ୍ୱାଇଁ ହୋଇ ରହିଥିବା ସମ୍ପାଦ ନାଏକ(୪୦) ନାମକ ଜଣେ ବ୍ୟକ୍ତି କୀଟନାଶକ ଔଷଧ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କୁ ମୁହଁରୁ ଫେଣ ବାହାରୁଥିବା ଦେଖି ପରିବାର ଲୋକେ ଶୁକ୍ରବାର ତାଙ୍କୁ ଆଣି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡ଼ାକ୍ତର ପ୍ରାଥମିକ ଚିକିତ୍ସା କରିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପଣ୍ଡାପଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ଘଟଣାର ତଦନ୍ତ କରୁଥିବା କହିଛି।

### ଦନ୍ତାହାତୀ ଆକ୍ରମଣରେ ଯୁବକ ଗୁରୁତର

**କେନ୍ଦୁଝର/ରାଇସୁଆଁ, ୨୨।୧୧ (ସ୍ୱ.ପ୍ର./ ଡି.ଏନ.ଏ.)-** କେନ୍ଦୁଝର ଜିଲା ବଂଶପାଳ ବ୍ଲକ କାଞ୍ଜିପାଣି ଥାନା ସିଙ୍ଗୁଡ଼ାପଦା ଗ୍ରାମକୁ ପଶି ଆସିଥିବା ହାତୀପଲଙ୍କୁ ଗୁରୁବାର ଘଉଡ଼ାଇବା ବେଳେ ଜଣେ ଯୁବକ ଦନ୍ତାହାତୀ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନ ପ୍ରାୟ ୪ଟାବେଳେ ନିକଟସ୍ଥ ଜଙ୍ଗଲରୁ ୧୦ରୁ ଅଧିକ ହାତୀ ଆସି ଧାନ କ୍ଷେତରେ ପଶି ଧାନଖାଉଥିବା ଦେଖି ଗାଁ ଲୋକ ସେମାନଙ୍କୁ ଘଉଡାଇବା ଉଦ୍ୟମ କରିଥିଲେ। ସେଠାରେ ଜଗୁ ପ୍ରଧାନ(୨୩)ଙ୍କୁ ଏକ ଦନ୍ତାହାତୀ ଆସି ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଗ୍ରାମବାସୀ ଜଗୁଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗି ଟଙ୍କା ଚୋରି

**ପାଟଣା,୨୨।୧୧(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବଜାରରେ ଥିବା ଏକ ସାରଦୋକାନର ଆଜବେଷ୍ଟସ ଭାଙ୍ଗି କେହି ଦୁର୍ବୃତ୍ତ ଗୁରୁବାର ରାତିରେ ଶୋ କେସ୍‌ରୁ ନଗଦ ୬ହଜାର ୫ସହ ଟଙ୍କା ଚୋରି କରିନେଇଥିବା ପୋଲିସରେ ଅଭିଯୋଗ ହୋଇଛି। ଏଥିନେଇ ଦୋକାନ ମାଲିକ ଚିତ୍ତ ରଞ୍ଜନ ଦାଶ ପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହାର ତଦନ୍ତ କରୁଥିବା କହିଛି।

### ନାବାଳକଙ୍କୁ ମାଡ଼ମାରି ଯୁବକ ଗିରଫ

**ଡେଙ୍ଗିକୋଟ, ୨୨।୧୧(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୧୦ ବର୍ଷର ନାବାଳକଙ୍କୁ ଗ୍ରାମର କେଶବ ଚନ୍ଦ୍ର ତନ୍ତି (୨୬) ମାଡ଼ମାରି ମୁଣ୍ଡ ଫଟାଇ ଦେଇଥିବା ନେଇ ନାବାଳକଙ୍କ ବାପା ପୋଲିସରେ ଅଭିଯୋଗ କରିଛନ୍ତି। ପଣ୍ଡାପଡ଼ା ଥାନା ଆଇଆଇସି ପଦ୍ମାଳୟା ସାହୁ ଘଟଣାର ତଦନ୍ତ କରି ଏକ ମାମଲା (ନଂ. ୧୨୨/୧୯) ରୁଜୁ କରି ଅଭିଯୁକ୍ତ କେଶବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପ୍ରକାଶ କରିଛନ୍ତି।

### ଟ୍ରକ ଲୁଟି ନେବା ବେଳେ ଯୁବକ ଅଟକ

**ଡେଙ୍ଗିକୋଟ, ୨୨।୧୧(ଡି.ଏନ୍.ଏ.)-**ଏକ ୧୪ ଚକିଆ ଟ୍ରକ ଧରି ଚମ୍ପଟ ମାରୁଥିବା ଜଣେ ଯୁବକକୁ ଡେଙ୍ଗିକୋଟ ପୋଲିସ ଶୁକ୍ରବାର ଅପରାହ୍ନରେ କାବୁ କରିଛି। ପାରାଦୀପରୁ ଲୁହାପଥର ଖାଲି କରି ଫେରିଥିବା ଏହି ଟ୍ରକ୍‌ର ଡ୍ରାଇଭର ୩୦ ନଂ.ଜାତୀୟ୍ ରାଜପଥର କୁକୁରକଟା ପୋଲ ଉପରେ ଗାଡ଼ି ରଖି ନାଳରେ ଗାଧୋଉଥିବାବେଳେ ଡେଙ୍ଗିକୋଟ ଫାଣ୍ଡି ଅଞ୍ଚଳର ଜଣେ ଯୁବକ ଗାଡ଼ି ଧରି କେନ୍ଦୁଝର ଆଡ଼କୁ ପଳାଇ ଯାଉଥିଲେ। ଏହା ଦେଖି ଡ୍ରାଇଭର ପାଟି କରିବାରୁ ଅନ୍ୟ ଡ୍ରାଇଭରମାନେ ଡେଙ୍ଗିକୋଟ ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସଦଳବଳ ଜାତୀୟ୍ ରାଜପଥ ଉପରେ ଥିବା ଟୋଲ୍‌ପ୍ଲାଜାକୁ ଖବର ଦେଇ ଗାଡ଼ିକୁ ଅଟକାଇ ସେଠାରୁ ଅଭିଯୁକ୍ତଙ୍କୁ କାବୁ କରଥିବା ସୂଚନା ଦେଇଛନ୍ତି।

### ମହାଲକ୍ଷ୍ମୀ ମନ୍ଦିର ପାଇଁ ଭୂମିପୂଜା

**ରାଇସୁଆଁ,୨୨।୧୧ (ଡି.ଏନ.ଏ.)-** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଲକ୍ଷ୍ମୀପୂଜା ପଡ଼ିଆରେ ଶୁକ୍ରବାର ମହାଲକ୍ଷ୍ମୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ମହାଲକ୍ଷ୍ମୀ ପୂଜା କମିଟିର ବରିଷ୍ଠ ସଦସ୍ୟ ଗଦାଧର ଖଟୁଆ ପୂଜାରେ ସଂକଳ୍ପ କରିଥିଲେ। ପୂଜକ ଯୋଗେନ୍ଦ୍ର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ।

## ଗ୍ରାମସଭାରେ ଗଣ୍ଡଗୋଳ ନେଇ ଥାନାରେ ଏତଲା

କେନ୍ଦୁଝର ୨୨।୧୧ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅଧୀନ ନେଲୁଙ୍ଗ ପଞ୍ଚାୟତରେ ଗ୍ରାମସଭା ଚାଲିଥିବା ବେଳେ ଗଣ୍ଡଗୋଳ ଘଟାଇବା ଏବଂ ସଭା ଖାତାରେ ଛକି ମାରି ଅସମ୍ମାନ କରାଯାଇଥିବା ନେଇ ଥାନାରେ ବୁଧବାର ଅଭିଯୋଗ ହୋଇଛି। ପଞ୍ଚାୟତ ଚିଠି ନମ୍ବର ୩୦୯/୨୦୧୯ ରେ ଲିଖିତ ଏତଲା ଥାନାରେ ଦିଆଯାଇଥିବା ବ୍ଲକ କାର୍ଯ୍ୟାଳୟକୁ ଏହାର କପି ପଠାଯାଇଛି। ସରପଞ୍ଚ ଅଶୋକ କୁମାର ନାଏକ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ଗତ ମଙ୍ଗଳବାର ଅନୁଷ୍ଠିତ ଜରୁରିକାଳୀନ ଗ୍ରାମସଭା ବସିଥିବା ବେଳେ ସଦର ବ୍ଲକ ଜୁନିୟର ଇଞ୍ଜିନିୟର, ଜିଆରଏସ, ପଞ୍ଚାୟତ ଜନପ୍ରତିନିଧି ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ଆଲୋଚନା ପରେ ସମସ୍ତ ଉପସ୍ଥିତ ସଦସ୍ୟା ସଦସ୍ୟ ସଭା ଖାତାରେ ଦସ୍ତଖତ କରିଥିଲେ। ଜଣେ ସ୍ଥାନୀୟ ଜନପ୍ରତିନିଧି ଏହାକୁ ବିରୋଧ କରି ଉକ୍ତ ଖାତାକୁ ଛିଣ୍ଡାଇବା ଉଦ୍ୟମ କରି ସେଥିରେ ଛକି ମାଥିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଅଭିଯୋଗ ଅନୁଯାୟୀ ଘଟଣାର ଅନୁଧ୍ୟାନ କରାଯିବି ବୋଲି ପୋଲିସ ସୂଚନା ଦେଇଛି।

## କନିଷ୍ଠ ଯନ୍ତ୍ରୀଙ୍କ ଘରୁ ଚୋରି: ଅଭିଯୁକ୍ତ ଗିରଫ

ଚମ୍ପୁଆ,୨୨।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଆରଡବ୍ଲ୍ୟୁଏସଏସ ବିଭାଗର କନିଷ୍ଠ ଯନ୍ତ୍ରୀ କରଣ ସୁରେନଙ୍କ ଘରୁ ଆସବାବପତ୍ର ଚୋରି ହେବା ଘଟଣାରେ ପୋଲିସ ତଦନ୍ତ କରି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଏହି ସୂଚନା ଦେଇ କେନ୍ଦୁଝରର ଯୁବକ ତାପସ ପାଲଙ୍କୁ ଏହି ଘଟଣାରେ ଗିରଫ କରାଯାଇଛି ବୋଲି କହିଛନ୍ତି।

କନିଷ୍ଠ ଯନ୍ତ୍ରୀ ସାରେନ ପୂର୍ବରୁ କେନ୍ଦୁଝରଠାରେ ରହୁଥିଲେ। ଗତ ୧ ତାରିଖରେ ସେ ଚମ୍ପୁଆକୁ ଘରସିଫ୍ଟ କରିଥିଲେ। କିନ୍ତୁ କେନ୍ଦୁଝର କ୍ୱାଟର୍ସରେ ତାଙ୍କ ପଲଙ୍କ, ଫ୍ରିଜ, ଟିଭି, ଆଲମାରୀ, ଲୁଗା ସଫା ମେଶିନ ଆଦି ରହିଥିଲା। ଅଭିଯୁକ୍ତ ତାପସ ଗତ ୧୭ ତାରିଖରେ ଏହି ଘରୁ ସମସ୍ତ ସାମଗ୍ରୀ ଲୁଟି ନେଇଥିଲେ। କନିଷ୍ଠ ଯନ୍ତ୍ରୀ ଏ ନେଇ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୫୭/୧୯) ରୁଜୁ କରାଯାଇଛି।

## ବେଆଇନ କ୍ରଶର ଓ ପଥର ଜବତ


ଗ୍ରାମ୍ୟ ଜଙ୍ଗଲରୁ ମୋବାଇଲ କ୍ରଶର ଓ ପଥର ଜବତ ।

ତେଲକୋଇ, ୨୨।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ତହସିଲ ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସଲେଇକେନା ପଞ୍ଚାୟତର ଜନସନପୁର ଗ୍ରାମ୍ୟ ଜଙ୍ଗଲ ଭିତରେ ବେଆଇନ ଭାବେ ଚାଲିଥିବା କ୍ରଶର ଉପରେ ଚଢାଉ କରାଯାଇ ପ୍ରାୟ କୋଟିଏ ଟଙ୍କାର ଭ୍ରାମ୍ୟମାଣ କ୍ରଶର ଯନ୍ତ୍ରପାତି ଓ ୧୦ହଜାର ସି.ଏମ. ପଥର ଜବତ କରାଯାଇଛି। ଗ୍ରାମବାସୀଙ୍କଠାରୁ ଅଭିଯୋଗ ମିଳିବା ପରେ ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ସୂଚନା ଅନୁଯାୟୀ ଏହି ଗ୍ରାମ୍ୟ ଜଙ୍ଗଲ ଓ ଏହା ଆଖପାଖରେ ମଧ୍ୟରେ ଥିବା ଲଘୁ ଖଣିଜ ସମ୍ପଦ ଉପରେ ବେପାରୀମାନେ ଆଖି ପକାଇ ଏହାକୁ ଲୁଟି ନେଉଥିଲେ। ବେଆଇନ ପଥର ଖନନ ଯୋଗୁ ଜଙ୍ଗଲ ଧ୍ୱଂସ ହେବା ସହିତ ବିରଳ ବନ୍ୟଜନ୍ତୁ ବିପଦରେ ପଡ଼ିଥିଲେ। ଭୂପ୍ରକୃତି ଓ ପରିବେଶ ମଧ୍ୟ ନଷ୍ଟ ହେଉଥିଲା। ଏ ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ କରିବା ପରେ ତହସିଲ ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ଏ ସମ୍ବନ୍ଧରେ ତହସିଲଦାର ନାୟକଙ୍କୁ ପଚାରିବାରୁ ଚଢାଉ ବେଳେ କ୍ରଶର ସହିତ ବ୍ୟାପକ ପଥର ସିଜ୍ କରାଯାଇଛି । ସଂପୃକ୍ତ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାସ୍ତା ନିର୍ମାଣ ଅନୁଧ୍ୟାନ କଲେ ଜିଲାପାଳ


କେନ୍ଦୁଝର ଜିଲାପାଳ ରାସ୍ତା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଯୋଡ଼ା, ୨୨।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ଗୁରୁବାର ଯୋଡା ଗସ୍ତ କରି ସ୍ଥାନୀୟ ଖଣି ଅଞ୍ଚଳରେ ଜିଲା ଖଣିଜ ପାଣ୍ଠି (ଡିଏମଏଫ) ଅର୍ଥ ବ୍ୟୟରେ ନିର୍ମାଣାଧୀନ ଥିବା ରାସ୍ତା ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସହ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଯୋଡା-ବାମେବାରୀ ରାସ୍ତା, ଭଦ୍ରାସାହି-ବଡ଼ବିଲ୍ ରାସ୍ତା , ବିଲେଇପଦା-ମୁର୍ଗା ରାସ୍ତା, ଦୁବୁନା- ପୀଢପୋଖରୀ ରାସ୍ତା ପ୍ରଭୃତି ରାସ୍ତା ପରିଦର୍ଶନ କରିଥିଲେ। ବିଭିନ୍ନ ରାସ୍ତା ନିର୍ମାଣ ଲାଗି ଗ୍ରାମସଭା କାହିଁକି ହୋଇପାରୁ ନାହିଁ ଏ ନେଇ ଜିଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ସ୍ୱର୍ଣ୍ଣ ବିଜେତା ଚନ୍ଦନଙ୍କୁ ସମ୍ବର୍ଦ୍ଧନା

ରାଇସୁଆଁ,୨୨।୧୧ (ଡି.ଏନ.ଏ.)

କେରଳର ବେଥେରୀଠାରେ ଗତ ୧୬ ତାରିଖରେ ଅନୁଷ୍ଠିତ ଜାତୀୟ କରାଟେ ଏବଂ କବାଡ଼ି ପ୍ରତିଯୋଗିତାରେ ଓଡ଼ିଶା ସମେତ ତାମିଲନାଡୁ, କର୍ନାଟକ, ମହାରାଷ୍ଟ୍ର ଏବଂ କେରଳର ୬୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିଥିଲେ। କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ନରଣପୁର ଷ୍ଟେଟ ବ୍ରିଗେଡ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ଚନ୍ଦନ ପ୍ରକାଶ ନାଏକ କରାଟେରେ କୃତିତ୍ୱ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଟିମ୍ ସହ ଆସି ଶୁକ୍ରବାର ସ୍ଥାନୀୟ ନରଣପୁର ରେଳ ଷ୍ଟେଶନଠାରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଷ୍ଟେଟ ବ୍ରିଗେଡ, ନରଣପୁରର ସମ୍ପାଦିକା ଶକୁନ୍ତଳା ମହାନ୍ତ, ସଦ୍‌ଭାବନା ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ବହୁ ସାମାଜିକ କର୍ମୀ ଓ ସିଟିଜି ଫାଉଣ୍ଡେଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଚନ୍ଦନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

### ଥାନା ହାଜତରେ ଅଭିଯୁକ୍ତଙ୍କ ଆତ୍ମହତ୍ୟା ଘଟଣା

## ବିଚାର ବିଭାଗୀୟ ତଦନ୍ତ ଦାବି କଲା ଭାଜପା

ବଡବିଲ, ୨୨।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ହାଜତରେ ଅଭିଯୁକ୍ତ ସୁରେଶ ନାଏକଙ୍କ ଆତ୍ମହତ୍ୟା ଉଦ୍ୟମ ଓ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିବା ଘଟଣାର ବିଚାରବିଭାଗୀୟ ତଦନ୍ତ କରାଯାଉ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ଏହା ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ପୋଲିସ ତଦନ୍ତ ଜାରି ରହିଥିବା ବେଳେ ରାଜ୍ୟ ଭାଜପା ପକ୍ଷରୁ କେନ୍ଦୁଝର ଜିଲାର ଏକ ପ୍ରତିନିଧି ଦଳ ଶୁକ୍ରବାର ସନ୍ଧ୍ୟାରେ ମୃତକଙ୍କ ପରିବାରକୁ ଭେଟିବା ସହ ଡାକ୍ତରଖାନା ଓ ଥାନାକୁ ଯାଇ ପରେ ଏକ ଖବରଦାତା ସମ୍ମିଳନୀରେ ଏହି ଦାବି ଉଠାଇଛନ୍ତି।

ବଡବିଲ ଥାନା ନିକଟସ୍ଥ ସେଡିଂ ବସ୍ତିର ସୁରେଶ ନାଏକଙ୍କୁ ପୋଲିସ ସ୍ତ୍ରୀ ହତ୍ୟା ଅଭିଯୋଗ କ୍ରମେ ଥାନାକୁ ଧରି ଆଣିଥିଲା। ଥାନା ହାଜତରେ ଥିବା ବେଳେ ସେ ଆତ୍ମହତ୍ୟା ଉଦ୍ୟମ କରିବା ଦେଖି ଗତ ଗୁରୁବାର ସକା ସକାଳ ୬ଟା ୧୦ ମିନିଟ୍ ବେଳେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ସାଢେ ୭ଟା ବେଳେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଭାଜପା ପ୍ରତିନିଧି ଦଳରେ କେନ୍ଦୁଝର ଜିଲା ସଭାପତି ରାଧାକାନ୍ତ ମହାନ୍ତ, ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଚମ୍ପୁଆ ବିଧାୟକ ଧନୁର୍ଜ୍ଜୟ ସିଦ୍ଧୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାମ କୁମାର ପ୍ରସାଦଙ୍କ ସହ ବଡବିଲ ନଗର ମଣ୍ଡଳ ସଭାପତି ନୀଳମଣି ମହାନ୍ତ ପ୍ରମୁଖ ମୃତକଙ୍କ ଘରକୁ ଯାଇ ତାଙ୍କ ପୁଅ ଓ ଝିଅଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସେମାନେ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦାୟିତ୍ୱରେ ଥିବା ଡାକ୍ତର ସୌଭାଗ୍ୟ ରଶ୍ମିରଞ୍ଜନ ସାମଲଙ୍କ ସହ ଆଲୋଚନା କରିଥିଲେ। ସଙ୍କଟାପନ୍ନ ସୁରେଶଙ୍କୁ ତୁରନ୍ତ କାହିଁକି ସେଠାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଗଲା ନାହିଁ ବୋଲି ଭାଜପା ନେତୃବୃନ୍ଦ ପଚାରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସିସି କ୍ୟାମେରାର ଭିଡିଓ ଚିତ୍ର ସଂଗୃହୀତ ହୋଇ ରହୁ ନ ଥିବାରୁ କିଭଳି ଅବସ୍ଥାରେ ସୁରେଶଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା ତାହା ଜାଣିବା ସମ୍ଭବପର ହୋଇ ନ ଥିଲା । ଥାନାରେ ଅନୁରୂପ ଭାବେ ସିସି କ୍ୟାମେରା ଖରାପ ଥିବା ପ୍ରତିନିଧି ଦଳ ଜାଣି ପୋଲିସକୁ ପଚାରି ବୁଝିଥିଲେ । ପରେ ଏକ ଖବରଦାତା ସମ୍ମିଳନରେ ଏହି ନେତୃବୃନ୍ଦ କହିଥିଲେ, ପୋଲିସ ଘଟଣା ଲୁଚାଇବାକୁ ଚେଷ୍ଟା କରୁଥିବା ସେମାନେ ସନ୍ଦେହ କରୁଛନ୍ତି। ପତ୍ନୀହତ୍ୟା ଅଭିଯୋଗରେ ଅଭିଯୁକ୍ତ ସୁରେଶଙ୍କୁ ସୋମବାରଠାରୁ ଥାନାକୁ ଅଣାଯାଇଥିଲେ ମଧ୍ୟ ୨୪ ଘଣ୍ଟା ମଧ୍ୟରେ କୋର୍ଟଚାଲାଣ ନ କରିବା ଓ ଅଭିଯୁକ୍ତ ଜଣକ କେଉଁଠାରୁ ଗାମୁଛା ପାଇ ଆତ୍ମହତ୍ୟା କଲେ ତାହା ତଦନ୍ତ ସାପେକ୍ଷ ବୋଲି ସେମାନେ କହିଥିଲେ। ସେହିପରି ଅକ୍ସିଜେନ ବ୍ୟବସ୍ଥା ନ ଥିବାରୁ ଡାକ୍ତରଖାନାରୁ ସୁରେଶଙ୍କୁ ଅନ୍ୟତ୍ର ପଠାଯାଇ ନ ଥିଲା ବୋଲି କୁହାଯିବା ନେଇ ସେମାନେ ପ୍ରଶ୍ନ ଉଠାଇଥିଲେ।


ମୃତକଙ୍କ ପରିବାରକୁ ଭେଟି ଭାଜପାର ପ୍ରତିନିଧି ଦଳ ଘଟଣା ବିଷୟରେ ପଚାରି ବୁଝୁଛନ୍ତି।

## ୨୯ରୁ ଜିଲାସ୍ତରୀୟ ଯୁବ ମହୋତ୍ସବ

କେନ୍ଦୁଝର, ୨୨।୧୧(ଡି.ଏନ୍.ଏ.)

ଓଡିଶା ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗର ନର୍ଦ୍ଦେଶାନୁଯାୟୀ କେନ୍ଦୁଝର ନଗରଭବନଠାରେ ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ଜିଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। ଏଥିଲାଗି କଳାକାର ଓ ସାଂସ୍କୃତିକ ଦଳ ଚୟନ ନିମନ୍ତେ ଜିଲାର ସମସ୍ତ ବ୍ଲକ ଏବଂ ପୌରପାଳିକା ସ୍ତରରେ ଧାର୍ଯ୍ୟ ତାରିଖର ଯଥେଷ୍ଟ ପୂର୍ବରୁ ଯୁବ ମହୋତ୍ସବ ଆୟୋଜନ କରିବାକୁ ଜିଲାପାଳ ଆଶିଷ ଠାକରେ ସମସ୍ତ ବିଡିଓ ଏବଂ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାସ୍ତରୀୟ ଯୁବ ମହୋତ୍ସବରେ ଶ୍ରେଷ୍ଠ ବିବେଚିତ କଳାକାର ଓ ସାଂସ୍କୃତିକ ଦଳକୁ ଆଗାମୀ ଡିସେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶ ଗ୍ରହଣ କରିବା ନିମନ୍ତେ ପଠାଯିବ। ବ୍ଲକ ଓ ପୌରପାଳିକାସ୍ତରୀୟ ଯୁବ ମହୋତ୍ସବ ଲାଗି କଳାକାରମାନଙ୍କ ବୟସ ୧୩ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ସେମାନେ ଏ ସମ୍ପର୍କରେ ନିଜ ଅଞ୍ଚଳର ବିଡିଓ ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି । ଯୁବ ମହୋତ୍ସବରେ ଦଳଗତ ଲୋକନୃତ୍ୟ, ଲୋକସଙ୍ଗୀତ, ଏକକ ଓଡିଶୀ ନୃତ୍ୟ, ମଣିପୁରୀ, ଭାରତନାଟ୍ୟମ, କଥକ, କୁଚିପୁଡି, ସୋଲୋରେ କ୍ଲାସିକାଲ ଭୋକାଲ ସ୍ଥାନ ପାଇବ । ସେହିପରି ଇଂରାଜୀ କିମ୍ବା ହିନ୍ଦୀ ଏକକ ଅଭିନୟ, କ୍ଲାସିକାଲ ଇଷ୍ଟ୍ରୁମେଣ୍ଟାଲ(ସୋଲୋ) ସୀତାର, ବଂଶୀ, ବୀଣା, ହାରମୋନିୟମ୍ (ଲାଇଟ୍), ଗୀଟାର, ତବଲା, ମୃଦଙ୍ଗ ଆଦି ଇଭେଂଟରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ ।

## ଗୋକୁଳ ପୂଜାରେ କୃଷ୍ଣଲୀଳା ମନମୋହିଲା


ଗୋକୁଳ ପୂଜା ଉତ୍ସବ ସ୍ଥଳରେ ଦେଖାଣାହାରୀଙ୍କ ଭିଡ଼।

ଝୁମ୍ପୁରା, ୨୨।୧୧ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ବନାଞ୍ଚଳରେ ଅବସ୍ଥିତ ବସନ୍ତପୁର ପଞ୍ଚାୟତରେ ଆୟୋଜିତ ଗୋକୁଳ ପୂଜା ୨୧ ତାରିଖ ରାତିରେ ଉଦ୍‌ଯାପିତ ହୋଇଯାଇଛି। ବସନ୍ତପୁର ଗ୍ରାମ ଛକରେ ଥିବା ସଙ୍କୀର୍ତ୍ତନ ଘରେ ଆୟୋଜିତ ଏହି ପୂଜା ଉତ୍ସବରେ ଗୋପାଳ ସମ୍ପ୍ରଦାୟର ଲୋକେ ସାମିଲ ହୋଇ କୃଷ୍ଣଲୀଳା ପରିବେଷଣ କରିଥିଲେ। ୨ଦିନ ଧରି କୃଷ୍ଣଲୀଳା ହେବା ଯୋଗୁ ଗାଁ ପରିବେଶ ମୁଖରିତ ହୋଇ ଉଠିଥିଲା। ଆଖପାଖ ଗ୍ରାମର ଲୋକେ ସମ୍ମିଳିତ ହୋଇ ଏଥିରୁ ଆନନ୍ଦ ଉଠାଇଥିଲେ। ପ୍ରଥମାଷ୍ଟମୀ ତିଥିରେ ଗୋପାଳ ସମ୍ପ୍ରଦାୟର ଲୋକେ ନିଜ ନିଜ ଘରେ ପୂଜା ସାରି ସଙ୍କୀର୍ତ୍ତନ ମଣ୍ଡଳୀ ସ୍ଥଳରେ ଏକତ୍ରିତ ହୋଇଥିଲେ। ସେଦିନ ସନ୍ଧ୍ୟାରୁ ପରଦିନ ରାତି ପର୍ଯ୍ୟନ୍ତ ଲୋକେ ଦଳ ଦଳ ହୋଇ ପାରମ୍ପରିକ ବେଶ ପୋଷାକରେ ନାଚଗୀତ କରି କୃଷ୍ଣଲୀଳା ପରିବେଷଣ କରିଥିଲେ। ବସନ୍ତପୁର ଗୋକୁଳ ପୂଜାରେ ଏଭଳି ନିଆରା ପୂଜା ପରମ୍ପରାରେ ସାମିଲ ହେବାକୁ ଆଖପାଖ ଗାଁର କଳାକାରଙ୍କୁ ଆମନ୍ତ୍ରିତ କରାଯାଇଥିଲା। ସେମାନେ ଆସି କୃଷ୍ଣଲୀଳା ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସମ୍ପୂର୍ଣ୍ଣ ରୀତିନୀତି ଅନୁସାରେ ଅନୁଷ୍ଠିତ ରାଧାକୃଷ୍ଣଙ୍କ ପୂଜା ଉତ୍ସବରେ ବିଭିନ୍ନ ପଞ୍ଚାୟତର ଗୋପାଳ ସମ୍ପ୍ରଦାୟ ସମେତ ଅନ୍ୟ ଗ୍ରାମବାସୀ ସାମିଲ ହୋଇଥିଲେ।

## ସଚେତନତାର ବାର୍ତ୍ତା ଦେଲେ ଅରବିନ୍ଦ



ଡେଙ୍ଗିକୋଟ, ୨୨।୧୧(ଡି.ଏନ୍.ଏ.)

ଦିବ୍ୟାଙ୍ଗହେଲେ ବି ମନରେ ଅଦମ୍ୟ ସାହସ। 'ଝିଅ ବଞ୍ଚାଅ- ଦେଶ ବଞ୍ଚାଅ', 'ରକ୍ତଦାନ - ମହାପୁଣ୍ୟ' ଏବଂ 'ଯେକୌଣସି ଗାଡ଼ି ଚଳାଇବାବେଳେ ମୋବାଇଲ୍ ଫୋନ୍‌ରେ କଥା ହୁଅନ୍ତୁ ନାହିଁ' ଏଭଳି ସଚେତନତାର ବାର୍ତ୍ତା ପ୍ରଚାର ଲାଗି ବିହାର ପାଟଣା ଦାନପୁର ଗ୍ରାମର ଦିବ୍ୟାଙ୍ଗ ଯୁବକ ଅରବିନ୍ଦ କୁମାର ମିଶ୍ର ଏକ ୩ ଚକିଆ ରିକ୍ସାରେ ଦେଶ ଭ୍ରମଣ କରୁଛନ୍ତି। ତା୧୯।୨।୨୦୧୮ରିଖରେ ସେ ଶ୍ରୀକ୍ଷେତ୍ର ଧାମ ପୁରୀ ଜଗନ୍ନାଥ ମନ୍ଦିରର ସମ୍ମୁଖରୁ ଏହି ବାର୍ତ୍ତା ପ୍ରଚାର ଆରମ୍ଭ କରି ଏହାମଧ୍ୟରେ ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି। ୨୦ ନଂ. ଜାତୀୟ ରାଜପଥ ଦେଇ ଆସିବା ବାଟରେ ଅରବିନ୍ଦ ଘଟଗାଁ ବ୍ଲକ ମା' ତାରିଣୀ ପୀଠ ଦେଇ ଶୁକ୍ରବାର ସନ୍ଧ୍ୟାରେ ଡେଙ୍ଗିକୋଟଠାରେ ପହଞ୍ଚିଥିଲେ। ତାଙ୍କୁ ଏଠାରେ ସରପଞ୍ଚ ଗୌରୀ ବାରିକ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅରବିନ୍ଦ ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରିଯାପନ କରି ଶନତବାର ସାପ୍ତାହିକ ହାଟରେ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେବେ। ଘଟଗାଁ କୋଦଣ୍ଡଧର ସେବା ଫାଉଣ୍ଡେସନର ସଭାପତି ରବୀନ୍ଦ୍ର କୁମାର ଦେହୁରୀ ଏବଂ ଡେଙ୍ଗିକୋଟର ସାମାଜିକ ବ୍ୟକ୍ତି ଅମରସିଂ ତାଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ଲାଗି ଏକ କମଳ ଦେବା ସହ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି।

## ହାଜତରେ ହତ୍ୟା ଅଭିଯୁକ୍ତଙ୍କ ଆତ୍ମହତ୍ୟା ଘଟଣା

# କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ):** କେନ୍ଦୁଝର ଜିଲା ବଡବିଲ ଥାନା ହାଜତରେ ଗୁରୁବାର ଜଣେ ହତ୍ୟା ଅଭିଯୁକ୍ତ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ଏବେ ବଡବିଲ ଥାନା ପୋଲିସ ଅଡୁଆରେ ପଡ଼ିଛି। ୩ଦିନ ତଳେ ପୋଲିସ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲେ ମଧ୍ୟ କ’ଣ ପାଇଁ କୋର୍ଟ ଚାଲାଣ କରି ନ ଥିଲେ ବୋଲି ପ୍ରଶ୍ନ ଉଠିଛି। ତେଣୁ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ନେଇ ଶୁକ୍ରବାର ଏନ୍‌ଏଚ୍‌ଆରସିରେ ଏକ ପିଟିଶନ୍ ଦାୟର ହୋଇଛି। ମାନବିକ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏହି ପିଟିଶନ ଦାୟର କରିଛନ୍ତି। ତାଙ୍କ ପିଟିଶନର ଗୁରୁତ୍ୱକୁ ଦେଇ କମିଶନଙ୍କ କାର୍ଯ୍ୟାଳୟ ବିଚାର ପାଇଁ ପଞ୍ଜୀକୃତ କରିଛି। ହିମାଂଶୁ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ପୋଲିସ ଅବହେଳାରୁ ହାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ଏ ନେଇ ଏସ୍‌ପି ତଦନ୍ତ କରିବା ସହ ଥାନାର ସିସିଟିଭି ଯାଞ୍ଚ କରାଯାଇ ୩ ସପ୍ତାହ ମଧ୍ୟରେ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି। ଏଥିସହ ମୃତକଙ୍କ ପରିବାର ଲୋକଙ୍କୁ ତୁରନ୍ତ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ ଜଣାଇଛନ୍ତି।

# କାର୍ଯ୍ୟରତ ଖବରଦାତାଙ୍କୁ ସରକାର ଦେଲେ ୨ଲକ୍ଷ ଟଙ୍କାର ସହାୟତା

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଶୁକ୍ରବାର ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ ବିଭାଗର କାର୍ଯ୍ୟାଳୟଠାରେ ଢେଙ୍କାନାଳ ଜିଲାର ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ୩୦ ବର୍ଷୀୟ ଖବରଦାତାଙ୍କ ଦୁଇଟି କିଡ୍‌ନୀ ସମ୍ପୂର୍ଣ୍ଣରୂପେ ଅଚଳ ହୋଇଯାଇଛି। ତାଙ୍କ ପରିବାର ପକ୍ଷରୁ କିଡ୍‌ନୀ ପ୍ରତିରୋପଣ କରିବା ସମ୍ଭବ ନ ଥିଲା। ସେ ଢେଙ୍କାନାଳ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କଠାରୁ କର୍ମଜୀବୀ ସାମ୍ବାଦିକ କଲ୍ୟାଣ ପାଣ୍ଠି ବିଷୟରେ ଜାଣିବାକୁ ପାଇଥିଲେ। ଏ ନେଇ ସେ ଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଅବଗତ ହେବାପରେ ତୁରନ୍ତ କଲ୍ୟାଣ ପାଣ୍ଠି ଯୋଜନାରେ ୨ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏହି ଅବସରରେ ମଙ୍ଗରାଜ ସରକାରଙ୍କ ତରଫରୁ ଉକ୍ତ ଖବରଦାତାଙ୍କୁ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ମଙ୍ଗରାଜ କହିଛନ୍ତି, ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଖୁବ୍‌ଶୀଘ୍ର ସେହି ଖବରଦାତାଙ୍କ କିଡ୍‌ନୀ ପ୍ରତିରୋପଣ କରାଯିବ। ପରବର୍ତ୍ତୀ ସମୟରେ ସରକାର ଅଧିକ ସହାୟତା ନିମନ୍ତେ ନିଷ୍ପତ୍ତି ନେବେ ବୋଲି ସେ ସୂଚନା ଦେଇଛନ୍ତି।

# ୪ବର୍ଷ ପରେ ପ୍ରେମିକଙ୍କୁ ବିବାହ କରିବାକୁ ସ୍ୱାମୀଙ୍କ ଅନୁମତି

**ମାଲକାନଗିରି,୨୨।୧୧ (ଡି.ଏନ୍.ଏ.):** ୪ବର୍ଷ ଧରି ଜଣେ ବ୍ୟକ୍ତିଙ୍କୁ ବିବାହ କରି ଘରସଂସାର କଲେ ମଧ୍ୟ ପ୍ରେମ ନିକଟରେ ସେସବୁ ହୋଇଛି ତୁଚ୍ଛ। ଜଣେ ମହିଳା ବିବାହ କରି ମଧ୍ୟ ନିଜ ପ୍ରେମିକଙ୍କୁ ଭୁଲିପାରିନାହାନ୍ତି। ଶେଷରେ ସେ ଭଲ ପାଉଥିବା ଯୁବକଙ୍କୁ ବିବାହ କରିବାକୁ ତାଙ୍କ ସ୍ୱାମୀ ଅନୁମତି ଦେଇଛନ୍ତି। ଏପରି ଘଟଣା ଘଟିଛି ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ଏମ୍.ଭି.-୮୪ ଗ୍ରାମରେ।

ଖବରରୁ ଜଣାପଡ଼ିଛି ଏମ୍.ଭି.-୮୪ ଗ୍ରାମର ବିବେକ ବୈରାଗୀଙ୍କ ପୁଅ ବିକାଶ (୩୦) ଚଳାଣଗୁଡା ପଞ୍ଚାୟତ ଏମ୍.ଭି.-୪୪ ଗ୍ରାମର ହରିଣ ସରକାରଙ୍କ ଝିଅ ଜ୍ୟୋତ୍ସ୍ନା ସରକାରଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଗୋଟିଏ କନ୍ୟା ସନ୍ତାନ ରହିଛି। ମାତ୍ର ଜ୍ୟୋତ୍ସ୍ନା ବିବାହ ପୂର୍ବରୁ ତଣ୍ଡାପାଲି ପଞ୍ଚାୟତ ଏମ୍.ଭି.-୧୫ ଗ୍ରାମର ଠାକୁର ରାୟଙ୍କ ପୁଅ ବିଜୟଙ୍କୁ ଭଲ ପାଉଥିଲେ। ବିବାହ ପରେ ମଧ୍ୟ ଜ୍ୟୋତ୍ସ୍ନା ବିଜୟଙ୍କ ସହ ସମ୍ପର୍କ ରଖିଥିଲେ। ବିଜୟଙ୍କୁ ଭଲ ପାଉଥିବା ଏବଂ ଫୋନରେ କଥା ହୋଇ ସମ୍ପର୍କ ରଖିଥିବା ସ୍ୱାମୀ ବିକାଶ ସମୟକ୍ରମେ ଜାଣି ପାରିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଶେଷରେ ସମସ୍ୟା ସମାଧାନ ଲାଗି ବିକାଶ ଜ୍ୟୋତ୍ସ୍ନା ଉଭୟେ ଆଲୋଚନା କରିଥିଲେ। ଜ୍ୟୋତ୍ସ୍ନା ମଧ୍ୟ ନିଜ ପ୍ରେମିକ ବିଜୟଙ୍କୁ ବିବାହ କରିବାକୁ ଇଚ୍ଛା କରିଥିଲେ। ଏହାକୁ ସମ୍ମତି ଦେଇଥିଲେ ବିକାଶ। ଶୁକ୍ରବାର ଜ୍ୟୋତ୍ସ୍ନା ଙ୍କ ବାପା, ସ୍ୱାମୀ ଓ କେତେକ ଗ୍ରାମବାସୀ ମାଲକାନଗିରି ଥାନାକୁ ଆସି ଏ ସମ୍ପର୍କରେ ଥାନା ଅଧିକାରୀ ରାମପ୍ରସାଦ ନାଗଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଭବିଷ୍ୟତରେ ଯଦି ଜ୍ୟୋତ୍ସ୍ନାଙ୍କ କୌଣସି ଅସୁବିଧା ହୁଏ କିମ୍ବା ତାଙ୍କର ମୃତ୍ୟୁ, ଅବା ସେ ହଜିଯିବା ପରି ଘଟଣା ଘଟେ ସେଥିପାଇଁ ବିକାଶ ଦାୟୀ ରହିବେ ନାହିଁ ବୋଲି ଉଲ୍ଲେଖ ରହିଛି। ସେହିପରି ଯଦି ବିକାଶଙ୍କର ମଧ୍ୟ କୌଣସି ଅସୁବିଧା ହୁଏ ତେବେ ସେଥିପାଇଁ ଜ୍ୟୋତ୍ସ୍ନା ଦାୟୀ ରହିବେ ନାହିଁ। ମାଲକାନଗିରି ପୋଲିସ ଏହି ରିପୋର୍ଟ ପାଇବା ପରେ ଏମ୍.ଭି.-୧୫ ଗ୍ରାମର ଜ୍ୟୋତ୍ସ୍ନାଙ୍କ ପ୍ରେମିକଙ୍କୁ ଥାନାକୁ ଡକାଇଛି। ସେ ଆସିବା ପରେ ଜ୍ୟୋତ୍ସ୍ନା ତାଙ୍କ ସହିତ ରହିବେ ବୋଲି କହିଛନ୍ତି। ଉଭୟ ପକ୍ଷର ଲେଖାପଢା ପରେ ଆଶାଲତା ବୈଦ୍ୟ, ଲକ୍ଷ୍ମୀକାନ୍ତ ମଣ୍ଡଳ, ବାପି ମଣ୍ଡଳ, ବୃହସ୍ପତି ବୈରାଗୀ ସାକ୍ଷୀ ରହିଛନ୍ତି। ତେବେ କନ୍ୟା ସନ୍ତାନଟି କାହା ପାଖରେ ରହିବ ସେ ନେଇ ବର୍ତ୍ତମାନ ସୁଦ୍ଧା ନିଷ୍ପତ୍ତି ନିଆଯାଇନାହିଁ। ପୋଲିସ ପରାମର୍ଶକ୍ରମେ ଉଭୟେ କୋର୍ଟରେ ଛାଡପତ୍ର ଆବେଦନ କରିଛନ୍ତି। ଜ୍ୟୋତ୍ସ୍ନା ଙ୍କ ବାପା ତାଙ୍କ ଝିଅ ଓ ନାତୁଣୀଙ୍କୁ ନିଜ ଘରକୁ ନେଇ ଯାଇଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳ ମରାମତିକୁ ନେଇ ବିଧାନସଭାରେ ଉଦ୍‌ବେଗ

# ମରାମତି ପାଇଁ ଅଡିଟ୍ ହେଉଛି: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଗଲାଣି। ସେଥିରୁ କେତେକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ମରାମତି ଅଭାବରୁ ଆଶ୍ରୟସ୍ଥଳଗୁଡ଼ିକ କେତେବେଳେ ଭୁଶୁଡି ପଡିବ। ଯେଉଁ କେତେକ ଆଶ୍ରୟ ସ୍ଥଳ ରହିଛି ସେଠାକୁ ରାସ୍ତା ସଂଯୋଗ ହୋଇ ନାହିଁ। ସ୍କୁଲ କ୍ୟାମ୍ପସ୍‌ରେ ଯେଉଁ ବାତ୍ୟା ଆଶ୍ରୟସ୍ଥଳ ହୋଇଛି ତାହାକୁ ମରାମତି କରିବାକୁ କୌଣସି ବିଭାଗ ମଙ୍ଗୁ ନାହାନ୍ତି। ବାତ୍ୟା ଆଶ୍ରୟସ୍ଥଳକୁ ନେଇ ଶୁକ୍ରବାର ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଶ୍ନୋତ୍ତର ବେଳେ ବାତ୍ୟା ଆଶ୍ରୟସ୍ଥଳକୁ ନେଇ ସଦସ୍ୟମାନେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଘେରିଥିଲେ। ମନ୍ତ୍ରୀ କହିଥିଲେ ଯେ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକ କେଉଁ ଅବସ୍ଥାରେ ରହିଛି ତାହାର ଅଡିଟ୍ କରାଯାଉଛି। ଅଡିଟ୍ ଶେଷ ହେବା ପରେ ଆଶ୍ରୟସ୍ଥଳଗୁଡ଼ିକର ମରାମତି ନେଇ ନିଷ୍ପତ୍ତି ନିଆଯିବ।

ଶୁକ୍ରବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ବିଜେଡି ସଭ୍ୟ ଅନନ୍ତ ଦାସ ଓଡିଶା ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ବାତ୍ୟା, ବନ୍ୟା ଓ ସୁନାମିପ୍ରବଣ ହୋଇଥିବାରୁ ଅଧିକ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ସରକାରଙ୍କ ଯୋଜନା ଅଛି କି। କେଉଁ ଜିଲାର କେଉଁ ବ୍ଲକରେ କେତେ ବାତ୍ୟା ଆଶ୍ରୟସ୍ଥଳ ରହିଛି ବୋଲି ମୂଳ ପ୍ରଶ୍ନରେ ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ ଓଡିଶା ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ନିର୍ମିତ ବହୁମୁଖୀ ବାତ୍ୟା/ ବନ୍ୟା ଆଶ୍ରୟସ୍ଥଳ, ସ୍କୁଲ, କଲେଜ ଓ ଅନ୍ୟାନ୍ୟ ପକ୍କାଗୃହଗୁଡ଼ିକରେ ବାତ୍ୟା ଓ ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଜନସାଧାରଣଙ୍କୁ ସୁରକ୍ଷିତ ଆଶ୍ରୟ ଦିଆଯାଉଛି। ଭବିଷ୍ୟତରେ ଅଧିକ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ପଦକ୍ଷେପ ନିଆଯିବ। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଗଞ୍ଜାମ ଓ ଚିଲିକା ସଂଲଗ୍ନ ନୟାଗଡ ଓ ଖୋର୍ଦ୍ଧା ଜିଲାରେ ଓସ୍‌ଡମା ଦ୍ୱାରା ମୋଟ ୬୯୪ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ଏହାଛଡା ଭାରତୀୟ ରେଡ୍‌କ୍ରସ ସଂସ୍ଥା ଦ୍ୱାରା ୬୫ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇଛି। ଅନନ୍ତ ପୁଣି ପଚାରିଲେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ବାତ୍ୟାପ୍ରବଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ଖର୍ଚ୍ଚ

**୭ ଜିଲାରେ ନିର୍ମାଣ ହୋଇଛି ୭୫୯ ବାତ୍ୟା ଆଶ୍ରୟସ୍ଥଳ**

କରାଯାଇ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଉ। ଯେଉଁ ଆଶ୍ରୟସ୍ଥଳ ଖରାପ ଅଛି ସେଗୁଡ଼ିକର ମରାମତି ପାଇଁ ବିଡିଓଙ୍କୁ ଦାୟିତ୍ୱ ଦିଆଯାଉ ବୋଲି ସେ ପ୍ରସ୍ତାବ ଦେଇଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଖୋର୍ଦ୍ଧା ଓ ଜଟଣୀ ଅଞ୍ଚଳରେ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କରିବାକୁ ଦାବି କରିଥିଲେ। ବିଜେଡି ସଭ୍ୟ ପ୍ରଶାନ୍ତ ମୁଦୁଲି କହିଥିଲେ ଯେ ମହାବାତ୍ୟା ପରେ ସ୍କୁଲ ପରିସରରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକ ଶିକ୍ଷା ବିଭାଗ, ରାଜସ୍ୱ, ଗ୍ରାମ୍ୟ ଉନ୍ନୟନ ବିଭାଗ କେହି ହେଲେ ମରାମତି କରୁନାହାନ୍ତି। ଆଶ୍ରୟସ୍ଥଳଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ରହିଛି। ଗତ ୧୦ ବର୍ଷରେ କେତେ ଟଙ୍କା ମରାମତି ପାଇଁ ଦିଆଯାଇଛି ବୋଲି ସେ ଜାଣିବାକୁ ଚାହିଁଥିଲେ। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ କହିଥିଲେ ଯେ ବେଆଇନ ଚିଙ୍ଗୁଡି ଘେରିରେ ବ୍ୟବହାର ହେଉଥିବା କୀଟନାଶକ ଓ ରାସାୟନିକ ଦ୍ରବ୍ୟ ଭୂଗର୍ଭ ଜଳକୁ ପ୍ରଦୂଷିତ କରୁଛି। ଆଗାମୀ ପିଢିଙ୍କୁ ଏହାର କୁପ୍ରଭାବ ଭୋଗିବାକୁ ପଡିବ। ଏହାକୁ ଉଚ୍ଛେଦ କରିବାକୁ ସେ ଦାବି କରିଥିଲେ। ବିଜେଡି ସଭ୍ୟ ବିଷ୍ଣୁବ୍ରତ ରାଉତରାୟ କହିଲେ, ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇଥିଲେ ମଧ୍ୟ ଯିବାକୁ ରାସ୍ତା ନାହିଁ। ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ ମଧ୍ୟ ରାସ୍ତା ନ ଥିବା କଥା ଉଠାଇବା ସହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଆଶ୍ରୟସ୍ଥଳଗୁଡ଼ିକୁ ଭାଙ୍ଗି ଦେବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ଭାଜପା ସଭ୍ୟ ଜୟନ୍ତ ଷଡ଼ଙ୍ଗୀ, ବିଜେଡି ସଭ୍ୟ ପ୍ରଦୀପ ମହାରଥୀ ନିଜ ଅଞ୍ଚଳରେ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କରିବାକୁ ଦାବି କରିବା ସହ ଗତ ୨୦ ବର୍ଷ ମଧ୍ୟରେ ମରାମତି ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ପଚାରିଥିଲେ। ମରାମତି କାମ ଓସ୍‌ଡମା ନଚେତ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ଦିଆଯାଉ ବୋଲି ଦାବି କରିଥିଲେ। ମନ୍ତ୍ରୀ କହିଥିଲେ, ଅଡିଟ୍ କରାଯାଉଛି। ଖୁବ୍‌ଶୀଘ୍ର ମରାମତି କରାଯିବ। କେଉଁ ବିଭାଗ ଦ୍ୱାରା ହେବ ତାହା ମଧ୍ୟ ନିଷ୍ପତ୍ତି ହେବ। ଯେଉଁଠି ଆପ୍ରୋଚ ରୋଡ୍ ନାହିଁ ସେଠାରେ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ବିଜେଡି ସଭ୍ୟ ଉମା ସାମନ୍ତରାୟ ଏବଂ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କୁ ବାଚସ୍ପତି ପ୍ରଶ୍ନ ପଚାରିବାକୁ ସୁଯୋଗ ନ ଦେବାରୁ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଯଦି କହିବାକୁ ସୁଯୋଗ ଦିଆ ନ ଯିବ ତେବେ ଆମେ ବିଧାନସଭା କାହିଁକି ଆସିବୁ ବୋଲି କହି ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ସିଲ୍‌ପଟ୍‌କୁ ଧକ୍କା ଦେଲା ...

ବ୍ୟାପକ କ୍ଷତି ଘଟିଛି। ଅପରାହ୍ନ ୨.୦୨ରେ ଦୂରନ୍ତୋ ଏକ୍ସପ୍ରେସ୍ ରୂପସା ଷ୍ଟେଶନ ଅତିକ୍ରମ କଲା ବେଳେ ଟ୍ରାକ୍ ନିକଟରେ ପଡ଼ିଥିବା ସିଲ୍‌ପଟ କ୍ୟାଟଲ୍ ଗାର୍ଡ଼ ସହ ଧକ୍କା ହୋଇଥିଲା। ଫଳରେ ଇଞ୍ଜିନ ସହ କ୍ୟାଟଲ୍ ଗାର୍ଡ଼, ୩ଟି ପ୍ରେସର ଚାମ୍ବର ଏବଂ ବଗିଗୁଡ଼ିକୁ ସଂଯୋଗ କରୁଥିବା ହାଉଜ ପାଇପ୍ ନଷ୍ଟ ହୋଇଯାଇଛି। ଏଥିସହ ବି ପାଇଲଟ୍ ସତର୍କତା ଅବଲମ୍ବନ କରି ଯାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି। ଖଡ଼ଗପୁରରୁ କ୍ୟାରେଜ ଆଣ୍ଡ ୱାଗନ (ସିଏଣ୍ଡଡବ୍ଲ୍ୟୁ) ଡିପାର୍ଟମେଣ୍ଟର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀ ପହଞ୍ଚି ଅସ୍ଥାୟୀ ଭାବେ ମରାମତି କରିବା ପରେ ଏହି ଟ୍ରେନ୍ ପୁନଶ୍ଚ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଛି। ମରାମତିରେ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିବାବେଳେ ଏହି ଟ୍ରେନ୍ ସାଢ଼େ ୪ଘଣ୍ଟା ବିଳମ୍ବରେ ଯାତ୍ରା କରୁଛି ବୋଲି ରେଳ ବିଭାଗ ସୂତ୍ରରୁ



ରୁପ୍ସା ଷ୍ଟେଶନରେ ଅଟକି ରହିଥିବା ଦୂରନ୍ତୋ ଏକ୍ସପ୍ରେସ୍।

ଟ୍ରେନ୍‌ର ୬ଟି କୋଚ୍ କ୍ଷତିଗ୍ରସ୍ତ ହୋଇଛି। ସିଲ୍‌ପଟ ଇଞ୍ଜିନ୍ ଆଗରେ ଥିବା କ୍ୟାଟଲ ଗାର୍ଡ଼ ସହ ଜୋର୍‌ରେ ମାଡ଼ ହୋଇଥିଲେ ସୂଚନା ମିଳିଛି। ଦୂରନ୍ତୋ ସ୍ୱାଭାବିକ ଭାବେ ଘଣ୍ଟା ପ୍ରତି ୧୧୦ କିଲୋମିଟର ବେଗରେ ଗତି କରିଥାଏ। ତେବେ ଏହାର ୬ଟି ଯାକ କୋଚ୍ କ୍ଷତିଗ୍ରସ୍ତ ହୋଇଥିବାରୁ ଘଣ୍ଟା ପ୍ରତି ମାତ୍ର ୬୦ କିଲୋମିଟର ବେଗରେ ଏହା ଚାଲୁଛି। ଟ୍ରେନ୍‌ର ସ୍ୱାଭାବିକ ଚଳାଚଳ ପାଇଁ ୬ଟି ନୂଆ କୋଚ୍‌ର ଆବଶ୍ୟକତା ରହିଛି। ଅପରାହ୍ନ ୩.୩୨ରେ ଘଟଣାସ୍ଥଳରେ ବିକଳ୍ପ ଭାବେ ନୂଆ ଇଞ୍ଜିନ ଲଗାଯାଇଥିଲା। ଭୁବନେଶ୍ୱରରେ ନୂଆ କୋଚ୍ ଯୋଡ଼ାଯାଇ ଗାଡ଼ିକୁ ଯଶୋବନ୍ତପୁର ଅଭିମୁଖେ ନେବାକୁ ରେଲୱେ କର୍ତ୍ତୃପକ୍ଷ ଯୋଜନା କରିଛନ୍ତି।

ସୂଚନା ଅନୁଯାୟୀ, ଉତ୍ତର କ୍ୟାବିନ ଓ ଷ୍ଟେଶନ ମଧ୍ୟରେ ଠିକାଦାରଙ୍କ ଉପସ୍ଥିତିରେ ପ୍ଲାଟଫର୍ମ ନଂ ୧ ଓ ୨କୁ କଂକ୍ରିଟ୍ ସିଲ୍‌ପଟ୍ ବୁହା ଚାଲିଥିଲା। ୮ଟି ସିଲ୍‌ପଟ୍ ବୁହା ସରିଥିବାବେଳେ ଆଉ ଗୋଟିଏ ଆଣିବା ବେଳକୁ ଅପଲାଇନ୍‌ରେ ଦୂରନ୍ତୋ ଏକ୍ସପ୍ରେସ୍ ଆସିଯାଇଥିଲା। ଫଳରେ ଜୀବନ ବିକଳରେ ବେପରୁଆ ଭାବେ ସିଲ୍‌ପଟ୍‌କୁ ଟ୍ରାକ୍‌ରେ ଛାଡ଼ି ସମସ୍ତେ ଦୌଡ଼ି ପଳାଇଥିଲେ। ପ୍ଲାଟଫର୍ମ ନଂ.୧ ଦେଇ ଅତିକ୍ରମ କରୁଥିବାବେଳେ ଟ୍ରେନ୍‌ଟି ସିଲ୍‌ପଟ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପୂର୍ବରୁ ଟ୍ରେନ୍‌ର ବେଗ ଘଣ୍ଟା ପ୍ରତି ୧୦୫ କି.ମି. ରହିଥିଲା ବୋଲି ପାଇଲଟ୍‌ଙ୍କ ନିକଟରୁ ସୂଚନା ମିଳିଛି। କ୍ଷଣିକ ପାଇଁ ଟ୍ରେନ୍‌ଟି ଦୋହଲି ଯିବାରୁ ଯାତ୍ରୀମାନେ କୋଚ୍ ଭିତରେ ଆତଙ୍କିତ ହୋଇ ଚିଲ୍ଲାଇଥିଲେ ବୋଲି ଜଣେ ଯାତ୍ରୀ କହିଛନ୍ତି। ଘଟଣାସ୍ଥଳରେ ଷ୍ଟେଶନ ମ୍ୟାନେଜର ମେଘରାୟ ହାଁସଦା, ଶ୍ରୀପତି ରାଉତ, ସିନିଅର ସେକ୍ସନାଲ ଇଞ୍ଜିନିୟର, ଆର୍‌ପିଏଫ୍ ଆଇଆଇସି ଜେ.ଏନ୍. ମହାପାତ୍ର, ଏସ୍‌ଆଇ ଭଗବାନ ସିଂହ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଏହାପରେ ଟ୍ରେନ୍‌ର ଇଞ୍ଜିନ ବଦଳାଯାଇ ନୂତନ ଇଞ୍ଜିନ ସଂଯୋଗ କରାଯାଇଥିଲା। ଜନଶତାବ୍ଦୀ ଏକ୍ସପ୍ରେସ୍ ଓ ରିଲିଫ ଭ୍ୟାନ୍‌ରେ ସିଏଣ୍ଡଡବ୍ଲ୍ୟୁ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ପହଞ୍ଚି ବିଭିନ୍ନ ସ୍ଥାନରେ ୱେଲ୍‌ଡ଼ିଂ କରିବା ସହ ପ୍ରେସର ଚାମ୍ବର, ହାଉଜପାଇପ୍, ଏଙ୍ଗେଲ କପ୍ ପ୍ରଭୃତି ସଂଯୋଗ କରିଥିଲେ। ଏହାପରେ ସନ୍ଧ୍ୟା ୫ଟା ୪୫ମିନିଟ୍‌ରେ ଟ୍ରେନ୍‌ଟି ରୂପ୍ସା ଷ୍ଟେଶନ ଛାଡ଼ିଥିଲା।

### ମୁଖ୍ୟମନ୍ତ୍ରୀ ହେବେ ...

ତା’ର କେତେକ ନୀତିକୁ ଦୁର୍ବଳ କରିବାକୁ ପଡ଼ିବ। ସରକାର ଦଳିତ, ସଂଖ୍ୟାଲଘୁ, ଚାଷୀ ଓ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ କାମ କରିବା ଉଚିତ ବୋଲି ସେ ମତ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ ବୈଠକ ପୂର୍ବରୁ ଉଦ୍ଧବ ତାଙ୍କ ଦଳର ବିଧାୟକମାନଙ୍କୁ ଭେଟି ସରକାର ଗଠନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ଜଣାଇଥିଲେ। ଉଦ୍ଧବ ହିଁ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ବିଧାୟକମାନେ ତାଙ୍କୁ ଅନୁରୋଧ କରିଥିଲେ। ଉଦ୍ଧବ ସେମାନଙ୍କୁ ମୁମ୍ବାଇ ବିମାନବନ୍ଦର ନିକଟସ୍ଥ ହୋଟେଲ ଲଳିତରେ ଅବସ୍ଥାନ କରିବାକୁ କହିଛନ୍ତି। ଇତିମଧ୍ୟରେ ଉଦ୍ଧବ ମୁଖ୍ୟମନ୍ତ୍ରୀ ହେବା ପାଇଁ ରାଜି ହୋଇଥିବା ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା। ୨୪ ତାରିଖରେ ଫଳ ଆସିଥିଲେ ହେଁ ସରକାର ଗଠନ ପାଇଁ କୌଣସି ଦଳ ବା ମେଣ୍ଟ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଜଣାଇ ନ ପାରିବାରୁ ରାଜ୍ୟପାଳଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ଶାସନ ଜାରି କରାଯାଇଛି। ସରକାର ଗଠନ ପାଇଁ ଜୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାକୁ ୧୦୫ ଆସନରେ ସଫଳତା ମିଳିଛି। ୫୬ ଆସନ ଦଖଲ କରିଥିବା ଶିବସେନା ୫୦:୫୦ ସୂତ୍ରରେ ଅଢ଼େଇବର୍ଷ ଲେଖାଏ ପାଳିକରି ସରକାର ଚଳାଇବାକୁ ଭାଜପା ନିକଟରେ ଦାବି କରିଥିଲା। କିନ୍ତୁ ଭାଜପା ବିଧାୟକ ଦଳ ନେତା ତଥା ବିଦାୟୀ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି କହି ଗୈରିକ ଦଳ ଶିବସେନାର ଦାବିକୁ ଅଗ୍ରାହ୍ୟ କରିଦେଇଥିଲା। ଫଳରେ ଏନ୍‌ସିପିର ୫୪ ଏବଂ କଂଗ୍ରେସର ୪୪ ବିଧାୟକଙ୍କ ସମେତ କେତେଜଣ ସ୍ୱାଧୀନ ଓ ଛୋଟ ଦଳର ସଦସ୍ୟଙ୍କୁ ନେଇ ବିକଳ୍ପ ମେଣ୍ଟ ଗଠନ ଉଦ୍ୟମ ଆରମ୍ଭ କରିଥିଲା ଶିବସେନା।

OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)
POWER HOUSE SQUARE, UNIT-V, BHUBANESWAR
TEL. NO.0674-2394873, Fax: 2391255/ 2391024
Email: sdaorissa@nic.in/eic-epcei@nic.in
Bureau of Energy Efficiency
Department of Energy
No. AA-17

INVITING LEADERS IN THE FIELD OF ENERGY CONSERVATION OF ODISHA
Odisha State Energy Conservation Awards-2019

The Office of Engineer-in-Chief cum Principal Chief Electrical Inspector under The Department of Energy, Govt. of Odisha, as the State Designated Agency (SDA), Odisha invites applications from IT Industries, Commercial Buildings Hospitals, Educational Institutions, , Hotels, MSMEs, Power Generation Companies (IPP & CPP) and Domestic prosumers (consumers with grid connected roof top solar power generation) of Odisha who have been making systematic attempts for efficient utilization and conservation of energy, for conferring State Energy Conservation Awards for 2019 based on their performance during Financial Year 2018-2019. The last date of receipt of completed applications is 7th December 2019.
For further details and to download the application forms, please visit the website: eicelectricityodisha.nic.in Email-: sdaorissa@nic.in
The authority reserves the right to accept / reject any application without assigning any reasons thereof.
04004/11/0014/1920 EIC(E)-cum-PCEI & SDA (O)

Housing & Urban Development Department
Government of Odisha
(District Urban Development Agency, Puri)
Sealed Proposal invited for "Selection of Reputed Agencies/Company for Curation, Branding, Operation & Maintenance services at Puri 'Niladri Beach"
Sealed Proposal are invited form Reputed Agencies/Company for Curation, Branding, Operation & Maintenance services at Puri 'Niladri Beach"
The submission of the Proposal starts From 22.11.2019 to 07.12.2019, time:5:00PM through Speed/Registered post.
The detail Request for Proposal can be viewed in the district website www.puri.nic.in
Sd/- Project Director, (DRDA-Cum-DUDA,Puri)

ODISHA HYDRO POWER CORPORATION LTD.
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR – 751022
Tel: 91 -0674-2542983, 2542802, 2545526, Fax- 2542102, E-mail – ohpc.co@gmail.com
CIN : U40101OR1995SGC003963
No. OHPC: TECH: C&P: 27 /2019-20/ 10653 /Date: 22.11.2019
NOTICE INVITING TENDER- 24/2019-20
Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed Firms/ Printers having minimum 03(three) years' experience of printing of Calendars for PSUs/ Govt. Departments for the work as mentioned below :

| Sl. No. | Description of Services | Cost of tender papers (Non-refundable) in ₹ | EMD in shape of DD only (Refundable) in ₹ |
|---|---|---|---|
| 1 | Printing & Supply of OHPC Wall Calendar – 2020. | 2360.00 (₹ 2000.00+GST @18%) | 2,700.00 |

For details of the tender documents, terms & conditions please visit our website www.ohpcltd.com from dt. 26.11.2019
04012/11/0014/1920 No. CAD-613 DGM(C&P)

ODISHA
INDIA'S BEST KEPT SECRET.
GOVERNMENT OF ODISHA
DEPARTMENT OF TOURISM
No. 10359 / Bhubaneswar, the 22.11.2019
T.TSP-II(M)-15/2019
No.R-16 :- EOI cum RFP to select a creative Agency for Preparing, Compiling, Designing & Printing of Odisha Tourism Multi-Fold Brochures
With the Endeavor to promote tourism in Odisha, Department of Tourism intends to issue this Request for Proposals (RFP) to select a Creative Agency for Preparing, Compiling, Designing & Printing of Odisha Tourism Multi-Fold Brochures. The last date of submission of bids is 07.12.2019 upto 12 Noon.
The Terms of References may be collected from the Department of Tourism, Government of Odisha, Paryatan Bhawan, Bhubaneswar or may be downloaded from the 'tenders' section of website dot.odishatourism.gov.in
Sd./-
37001/11/0029/1920 Joint Director & Dy. Secretary

GOVERNMENT OF ODISHA
DEPARTMENT OF TOURISM
No. 10380 / TSM, Bhubaneswar, dt. 22-11-2019
T-TSP-II (BKM)-40/2019
TRAINING PROGRAMME ON TOURISM ORIENTATION AND FOREIGN LANGUAGE COURSE FOR TRAVEL, TOURISM AND HOSPITALITY TRADE PROFESSIONALS
(GERMAN/ RUSSIAN/ CHINESE)
(SPONSORED BY: DEPARTMENT OF TOURISM, GOVT. OF ODISHA)
Indian Institute of Tourism & Travel Management, Bhubaneswar (IITTM) invites application for the free Training Programme on Tourism Orientation and Foreign Language Course for Travel, Tourism and Hospitality Trade Professionals. The training programme will be commenced tentatively from 1st week of January 2020.

| Course Name | Duration | Eligibility |
|---|---|---|
| Tourism Orientation and Foreign Language Course for Travel, Tourism and Hospitality Trade Professionals (GERMAN/ RUSSIAN/ CHINESE) | 12-weeks (240 hours) | ❖ 10 + 2 + 3/ Graduate in any discipline |

How to Apply:
Candidates shall download application form by visiting the institution's website www.iittmb.in . You may also collect the application forms from the Institute reception counter during office hour (09.30 AM to 05.30 PM).
The filled application forms along with required documents (photo copy) will be submitted to The Nodal Officer, IITTM, Dumuduma, Bhubaneswar – 751019 on or before 7th December 2019 upto 5.30 PM.
For details you may visit to IITTM website: www.iittmb.in.
For any queries please contact – Dr. Md Sabir Hussain (Cell - 9437211035).
37001/11/0030/1920 No. R-17 Sd./- Additional Secretary to Govt.

ODISHA SUB-ORDINATE STAFF SELECTION COMMISSION
ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ -3 ଏବଂ 5, ୟୁନିଟ -1, ଭୁବନେଶ୍ୱର -751009
ଦୂରଭାଷ – 0674-2597149, 2597152 (ଅଫିସ୍), ଫାକ୍ସ- 0674-2597155, ୱେବସାଇଟ : www.osssc.gov.in
ବିଜ୍ଞାପନ
ସଂଖ୍ୟା : IIE-04/2019- ୩୬୬ (C)/OSSSC ତାରିଖ- ୨୨ .11. 2019
ଫରେଷ୍ଟ ଗାର୍ଡ ପଦବୀ ପାଇଁ ପ୍ରାର୍ଥୀ ଚୟନ ନିମନ୍ତେ ଅନଲାଇନ୍ ଦରଖାସ୍ତ ଆହ୍ୱାନ
ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅଧିନସ୍ଥ ବିଭିନ୍ନ ଡିଭିଜନ(Division)ରେ ଖାଲିଥିବା 806 ଟି ଫରେଷ୍ଟ ଗାର୍ଡ ପଦବୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (OSSSC), ଭୁବନେଶ୍ୱର ଅନଲାଇନ୍(online) ଦରଖାସ୍ତ ଆହ୍ୱାନ କରୁଛନ୍ତି । ଏହି ପଦବୀ ଗୁଡିକର ଡିଭିଜନ ସ୍ତରୀୟ ଖାଲିଥିବା ସଂଖ୍ୟା ଓ ଏହାର ସଂରକ୍ଷଣ ବର୍ଗୱାରି ତାଲିକା, ଦରମାହାର ତଥା ପାରିଶ୍ରମିକ, ବୟସ ସୀମା, ଶିକ୍ଷାଗତ ଓ ସାଧାରଣ ଯୋଗ୍ୟତା, ଦରଖାସ୍ତ କରିବା ପ୍ରଣାଳୀ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀର ସବିଶେଷ ତଥ୍ୟ ଏହି ଆୟୋଗଙ୍କ ୱେବସାଇଟ www.osssc.gov.in ରେ ଉପଲବ୍ଧ ହେବ । ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀ ମାନେ ଉକ୍ତ ୱେବସାଇଟ୍ କୁ logon କରି ଅନଲାଇନ୍ (online)ରେ ଦରଖାସ୍ତ କରିପାରିବେ ।

| ଗୁରୁତ୍ୱପୂର୍ଣ୍ଣ ତାରିଖ | | |
|---|---|---|
| ପ୍ରକ୍ରିୟା | ଆରମ୍ଭ ତାରିଖ | ଶେଷ ତାରିଖ |
| ଅନଲାଇନ୍ ପଞ୍ଜୀକରଣ | 29.11.2019 | 29.12..2019 |
| ଅନଲାଇନ୍ ପରୀକ୍ଷା ଦେୟ ପଇଠ | 29.11.2019 | 29.12..2019 |
| ଟ୍ରେଜେରି ଚାଲାଣ ଦ୍ୱାରା ପରୀକ୍ଷା ଦେୟ ପଇଠ | 30.12.2019 | 06.01.2020 |
| ଅନଲାଇନ୍ ଆବେଦନ | 29.11.2019 | 06.01.2020 |

ଆୟୋଗଙ୍କ ଆଦେଶମତେ
ସଚିବ 22/11/19
No. T-111
ଆବେଦନ ପତ୍ର କେବଳ ଅନଲାଇନ୍ ମାଧ୍ୟମରେ ଗ୍ରହଣ କରାଯିବ। 09007/11/0005/1920

## ସଂକ୍ଷେପରେ

### ହିଞ୍ଜିଳି ବଳାତ୍କାର ଘଟଣା


## ଏସ୍ଆଇଟି ତଦନ୍ତ ଦାବି କଲା ଭାଜପା

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ):** ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ପ୍ରତିଦିନ ରାଜ୍ୟରେ ନାବାଳିକାଙ୍କ ଠାରୁ ଆରମ୍ଭ କରି ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି । ଏପରି କି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ ନାବାଳିକାମାନେ ସୁରକ୍ଷିତ ନାହାନ୍ତି । ଦୀପ ତଳ ଅନ୍ଧାର ପରି ଖୋଦ୍ ଗୃହ ବିଭାଗର ମୁଖ୍ୟଙ୍କ ନିର୍ବାଚନମଣ୍ଡଳୀରେ ଥାନାଠାରୁ ମାତ୍ର ୧କିମି ଦୂରରେ ନାବାଳିକା ବଳାତ୍କାରର ଶିକାର ହେଉଛି କିନ୍ତୁ ପୋଲିସ ପାଖରେ କୌଣସି ସୂଚନା ରହୁନି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ନେତ୍ରୀ ପିଙ୍କି ପ୍ରଧାନ କହିଛନ୍ତି, '୫-ଟି' ସମ୍ପୂର୍ଣ୍ଣଭାବେ ଫେଲ୍ ମାରିଛି । ୬୫ ବର୍ଷର ଜଣେ ବୃଦ୍ଧ ଜଣେ ନାବାଳିକାକୁ ବଳାତ୍କାର କରିବାପରେ ମଧ ଶାସକ ଦଳର ସ୍ଥାନୀୟ ନେତାମାନେ ଘଟଣାକୁ ଚପାଇ ଦେବାପାଇଁ ପୀଡିତା ପରିବାରକୁ ଧମକ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ଏକ ଲଜ୍ଜାଜନକ ଘଟଣା ପରେ ପୋଲିସ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କାହିଁକି ପଛଘୁଞ୍ଚା ଦେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଗୁରୁବାର ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପୀଡିତା ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏହି ଘଟଣାର ତଦନ୍ତ ଭାର ଏସଆଇଟିକୁ ଦିଆଯାଇ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଦୋଷୀକୁ ଦଣ୍ଡ ଦିଆଯାଉ ବୋଲି ପିଙ୍କି ଦାବି କରିଛନ୍ତି ।

# ପରିଜା ଲାଇବ୍ରେରି ଛାତରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଓ ଆଲୁମିନି ମିଟ୍ ପାଇଁ ଶୁକ୍ରବାର ବାଣୀବିହାର କ୍ୟାମ୍ପସରେ ପ୍ରସ୍ତୁତି ଚାଲିଥିବାବେଳେ ହଠାତ ପୂର୍ବାହ୍ନରେ ଖେଳିଯାଇଥିଲା ଚାଞ୍ଚଲ୍ୟ। କ୍ୟାମ୍ପସ ପରିସରସ୍ଥ ପରିଜା ଲାଇବ୍ରେରିର ଛାତ ଉପରେ ଚଢି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଖବର ପ୍ରଚାରିତ ହେବା ମାତ୍ରେ ବାଣୀବିହାର ପରିସର ଲୋକାରଣ୍ୟ ହୋଇପଡ଼ିଥିଲା। ତାଙ୍କୁ ଉଦ୍ଧାର କରିବା ପାଇଁ ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ଅନ୍ୟମାନେ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ଦୀର୍ଘ ୪ ଘଣ୍ଟାର ରେସ୍କ୍ୟୁ ଅପରେଶନ ପରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସମ୍ପୃକ୍ତ ଯୁବକ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପ୍ରହରାଜପୁରର କୃଷ୍ଣଚନ୍ଦ୍ର ବାରିକଙ୍କ ପୁଅ ସୁବୋଧ ବାରିକ ବୋଲି ଚିହ୍ନଟ ହୋଇଥିବାବେଳେ ସେ ବିକୃତ ମସ୍ତିଷ୍କ ବୋଲି ଜଣାପଡ଼ିଛି। ସେ ପୋଷ୍ଟାଲ ଡିପାର୍ଟମେଣ୍ଟରେ ଚାକିରି କରୁଥିଲେ। ମାତ୍ର ଚାକିରି ହରାଇବା ପରେ ଭାଙ୍ଗିପଡ଼ି ଅନେକ ସମୟରେ ଏଭଳି ଉନ୍ମତ୍ତ କାଣ୍ଡ କରୁଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ସଫଳ ଓ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ବିଭାଗର ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ପ୍ରଶଂସା କରିଛନ୍ତି। ଏଥିଲାଗି ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।



ଅଗ୍ନିଶମ କର୍ମଚାରୀମାନେ ପୋଲିସ ଓ ଛାତ୍ରଙ୍କ ସହାୟତାରେ ଯୁବକଙ୍କୁ ଉଦ୍ଧାର କରୁଛନ୍ତି।

- ଆତ୍ମହତ୍ୟା ଧମକ ଦେଇ ଚାଞ୍ଚଲ୍ୟ ଖେଳାଇଲେ
- ୪ ଘଣ୍ଟାର ଉଦ୍ୟମ ପରେ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ
- କର୍ମଚାରୀଙ୍କୁ ମନ୍ତ୍ରୀଙ୍କ ପ୍ରଶଂସା, କହିଲେ ପୁରସ୍କୃତ କରାଯିବ

ସୂଚନା ଅନୁଯାୟୀ, ପରିଜା ଲାଇବ୍ରେରିର ଛାତ ଉପରେ ଥିବା ୫୦ଫୁଟ ଉଚ୍ଚର ଛାତକୁ ସୁବୋଧ ଚଢିଯାଇଥିଲେ। ସେଠାରେ ଥାଇ ତଳକୁ ଡେଇଁ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏପରି କି କେତେବେଳେ ଉଲଗ୍ନ ହୋଇ ନାଚୁଥିଲେ ତ ଆଉ କେତେବେଳେ ପ୍ୟାଣ୍ଟ ପିନ୍ଧି ଗଡୁଥିଲେ। ସେଠାରେ କାମ କରୁଥିବା କେତେଜଣ ଲୋକ ଏହା ଦେଖି ଅନ୍ୟମାନଙ୍କୁ ଜଣାଇଥିଲେ। କେତେଜଣ ଛାତ୍ର ତାଙ୍କୁ ବୁଝାଇ ତଳକୁ ଆଣିବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ଖବର ପାଇ ଅଗ୍ନିଶମ ବାହିନୀ ଏବଂ ଶହୀଦନଗର ଥାନା ପୋଲିସ ପୂର୍ବାହ୍ନ ୧୦.୨୫ରେ ପହଞ୍ଚିଥିଲା। ସେମାନେ ମଧ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ହାଇଡ୍ରୋଲିକ୍ ପ୍ଲାଟଫର୍ମ ଲାର୍ଡେର ମେଶିନ୍ ସାହାଯ୍ୟରେ ଉପରକୁ ଚଢି ତାଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ପ୍ରଥମେ ତାଙ୍କୁ ଖାଇବାକୁ ରୁଟି, ଶନ୍ତୁଳା ଦିଆଯାଇଥିଲା। ମାତ୍ର ସେ ତାହାକୁ ଗ୍ରହଣ କରି ନ ଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବିଭାଗ କର୍ମଚାରୀ ଏକ ଡ୍ରୋନ୍ ଉଡ଼ାଇଥିଲେ। ଏହାଦ୍ୱାରା ତାଙ୍କ ଗତିବିଧି ଜଣାପଡ଼ିବା ସହ ତାଙ୍କୁ ଚିହ୍ନଟ କରାଯାଇଥିଲା। ଏହି ସମୟରେ ସେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ କଥା ହେବାକୁ ଚାହାଁନ୍ତି ବୋଲି କହିଥିଲେ। ତେବେ କୁଳପତି ଏହି ମେଶିନରେ ଯାଇ ନ ପାରିବାରୁ ଅଗ୍ନିଶମ ବିଭାଗର ଚିଫ୍ ଅଫିସର ସୁକାନ୍ତ ସେଠୀଙ୍କୁ କୁଳପତି ବୋଲି କୁହାଯାଇ ନିଆଯାଇଥିଲା। ଗୋଟିଏ ପଟେ ତାଙ୍କ ସହ କେତେଜଣ କର୍ମଚାରୀ କଥା ହେଉଥିବାବେଳେ ପଛପଟୁ ଅନ୍ୟ କେତେଜଣ ଯାଇ ତାଙ୍କୁ କାବୁ କରିଥିଲେ। ଏହାପରେ ତାଙ୍କୁ ତଳକୁ ଅଣାଯାଇ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ ନିମନ୍ତେ ପିସିଆର ଭ୍ୟାନ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ହସ୍ପିଟାଲରେ ତାଙ୍କର ପରିବାର ଲୋକେ ପହଞ୍ଚିଥିଲେ। ସେଠାରୁ ସୁବୋଧଙ୍କୁ କଟକ ଏସ୍ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।





ଆନ୍ତଃସ୍କୁଲ ପ୍ରତିଯୋଗିତାରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ପୁରସ୍କୃତ ଛାତ୍ରୀଛାତ୍ର।

### ଆନ୍ତଃସ୍କୁଲ ପ୍ରତିଯୋଗିତା

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀଛାତ୍ର ପୁରସ୍କୃତ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ଭାରତୀୟ ମହାକାଶ ବିଜ୍ଞାନର ଜନକ ଡ. ବିକ୍ରମ ଅମ୍ବାଲାଲ୍ ସରାଭାଇଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସତୀଶ ଧୱନ୍ ମହାକାଶ କେନ୍ଦ୍ର, ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଦ୍ୱାରା ଅନୁଷ୍ଠିତ ଆନ୍ତଃସ୍କୁଲ ପ୍ରତିଯୋଗିତାରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଭୁବନେଶ୍ୱର ଓ କଟକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ମହାକାଶ ଓ ବିଜ୍ଞାନ ଭିତ୍ତିକ ଲିଖିତ କୁଇଜ୍, ରଚନା ଲିଖନ, ବକ୍ତୃତା, ବିଜ୍ଞାନ ମେଳା ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଇଜ୍ ପ୍ରତିଯୋଗିତାର ବରିଷ୍ଠ ବର୍ଗରେ କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବି. ଅଙ୍କିତ ପାତ୍ର ଓ ସ୍ୱାଧୀନ ରାଉତ ପ୍ରଥମ ପୁରସ୍କାର ହାସଲ କରିଥିବାବେଳେ ବିଜ୍ଞାନ ମେଳାରେ ସ୍କୁଲର ଅଙ୍କିତ୍ ବିଶ୍ୱାଳ ଏବଂ ପ୍ରତୀକ ମିଶ୍ର ତୃତୀୟ ପୁରସ୍କାର ପାଇଛନ୍ତି। ସେହିପରି ରଚନା ଲିଖନରେ ଋଷଭ ସୁଆର ଦ୍ୱିତୀୟ ପୁରସ୍କାର ପାଇଥିବାବେଳେ ଇଂଲିଶ ବକ୍ତୃତା ବରିଷ୍ଠ ବର୍ଗରେ ଅର୍ପିତା ରାଉତ ତୃତୀୟ ପୁରସ୍କାର ହାସଲ କରିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ସ୍ୱସ୍ତିକ ମିଶ୍ର ଏବଂ ମୈତ୍ରେୟୀ ଦତ୍ତ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ଇସ୍ରୋର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଏସ୍. ପାଣ୍ଡିଆନ୍, ଇସ୍ରୋ ଉପନିର୍ଦ୍ଦେଶକ ଡ. ଭି. ରଙ୍ଗନାଥନ୍ ଏବଂ ଓଡ଼ିଶା ମୁଖ୍ୟ ମହାଡାକପାଳ ଡ. ଏସ୍. କାମିଲା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ସଫଳତା ପାଇଁ କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବରଗଡ଼ ଯୋଗାଣ ଅଧିକାରୀ ନିଲମ୍ବିତ

ବରଗଡ଼ ଅଫିସ,୨୨।୧୧: ବରଗଡ଼ ଜିଲା ଯୋଗାଣ ଅଧିକାରୀ (ସିଏସଓ) ଶ୍ରୀକର ମାଝୀଙ୍କୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପତ୍ରସଂଖ୍ୟା-୧୮୧୮ ତା-୨୨/୧୧/୨୦୧୯ ଅନୁସାରେ ଏହି ପଦକ୍ଷେପ ନିଆଯାଇଛି । ନିଲମ୍ବନ ସମୟରେ ତାଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମୁଖ୍ୟାଳୟରେ ବିଭାଗୀୟ କମିଶନର ତଥା ସଚିବଙ୍କ ଅଧୀନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଲ୍ଲେଖନୀୟ, ଗତ ୧୫ତାରିଖରୁ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହାର ଦୁଇଦିନ ପୂର୍ବରୁ ଅର୍ଥାତ୍ ଗତ ୧୩ତାରିଖରୁ ସେ ଛୁଟି ଆବେଦନ କରି କାର୍ଯ୍ୟାଳୟ ଛାଡ଼ି ଯାଇଛନ୍ତି। ତାଙ୍କ ଛୁଟି ଆବେଦନ ମଞ୍ଜୁର ହୋଇ ନ ଥିବା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି । ସିଏସଓ ମାଝିଙ୍କ ଏଭଳି ବିଶୃଙ୍ଖଳିତ ଆଚରଣ ଯୋଗୁ ତାଙ୍କୁ କାର୍ଯ୍ୟରୁ ବିଭାଗୀୟ ସଚିବ ନିଲମ୍ବନ କରିଥିବା ଜଣାପଡ଼ିଛି ।

## ଆମ୍ବୁଲାନ୍ସ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ନବରଙ୍ଗପୁର,୨୨।୧୧(ବି.ପ୍ର.):** ଚିକିତ୍ସା ପାଇଁ ଜଣେ ମହିଳା ଡାକ୍ତରଖାନା ଯାଉଥିବା ବେଳେ ୧୦୮ ଆମ୍ବୁଲାନ୍ସ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ଲିମ୍ବଭଟ୍ଟା ଗାଁର ଇନ୍ଦୁମତୀ ସରାବୁ। ଲିମ୍ବଭଟ୍ଟା ଗାଁର ପ୍ରେମଚନ୍ଦ୍ର ସରାବୁ ତାଙ୍କ ସ୍ତ୍ରୀ ଇନ୍ଦୁମତୀ ଶୁକ୍ରବାର ସକାଳେ ବାଇକରେ ନବରଙ୍ଗପୁର ସଦର ମହକୁମା ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣୁଥିଲେ। ଏହି ସମୟରେ ପ୍ରସୂତିକୁ ନେଇ ଏକ ୧୦୮ ଆମ୍ବୁଲାନ୍ସ ଆସଙ୍ଗା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ଯାଉଥିବା ବେଳେ ପୁଜାରିଗୁଡା ଗାଁ ନିକଟରେ ବାଇକକୁ ଧକ୍କା ଦେଇଥିଲା। ଇନ୍ଦୁମତୀ ବାଇକରୁ ଛିଟିକି ତଳେ ପଡିଯିବା ସହ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଉକ୍ତ ଆମ୍ବୁଲାନ୍ସରେ ଇନ୍ଦୁମତୀଙ୍କୁ ଆସଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଜରୁରିକାଳୀନ ଚିକିତ୍ସା ପାଇଁ ବ୍ୟବସ୍ଥା ନଥିବାରୁ ତୁରନ୍ତ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ନବରଙ୍ଗପୁର ଡାକ୍ତରଖାନାରେ ଇନ୍ଦୁମତୀ ପହଞ୍ଚିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ମହାପ୍ରୟାଣ ଗାଡିରେ ଗାଁକୁ ପଠାଯାଇଥିଲା। ପରିବାର ଲୋକେ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ଡ୍ରାଇଭର ସୁରେଶ ଚନ୍ଦ୍ର ବିଷୋୟୀ ଆମ୍ବୁଲାନ୍ସ ସହ ନବରଙ୍ଗପୁର ଥାନାକୁ ଆସି ଆତ୍ମସମର୍ପଣ କରିଛନ୍ତି।

## ଡିସେମ୍ବର ସୁଦ୍ଧା ୬୦% ବଜେଟ୍ ବିନିଯୋଗ କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ଶେଷସୁଦ୍ଧା ରାଜ୍ୟର ରାଜସ୍ୱ ସଂଗ୍ରହରେ ୯% ଅଭିବୃଦ୍ଧି ଘଟିଛି। ଡିସେମ୍ବର ଶେଷସୁଦ୍ଧା ଆବଣ୍ଟିତ ଅର୍ଥର ୬୦% ବିନିଯୋଗ କରିବାକୁ ନିର୍ଦ୍ଦେଶ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ। ବିଭିନ୍ନ ବିଭାଗର ଆର୍ଥିକ ପରିଚାଳନା କାର୍ଯ୍ୟର ସମୀକ୍ଷା କରି ବଜେଟ୍ ବିନିଯୋଗକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

ଆଲୋଚନାରେ ଭାଗନେଇ ମୁଖ୍ୟ ଶାସନ ସଚିବ କହିଲେ, ବର୍ତ୍ତମାନ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଓଡ଼ିଶାକୁ ଏକ ପ୍ରଗତିଶୀଳ ରାଜ୍ୟଭାବେ ପ୍ରଶଂସା କରୁଛନ୍ତି। ଉତ୍ତମମାନର ଅନୁଶାସିତ ରାଜ୍ୟରେ ପରିଣତ କରିବାକୁ ସରକାରୀ ବିଭାଗଗୁଡ଼ିକ ଆଗଭର ହେବା ଉଚିତ। ଠିକ୍ ସମୟରେ ତ୍ୱରିତ ସେବା ଯୋଗାଇ ଦେବା ଦ୍ୱାରା ଏହା ସମ୍ଭବ ହୋଇପାରିବ। ନାଗରିକ ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ସରକାରୀସ୍ତରରେ ଯୋଗାଇ ଦିଆଯାଉଥିବା ସେବାକୁ ଅଧିକରୁ ଅଧିକ ଅନ୍‌ଲାଇନ କରାଇବା ପାଇଁ ତ୍ରିପାଠୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭିନ୍ନ ବିଭାଗର କର୍ତ୍ତୃପକ୍ଷଙ୍କୁ ଦେବାକୁ ଥିବା ଟ୍ୟାକ୍ସ ଏବଂ ଦେୟକୁ ଠିକ୍ ସମୟରେ ଭରଣା କରିବା ଲାଗି ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ଓରସାକ୍ ଦ୍ୱାରା ପ୍ରସ୍ତୁତ 'ଓଡ଼ିଶା-୪କେ-ଜିଓ ପୋର୍ଟାଲ'ରେ ସମସ୍ତ ସାଧାରଣ ସମ୍ପତ୍ତିର ବିବରଣୀ ଆପ୍‌ଲୋଡ୍ କରିବା ପାଇଁ ପାଇଁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ଅକ୍ଟୋବର ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ଓ ବଜେଟ୍ ବିନିଯୋଗ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ମୀନା କହିଛନ୍ତି, ବିଭାଗଗୁଡିକ ଦ୍ୱାରା ବିଭିନ୍ନ ବ୍ୟାଙ୍କରେ ଫଣ୍ଡି ପାର୍କିଂ ସମସ୍ୟା କ୍ଷେତ୍ରରେ ଅଗ୍ରଗତି ହୋଇଛି। ବିଭାଗ ଗୁଡ଼ିକର ପ୍ରକୃତ ଖର୍ଚ୍ଚ ସାଧାରଣ ଟ୍ରେଜେରି ପୋର୍ଟାଲରେ ପ୍ରତିଫଳିତ ହେଉଛି। ଏହା ନଗଦ କାରବାର ସ୍ଥିତି ପରିଚାଳନାରେ ସହାୟକ ହେବ।

ଅକ୍ଟୋବର ଶେଷସୁଦ୍ଧା ଅଣଟିକସ ରାଜସ୍ୱ ବାବଦରେ ପ୍ରାୟ ୭୩୧୯ କୋଟି ଟଙ୍କା ସଂଗୃହୀତ ହୋଇଛି। ଏ କ୍ଷେତ୍ରରେ ୧୨% ଅଭିବୃଦ୍ଧି ଘଟିଛି। ଖଣି ରାଜସ୍ୱ ଆଦାୟରେ ପ୍ରାୟ ୧୧%, ଜଳ ଟିକସ ୪୬%, ନିଜସ୍ୱ ଟିକସ କ୍ଷେତ୍ରରେ ୭.୫୬% ଅଭିବୃଦ୍ଧି ହୋଇଛି। ଗତ ଅକ୍ଟୋବର ଆର୍ଥିକ ବର୍ଷ ଶେଷସୁଦ୍ଧା ନିଜସ୍ୱ ଟିକସ ବାବଦକୁ ୨୨,୮୭୧ କୋଟି ଟଙ୍କା ଆଦାୟ ହୋଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ୨୪,୯୦୯ କୋଟି ଟଙ୍କା ଆଦାୟ ହୋଇଛି। ସେହିପରି ବଜେଟ୍ ବିନିଯୋଗ ମଧ ୧୬% ବଢିଛି। ଗତ ଆର୍ଥିକ ବର୍ଷ ଶେଷସୁଦ୍ଧା ବିଭିନ୍ନ ବିଭାଗଗୁଡ଼ିକ ୫୨,୫୨୫ କୋଟି ଟଙ୍କା ବିନିଯୋଗ କରିଥିବାବେଳେ ଚଳିତବର୍ଷ ଏହା ୬୦,୪୪୮ କୋଟି ଟଙ୍କା ଅତିକ୍ରମ କରିଥିବା ଜଣାପଡ଼ିଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

REQUIRED
A LEADING DETERGENT COMPANY of Kanpur requires experience Sales Officer and Sales Executive for all District of Odisha.
Mail - psenterprise97@gmail.com
Contact : 9437004176, 7289899143

SECURITY JOB
GISS ଆବଶ୍ୟକ କରୁଛି ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ୧୮ଜଣ ସିକ୍ୟୁରିଟି ଗାର୍ଡ ଏବଂ ୮ଜଣ ସିକ୍ୟୁରିଟି ସୁପରଭାଇଜର। Qul- 10th pass & above, Height-5'.6", age-25 to 45. Exp-2 years. Security Inspector-୨ଜଣ, Exp-3 years.
Contact : 8332953097 6370975356

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୪୦୦/- ରୁ ୪୨୪୦୦/-
7894509327

ଘରକାମ ପାଇଁ ୧୮ବର୍ଷରୁ ଅଧିକ ଝିଅ ଦରକାର । ରହିବା ଓ ଖାଇବା ସୁବିଧା ଅଛି । ମାଗଣାରେ ।
ଦରମା : କାମ ଅନୁଯାୟୀ
9825495448
7016330321

Herbal India
Bhubaneswar Requires Male / Female-10 Nos.
Qualification: 8th or 10th Pass
ଉତ୍ତମ ଦରମା ସହିତ ରହିବା ଓ ଖାଇବା ମାଗଣା।
Contact: 9937057118, 6370823466, 0674-2590053

REQUIRED
For Accountant Qualification - Graduation in Commerce with PGDCA and 2 years Experienced in Accounts.
Age - 22 years on words
Contact No. 8249808851 7978388286

REQUIRED
GRAPHIC DESIGNER
Contact : Bhabani Graphic Unit - 3, Bhubaneswar
Ph : 9937079224 8847869249

ଘରକାମ / ରୋଷେଇ / ରୋଗୀଯତ୍ନ / ପିଲାଯତ୍ନ ପାଇଁ (ମହିଳା/ପୁରୁଷ) ଆବଶ୍ୟକ
ବୟସ (୧୮ ରୁ ୪୫) ଦରମା (୬୦୦୦- ୧୦୦୦୦) + ରହିବା + ଖାଇବା ସୁବିଧା ଅଛି ।
9090900640 / 9090900840

WANTED
ଧରିତ୍ରୀ DHARITRI LIVE
Web Channel
is looking for
Anchors
• Candidates having Bachelors Degree in Journalism, Broadcasting or Communications & Strong Communication skills in Odia and English required.
• Responsibilities include scripting, anchoring, research and reporting, strong idea on use of digital and social media will be preferred.
Cinematographer- Videographer
• Graduates having 2-3 years of experience in Cinematography/Videography.
• Responsibilities include managing camera & light crew, strong technical knowledge of cameras & thorough understanding of lighting techniques, light color, shade & manipulation.
Apply immediately to :
recruitment@dharitri.com
Pay & perks will be the best in the industry for deserving candidates.

REQUIREMENT
Sales Manager - 4 Nos.
For Bhubaneswar with Good Salary
Contact : 9778239557

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Part Time / Full Time
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ଆବଶ୍ୟକ ''ଡିମାଣ୍ଡ ମସଲା'' ଏବଂ ''ଡିମାଣ୍ଡ ବଜାର'' କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ/ପଞ୍ଚାୟତ ସ୍ତରୀୟ ଉଭୟ ପୁରୁଷ/ମହିଳା Stockist, Distributor, Business Development Manager, Sales Officer ଆବଶ୍ୟକ। ଦରମା: ଟ. ୧୦,୦୦୦/- ରୁ ଟ.୨୦,୦୦୦/- + ବୋନସ୍। ଶିକ୍ଷାଗତ ଯୋଗ୍ୟତା: ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ତଦୂର୍ଦ୍ଧ୍ୱ।
9938826988, 7064545450, 8338055696

WALK-IN-INTERVIEW
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ । ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ତମଣ୍ଡା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିଣ୍ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

ଆବଶ୍ୟକ
ହୋଟେଲ ମ୍ୟାନେଜର
• ପୁରୀର ଏକ ପ୍ରତିଷ୍ଠିତ ହୋଟେଲ ପାଇଁ ହୋଟେଲ ମ୍ୟାନେଜମେଣ୍ଟରେ ୩-୬ ବର୍ଷର ଅଭିଜ୍ଞତା ଥିବା ସ୍ନାତକ ଡିଗ୍ରୀଧାରୀ ପ୍ରାର୍ଥୀ ଆବଶ୍ୟକ।
• ଦାୟିତ୍ୱ ମଧ୍ୟରେ ରହଣି ସୁବିଧାର ଯୋଜନା ଓ ଆୟୋଜନ, କ୍ୟାଟେରିଂ ଓ ଅନ୍ୟାନ୍ୟ ହୋଟେଲ ସେବା, ଗ୍ରାହକଙ୍କ ଅଭିଯୋଗ ଓ ମତାମତର ପରିଚାଳନା, କାର୍ଯ୍ୟକ୍ରମ ଓ ସମ୍ମିଳନୀର ପରିଚାଳନାକୁ ସୁନିଶ୍ଚିତ କରିବା, ହୋଟେଲ କର୍ମଚାରୀଙ୍କ ବ୍ୟକ୍ତିଗତ ତଥା ଦଳଗତ ଦାୟିତ୍ୱର ବନ୍ଦୋବସ୍ତ ତଥା ତଦାରଖ କରିବା ଅନ୍ତର୍ଭୁକ୍ତ।
• ପ୍ରାର୍ଥୀଙ୍କ ନିକଟରେ ଇଂଲିଶ ଭାଷାରେ ଉତ୍ତମ ଯୋଗାଯୋଗ ଦକ୍ଷତା ସମେତ ଏମ୍ଏସ୍ ଅଫିସ୍, ଇ-ମେଲ୍, ଟ୍ରିପ୍ଆଡ୍‌ଭାଇଜର, ଏୟାରବିଏନ୍‌ବିରେ ଉତ୍ତମ ଜ୍ଞାନ ରହିଥିବା ଜରୁରୀ।
ହାଉସ୍ କିପିଙ୍ଗ
ହୋଟେଲ ବା ଘର ପାଇଁ ହାଉସ୍ କିପିଙ୍ଗ୍ କାର୍ଯ୍ୟରେ ଅଭିଜ୍ଞତା ଥିବା ପୁରୁଷ ପ୍ରାର୍ଥୀ ଆବଶ୍ୟକ।
ରୋଷେୟା
ପ୍ରତିଷ୍ଠିତ ହୋଟେଲରେ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୁନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଇ-ମେଲ୍: recruitment@dharitri.com
ଯୋଗାଯୋଗ ନଂ: ୭୮୯୪୪୪୭୧୫୪

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦/-
Ph : 7894458655
(Call Timing : 12.00-6.00 ମଧ୍ୟରେ)

STAFF REQUIRED
For Kalpataru Nuts Pvt. Ltd.
Pvt. Ltd. Company Based in Berhampur.
Posts : Accounts Manager (Male / Female), MBA with 3+ Year experience for Berhampur Office. Factory Manager required for below 3 units.
Experience 10+ Years
Prayagi (Ganjam)
Keshpur (Ganjam)
Angargoan (Ganjam)
Accountant and Account Manager, Location - Ballipada
(Male / Female)
Tally with 3 + years experience
Contact : 9937426666
kpnutspvtltd@gmail.com

GANDHI INSTITUTE OF TECHNOLOGY AND MANAGEMENT (GITAM)
BHUBANESWAR
Saraswati vihar, Gramadiha; Gangapada. Khurda - 752054, Ph 0674 - 2113255, web: gitam.ac.in
Email : caa@gitam.ac.in
APPOINTMENTS
Interested candidates may apply for the following posts with their complete resume to the e-mail provided within seven days of this advertisement.
• Principal : PhD. with 15 years of Experience.
• Associate Prof. /Asst. Prof. in ( MECH,CSE, CIVIL,EE, EEE, Science & Humanities ( Mathematics, Physics, Chemistry, English, MBA)
• Laboratory Demonstrator : MECH / CSE / ECE / EEE / EE / CIVIL
• System Administrator :
• Hostel Superintendent • Yoga Instructor • Music and Dance Trainer • Public Relation Officer • Supporting staff
• Horticulturist • Security Guard • Welder
NB: Educational qualification should be as per AICTE norms and conditions.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଅନ୍‌ବୋର୍ଡ ସେବାର ଆଉଟସୋର୍ସିଂ କରିବ ରେଲ୍‌ୱେ



**ନୂଆଦିଲ୍ଲୀ,୨୨-୧୧:** ରେଲ୍‌ୱେ ଏହାର କମର୍ସିଆଲ ଏବଂ ଅନ୍‌ବୋର୍ଡ ସେବାର ଆଉଟସୋର୍ସିଂ କରିବ। ଘରୋଇ କମ୍ପାନୀଗୁଡିକଠାରୁ ଏହି ସେବା ନିଆଯିବ ବୋଲି ରେଳମନ୍ତ୍ରୀ ପୀୟୁଷ ଗୋୟଲ ଶୁକ୍ରବାର ସୂଚନା ଦେଇଛନ୍ତି। ରେଲ୍‌ୱେର ଘରୋଇକରଣ ନେଇ ରହିଥିବା ଏକ ପ୍ରଶ୍ନ ଉପରେ ଗୋୟଲ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ରେଲ୍‌ୱେ ଭାରତ ଏବଂ ଭାରତୀୟଙ୍କ ସମ୍ପତ୍ତି। ଏହା ଆଗକୁ ମଧ ରାଷ୍ଟ୍ରାୟତ୍ତ ସମ୍ପତ୍ତି ହୋଇ ରହିବ। ରେଲ୍‌ୱେର ଘରୋଇକରଣ ନେଇ କୌଣସି ସମ୍ଭାବନା ପ୍ରସଙ୍ଗକୁ ସେ ଖାରଜ କରିଛନ୍ତି। ସରକାର ରେଲ୍‌ୱେର ଘରୋଇକରଣ କରୁ ନ ଥିବା ବେଳେ ଯାତ୍ରୀ ସୁବିଧାକୁ ଉନ୍ନତ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କହିଛନ୍ତି। ଆଗାମୀ ୧୨ ବର୍ଷରେ ରେଲ୍‌ୱେ ୫୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆବଶ୍ୟକ କରୁଛି। ଏହା ରେଲ୍‌ୱେ ଏକାକୀ କରିବା ସମ୍ଭବ ନୁହେଁ। ଏଣୁ ଏଥିଲାଗି ବିଭିନ୍ନ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି।



"ଦେଶରେ ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଭଳି ଭୁଲ ନୀତି ପ୍ରଣୟନ ହୋଇଥିବାରୁ ଏହା ମାନ୍ଦାବସ୍ଥାକୁ ଡାକି ଆଣିଛି।
– ଅମିତ ମିତ୍ର, ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ



"ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଚକ୍ରୀୟ, ଏହା ଦୀର୍ଘ ସମୟ ଯାଏ ରହିବ ନାହିଁ।
– ଆର୍. ବୈଦ୍ୟନାଥନ୍, ବିଶିଷ୍ଟ ଅର୍ଥନୀତି ପ୍ରଫେସର

### ରିଜର୍ଭ ବ୍ୟାଙ୍କ ପୂର୍ବତନ ଗଭର୍ନରଙ୍କ ମତ

# ୫ ଟ୍ରିଲିୟନ ଡଲାର ଜିଡିପି ହାସଲ କଷ୍ଟସାଧ

**ଅହମ୍ମଦାବାଦ,୨୨-୧୧**

- ବିକାଶ ହାର ଖସୁଛି
- ୯% ଅଭିବୃଦ୍ଧି ଆବଶ୍ୟକ
- ଲକ୍ଷ୍ୟ ହାସଲ ହେଲେ ବି ଭାରତ ବିକଶିତ ରାଷ୍ଟ୍ର ହେବନି
- ମୁଣ୍ଡପିଛା ଆୟ କ୍ଷେତ୍ରରେ ବୃହତ୍ ତାରତମ୍ୟ



ସି. ରଙ୍ଗରାଜନ୍, ପୂର୍ବତନ ଗଭର୍ନର, ଆର୍‌ବିଆଇ

ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତି ଏବେ ଠିକ୍ ନାହିଁ। ୨୦୨୫ ସୁଦ୍ଧା ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ରୂପାନ୍ତରିତ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହାକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ସି.ରଙ୍ଗରାଜନ ଭିନ୍ନମତ ପୋଷଣ କରିଛନ୍ତି। ଇକ୍‌ଫାଇ ବିଜନେସ ସ୍କୁଲ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରଙ୍ଗରାଜନ କହିଛନ୍ତି ଯେ, ଧାର୍ଯ୍ୟ ସମୟରେ ମଧ ଏହି ଲକ୍ଷ୍ୟ ହାସଲ କରିବା ଅତ୍ୟନ୍ତ କଷ୍ଟସାଧ। ଉକ୍ତ ଲକ୍ଷ୍ୟ ହାସଲ ନେଇ ପ୍ରଶ୍ନ ଉଠୁନାହିଁ।

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ପୁଣି ଥରେ ଶାସନ କ୍ଷମତାକୁ ଫେରିବା ପରେ ଦେଶକୁ ଆଗାମୀ ୫ ବର୍ଷ ସୁଦ୍ଧା ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପରିବର୍ତ୍ତନ କରିବା ଲାଗି ଘୋଷଣା କରିଥିଲେ। ମାତ୍ର ଅର୍ଥ ବ୍ୟବସ୍ଥାରେ ଏବେ କଳାବାଦଲ ଛାଇ ହୋଇ ରହିଥିବାରୁ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ଅର୍ଥ ବ୍ୟବସ୍ଥାରେ ଅଭିବୃଦ୍ଧି ୨୦୧୬ ଆର୍ଥିକ ବର୍ଷରେ ୮.୨% ରହିଥିଲା। ଏହା ୨୦୧୯ରେ ୬.୮%କୁ ଖସିଛି। ୨୦୧୯-୨୦ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ଜିଡ଼ିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିଛି। ଏହା ଦ୍ୱିତୀୟ ତ୍ରୈମାସରେ ୪.୩% ରହିବ ବୋଲି ଅନୁମାନ କରାଯାଉଛି। ସାରା ବର୍ଷ ଲାଗି ଅଭିବୃଦ୍ଧି ଆକଳନକୁ ରିଜର୍ଭ ବ୍ୟାଙ୍କ ୯୦ ବେସିସ ପଏଣ୍ଟ କମାଇବା ସହ ୬.୧% ରଖିଛି।

ସେ କହିଛନ୍ତି, ଭାରତର ଜିଡିପି ଏବେ ୨.୭ ଟ୍ରିଲିୟନ ଡଲାର ସ୍ତରରେ ରହିଛି। ଅର୍ଥନୀତିକୁ ଆଗାମୀ ୫ ବର୍ଷରେ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବାକୁ ସାଧାରଣରେ ଆଲୋଚନା ହେଉଛି। ଏହି ଲକ୍ଷ୍ୟ ହାସଲ କରିବା ଲାଗି ଭାରତକୁ ଅନ୍ତତଃ ପକ୍ଷେ ୯% ହାରରେ ଅଭିବୃଦ୍ଧି କରିବାକୁ ହେବ। ଏଣୁ ଏହି ଲକ୍ଷ୍ୟକୁ ହାସଲ କରିବା ଏତେ ସହଜ ହେବ ନାହିଁ। ଗତ ୨ ଧରି ଭାରତର ଜିଡ଼ିପି ଅଭିବୃଦ୍ଧି ଖସିଛି। ଚଳିତ ଆର୍ଥିକ ବର୍ଷ ମଧ ଏହା ୬% ଭିତରେ ରହିବା ଭଳି ପ୍ରତୀୟମାନ ହେଉଛି। ଆସନ୍ତା ଆର୍ଥିକ ବର୍ଷ ହୁଏତ ୭% କିମ୍ବା ଏହା ପରବର୍ତ୍ତୀ ବର୍ଷଗୁଡିକରେ ଅର୍ଥନୀତିରେ ସୁଧାର ଆସିପାରେ ବୋଲି ସେ ମତ ରଖିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ, ଭାରତ ୫ ଟ୍ରିଲିୟନ ଡଲାର ବିଶିଷ୍ଟ ଅର୍ଥନୀତି ହୋଇଗଲେ ମଧ ଭାରତ ମୁଣ୍ଡପିଛା ଆୟ କ୍ଷେତ୍ରରେ ବିଶେଷ ଅଗ୍ରଗତି କରି ପାରିବ ନାହିଁ। ଏବେ ଦେଶରେ ମୁଣ୍ଡ ପିଛା ଆୟ ୧୮୦୦ ଡଲାର ଥିବା ବେଳେ ଏହା ଧାର୍ଯ୍ୟ ସମୟ ମଧରେ ୩୬୦୦ ଡଲାରକୁ ବଢିପାରେ। ତେବେ ମଧ ଭାରତ ଏକ ନିମ୍ନ ମଧ୍ୟମ ଆୟକାରୀ ଦେଶ ବ୍ରାକେଟରେ ରହିବ। ଭାରତ ଏକ ବିକାଶଶୀଳ ଦେଶ ହେବା ଲାଗି ମୁଣ୍ଡ ପିଛା ଆୟ ୧୨ ହଜାର ଡଲାରକୁ ବଢାଇବାକୁ ପଡିବ। ଏଥି ପାଇଁ ୨୨ ବର୍ଷ ସମୟ ଲାଗି। ଏହି ଲକ୍ଷ୍ୟ ହାସଲ ଲାଗି ୯% ବାର୍ଷିକ ହାରରେ ଅଭିବୃଦ୍ଧି ଆବଶ୍ୟକ ବୋଲି ସେ କହିଛନ୍ତି।

## ରେନୋର ଶୀତକାଳୀନ ସର୍ଭିସ କ୍ୟାମ୍ପ

**ଭୁବନେଶ୍ୱର,୨୨-୧୧**




ପ୍ରମୁଖ ଯାନ ନିର୍ମାତା କମ୍ପାନୀ ରେନୋ ଇଣ୍ଡିଆ ପକ୍ଷରୁ ଶୀତକାଳୀନ ସର୍ଭିସ କ୍ୟାମ୍ପ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୨୫ରୁ ଡିସେମ୍ବର ୧ ଯାଏ ସାତ ଦିନ ବ୍ୟାପୀ ଏହା ସାରା ଦେଶରେ ଥିବା କମ୍ପାନୀର ୪୫୦ ସର୍ଭିସ ଫାସିଲିଟି ଗୁଡିକରେ ଅନୁଷ୍ଠିତ ହେବ। ଏହି ସମୟରେ ଗ୍ରାହକମାନ ସେମାନଙ୍କ କାର୍ ଚେକ୍ କରାଇବାକୁ ସୁବିଧା ପାଇପାରିବେ। ଏହାବାଦ୍ କମ୍ପାନୀ ବିଭିନ୍ନ ଗ୍ରାହକ ସମ୍ପର୍କ ଅଭିଯାନ ମାନ ଏହି ସମୟରେ ଆୟୋଜନ କରାଇବାକୁ ନିଷ୍ପତ୍ତି ନେଇଛି। ସ୍ପେୟାରପାର୍ଟସ,ଲେବର ଚାର୍ଜ ଏବଂ ଆସେସୋରିଜ ଉପରେ ଏହି ସମୟରେ ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ସୁବିଧା କରାଯାଇଛି। ଲୋକମାନେ ତାଲିମ୍‌ପ୍ରାପ୍ତ ସର୍ଭିସ ଟେକ୍ନିସିଆନଙ୍କ ଦ୍ୱାରା ବିଭିନ୍ନ ସେବା ଲାଭ କରିପାରିବେ। ବଛାବଛା ଆସେସୋରିଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି ରହିଛି। କେତେକ ପାର୍ଟସ ଉପରେ ୧୦% ଆକର୍ଷଣୀୟ ରିହାତି, ଲେବର ଚାର୍ଜ ଏବଂ ଅନ୍ୟ ଭାଲ୍ୟୁ ସଂଯୋଗ ସେବା ଉପରେ ୧୫% ରିହାତି, ରେନୋ ସିକ୍ୟୁର ଉପରେ ୧୦% ରିହାତି ଏହି ସମୟରେ ଗ୍ରାହକ ଲାଭ କରିପାରିବେ।

## ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଲାଗି ସିଣ୍ଡିକେଟ ବ୍ୟାଙ୍କର ସହାୟତା

**ଭୁବନେଶ୍ୱର,୨୨-୧୧**



ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଲାଗି ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ୨୫ ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷାର ପ୍ରାୟୋଜକ ସିଣ୍ଡିକେଟ ବ୍ୟାଙ୍କ ରହିଥିବା ସୂଚନା ରହିଛି। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ବିଶ୍ୱନାଥ ଦାସ, ମାର୍କେଟିଂ ପ୍ରବନ୍ଧକ ସିଦ୍ଧାର୍ଥ ଚୌଧୁରୀ ୭.୪୯ ଲକ୍ଷ ଟଙ୍କାର ଏକ ଚେକ୍‌କୁ କିଟରେ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ପ୍ରଦାନ କରିଛନ୍ତି।

## ଜିଏସ୍‌ଟି ମୁଖ୍ୟ କମିଶନରଙ୍କ ସମ୍ମିଳନୀ




**ଭୁବନେଶ୍ୱର,୨୨-୧୧**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ମୁଖ୍ୟ କମିଶନର ମହାନିର୍ଦ୍ଦେଶକ ସ୍ତରୀୟ ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଜିଏସ୍‌ଟିକୁ ଆହୁରି ସରଳୀକରଣ କରିବା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ସବ୍‌କା ବିଶ୍ୱାସ ସ୍କିମ ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଜିଏସ୍‌ଟିରେ ପରିବର୍ତ୍ତନ ପରେ ବ୍ୟବସାୟୀ ଏବଂ ଶିଳ୍ପ ଜଗତ କିଭଳି ସମସ୍ୟା ସାମ୍ନା କରୁଛି ସେ ଦିଗରେ ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ। ନୂଆ ରିଟର୍ନ ସିଷ୍ଟମ, ରାଜସ୍ୱ ବୃଦ୍ଧି, ଜିଏସ୍‌ଟି ରିଟର୍ନ ଏବଂ ଜିଏସ୍‌ଟି ବ୍ୟବସ୍ଥାରେ ପାରଦର୍ଶିତା ଆଣିବା ଦିଗରେ ଏଠାରେ ଆଲୋଚନା କରାଯାଇଥିଲା। ସିବିଆଇସି ସଦସ୍ୟ ଏସ୍.ଏମ୍. ଭଟ୍ଟନାଗର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଜୋନର ପ୍ରିନ୍ସିପାଲ ଚିଫ୍ କମିଶନର, ମୁଖ୍ୟ କମିଶନରଙ୍କ ଏବଂ ଜୋନାଲ ମହାନିର୍ଦ୍ଦେଶକମାନେ ଯୋଗ ଦେଇଥିଲେ।

## ହିରୋ ମୋଟୋକର୍ପର ଚିଲ୍ଡ୍ରେନ ଟ୍ରାଫିକ ଟ୍ରେନିଂ ପାର୍କ

**ହାଇଦ୍ରାବାଦ,୨୨-୧୧**

ହିରୋମୋଟୋକର୍ପ ଲିମିଟେଡ ପକ୍ଷରୁ ବିଶ୍ୱସ୍ତରୀୟ ଚିଲଡ୍ରେନ ଟ୍ରାଫିକ ଟ୍ରେନିଂ ପାର୍କ ହାଇଦ୍ରାବାଦର ରାଚାକୋଣ୍ଡାଠାରେ ଶୁଭାରମ୍ଭ ହୋଇଛି। ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପାର୍କ ନିର୍ମାଣ ହୋଇଥିବା ବେଳେ ଏହା ସ୍ଥାନୀୟ ପୋଲିସର ସହାୟତାରେ କାର୍ଯ୍ୟ କରିବ। ଏହାକୁ ମିଶାଇ ସାରା ଦେଶରେ ହିରୋ ମୋଟ ୯ଟି ପାର୍କ ଏବେ ସୁଦ୍ଧା ସ୍ଥାପନ କରିଛି। ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଏହା ଦ୍ୱାରା ପ୍ରଦାନ କରାଯାଉଛି। ତେଲେଙ୍ଗାନାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆଇପିଏସ୍ ଅଫିସର୍ ଜିତେନ୍ଦ୍ର, ରାଚାକୋଣ୍ଡା ପୋଲିସ କମିଶନର ଆଇପିଏସ୍ ଅଫିସର୍ ମହେଶ ଏମ୍. ଭାଗୱତ, ଅତିରିକ୍ତ ସିପି ଟ୍ରାଫିକ ଜି.ସୁଧୀର ବାବୁ, ହିରୋ ମୋଟୋକର୍ପ ସିଏସ୍‌ଆର୍ ପରାମର୍ଶଦାତା ରାକେଶ ମୁଖାର୍ଜୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସଡକ ସୁରକ୍ଷା ପ୍ରସଙ୍ଗକୁ ବିଚାର କରି ଏ କ୍ଷେତ୍ରରେ ସଚେତନତା ବାର୍ତ୍ତା ପ୍ରଦାନ କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ହିରୋମୋଟୋକର୍ପ ଲିମିଟେଡର ସିଏସ୍‌ଆର୍ ସିଆଇଓ ଏବଂ ସିଏଚ୍‌ଆର୍‌ଓ ମୁଖ୍ୟ ବିଜୟ ସେଠୀ କହିଛନ୍ତି।




## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପୁରସ୍କୃତ

**ଭୁବନେଶ୍ୱର,୨୨-୧୧**



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶତାବ୍ଦୀ ପୂର୍ତ୍ତି ଅବସରରେ ଆୟୋଜିତ ରକ୍ତଦାନ ଶିବିରରୁ ୫୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହା ବ୍ଲଡ ବ୍ୟାଙ୍କକୁ ପ୍ରଦାନ କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାଙ୍କକୁ ପୁରସ୍କୃତ କରାଯାଇଛି। ୟୁନିୟନ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଉପମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ରୂପଲାଲ ମୀନା, ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କ ମ୍ୟାନେଜର ଅନୀଲ କୁମାର ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ଏସ୍‌ବିଆଇ ପକ୍ଷରୁ ଗ୍ରାହକ ସମ୍ମିଳନୀ

**ନୂଆଦିଲ୍ଲୀ,୨୨-୧୧:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ନଭେମ୍ବର ୨୨ରେ ସାରା ଦେଶରେ ଗ୍ରାହକ ସମ୍ମିଳନୀ ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଇଛି। ଓଡ଼ିଶାରେ ଏହା ୨୫ଟି ସ୍ଥାନରେ ଆୟୋଜନ ନେଇ ପ୍ରସ୍ତାବ ରହିଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ସାରା ଦେଶରେ ୫୧୭ ସ୍ଥାନରେ ଗ୍ରାହକଙ୍କ ସହ ଯୋଡି ହେବାକୁ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ଏହି ସମୟରେ ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଙ୍ଗ ଉପରେ ଗ୍ରାହକଙ୍କ ମଧରେ ବ୍ୟାଙ୍କ ସଚେନତନତା ସୃଷ୍ଟି କରିବ। ଗ୍ରାହକଙ୍କ ମତାମତ ସଂଗ୍ରହ କରି ସେବା ଓ ଅନୁଭୂତିରେ ଉନ୍ନତି ଆଣିବା ଲାଗି ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଗ୍ରାହକ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଏସ୍‌ବିଆଇର ରିଟେଲ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ ଏମ୍‌ଡି ପି.କେ. ଗୁପ୍ତା କହିଛନ୍ତି।

## ଜ୍ୟୁରିକ ବିଶ୍ୱର ସବୁଠାରୁ ପ୍ରାଚୁର୍ଯ୍ୟପୂର୍ଣ୍ଣ ସହର

**ନୂଆଦିଲ୍ଲୀ,୨୨-୧୧:** ନିକଟରେ ପ୍ରକାଶିତ ଗ୍ଲୋବାଲ ପ୍ରସପରିଟି ଇଣ୍ଡେକ୍ସ ବା ବିଶ୍ୱ ପ୍ରାଚୁର୍ଯ୍ୟପୂର୍ଣ୍ଣ ସୂଚୀରେ ଭାରତର ବାଙ୍ଗାଲୋର ୮୩ତମ ସ୍ଥାନରେ ରହିଛି। ଏହି ତାଲିକାରେ ଥିବା ବିଶ୍ୱର ମୋଟ ୧୧୩ ସହର ମଧରୁ ଦିଲ୍ଲୀ ୧୦୭ ଏବଂ ମୁମ୍ବାଇ ୧୦୭ତମ ସ୍ଥାନରେ ରହିଥିବା ଜଣାପଡିଛି। ତାଲିକାର ପ୍ରଥମ ସ୍ଥାନରେ ସୁଇଜରଲାଣ୍ଡର ଜ୍ୟୁରିକ୍ ପ୍ରଥମସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ ଭିଏନା ଏବଂ ତୃତୀୟରେ କୋପେନହାଗେନ ରହିଛି। ଚତୁର୍ଥ ସ୍ଥାନରେ ଲକଜମବର୍ଗ, ପଞ୍ଚମରେ ହେଲସିଙ୍କି, ଷଷ୍ଠରେ ତାଇପେ, ସପ୍ତମରେ ଓସ୍ଲୋ, ଅଷ୍ଟମରେ ଓଟାୱା, ନବମରେ କିଲ, ଏବଂ ଦଶମରେ ଜେନିଭା ରହିଛି। ଲଣ୍ଡନ ୩୩ତମ ଏବଂ ନ୍ୟୁୟର୍କ ୩୮ତମ ସ୍ଥାନରେ ରହିଛି। ଶୁକ୍ରବାର ପ୍ରକାଶିତ ପ୍ରସପରିଟି ଆଣ୍ଡ ଇନକ୍ଲୁଜନ ସିଟି ସିଲ ଆଣ୍ଡ ଆୱାର୍ଡସ ଇଣ୍ଡେକ୍ସରେ ସହରଗୁଡିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସହରଗୁଡିକର କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ ଏହାର ଜନସଂଖ୍ୟା ମଧରେ ଗୁଣବତ୍ତା ଏବଂ ବଣ୍ଟନ କ୍ଷେତ୍ରକୁ ମଧ ବିଚାର କରାଯାଇଛି।

**CUTTACK MUNICIPAL CORPORATION**
**SHORT TENDER CALL NOTICE**
**No. 4123 (PW)/dt. 22.11.2019**

Name of Works : Civil Work,
No of Works : 09 Nos.
Bid Value : Rs. 0.94 Lakh to Rs. 1.83 Lakh
Period of Completion : One Month
Date and Time schedule :

| Start | End | Opening |
|---|---|---|
| 3.00 PM on dt. 25.11.2019 | 5.00PM on dt.4.12.2019 | 11.00 A.M. on dt. 07.12.2019 |

Tender Details : can be seen from the portal : www.cmccuttack.gov.in

Executive Engineer, City Division-I

**OFFICE OF THE PRINCIPAL**
**TENTULIA SASAN DEBASTHAN COLLEGE**
(NAAC ACCREDITED GRADE 'B' COLLEGE)
At/Po : Bijaya Dhanurjaya Pur, Dist.- Ganjam
Odisha, (Pin-761120), Ph.- 06818-267327
Fax : 06818-267110, e-mail : tsdcollege@gmail.com

**Corrigendum Notice**

In continuation to the Tender Notice No.TSD/OHEPEE/03/2019 Date: 06.11.2019 it for information to all concerned that, the last date of the receipt of the bids for the procurement of Books and water Purifier is extended to 06.12.2019. But all terms and conditions will remain the same.

Sd./- Principal
T.S.D. College, B.D. Pur (GM)

**Odisha Mineral Exploration Corporation Ltd.** OMECL
Regd. Office: OMC House, Bhubaneswar-751001, Odisha
CIN : U13209OR2016SGC025960

**CORRIGENDUM OF TIME EXTENSION FOR MANAGEMENT CONSULTANT CUM TRANSACTION ADVISOR OF ODISHA MINERAL EXPLORATION CORPORATION LTD (OMECL).**

For NIT No. 02/OMECL/E-PROC/2019, dated 08.11.2019 and tender Notice displayed in OMC Website on 08.11.2019, following are the amendments for time extension.

The date of up-loading for final RFP document extended to : **28.11.2019**

The last date of proposal submission extended upto : **10.12.2019 at 03:00 PM**

Date and time of bid opening extended to : **11.12.2019 at 04:00 PM**

General Manager (Exploration)

**THE ODISHA MINING CORPORATION LIMITED** OMC | ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
No. CAD-614:

**SHORT TENDER CALL NOTICE NO- 06 /OMC/MTM/JJKR/2019-20, DTD: 21.11.2019**

Sealed Tenders are invited in conformity with detailed tender call notice to be eventually drawn in OMC agreement for the following works from the registered Contractor /Agencies of State / PWD / CPWD / Railway / State or Central Govt. undertaking etc. /Owner of Machineries with work experiences (Including mining) or in similar nature of Work to be engaged for the work having the documents mentioned herewith.

| Sl No. | Name of the works | Estimated Cost (In Lakhs) | EMD (In Rs.) | Class of Contractor | Cost of tender paper | Period of competition |
|---|---|---|---|---|---|---|
| 01. | Engagement of 1.2 Cum capacity Excavator (Backhoe) for under taking terracing of Environment & Transportation operation work at **South Kaliapani Mines** in the District of Jajpur. | Rs.25,52,836.50 (Approx) (GST 18%) Rs. 4,59,510.57 Total: Rs. 30,12,347.07 | 1,00,000.00 | Any agencies with valid documents | Rs. 11,800/- Including GST 18% | 1350 Hrs. |

**02. SALE OF TENDER PAPER :** Tender documents will be available in the OMC website "www.omcltd.in" from dtd- **25.11.2019 to 04.12.2019** which can be downloaded and submitted with the cost of tender paper (Non-refundable) in shape of Demand Draft in favour of OMC Ltd. payable at J.K. Road . The intending tenderers are required to produce the photocopy of valid contract license, PF Registration document PAN and GST registration no. Ownership of required machinary with up to date documents and experience in executing similar type of works while applying for tender needs to be furnished.

**03. EARNEST MONEY DEPOSIT:** Earnest money is to be deposited in shape of Demand Draft on any Nationalized Bank, Payable at Jajpur Road drawn in favour of **M/s OMC Ltd, Jajpur Road**

**04. SUBMISSION OF TENDER:** The last date of submission of tender paper (Having two separate bids i.e. Technical & Price bid in a Single Envelope) is **03.30 PM on dated 08.12.2019** in the tender box kept at Regional Office, Jajpur. Road . The tender documents will be opened on dtd. **08.12.2019 at 4.00 PM** in presence of tenderers or their authorised representatives in the office of the Regional Manager, OMC Limited, Jajpur Road. After evaluation of the technical bid the price bid of the qualified tenderers will be opened.

**05.** Failure to deposit required amount of EMD, tender paper cost, required documents and details of tender documents duly signed by the tenderers are liable for rejection.

**06.** The Authority reserves the right to reject any or all tenders without assigning any reason thereof.

30005/11/0095/1920

Regional Manager
OMC Ltd, Jajpur Road

**"e" PROCUREMENT NOTICE**
**Tender Reference No_BNJNAC_1/2019_20**
**Tender Call Notice No_2570 / 2019 Dt. 21.11.19**

Bid documents consisting of the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in.**

1. Name of the work: Civil works as mentioned in website.
2. No. of works: 4 Nos.
3. Bid value: Rs. 7.42 Lakhs to 65.28 Lakhs.
4. Period of completion: 90 days.
5. Date and time of availability of the bid documents in the portal: 22.11.2019 at 10.00 AM to 5.00 PM of dt. 03.12.2019.
6. Last date of/ Time for receipt of bids in the portal: 03.12.2019 upto 5.00 PM.
7. Bids received online shall be opened on 07.12.2019 at 11.00 AM.
8. Name and Address of the Officer inviting Bid: Executive Officer, N.A.C., Bhanjanagar.

Further details can be seen from the procurement portal: **www.tendersorissa.gov.in.**

Sd./- Executive Officer, N.A.C., Bhanjanagar

**OFFICE OF THE VYASANAGAR MUNICIPALITY, VYASANAGAR, JAJPUR**
E-mail ID: vyasanagarmunicipality@gmail.com, Website: ulbodisha.gov.in, Ph.: 06726-220207
**TENDER CALL NOTICE FOR SUPPLY OF VEHICLE AND MAN POWER**
Letter No.: 2605 Date: 22.11.2019

The Executive Officer, Vyasanagar Municipality, Vyasanagar Jajpur invites the sealed quotation from the intending registered Firms, Transport Agencies, Service providers or Individual having PAN, GST and registration certificate for supply of 13 (Thirteen) light commercial vehicle and manpower. The sealed quotation shall be reached before the undersigned on or before Dt.09.12.2019 at 12 P.M. and the same shall be opened on 10.12.2019 at 3.30 P.M. in the presence of the quotationer or their authorized agent if any. In the absence of the both the undersigned can be opened the bids. If the office shall be closed due to unavoidable situation the same shall be opened in the next working day in the same time & venue or further notification.
The quotationer must be accompanined with E.M.D. @ 1% (One Percent) of the quoted amount in shape of DD or Bank Cheque in favour of the Executive Officer, Vyasanagar Municipality, Vyasanagar from any Nationalized Bank.
In the DTCN detailed term and conditions can be obtained from the Office of the undersigned on a payment of Rs.1,000.00 (Rupees one thousand) in shape of B.C./B.D./D.D. in favour of Executive Officer, Vyasanagar Municipality, Vyasanagar (non-refundable) or can be downloaded from the website **www.jajpur.nic.in**. In case of download the paper cost shall be furnished along with the offer.

Sd./- Executive Officer, Vyasanagar Municipality

**ତହସିଲ କାର୍ଯ୍ୟାଳୟ, ଲେଫ୍ରିପଡ଼ା**

ବିଜ୍ଞପ୍ତି ସଂଖ୍ୟା.3023 ତାରିଖ.21.11.2019

**ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଲେଫ୍ରିପଡ଼ା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନ (ପଥର) ଗୁଡିକର 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ (Odisha Minor Mineral Concession Rules-2016)ର Form-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି Sealed Coverରେ ଆବେଦନ କରିବେ ଯାହା କି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.13.12.2019 ସୁଦ୍ଧା ଡ୍ରପ ବକ୍ସରେ ପକାଇବେ। ସେହିଦିନ Tender Box ତହସିଲ କାର୍ଯ୍ୟାଳୟରେ ସମୟ 3.00ଘଟିକାରେ ଖୋଲାଯାଇ ଲିଜ ଚୁଡାନ୍ତ କରାଯିବ। ପ୍ରଥମ ତାରିଖରେ ଲିଜ ପାଇଁ ଚୂଡାନ୍ତ ହୋଇ ନ ପାରିଲେ, ଦ୍ୱିତୀୟ ତାରିଖ ତା20.12.2019 ଏବଂ ତୃତୀୟ ତାରିଖ ତା27.12.2019ରିଖରେ କରାଯିବ ଏବଂ ସୈରାତ ଉତ୍ସଗୁଡିକର ତାଲିକା ସର୍ତ୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କ ୱେବ୍‌ସାଇଟ୍ http//:www.sundargarh.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ପାଇପାରିବେ।

ସ୍ୱା./-
ତହସିଲଦାର, ଲେଫ୍ରିପଡା

**ORISSA STATE AIDS CONTROL SOCIETY**
(Department of Health & Family Welfare)
Government of Orissa
Order No.: I-OSACSTI-20/2013/4779 Dated: 22.11.2019

**Walk-in-Interview**

OSACS will conduct Walk in Interview on 28.11.2019 from 10.00 A.M. onwards for selection/empanelment of the following post to be filled on contractual basis in District Head Quarter Hospital, Puri & SCB Medical College & Hospital, Cuttack.

| Name of the Post | No. of Post | Place of Posting | Monthly Consolidated Remuneration |
|---|---|---|---|
| Doctor | 02 | DHH, Puri SCB & MCH, Cuttack | Rs.36,000/- |

Interested candidate may appear for interview in given date & time along with their bio-data. Eligibility criteria, experience, duties, responsibilities, other terms & conditions remuneration, place of posting & other relevant details are available on our website **www.osacs.nic.in**. Candidates are advised to go through these details on the website carefully for determining their eligibility before appearing for interview. The authority reserves the right to accept/reject any or all application(s) without assigning any reason thereof.

Sd./- Addl. Project Director

ଧରିତ୍ରୀ
DHARITRI
ଶନିବାର, ନଭେମ୍ବର ୨୩, ୨୦୧୯




" ଐତିହାସିକ ମ୍ୟାଚ୍ ପାଇଁ ଇଡେନ ଗାର୍ଡେନ୍ସଠାରୁ ଆଉ ଭଲ ଭେନ୍ୟୁ ହୋଇପାରି ନ ଥାନ୍ତା। ଖେଳ ଛାଡ଼ିବା ପରେ ଲକ୍ଷ୍ମଣ, ହରଭଜନ, ସଚିନ ଓ ମୁଁ ପ୍ରଥମଥରପାଇଁ ଏକାଠି ବସିବାର ସୁଯୋଗ ପାଇଛୁ।

–ଅନିଲ କୁମ୍ବଲେ, କିମ୍ବଦନ୍ତୀ ଲେଗ୍ ସ୍ପିନର



" ପିଙ୍କ ବଲ ଟେଷ୍ଟ ଐତିହାସିକ ମ୍ୟାଚ୍ । ଆମ ଖେଳାଳିମାନ ଉତ୍ସାହିତ ଅଛନ୍ତି। ଆମକୁ ଅପେକ୍ଷା କରି ମ୍ୟାଚ୍ ଦେଖିବାକୁ ପଡ଼ିବ ।

–ରବି ଶାସ୍ତ୍ରୀ, ଭାରତୀୟ ଦଳର ମୁଖ୍ୟ କୋଚ୍



# ଗୋଲାପୀମୟ ଇଡେନ ଗାର୍ଡେନ୍ସ



**କୋଲକାତା,୨୨।୧୧(ପି.ଟି.)**

ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ଶେଷରେ ତା'ର ପ୍ରଥମ ଦିବାରାତ୍ର ଟେଷ୍ଟ ଖେଳିଛି। ଶୁକ୍ରବାର ବାଂଲାଦେଶ ବିପକ୍ଷରେ ଭାରତ ପିଙ୍କ୍ ବଲ୍‌ରେ ତା'ର ପ୍ରଥମ ମ୍ୟାଚ୍ ଖେଳିଛି। ଫଳରେ କୋଲକାତାର ଇଡେନ ଗାର୍ଡେନ୍ସ ପୂରା ପିଙ୍କ୍ ବା ଗୋଲାପୀମୟ ହୋଇଛି। ଭରପୂର ଷ୍ଟାଡିୟମରେ ତାରକା କ୍ରୀଡ଼ାବିତ୍, ରାଜନେତାମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନବ ନିର୍ବାଚତ ସଭାପତି ସୌରଭ ଗାଙ୍ଗୁଲିଙ୍କ ପ୍ରଚେଷ୍ଟାରେ ଏହି ମ୍ୟାଚ୍ ଆୟୋଜନ ହେଉଛି। ଯେଉଁଭଳି ଆଶା କରାଯାଉଥିଲା ଠିକ୍ ସେହିଭଳି ଭାବେ ଏହି ଐତିହାସିକ ମ୍ୟାଚ୍‌ର ଆରମ୍ଭ ହୋଇଛି।

ବାଂଲାଦେଶ ପ୍ରଧାନମନ୍ତ୍ରୀ ସେଖ ହାସିନା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଡେନ ଘଣ୍ଟି ବଜାଇବା ପରେ ଟସ୍ ପଡିଥିଲା। ତେବେ କୋଲକାତା କ୍ରିକେଟ ପ୍ରେମୀ ଦର୍ଶକ ଏହି ମ୍ୟାଚ୍‌ର ଶୋଭା ତଥା ଗାରିମା ବଢ଼ାଇଥିଲେ। ୪ ବର୍ଷ ଧରି ଦିବାରାତ୍ର ଟେଷ୍ଟ ଖେଳିବାକୁ ଅମଙ୍ଗ ହୋଇ ଆସୁଥିବା ଭାରତ ଶେଷରେ ପିଙ୍କ୍ ବଲ୍‌ରେ ଟେଷ୍ଟ ଖେଳିଛି। ଗାଙ୍ଗୁଲିଙ୍କ ପ୍ରୟାସରେ କୋଲକାତା ଏହି ମ୍ୟାଚ ପାଇଁ ଉପଯୁକ୍ତ ଭେନ୍ୟୁ ବୋଲି ଶେଷରେ ପ୍ରମାଣିତ ହୋଇଛି।

୪ ଦିନର ଟିକେଟ ବିକ୍ରି ହୋଇସାରିଛି। ଏପରିକି ୫ ଗୁଣା ଦାମ୍‌ରେ ଟିକେଟଗୁଡିକର କଳାବଜାର ହୋଇଛି। ଟିକେଟର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇଛି। ଗୋଲାପୀ ରଙ୍ଗର ପୋଷକ ପିନ୍ଧି ଦର୍ଶକମାନେ ଷ୍ଟାଡିୟମକୁ ପ୍ରବେଶ କରିଥିଲେ। ପୂରା ଷ୍ଟାଡିୟମ ଉତ୍ସବ ମୁଖରିତ ହୋଇଥିଲା। ସାଧାରଣତଃ ଟି୨୦ମ୍ୟାଚ୍‌ଗୁଡିକରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥାଏ। ଶେଷଥର ପାଇଁ ଟେଷ୍ଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ୨୦୦୧ରେ। ସେତେବେଳେ ଫଲୋଅନ ହୋଇ ସୁଦ୍ଧା ଭାରତ ଇଡେନଗାର୍ଡେନରେ ଅଷ୍ଟ୍ରେଲିଆକୁ ୧୭୧ ରନରେ ପରାସ୍ତ କରିଥିଲା।

ବି.ସି. ରଏ କ୍ଲବ୍ ହାଉସ୍‌ରେ ନିମନ୍ତ୍ରିତ ଅତିଥିମାନଙ୍କ ସ୍ୱାଗତ ପାଇଁ ଗୋଲାପୀ କାର୍ପେଟ ବିଛା ଯାଇଥିଲା। ଏହି ଅତିଥିମାନଙ୍କ ମଧ୍ୟରେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଅଲିମ୍ପିକ ହିରୋ ଅଭିନବ ବିନ୍ଦ୍ରା ଓ ଅନ୍ୟମାନେ ସାମିଲ ରହିଥିଲେ। ଗୋଲାପୀ ପୋଷାକ ପିନ୍ଧି ୫୦ଜଣ ଗ୍ରାଉଣ୍ଡମ୍ୟାନଙ୍କଠାରୁ ଆରମ୍ଭ କରି ଏକ ବୃହତ୍ ଗୋଲାପୀ ବେଲୁନ୍ ପର୍ଯ୍ୟନ୍ତ ଇଡେନକୁ ଉତ୍ସବମୁଖର କରାଇଥିଲେ।


ଟସ୍ ପଡିବାର ଠିକ୍ ୫ ମିନିଟ ପୂର୍ବରୁ ହାସିନା ଓ ମମତା ଷ୍ଟାଡିୟମରେ ପ୍ରବେଶ କରିଥିଲେ। କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସମ୍ପାଦକ ଅଭିଷେକ ବାନାର୍ଜୀ ଏମାନଙ୍କୁ ପାଛୋଟି ଆଣିଥିଲେ। ଦୁଇ ଦଳକୁ ହାସିନ ଓ ମମତା ବଧାଇ ଦେଉଥିବା ବେଳେ ଏକ ପୋଲିସ୍ ବ୍ୟାଣ୍ଡ ଏମାନଙ୍କୁ ସ୍ୱାଗତ କରିଥିଲେ। ଏକ ସ୍ୱତନ୍ତ୍ର ରୁପାର ମୁଦ୍ରାକୁ ନେଇ ଟସ୍ ପଡିଥିଲା ଓ ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ତେବେ ପାରାସୁଟର୍ସ ଉଡି ଆସି ଗ୍ରାଉଣ୍ଡରେ ପିଙ୍କ ମ୍ୟାଚ ବଲ ପ୍ରଦାନ କରିବାର ଯେଉଁ କାର୍ଯ୍ୟକ୍ରମ ଥିଲା ଶେଷରେ ତାହାକୁ ସିଏବି ବାତିଲ କରିଥିଲା।

ଉଭୟଦଳର ଖେଳାଳିମାନଙ୍କ ସହ ହାସିନା, ମମତା ଓ ସଚିନ୍ କଥା ହୋଇଥିଲେ। ଏହି ଅବସରରେ ବାଂଲାଦେଶର ପ୍ରଥମ ଟେଷ୍ଟ ଖେଳିଥିବା କ୍ରିକେଟରମାନେ ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରେ ସାମିଲ ଥିଲେ ବାଂଲାଦେଶର ପ୍ରଥମ ଟେଷ୍ଟ ଅଧିନାୟକ ନଇମୁର ରହମାନ, ମହମ୍ମଦ ମହମୁଦୁଲ ହାସନ, ମହରାବ ହୋସେନ, ମହମ୍ମଦ ହାସିବୁଲ ହୁସେନ, ଶାହରିଆର ହୋସେନ ବିଦୁତ, କାଜି ହବିବୁଲ ବାସାର ଓ ମହମ୍ମଦ ଆକ୍ରମ ଖାଁ। ପୂର୍ବତନ ଭାରତୀୟ କ୍ରିକେଟର ସଦାଗୋପନ ରମେଶ, ସବା କରିବ, ସୁନୀଲ ଜୋଶୀ, ଅଜିତ୍ ଅଗରକର, ଭେଙ୍କଟେଶ ପ୍ରସାଦ, କପିଲ ଦେବ, ଦିଲୀପ ଭେଙ୍ଗସରକାର, ମହମ୍ମଦ ଆଝାରୁଦ୍ଦିନ, କେ. ଶ୍ରୀକାନ୍ତ, ଫାରୁକ ଇଞ୍ଜିନିୟର ଓ ଚନ୍ଦୁ ବୋର୍ଡେ ଏହି ଅବସରରେ ଉପସ୍ଥିତ ଥିଲେ। ବିସିସିଆଇର ନିମନ୍ତ୍ରଣ କ୍ରମେ ବିନ୍ଦ୍ରାଙ୍କ ସମେତ ପୁଲେଲା ଗୋପୀଚାନ୍ଦ, ପି.ଭି. ସିନ୍ଧୁ, ସାନିଆ ମିର୍ଜା ଓ ଏମ୍‌ସି ମେରୀକମ ମଧ୍ୟ ଉପସ୍ଥିତ ଥିଲେ।

କୋଲକାତାର ମିଠା ଦୋକାନରେ ମଧ୍ୟ ମିଠା ସବୁ ଗୋଲାପୀ ରଙ୍ଗର ହୋଇଥିଲା। ଗାଙ୍ଗୁଲି ମଧ୍ୟ ଏ ନେଇ ଟୁଇଟ୍ କରିଛନ୍ତି। କୋଲକାତାର ଶହୀଦ ମିନାର, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେଶନ ପାର୍କ ଓ ଅନ୍ୟାନ୍ୟ ବଡ଼ ବଡ଼ କୋଠା ଗୋଲାପୀ ରଙ୍ଗରେ ସଜ୍ଜିତ ହୋଇଥିଲା। ମ୍ୟାଚ୍ ଅପରାହ୍ଣ ୧ଟାରୁ ଆରମ୍ଭ ହୋଇଥିବାରୁ ୩ଟାରେ ଲଞ୍ଚ୍ ବ୍ରେକ୍ ହୋଇଥିଲା।

## ଗାଙ୍ଗୁଲିଙ୍କ ସେଲ୍‌ଫି ଦର୍ଶକମୟ

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଚାଲିଥିବା ଐତିହାସିକ ଦିବରାତ୍ର ଟେଷ୍ଟ ଅବସରରେ ସେଲ୍‌ଫି ନେବାକୁ ଭୁଲି ନାହାନ୍ତି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି। ମ୍ୟାଚ୍ ଆରମ୍ଭ ହେବା ଆଗରୁ ପୂର୍ବତନ ଭାରତୀୟ ଅଧିନାୟକ ଷ୍ଟାଡିୟମର ଉପର ଫ୍ଲୋରରେ ଛିଡ଼ା ହୋଇ ଉପସ୍ଥିତ ଦର୍ଶକଙ୍କ ସହ ସେଲ୍‌ଫି ନେଇଥିଲେ। ଏହାକୁ ସେ ଟୁଇଟରରେ ଶେୟାର କରି କ୍ୟାପଶନରେ ଲେଖିଛନ୍ତି, ପିଙ୍କ ବଲ ଟେଷ୍ଟ ପାଇଁ ଇଡେନରେ ଚମତ୍କାର ପରିବେଶ ସୃଷ୍ଟି ହୋଇଛି।



ଅଭିଷେକ ଡାଲମିଆଙ୍କ ସହ ପଙ୍କଜ ଲୋଚନ ମହାନ୍ତି।

## ଐତିହାସିକ ମ୍ୟାଚ୍‌ରେ ପଙ୍କଜ ଅତିଥି

**କଟକ ଅଫିସ,୨୨।୧୧**

ଇଡେନ୍ ଗାର୍ଡେନ୍ସଠାରେ ଖେଳାଯାଉଥିବା ଐତିହାସିକ ଦିବାରାତ୍ର ଟେଷ୍ଟ ମ୍ୟାଚ୍‌ରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କ୍ରିକେଟ ଆସୋସିଏଶନ ଅଫ ବେଙ୍ଗଲ(ସିଏବି) ପକ୍ଷରୁ ଓସିଏ ପଦାଧିକାରୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସଭାପତି ପଙ୍କଜଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପଙ୍କଜ ସିଏବି ସଭାପତି ଅଭିଷେକ ଡାଲମିଆଙ୍କୁ ଭେଟିଥିଲେ।

# ଲିଟନ, ନଇମ ରିଟାୟର୍ଡ ହର୍ଟ

**କୋଲକାତା,୨୨।୧୧(ପି.ଟି.)**

ପ୍ରଥମ ଦିବାରାତ୍ର ଟେଷ୍ଟରେ ଦୁଇଟି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଦୁଇ ବାଂଲାଦେଶ ବ୍ୟାଟ୍ସମ୍ୟାନ ଲିଟନ ଦାସ ଓ ନଇମ ହାସନ ରିଟାୟର୍ଡ ହର୍ଟ ହୋଇ ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ପୂର୍ବରୁ ଦଳରୁ ବାଦ୍ ପଡିଥିବା ଦୁଇଜଣଙ୍କୁ ବଦଳ ଖେଳାଳି ଭାବେ ଦଳରେ ସାମିଲ କରାଯାଇଛି। ମହମ୍ମଦ ସାମିଙ୍କ ଶର୍ଟ ବଲ୍‌ରେ ଲିଟନ ଓ ନଇମ ଆହତ ହୋଇଥିଲେ। ଫଳରେ ଏହି ଦୁଇ ଖେଳାଳିଙ୍କ ବଦଳରେ ଯଥାକ୍ରମେ ମେହିଦି ହାସନ ମିରାଜ ଓ ତାଇଜୁଲ ଇସ୍‌ଲାମଙ୍କୁ ଦଳରେ ସାମିଲ କରାଯାଇଥିଲା।

ଲିଟନଙ୍କ ମୁଣ୍ଡ ତଥା ହେଲମେଟର ଆଗରେ ବଲ୍ ବାଜିଥିଲା। ୨୦ତମ ଓଭରରେ ତୃତୀୟ ବଲରେ ଏହି ଘଟଣା ଘଟିଥିଲା। ସାମିଙ୍କ ଶର୍ଟ ବାଉନ୍ସରକୁ ପୁଲ କରୁଥିବାରେ ସେ ବିଫଳ ହୋଇଥିଲେ ଫଳରେ ସେ ଆହତ ହୋଇଥିଲେ। ଆହତ ହେବା ପରେ ସେ ବ୍ୟାଟିଂ ଜାରି ରଖି ଇଶାନ୍ତଙ୍କ ପର ଓଭରରେ ବାଉଣ୍ଡାରୀ ସହ ୯ ରନ ସଂଗ୍ରହ କରିଥିଲେ। ତେବେ ଏହାପରେ ସେ ଅସୁସ୍ଥତା ଅନୁଭବ କରି ଅମ୍ପାୟରଙ୍କୁ ଜଣାଇଥିଲେ। ଅମ୍ପାୟରଙ୍କ ସହ ଆଲୋଚାନ କରିବା ପରେ ସେ ପ୍ୟାଭିଲିୟନ ଫେରିଥିଲେ। କନ୍‌କସନ ସବଷ୍ଟିଚ୍ୟୁଟ ପାଇଁ ନିୟମ ଅନୁସାରେ ଉପଯୁକ୍ତ ମେଡିକାଲ ରିପୋର୍ଟ ମ୍ୟାଚ୍ ରେଫରୀଙ୍କୁ ପ୍ରଦାନ କାରାଯିବ ଦରକାର। ଏଥିସହ ବାଂଲାଦେଶ ପ୍ରଥମ ଦେଶ ଭାବେ କନ୍‌କଶନ ସବଷ୍ଟିଚ୍ୟୁଟ ନିୟମ ଅନୁସାରେ ଟେଷ୍ଟରେ ଦୁଇଜଣ ଖେଳାଳି ବଦଳ କରାଯାଇଛି।

କନ୍‌କସନ ନିୟମ ଲାଗୁ ହେବା ପରେ ଏପର୍ଯ୍ୟନ୍ତ ୫ଜଣ ଖେଳାଳି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ୫ ଜଣଙ୍କ ମଧ୍ୟରୁ ୪ ଜଣ ଖେଳାଳି ଭାରତ ବିପକ୍ଷରେ ମୁଣ୍ଡରେ ବଲ୍ ବାଜିବା କାରଣରୁ ଟେଷ୍ଟରୁ ବାଦ୍ ପଡିଛନ୍ତି। ଏହା ଭାରତୀୟ ଦ୍ରୁତ ବୋଲରଙ୍କ ପ୍ରତିଭା ପ୍ରଦର୍ଶନ କରୁଛି।

ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନଙ୍କୁ ସ୍ଥାନୀୟ ସିଟି ହସ୍ପିଟାଲକୁ ନିଆଯାଇଥିଲା ଓ ସେଠାରେ ତାଙ୍କର ସ୍କାନ କରାଯାଇଛି। ସେହିପରି ସାମିଙ୍କ ବଲ୍ ନଇମଙ୍କ ଦେହରେ ବାଜିଥିଲା ଓ ତାଙ୍କର ଚିକିତ୍ସା କରିଥିଲେ ଭାରତୀୟ ଟିମ୍ ଫିଜିଓ ନିତିନ ପଟେଲ। କ୍ରିକେଟରେ କନ୍‌କଶନ ନିୟମ ଲାଗୁ ହେବା ପରେ ଏପରି ଖେଳଳି ବଦଳ ହୋଇଛି। ଉଲ୍ଲେଖଥାଉ କି, ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଚଳିତ ବର୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସହିତ କନ୍‌କଶନ ନିୟମ ଲାଗୁ କରିଥିଲା। ଏହି ନିଇମ ଅନୁସାରେ ଆହତ ଖେଳାଳିଙ୍କ ବଦଳରେ ଆଉ ଜଣେ ବଦଳ ଖେଳାଳିଙ୍କୁ ମ୍ୟାଚ୍‌ରେ ସାମିଲ କରାଯାଇପାରିବ। ତେବେ ବଦଳ ଖେଳାଳି ଜଣକ ଆହତ ଖେଳାଳିଙ୍କ ଶୈଳୀର ହେବା ଆବଶ୍ୟକ। ଉଦାହରଣ ସ୍ୱରୁପ ଜଣେ ବ୍ୟାଟ୍ସମ୍ୟାନ ବାଦ୍ ପଡିଲେ ଜଣେ ବ୍ୟାଟ୍ସମ୍ୟାନ ହିଁ ଦଳରେ ସାମିଲ ହେବ। ବୋଲର କିମ୍ବା ଅଲରାଉଣ୍ଡର ନୁହଁ। ଲିଟନଙ୍କ ବଦଳରେ ସାମିଲ ହୋଇଥିବା ମେହିଦି ଅଫ୍ ସ୍ପିନର ହୋଇଥିଲେ ମଧ୍ୟ ବୋଲିଂ କରିପାରିବେ ନାହିଁ। ଅବଶ୍ୟ ମେହିଦି ବେଶି ସମୟ ତିଷ୍ଠି ନ ପାରି ୮ ରନ କରି ଇଶାନ୍ତ ଶର୍ମାଙ୍କ ଦ୍ୱାରା ଆଉଟ ହୋଇଥିଲେ।



ଲିଟନ ଦାସ ଆହତ ହେବା ପରେ ବାଂଲାଦେଶ ଫିଜିଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

## କୋହଲିଙ୍କ କୃତିତ୍ୱ



**କୋଲକାତା, ୨୨।୧୧**

ଇଡେନ ଗାର୍ଡେନରେ ଆରମ୍ଭ ହୋଇଥିବା ଦିବାରାତ୍ର କ୍ରିକେଟ ଟେଷ୍ଟରେ ରେକର୍ଡର ଅଧିକାରୀ ହୋଇଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ସେ ଅଧିନାୟକଭାବେ ଟେଷ୍ଟରେ ୫୦୦୦ ରନ ପୂରଣ କରିବାରେ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। କ୍ୟାରିୟରର ୮୬ତମ ଇନିଂସରେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ସେ ୬୫ତମ ଇନିଂସରୁ ୪୦୦୦ ରନ ପୂରଣ କରି ମଧ୍ୟ ରେକର୍ଡର ଅଧିକାରୀ ଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ୬ଷ୍ଠ ଅଧିନାୟକଭାବେ ସେ ୫୦୦୦ ରନର ମ୍ୟାଜିକ୍ ସଂଖ୍ୟା ଅତିକ୍ରମ କରିଛନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ୯୭ ଇନିଂସରୁ ୫୦୦୦ ରନ ପୂରଣ କରିଥିଲେ। ସେହିପରି ୱେଷ୍ଟଇଣ୍ଡିଆନ ଲିଜେଣ୍ଡ କ୍ଲାଇଭ୍ ଲଏଡ ୧୦୬, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ ୧୧୦, ଅଷ୍ଟ୍ରେଲିଆର ଆଲାନ ବର୍ଡର ୧୧୬ ଓ ନ୍ୟୁଜିଲାଣ୍ଡର ଷ୍ଟିଫେନ ଫ୍ଲେମିଂ ୧୩୦ ଇନିଂସରୁ ୫୦୦୦ ରନ ପୂରଣ କରିଛନ୍ତି।

# କିମ୍ବଦନ୍ତୀ କ୍ରିକେଟରଙ୍କ ସ୍ମୃତି ଚାରଣ



ଭିଭିଏସ୍ ଲକ୍ଷ୍ମଣ, ହରଭଜନ ସିଂ, ଅନିଲ କୁମ୍ବଲେ ଓ ସଚିନ ତେନ୍ଦୁଲକର

**କୋଲକାତା,୨୨।୧୧(ପି.ଟି.)**

ଭାରତୀୟ କିମ୍ବଦନ୍ତୀ କ୍ରିକେଟରମାନେ ପିଙ୍କ ବଲ୍ ଟେଷ୍ଟ ଆରମ୍ଭ ଅବସରରେ ପୂର୍ବରୁ ଗୌରବମୟ ସ୍ମୃତି ଚାରଣ କରିଥିଲେ। ଶୁକ୍ରବାର ସଚିନ ତେନ୍ଦୁଲକର ଓ ଅନିଲ କୁମ୍ବଲେ ପୂର୍ବର ଉଲ୍ଲେଖନୀୟ ପ୍ରଦର୍ଶନ କଥା ମନେ ପକାଇଥିଲେ। ଏ ନେଇ ପ୍ରଥମ ଦିବସର ଲଞ୍ଚ୍ ବ୍ରେକ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏଥିରେ ସଚିନଙ୍କ ସମେତ ଭିଭିଏସ୍ ଲକ୍ଷ୍ମଣ, କୁମ୍ବଲେ, ହରଭଜନ ସିଂ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱ ପ୍ରସିଦ୍ଧ ଏହି ଐତିହାସିକ ଷ୍ଟାଡିୟମରେ ଭାରତ ହାସଲ କରିଥିବା ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଏମାନେ ଆଲୋଚନା କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ୧୯୯୩ ହିରୋ କପ୍ ଫାଇନାଲ ଓ ଅଷ୍ଟ୍ରେଲିଆ ବିପକ୍ଷ ୨୦୦୧ ଟେଷ୍ଟ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା।

ସମସ୍ତେ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଧନ୍ୟବାଦ ଜଣାଇଥିଲେ। ସମସ୍ତଙ୍କୁ ପୁଣିଥରେ ଏକାଠି କରାଇଥିବାରୁ ସେମାନେ ଗାଙ୍ଗୁଲିଙ୍କୁ ପ୍ରଶଂସା ମଧ୍ୟ କରିଥିଲେ। ଏହି ୪୦ ମିନିଟର ଆଲୋଚନା ଭିତ୍ତିକ କାର୍ଯ୍ୟ କ୍ରମରେ ଗାଙ୍ଗୁଲି ମଧ୍ୟ ଯୋଗ ଦେଇଥିଲେ। ଟିଭି ଚ୍ୟାନେଲ ଷ୍ଟାର ସ୍ପୋର୍ଟ୍ସରେ ଏହାର ସିଧାପ୍ରସାରଣ କରାଯାଇଥିଲା।

ଯେତେବେଳେ ଖେଳୁଥିଲୁ, ସେତେବେଳେ ଆମେ ଏଭଳି ଏକାଠି ହୋଇ ବସିବାର ସୁଯୋଗ ପାଇ ନ ଥିଲୁ। ଏହା ଆମ ପାଇଁ ଏକ ସ୍ୱତନ୍ତ୍ର ଦିନ ବୋଲି କୁମ୍ବଲେ କହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୨ ରନ ଦେଇ ୬ ଉଇକେଟ ହାସଲ କରି କୁମ୍ବଲେ ଭାରତକୁ ଜିତାଇଥିଲେ। ସଚିନ ସଚିନ.. ଉଚ୍ଚାରଣ କରି କୋଲକାତା ଦର୍ଶକ ସମ୍ମାନ ପ୍ରଦର୍ଶନ କରିଥିଲେ। ୨୦୦୧ ଟେଷ୍ଟରେ ଅଷ୍ଟ୍ରେଲିଆ ବିପକ୍ଷରେ ଲକ୍ଷ୍ମଣ ଓ ରାହୁଲ ଦ୍ରାବିଡ ମ୍ୟାଚ୍ ବିଜୟୀ ୩୭୬ ରନର ଭାଗୀଦାରି ସ୍ଥାପନ କରିଥିଲେ। ଫଲୋଅନ ହୋଇ ମଧ୍ୟ ଏହି ଭାଗୀଦାରି ବଳରେ ଭାରତ ହରଭଜନ ଓ ସଚିନଙ୍କ ବୋଲିଂ ସହାୟତାରେ ଭାରତ ଅଷ୍ଟ୍ରେଲିଆକୁ ହରାଇଥିଲା। ହରଭଜନ ମଧ୍ୟ ଏହି ମ୍ୟାଚ୍‌ରେ ଭାରତ ପାଇଁ ପ୍ରଥମ ଟେଷ୍ଟ ହ୍ୟାଟ୍ରିକ ଅର୍ଜନ କରିଥିଲେ ଓ ମୋଟ ୧୩ ଉଇକେଟ ଅକ୍ତିଆର କରିଥିଲେ। ହରଭଜନଙ୍କ ହ୍ୟାଟ୍ରିକ ପରେ ମ୍ୟାଚ୍‌ର ମୋଡ ବଦଳିଯାଇଥିଲା ବୋଲି ସଚିନ କହିଛନ୍ତି। ଇଡେନ୍ସର ଏହି ପରିବେଶ ମୋତେ ୧୫ ବର୍ଷ ତଳକୁ ନେଇଯାଇଛି ବୋଲି ହରଭଜନ କହିଛନ୍ତି। ଗାଙ୍ଗୁଲିଙ୍କୁ ପ୍ରଶଂସା କରି ହରଭଜନ କହିଛନ୍ତି ଯେ, ୧୦୦ଜଣ ଅଧିନାୟକଙ୍କ ନେତୃତ୍ୱରେ ଖେଳିବାକୁ ପଡିଲେ ମଧ୍ୟ ସେ ସବୁବେଳେ ମୋର ଅଧିନାୟକ ହୋଇ ରହିଥିବେ। ମୋହାଲିରେ ହରଭଜନଙ୍କୁ ପ୍ରଥମେ ଭେଟିଥିଲି ବୋଲି ସଚିନ କହିଛନ୍ତି। ସେ ଜଣେ ଭଲ ସ୍ପିନର ଓ ଭଲ ଦୁସ୍‌ରା ପକାଉଛନ୍ତି ବୋଲି ଶୁଣିବାକୁ ପାଇଥିଲି ବୋଲି ସେ କହିଥିଲେ।



ଇଡେନ ଗାର୍ଡେନ୍ସରେ ଆରମ୍ଭ ହୋଇଥିବା ଟେଷ୍ଟର ପ୍ରଥମ ଦିବସରେ ଉଲ୍ଲସିତ ଦର୍ଶକ।



ଗ୍ରାଣ୍ଡ ପ୍ୟାରେଡ୍ ଅବସରରେ ରାହୁଲ ଦ୍ରାବିଡ



“ ମୁଁ ବିଶ୍ୱର ସୁବୁଠୁ ଗୁରୁ ଦାୟିତ୍ୱ ପାଇ ଖୁସି ଅଛି। ବାହାରେ କ'ଣ ଘଟୁଛି ସେଥିରେ ମୁଁ ପ୍ରଭାବିତ ହୁଏନାହିଁ ।

–ଓଲେ ଗୁନ୍ନର ସୋଲସ୍କଜର, ମାଞ୍ଚେଷ୍ଟର ୟୁନାଇଟେଡ୍ କୋଚ୍

“ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପାଇଁ ଆମକୁ ଗାଙ୍ଗୁଲି ଆମନ୍ତ୍ରଣ କରିଛନ୍ତି। ତାଙ୍କୁ ବହୁ ପୂର୍ବରୁ ଜାଣି ଥିବାରୁ ନା କହିବାର ପ୍ରଶ୍ନ ନ ଥିଲା ।

–ସାନିଆ ମିର୍ଜା, ଷ୍ଟାର ମହିଳା ଟେନିସ ଖେଳାଳି



## ସଂକ୍ଷେପରେ

### କବିରଙ୍କୁ ଆଇଟିଏଫ ଟାଇଟଲ



ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି) ଓଡ଼ିଶାର ପ୍ରଥମ ଟେନିସ ଖେଳାଳିଭାବେ ଆଇଟିଏଫ ସିଙ୍ଗଲ୍ସ ଟାଇଟଲ ଜିତିବାର ସୌଭାଗ୍ୟ ପାଇଛନ୍ତି କବିର ହନ୍ସ। ଗୁଆହାଟୀର ଅଲ ଆସାମ ଟେନିସ ଆସୋସିଏଶନ କମ୍ପ୍ଲେକ୍ସରେ ଅନୁଷ୍ଠିତ ୱାର୍ଲ୍ଡ ଜୁନିୟର ର୍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟରେ ସେ ଏହି ସଫଳତା ଅର୍ଜନ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କବିର ସିଧାସଳଖ ୬-୦, ୬-୧ ସେଟ୍‌ରେ ହରିୟାଣାର କରନ ସିଂଙ୍କୁ ପରାସ୍ତ କରିଥିଲେ। ଡବଲ୍ସରେ ମଧ୍ୟ ଟାଇଟଲ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି ଏହି ଓଡ଼ିଶା ଟେନିସ ପ୍ରତିଭା। କବିର ଓ ଧ୍ରୁବ ଟାଙ୍ଗ୍ରି ଡବଲ୍ସ ଫାଇନାଲରେ ହରିୟାଣାର ସୁଶାନ୍ତ ଦାବାସ ଓ ମଧ୍ୟପ୍ରଦେଶର ଡେନିମ ଯାଦବ ଯୋଡ଼ିଙ୍କୁ ୭-୫, ୦-୬, ୧୦-୬ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଡବଲ ସଫଳତା ଯୋଗୁ କବିରଙ୍କୁ ମୂଲ୍ୟବାନ ୩୫ ପଏଣ୍ଟ ମିଳିଛି। ଏହା ପୂର୍ବରୁ କବିର ପ୍ରଥମ ଓଡ଼ିଆ ଖେଳାଳିଭାବେ ୨୦୧୮ରେ ଚେନ୍ନାଇଠାରେ ଅନୁଷ୍ଠିତ ଜାତୀୟ ଜୁନିୟର କ୍ଲେ କୋର୍ଟ ଟେନିସ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବାଳକ ଡବଲ୍ସ ଟାଇଟଲ ଜିତିଥିଲେ।

### ଓଡ଼ିଶା-ପଞ୍ଜାବ ମ୍ୟାଚ୍ ଡ୍ର

କଟକ ଅଫିସ,୨୨।୧୧- ପଶ୍ଚିମବଙ୍ଗର କଲ୍ୟାଣୀ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର (ଫାଇନାଲ ରାଉଣ୍ଡ) ପଞ୍ଜାବ ବିପକ୍ଷ ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ଓଡ଼ିଶା ସଫଳ ହୋଇଛି। ପ୍ରଥମାର୍ଦ୍ଧରେ ପଞ୍ଜାବ ୨ଟି ଗୋଲ ସ୍କୋର କରି ଅଗ୍ରଣୀ ରହିଥିଲା। ଶିବ କୁମାର ୧୨ତମ ମିନିଟରେ ଓ ଟି. ଟୌଥାଙ୍ଗ ୨୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୭୬ତମ ମିନିଟରେ ଅଜୟ ଟପ୍ପୋ ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ଦେଇଥିଲେ। ୮୬ତମ ମିନିଟରେ ଅରବିନ ଲାକ୍ରାଙ୍କ ଗୋଲ ବଳରେ ଓଡ଼ିଶା ମ୍ୟାଚକୁ ଡ୍ର ରଖିଥିଲା। ଆସନ୍ତା ୨୬ରେ କେରଳ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

# ଈଶାନ୍ତ, ଉମେଶଙ୍କ ଘାତକ ବୋଲିଂ

- ଐତିହାସିକ ପିଙ୍କ୍‌ବଲ ଟେଷ୍ଟ ଆରମ୍ଭ
- ବାଂଲାଦେଶ ଇନିଂସ ୧୦୬ରେ ସୀମିତ
- ପୂଜାରା, କୋହଲିଙ୍କ ଅର୍ଦ୍ଧଶତକ


କୋଲକାତା, ୨୨।୧୧

କୋଲକାତାର ଇଡେନ ଗାର୍ଡେନ୍ସରେ ଶୁକ୍ରବାର ଆରମ୍ଭ ହୋଇଛି ଐତିହାସିକ ଦିବାରାତ୍ର (ପିଙ୍କ୍‌ବଲ୍) କ୍ରିକେଟ ଟେଷ୍ଟ। ଚଳିତ ଭାରତ-ବାଂଲାଦେଶ କ୍ରିକେଟ ସିରିଜର ଏହା ହେଉଛି ଦ୍ୱିତୀୟ ଟେଷ୍ଟ। ପ୍ରଥମ ଦିବସରେ ଈଶାନ୍ତ ଶର୍ମା ଓ ଉମେଶ ଯାଦବଙ୍କ ଘାତକ ବୋଲିଂକୁ ସମ୍ମୁଖୀନ ହୋଇ ନ ପାରି ବାଂଲାଦେଶ ୧୦୬ ରନରେ ଅଲଆଉଟ ହୋଇଛି। ଅନ୍ୟପକ୍ଷରେ ପ୍ରଥମ ଦିବସ ଖେଳ ଶେଷ ହେବା ବେଳକୁ ଭାରତ ପ୍ରଥମ ଇନିଂସରେ ୩ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଛି। ୭ ଉଇକେଟ ସୁରକ୍ଷିତ ଥିବାବେଳେ ଦଳ ବାଂଲାଦେଶ ପ୍ରଥମ ଇନିଂସଠାରୁ ୬୮ ରନରେ ଅଗ୍ରଣୀଲାଭ କରିଛି।

ଟସ୍ ଜିତି ପ୍ରଥମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ମାତ୍ର ଘରୋଇ ଦଳର ବୋଲରଙ୍କୁ ମୁକାବିଲା କରିବାରେ ଅସମର୍ଥ ହୋଇଥିଲେ ବାଂଲାଦେଶୀ ବ୍ୟାଟ୍ସମ୍ୟାନ। ପ୍ରଥମ ୬ ଓଭର କୌଣସି ପ୍ରକାରେ କ୍ରିଜରେ ତିଷ୍ଠି ରହିଥିଲେ ହେଁ ୭ମ ଓଭରରୁ ହିଁ ଆରମ୍ଭ ହୋଇଥିଲା ବାଂଲାଦେଶର ବିପର୍ଯ୍ୟୟ ପର୍ବ। ଏହାର କର୍ଣ୍ଣଧାର ସାଜିଥିଲେ ଈଶାନ୍ତ ଶର୍ମା।

ସପ୍ତମ ଓଭରର ତୃତୀୟ ବଲ୍‌ରେ ଇମ୍ରୁଲ କାୟେସଙ୍କୁ ଆଉଟ କରି ଅଭିଯାନ ଆରମ୍ଭ କରିଥିବା ଈଶାନ୍ତ ପରେ ମହମୁଦୁଲ୍ଲା, ନଇମ ହାସନ, ଏବାଦତ ହୋସେନ ଓ ମେହିଦି ହାସନଙ୍କ ଉଇକେଟ ନେଇ ପରଫେକ୍ଟ ପାଇଭ୍ ପୂରଣ କରିଥିଲେ। ଏଥିସହ ଭାରତର ପ୍ରଥମ ଦିବାରାତ୍ର ଟେଷ୍ଟ ଇତିହାସରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରାଇଥିଲେ ଏହି ଦ୍ରୁତ ବୋଲର। ଈଶାନ୍ତଙ୍କୁ ଉପଯୁକ୍ତ ସହାୟତା କରି ଭାରତର ଅନ୍ୟତମ ପେସର ଉମେଶ ଯାଦବ ଟପ୍ ଅର୍ଡରର ମୁଖ୍ୟ ୩ଟି ଉଇକେଟ ନେଇ ବାଂଲାଦେଶର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ସେ ଓପନର ଶଦମନ ଇସଲାମ, ଅଧିନାୟକ ମୋମିନୁଲ ହକ ଓ ମହମ୍ମଦ ମିଥୁନଙ୍କ ଉଇକେଟ ହାସଲ କରିଥିଲେ। ମହମ୍ମଦ ଶାମି ଅନ୍ୟ ୨ଟି ଉଇକେଟ ନେଇଥିଲେ। ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଶଦମାନ ସର୍ବାଧିକ ୨୯ ଓ ରିଟାୟର୍ଡ ହର୍ଟ ହୋଇଥିବା ଲିଟନ ଦାସ ୨୪ ରନ କରିବାକୁ ସକ୍ଷମ ହୋଇଥିଲେ। ୯ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଭାରତର ପେସ୍ ତ୍ରୟଙ୍କ ସମ୍ମୁଖରେ ବାଂଲାଦେଶ ଇନିଂସ ମାତ୍ର ୩୦.୩ ଓଭର ତିଷ୍ଠିଥିଲା।

ଭାରତର ଆରମ୍ଭ ଏଠାରେ ଆଶାନୁରୂପ ହୋଇପାରି ନ ଥିଲା। ଦୁଇ ଓପନର ମୟଙ୍କ ଅଗ୍ରୱାଲ ଓ ରୋହିତ ଶର୍ମା ଯଥାକ୍ରମେ ଚୌକା ଓ ଛକା ମାରି ଇନିଂସ ଆରମ୍ଭ କରିଥିଲେ ହେଁ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ମୟଙ୍କ ୧୪ ଓ ରୋହିତ ୨୧ ରନ କରି ଆଉଟ ହେବାରୁ ୪୩ ରନରେ ଭାରତ ୨ଟି ଉଇକେଟ ହରାଇଥିଲା। ତେବେ ଚେତେଶ୍ୱର ପୂଜାରା ଓ ଅଧିନାୟକ ବିରାଟ କୋହଲି ଇନିଂସ ସମ୍ଭାଳି ନେଇଥିଲେ। ଦୁହେଁ ଅର୍ଦ୍ଧଶତକ ହାସଲ କରିବା ସହ ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ପୂଜାରା ୧୦୫ ବଲ୍‌ରୁ ୫୫ (୮ ଚୌକା) ରନ କରିଥିବାବେଳେ ଏବାଦତ ହୋସେନଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ କୋହଲି ଓ ଅଜିଙ୍କ୍ୟ ରାହାନେ ଭାରତୀୟ ସ୍କୋରକୁ ଆଗେଇ ନେଇଥିଲେ। ଷ୍ଟମ୍ପ ବେଳକୁ କୋହଲି ୯୩ ବଲ୍‌ରୁ ୫୯(୮ ଚୌକା) ଓ ରାହାନେ ୨୨ ବଲ୍‌ରୁ ୨୩(୩ ଚୌକା) ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ଏବାଦତ ୨ଟି ଓ ଅଲ୍ ଅମିନ ହୋସେନ ଗୋଟିଏ ଉଇକେଟ ନେଇଥିଲେ।





ଉଇକେଟ ନେବା ପରେ ଉଲ୍ଲସିତ ଉମେଶ ଯାଦବ। ପାଞ୍ଚ ଉଇକେଟ ହାସଲକାରୀ ଈଶାନ୍ତ ଶର୍ମା (ଡାହାଣ)।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୧୦୬/ଅଲଆଉଟ(ଶଦମାନ-୨୯, ଲିଟନ-୨୪, ଈଶାନ୍ତ-୫/୨୨, ଉମେଶ-୩/୨୯, ଶାମି-୨/୩୬)।

ଭାରତ ପ୍ରଥମ ଇନିଂସ: ୧୭୪/୩(କୋହଲି-୫୯*, ପୂଜାରା-୫୫, ରାହାନେ-୨୩*, ଏବାଦତ-୨/୬୧, ଅଲ୍ ଅମିନ-୧/୪୯)।

### ଇଂଲଣ୍ଡ ୩୫୩ରେ ଅଲ୍‌ଆଉଟ

ମାଉଣ୍ଟ ମାଉନଗାନୁଇ, ୨୨।୧୧(ଏଏଫ୍‌ପି)

ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨୪ ଓଭରରେ ୩୫୩ ରନ କରି ଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଘରୋଇ ନ୍ୟୁଜିଲାଣ୍ଡ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୫୧ ଓଭରରେ ୪ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ୬ ଉଇକେଟ ହାତରେ ରଖି ୨୦୯ ରନରେ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ହେନରୀ ନିକୋଲ୍ସ ୨୬ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୬ ରନ କରି ଅପରାଜିତ ରହିଛନ୍ତି। ନ୍ୟୁଜିଲାଣ୍ଡ ତରଫରୁ ଅଧିନାୟକ କେନ୍ ୱିଲିୟମସନ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅଭିଜ୍ଞ ରସ୍ ଟେଲର ୨୫, ଜିତ୍ ରାଭାଲ ୧୯, ଟମ୍ ଲାଥମ ୮ ରନ କରି ଆଉଟ ହୋଇଛନ୍ତି। ବୋଲିଂରେ ଇଂଲଣ୍ଡ ତରଫରୁ ସାମ କୁରାନ ୨, ଜ୍ୟାକ ଲିଚ୍ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ- ୧୨୪ ଓଭରରେ ୩୫୩ ଅଲଆଉଟ୍ (ଷ୍ଟୋକ୍ସ- ୯୧, ଡେନ୍‌ଲି- ୭୪, ବର୍ନ୍ସ- ୫୨, ବଟଲର- ୪୩, ସୌଦି- ୪/୮୮, ୱାଗନର- ୩/୯୦, ଗ୍ରାଣ୍ଡହୋମ- ୨/୪୧, ବୋଲ୍ଟ- ୧/୯୭)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୫୧ ଓଭରରେ ୧୪୪/୪ (ୱିଲିୟମସନ- ୫୧, ଟେଲର- ୨୫, ରାଭାଲ- ୧୯, ନିକୋଲ୍ସ- ୨୬*, କୁରାନ- ୨/୨୮, ଲିଚ୍- ୧/୨୯, ଷ୍ଟୋକ୍ସ- ୧/୧୬)।

# ଏସିଆର ପ୍ରଥମ ଗ୍ରାଣ୍ଡ ଚେସ୍ ଟୁର୍ ଆରମ୍ଭ



ପ୍ରଥମ ଦିବସରେ ବିଶ୍ୱନାଥନ୍ ଆନନ୍ଦ ଓ ଚାଇନାର ଡିଙ୍ଗ ଲିରେନଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି)

କୋଲକାତାର ନ୍ୟାଶନାଲ୍ ଲାଇବ୍ରେରିଠାରେ ଏସିଆର ପ୍ରଥମ ଜିସିଟି (ଗ୍ରାଣ୍ଡ ଚେସ୍ ଟୁର) ଟାଟା ଷ୍ଟିଲ୍ ଚେସ୍ ଇଣ୍ଡିଆ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ବିଶ୍ୱର ଶ୍ରେଷ୍ଠ ଗ୍ରାଣ୍ଡ ମାଷ୍ଟରଙ୍କ ମଧ୍ୟରୁ ୮ ଜଣ ଅଂଶଗ୍ରହଣ କରିଛନ୍ତି। ସେମାନେ ହେଉଛନ୍ତି ମ୍ୟାଗ୍‌ନସ୍ କାର୍ଲସେନ୍, ବିଶ୍ୱନାଥନ ଆନନ୍ଦ, ଡିଙ୍ଗ ଲିରେନ୍, ଇଆନ୍ ନେପୋମିଆଚି, ଲେଭନ୍ ଆରୋନିଆନ୍ ଆନିଷ ଗିରି, ୱେସଲି ସୋ, ହିକାରୁ ନାକାମୁରା, ପେଣ୍ଟ୍ୟାଲା ହରିକ୍ରିଷ୍ଣା ଓ ବିଦିତ ଗୁଜରାଟି। ଏହି ପ୍ରତିଯୋଗିତା ପାଇଁ ଡ୍ରଇଂ ଅଫ୍ ଲଟସ୍ କୋଲକାତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାଣକ୍ୟ ଚୌଧୁରୀ, ଉପସଭାପତି (କର୍ପୋରେଟ୍ ସେବା, ଟାଟା ଷ୍ଟିଲ), ଭରତ ସିଂହ ଚୌହାନ, ସଚିବ( ଏଆଇସିଫ୍), ସୌରଭ ଗାଙ୍ଗୁଲି (ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତଥା ବିସିସିଆଇର ବର୍ତ୍ତମାନର ସଭାପତି) ଉପସ୍ଥିତ ଥିଲେ।

### ଖେଳୁଆଡ଼ ମନୋଭାବ ପ୍ରଦର୍ଶନ କଲେ ଟିମ୍ ଇଣ୍ଡିଆର ଫିଜିଓ

କୋଲକାତା,୨୨।୧୧

ଯେ କୌଣସି ଖେଳରେ ଖେଳାଳିଙ୍କ ଖେଳୁଆଡ଼ ମନୋଭାବ ସର୍ବୋପରେ। ମାତ୍ର ଭାରତ ଓ ବାଂଲାଦେଶ ମଧ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପିଙ୍କ୍ ବଲ ଦିବାରାତ୍ର ଟେଷ୍ଟର ପ୍ରଥମ ଦିନ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ କୌଣସି ଖେଳାଳି ନୁହେଁ ବରଂ ଫିଜିଓ ଖେଳୁଆଡ଼ ମନୋଭାବ ପ୍ରଦର୍ଶନ କରିଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ମହମ୍ମଦ ଶାମିଙ୍କ ବଲ ବାଂଲାଦେଶ ବ୍ୟାଟ୍ସମ୍ୟାନ ନଇମ ହାସନଙ୍କ ହେଲମେଟରେ ବାଜିଥିଲା। ଭାରତୀୟ ଅଧିନାୟକ ବିରାଟ କୋହଲି ତୁରନ୍ତ ବ୍ୟାଟ୍ସମ୍ୟାନଙ୍କ ପାଖକୁ ଯାଇଥିଲେ। ପରେ ଟିମ୍ ଇଣ୍ଡିଆର ଫିଜିଓ ନୀତିନ ପଟେଲ ବାଂଲାଦେଶର ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ବିସିସିଆଇର ଅଫିସିଆଲ ଟୁଇଟର ଆକାଉଣ୍ଟରେ ଉକ୍ତ ଘଟଣାର ଭିଡିଓ ଶେୟାର କରାଯାଇଛି। ଏହାର କ୍ୟାପଶନରେ ଲେଖା ରହିଛି, ସବୁ କିଛି ପରେ ଖେଳୁଆଡ଼ ମନୋଭାବ ବଡ଼। ଟିମ୍ ଇଣ୍ଡିଆର ଫିଜିଓ ପଟେଲ ନଇମଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

■ ୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

# କଳିଙ୍ଗ ଷ୍ଟାଡିୟମ ଅନୁଧ୍ୟାନ ୨୯ରେ

ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି)




୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୭ମ ସଂସ୍କରଣ ୨୦୨୦ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତ ଏହାର ଆୟୋଜନ ଅଧିକାର ପାଇଥିବାବେଳେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ପ୍ରୋଭିଜନାଲ କ୍ଲିୟରାନ୍ସ ମିଳିଛି। ଏହାକୁ ଦୃଷ୍ଟିରେ ରଖି କଳିଙ୍ଗରେ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। କେବଳ ଭୁବନେଶ୍ୱର ନୁହେଁ ଅନ୍ୟ ୪ଟି ସହର ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ଏହିସବୁ ଷ୍ଟାଡିୟମରେ ପ୍ରସ୍ତୁତି କାର୍ଯ୍ୟ କେତେ ପରିମାଣରେ ଆଗେଇଛି ତାହା ଅନୁଧ୍ୟାନ କରିବା ପାଇଁ ଫିଫାର ଏକ ପ୍ରତିନିଧି ଦଳ ଭାରତ ଆସିବ। ଅଲିଭର ଭୋଗ୍ଟ(ଫିଫା ଟୁର୍ନାମେଣ୍ଟ ଆଣ୍ଡ ଇଭେଣ୍ଟ ଡିଭିଜନ)ଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ନଭେମ୍ବର ୨୬ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଷ୍ଟାଡିୟମ ଗୁଡ଼ିକର ମୁଖ୍ୟ ପଡ଼ିଆ ଏବଂ ଟ୍ରେନିଂ ପଡ଼ିଆକୁ ଅନୁଧ୍ୟାନ କରିବ। ଏହି ପରିପ୍ରେକ୍ଷୀରେ ଫିଫା ପ୍ରତିନିଧି ଦଳ ଚଳିତମାସ ୨୭ରେ କୋଲକାତା, ୨୮ରେ ଗୁଆହାଟୀ, ୨୯ରେ ଭୁବନେଶ୍ୱର, ୩୦ରେ ଅହମ୍ମଦାବାଦ ଓ ଡିସେମ୍ବର ୧ରେ ନଭି ମୁମ୍ବାଇରେ ଥିବା ପଡ଼ିଆର ସ୍ଥିତି ପରଖିବ। ପ୍ରତିନିଧି ଦଳର ରିପୋର୍ଟ ଭିତ୍ତିରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ମୁମ୍ବାଇ, ହାଇଦ୍ରାବାଦ ଟି୨୦ ମ୍ୟାଚ୍‌ର ତାରିଖରେ ଅଦଳବଦଳ

ମୁମ୍ବାଇ,୨୨।୧୧(ପି.ଟି.)- ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ହେବାକୁ ଥିବା ଟି୨୦ ସିରିଜ୍‌ର ପ୍ରଥମ ଓ ତୃତୀୟ ମ୍ୟାଚ୍‌ର ତାରିଖ ଅଦଳବଦଳ କରିଛି। ଆସନ୍ତା ୬ ତାରିଖରେ ହେବାକୁ ଥିବା ସିରିଜ୍‌ର ପ୍ରଥମ ମ୍ୟାଚ୍ ମୁମ୍ବାଇ ପରିବର୍ତ୍ତେ ହାଇଦ୍ରାବାଦରେ ଖେଳାଯିବ। ସେହିଭଳି ୩ୟ ମ୍ୟାଚ୍ ଡିସେମ୍ବର ୧୧ ତାରିଖରେ ମୁମ୍ବାଇଠାରେ ଅନୁଷ୍ଠିତ ହେବ। ପୂର୍ବରୁ କାର୍ଯ୍ୟସୂଚୀ ଅନୁଯାୟୀ, ଏହା ହାଇଦ୍ରାବାଦରେ ଖେଳାଯିବାର ଥିଲା। ମୁମ୍ବାଇ ପୋଲିସ ୬ ତାରିଖରେ ମ୍ୟାଚ୍ ହେଲେ ସୁରକ୍ଷା ଦେବାକୁ ଅକ୍ଷମତା ଦର୍ଶାଇବା ପରେ ବିସିସିଆଇ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦିନ ଡ. ବି. ଆର. ଆମ୍ବେଡକରଙ୍କ ଶ୍ରାଦ୍ଧ ବାର୍ଷିକ ଓ ବାବ୍ରି ମସଜିଦ୍ ଭଙ୍ଗା ଯିବାର ଦିନ ହୋଇଥିବାରୁ ମୁମ୍ବାଇ ହାଇ ଆଲର୍ଟରେ ରହିବ। ଏଥିଯୋଗୁ ମୁମ୍ବାଇ ପୋଲିସ ପକ୍ଷରୁ ମ୍ୟାଚ୍ ଲାଗି ସୁରକ୍ଷା ଯୋଗାଇ ଦେଇ ପାରିବ ନାହିଁ ବୋଲି କହୁଯାଇଥିଲା। ମୁମ୍ବାଇ (ଡିସେମ୍ବର ୬) ଓ ହାଇଦ୍ରାବାଦ (ଡିସେମ୍ବର ୧୧) ମ୍ୟାଚ୍‌ର ତାରିଖକୁ ଅଦଳବଦଳ କରିବାକୁ ବିସିସିଆଇ ରାଜି ହୋଇଥିବା ଏମ୍‌ସିଏର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୟାଧର ସାହୁ
ଆବିର୍ଭାବ: ଡିସେମ୍ବର ୧୯୨୭
ତିରୋଧାନ: ୧୩।୧୧।୨୦୧୯
ଆପଣଙ୍କ ପୁଣ୍ୟକର୍ମ, କର୍ତ୍ତବ୍ୟ ପରାୟଣତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କ ଅନାବିଳ ସ୍ନେହରୁ ବଞ୍ଚିତ-
ଶୋକସନ୍ତପ୍ତ ପରିବାରବର୍ଗ
ପୁତ୍ର- ପ୍ରସନ୍ନ, ବୃନ୍ଦାବନ, ବଶିଷ୍ଠ, ଶେଷଦେବ
ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୩୭୧

**WE MISS YOU**



LATE DHRUP KUMAR SAHA
14.09.1962 - 14.11.2019
Founder of
BINAYAK JEWELLERS
Cuttack Road, Bhubaneswar
You are an epitome of love, sacrifice, care and affection. Your absence will be felt each and everyday by your family & friends.
- SAHA Family -
ଧ-୧୫୩୬୬

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



୰ ପ୍ରେମଚନ୍ଦ ରାୟ
ରମାବଲ୍ଲଭ ରୋଡ୍, ପୁରୀ
ଆବିର୍ଭାବ: ୧୩.୧୦.୧୯୩୨
ତିରୋଧାନ-୨୪.୧୧.୨୦୧୬
ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
: ଶୋକସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ଆତ୍ମୀୟସ୍ୱଜନ, ଛାତ୍ରଛାତ୍ରୀ, ଓ ପରିବାରବର୍ଗ
ଧ-୬୮୬୧୩

# ୱାର୍ନରଙ୍କ ୧୫୧*, ଅଷ୍ଟ୍ରେଲିଆ ଅଗ୍ରଣୀ

ବ୍ରିସ୍‌ବେନ,୨୨।୧୧

ପୂରା ଫର୍ମରେ ଥିବା ଓପନର ଡେଭିଡ୍ ୱାର୍ନରଙ୍କ ୧୫୧ ରନ୍‌ର ଅପରାଜିତ ଇନିଂସ ବଳରେ ଏଠାରେ ପାକିସ୍ତାନ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ଇନିଂସ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ର ପ୍ରଥମ ଦିନ ଭ୍ରମଣକାରୀ ପାକିସ୍ତାନ ୨୪୦ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୧ ଉଇକେଟ ହରାଇ ୩୧୨ ରନ୍ କରିଛି। ଫଳରେ ଘରୋଇ ଦଳ ପ୍ରଥମ ଇନିଂସରେ ୭୨ ରନ୍‌ର ଅଗ୍ରଣୀ ହାସଲ କରିଛି।
ଶନିବାର ଘରୋଇ ଦଳ ତା'ର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା। ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର ଓ ଜୋ ବର୍ନ୍ସଙ୍କ ଓପନିଂ ଯୋଡ଼ି ୨୨୨ ରନ୍ କରିଥିଲେ। ପାକିସ୍ତାନ ଦଳର ଲମ୍ବା ପ୍ରତୀକ୍ଷା ଅନ୍ତ ହୋଇଥିଲା ୬୧ତମ ଓଭରରେ। ପାକିସ୍ତାନକୁ ମିଳିଥିଲା ପ୍ରଥମ ସଫଳତା। ଶତକ ଆଡ଼କୁ ଅଗ୍ରସର ହେଉଥିବା ବର୍ନ୍ସ(୯୭) ପାକିସ୍ତାନ ଲେଗ୍ ସ୍ପିନର ୟାସିର ଶାହଙ୍କ ବଲ ବୁଝି ନ ପାରି ବୋଲ୍ଡ ହୋଇଥିଲେ। ଆଉଟ୍ ହେବା ବେଳକୁ ସେ ଶତକରୁ ମାତ୍ର ୩ ରନ୍ ଦୂରରେ ଥିଲେ। ଏଥିପୂର୍ବରୁ କ୍ୟାରିୟରର ୨୨ତମ ଶତକ ପୂରଣ କରିଥିଲେ ୱାର୍ନର। ଗତ ୧୮ ଇନିଂସରେ ଏହା ତାଙ୍କର ପ୍ରଥମ ଶତକ। ଏହିଠାରୁ ୱାର୍ନର ଓ ମାର୍ନୁସ ଲାବୁସାନେ ଆଉ ପାକିସ୍ତାନ ବୋଲରଙ୍କୁ ଉଇକେଟ ନେବାର ସୁଯୋଗ ଦେଇ ନ ଥିଲେ। ଦ୍ୱିତୀୟ ଉଇକେଟ ଲାଗି ଉଭୟ ବ୍ୟାଟ୍ସମ୍ୟାନ ୯୦ ରନ୍‌ର ଅପରାଜିତ ଭାଗୀଦାରି କରିଛନ୍ତି। ମ୍ୟାଚ୍‌ରେ ଆଉ ୩ ଦିନ ବାକିଥିବାବେଳେ ଅଷ୍ଟ୍ରେଲିଆ ହାତରେ ୯ ଉଇକେଟ ରଖି ୭୨ ରନ୍‌ର ଇନିଂସ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ୱାର୍ନର ୧୫୧ ଓ ଲାବୁସାନେ ୫୫ ରନ୍ କରି ଅପରାଜିତ ଅଛନ୍ତି।



ଶତକ ହାସଲକାରୀ ଡେଭିଡ ୱାର୍ନର।

### ଭାରତ ହାତେଇଲା ଆଇଏସ୍‌ଏସ୍‌ଏଫ୍ ପ୍ରେସିଡେଣ୍ଟ ଟ୍ରଫି

ପୁଟାନ(ଚାଇନା),୨୨।୧୧(ପି.ଟି.)- ଚଳିତ ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଭାରତ ୧୦ ମିଟର ଏୟାର ପିସ୍ତଲ ଓ ରାଇଫଲ ମିକ୍ସଡ୍ ଦଳଗତ ପ୍ରତିଯୋଗିତାରେ ପ୍ରେସିଡେଣ୍ଟ ଟ୍ରଫି ହାସଲ କରିଛି। ମିକ୍ସଡ୍ ଏୟାର ପିସ୍ତଲ ଫାଇନାଲରେ ମନୁ ଭାକର ବିଶ୍ୱର ନମ୍ବର ୱାନ ରୁଷିଆନ ଆର୍ଟେମ ଚେର୍ନସୋଭଙ୍କ ସହ ଯୋଡ଼ି କରି ୧୭-୧୩ ବ୍ୟବଧାନରେ ଭାରତର ସୌରଭ ଚୌଧାରୀ ଓ ଅଲିମ୍ପିକ୍ ଚାମ୍ପିୟନ ଆନ୍ନା କୋରାକାକିଙ୍କୁ ହରାଇ ଟ୍ରଫି ଜିତିଛନ୍ତି। ସେହିଭଳି ୧୦ମି. ଏୟାର ରାଇଫଲ ମିକ୍ସଡ୍ ଦଳଗତ ଇଭେଣ୍ଟରେ ଟ୍ରଫି ହାସଲ କରିଛନ୍ତି ଦିବ୍ୟାଂଶ ସିଂ ପାନୱାର ଓ କ୍ରୋଏସିଆର କିମ୍ବଦନ୍ତୀ ସଜେଜାନା ପେକିକ। ଏମାନେ ଭାରତର ଅପୂର୍ବୀ ଚଣ୍ଡେଲା ଓ ଡି ଝାଙ୍ଗଙ୍କୁ ୧୬-୧୪ରେ ପରାସ୍ତ କରିଥିଲେ। ଏହି ଇଭେଣ୍ଟରେ ଶାହଜାର ରିଜ୍‌ଭିଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଉଭୟ ମନୁ ଓ ଦିବ୍ୟାଂଶ ପୂର୍ବରୁ ବ୍ୟକ୍ତିଗତ ୧୦ ମିଟର ପ୍ରତିଯୋଗିତାର ଏୟାର ପିସ୍ତଲ ଓ ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଆଣିଥିଲେ।

DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ନଭେମ୍ବର ୨୩/୨୦୧୯ Balasore, Saturday, November 23/2019

## ବିଳମ୍ବରେ ଆସିଲା ତରକାରି

# ଲୁଣ ଲଗାଇ ଭାତ ଖାଇଲେ ଛାତ୍ରୀଛାତ୍ର

**ସଜନାଗଡ଼, ୨୨।୧୧(ଡି.ଏନ.ଏ.)**

ରାଜ୍ୟ ସରକାର ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଲାଗି ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରିଛନ୍ତି। ଏପରିକି ବିଦ୍ୟାଳୟରେ ରୋଷେଇ ହେଲେ ଶିକ୍ଷାଦାନରେ ବାଧା ଉପୁଜିବା ଆଶଙ୍କା କରାଯାଇ ବାହାରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସିର ୧୮ଟି ବିଦ୍ୟାଳୟକୁ ପ୍ରାୟ ମାସେ ହେଲା ଶେରଗଡ଼ସ୍ଥିତ କିଚେନ୍ ସେଣ୍ଟରରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ମାତ୍ର ଏହି ଖାଦ୍ୟକୁ ପିଲାମାନେ ଖାଇବାକୁ ଆଗ୍ରହ ଦେଖାଉନାହାନ୍ତି। ଖାଦ୍ୟ ନିମ୍ନମାନର ଦିଆଯିବା ସହ ଠିକ୍ ସମୟରେ ବିଦ୍ୟାଳୟଗୁଡ଼ିକରେ ଖାଦ୍ୟ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି କାହାଳିଆ ବଂଶୀଧର ନୋଡ଼ାଲ ସ୍କୁଲରେ।

ବିଦ୍ୟାଳୟରେ ପ୍ରତ୍ୟହ ଅପରାହ୍ନ ୧ଟା ୧୦ମିନିଟ୍‌ରେ ଛାତ୍ରୀଛାତ୍ରମାନଙ୍କ ଲାଗି ମଧ୍ୟାହ୍ନଭୋଜନ ସମୟ ଧାର୍ଯ୍ୟ କରାଯାଇଛି। ହେଲେ ଶୁକ୍ରବାର ଉକ୍ତ ବିଦ୍ୟାଳୟରେ ପ୍ରାୟ ୧ଟା ୨୦ମିନିଟ୍‌ରେ ରନ୍ଧାଖାଦ୍ୟ ଗାଡ଼ି ପହଞ୍ଚିଥିଲା। ସେଥିରେ ଛାତ୍ରୀଛାତ୍ରମାନଙ୍କ ପାଇଁ ତରକାରି ଆସି ନ ଥିଲା। ଫଳରେ ଭୋକରେ ଆଉଟୁପାଉଟୁ ହେଉଥିବା ଛାତ୍ରୀଛାତ୍ରମାନେ ବାଧ ହୋଇ ଲୁଣ ଲଗାଇ ଭାତ ଖାଇଥିଲେ। ପ୍ରାୟ ୨୦ମିନିଟ୍ ପରେ ଏକ ବାଇକ୍‌ରେ ସୋୟାବିନ୍ ତରକାରି ଅଣାଯାଇଥିଲା। ସେତେବେଳକୁ ଛାତ୍ରୀଛାତ୍ରମାନେ ଅଧା ଭାତ ଖାଇ ସାରିଥିଲେ। ଉକ୍ତ ତରକାରି ଦୁର୍ଗନ୍ଧ ହେଉଥିବା ବେଳେ ଖଟାଳିଆ ଲାଗିବାରୁ ଛାତ୍ରୀଛାତ୍ରମାନେ ଏହାକୁ ଖାଇବାକୁ କୁଣ୍ଠାବୋଧ କରିଥିଲେ। ଏପରି ନିମ୍ନମାନର ଖାଦ୍ୟ ଦେଖି ଶତାଧିକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିବା ସହ ବିତରକଙ୍କ ସହ ଯୁକ୍ତିତର୍କ କରିଥିଲେ। ରନ୍ଧା ଖାଦ୍ୟ ଯେଉଁ ଗାଡ଼ିରେ ଆସୁଛି, ଉକ୍ତ ଗାଡ଼ି ନିରାପଦ ନ ଥିବା ବେଳେ ଖାଦ୍ୟ ଉପରେ ପଲିଥିନ୍ ପକାଇ ଅଣାଯାଉଛି। ଏଭଳି ଅବ୍ୟବସ୍ଥାକୁ ବିରୋଧ କରି ବିଦ୍ୟାଳୟ ପରିସରରେ ଗ୍ରାମବାସୀ ଏକାଠି ହୋଇ ପ୍ରତିବାଦ କରିବା ପରେ ଘଟଣାସ୍ଥଳରେ ସିଆର୍‌ସିସି ରଣଜିତ ରାଉତ ପହଞ୍ଚିଥିଲେ। ତରକାରି ବିଳମ୍ବରେ ଆସିଥିବା ସେ ସ୍ୱୀକାର କରିବା ସହିତ ସୋୟାବିନ୍ ତରକାରି ଦୁର୍ଗନ୍ଧ ହେଉଥିବା ଜାଣିବାକୁ ପାଇଥିଲେ। ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବେହେରାଙ୍କୁ ପଚାରିବାରୁ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଓ ତରକାରି ବିଳମ୍ବରେ ଆସିବାରୁ ପିଲାମାନେ ଲୁଣ ଲଗାଇ ଭାତ ଖାଇଥିବା କହିଛନ୍ତି। ଏ ସମ୍ପର୍କରେ ନୀଳଗିରି ବିଇଓ ଭଗୀରଥ ଗିରିଙ୍କୁ ପଚାରିବାରୁ ଘଟଣା ବିଷୟରେ ଉପଯୁକ୍ତ ତଦନ୍ତ କରି ପ୍ରତିକାର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି।

### ମଧ୍ୟାହ୍ନଭୋଜନରେ ଅବ୍ୟବସ୍ଥା



ଖାଲି ଭାତ ଧରି ବସିଛନ୍ତି ଛାତ୍ରୀଛାତ୍ର।

# ଯୁବତୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବହଳଦା,୨୨।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ସାନଦୁନ୍ଦୁ–ଚାପଡା ରାସ୍ତାକଡ଼ରୁ ଶୁକ୍ରବାର ଜଣେ ଯୁବତୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ମୁହଁକୁ ପଥରରେ ଛେଚି ଦାନ୍ତ ଭାଙ୍ଗି ଦିଆଯାଇଛି। ଡାହାଣ ପାର୍ଶ୍ୱ କାନ ଛିଣ୍ଡି ଯିବା ସହ କାନ ତଳେ ଗୋଟିଏ ଗଭୀର କ୍ଷତ ହୋଇଥିବାରୁ କେହି ଗୁଳି ମାରି ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସକାଳୁ ଶୌଚ ପାଇଁ ଯାଇଥିବା ଗାଁ ଲୋକେ ରାସ୍ତା କଡ଼ ଏକ ମହୁଲଗଛ ତଳେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବହଳଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ରାଇରଙ୍ଗପୁର ଏସଡିପିଓ ସତ୍ୟଜିତ ସାହୁ ଓ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ ଜାରି ରଖିଛି। ମୃତ ଯୁବତୀଙ୍କ ପରିଚୟ ଜଣାପଡ଼ି ନାହିଁ। ମୃତ ଯୁବତୀଙ୍କ ଆନୁମାନିକ ବୟସ ପ୍ରାୟ ୨୧ ବର୍ଷ ହେବ। ସେ ସାଲୱାର ଓ କୁର୍ତ୍ତା ପିନ୍ଧିଛନ୍ତି। ମୃତଦେହ ପାଖରେ ତାଙ୍କ ଚପଲ ପଡ଼ିଛି। ସ୍ଥାନୀୟ ୱାର୍ଡସଭ୍ୟା ଯମୁନା ହେମ୍ବ୍ରମଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୭୭/୧୯) ରୁଜୁ କରିଛି।






ଚମ୍ପୁଆ ଏନଏସିରେ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ପ୍ଲାଣ୍ଟ ନିର୍ମାଣ ନେଇ ବସିଥିବା ୱାର୍ଡ ସଭା।

# ବଳାତ୍କାର ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**ଭଦ୍ରକ ଅଫିସ,୨୨।୧୧**

ଭଦ୍ରକ ସ୍ପେଶାଲ ଟ୍ରାକ ଜଜ୍ ଜନକ ରାଉତ ଶୁକ୍ରବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ଚାନ୍ଦବାଲି ଥାନା ଅଧୀନ ବରେହିନ୍‌ପୁର ଗ୍ରାମର ଅଶୋକ ମହାଲିକଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଉଲ୍ଲେଖନୀୟ ଯେ, ୨୦୧୩ ରେ ଅଶୋକ ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଯୁବତୀ ଜଣଙ୍କ ଗର୍ଭବତୀ ହୋଇ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଗାଁ ଲୋକେ କମିଟି ମାଧ୍ୟମରେ ବୈଠକ ଡକାଇ ନ୍ୟାୟ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଅଶୋକ ଘଟଣାକୁ ଫାଙ୍କିଥିଲେ। ଏହାପରେ ଯୁବତୀଙ୍କ ମା'ଙ୍କ ଏତଲା କ୍ରମେ ଚାନ୍ଦବାଲି ଥାନାରେ ବଳାତ୍କାର ମାମଲା(ନଂ.୨୧୭/୧୩) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଅଶୋକଙ୍କ ବିରୋଧରେ ୩୭୬ ଦଫାରେ ଚାର୍ଜଶିଟ୍ ଦାଖଲ କରିଥିଲା। ସ୍ପେଶାଲ ଟ୍ରାକ୍ ଜଜ୍ ଡାକ୍ତରୀମାଇନା ରିପୋର୍ଟ ଓ ୧୪ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଆଡିଶ୍‌ନାଲ ପବ୍ଲିକ ପ୍ରସିକ୍ୟୁଟର ବସନ୍ତ କୁମାର ସ୍ୱାଇଁ ଉକ୍ତ ମାମଲା ପରିଚାଳନା କରିଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟନେଇ ବିବାଦୀୟ ସ୍ଥିତି

# ଅଧାରେ ଅଟକିଲା ୱାର୍ଡ ସଭା

**ଚମ୍ପୁଆ,୨୨।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଏନଏସିରେ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ପ୍ଲାଣ୍ଟ ନିର୍ମାଣ ପ୍ରସ୍ତାବ ନେଇ ବିବାଦୀୟ ସ୍ଥିତି ମୁଣ୍ଡ ଟେକିଛି। ଗ୍ରାମବାସୀଙ୍କ ବିରୋଧକୁ ଦୃଷ୍ଟିରେ ରଖି ଏନଏସି ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରାଯାଉଛି। ଏଭଳି ସ୍ଥିତିରେ ଶୁକ୍ରବାର ଡକାଯାଇଥିବା ୱାର୍ଡ ସଭାରେ ଆଲୋଚନା ଆଗେଇ ନ ପାରିବାରୁ ଏହା ଅଧାରେ ଅଟକି ରହିଥିବା ଜଣାପଡିଛି।

ଉଲ୍ଲେଖନୀୟ ଯେ, ପୂର୍ବରୁ ସହରର ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଗୋଧୂଳି ଓ ମୁସଲିମ ବସ୍ତି ସୀମାରେ ପ୍ଲାଣ୍ଟ ନିର୍ମାଣ ସକାଶେ ସ୍ଥିର କରାଯାଇ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣ କାମ ଆରମ୍ଭ ହେବା ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ପରେ ଏନଏସିର ଦୁଇ ନମ୍ବର ୱାର୍ଡ ପାଞ୍ଚପୋଖରିଆଠାରେ ପ୍ଲାଣ୍ଟ ନିର୍ମାଣ ଲାଗି ପ୍ରସ୍ତାବ ଦିଆଯାଇ ଶୁକ୍ରବାର ଅପରାହ୍ନରେ ୱାର୍ଡ ସଭା ଡକାଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ସେଠାରେ ମଧ ପ୍ଲାଣ୍ଟ ନିର୍ମାଣକୁ ବିରୋଧ କରିଥିଲେ। ପରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ୱାର୍ଡ ସଭାରେ ପହଞ୍ଚି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଆଧୁନିକ ଢଙ୍ଗରେ ପ୍ଲାଣ୍ଟ ନିର୍ମାଣ କରାଯିବା ସହ ସ୍ଥାନୀୟ ଲୋକଙ୍କୁ ସେହି ପ୍ଲାଣ୍ଟରେ ନିଯୁକ୍ତି ଦିଆଯିବା ସୁଯୋଗ ବିଷୟରେ ବୁଝାଇଥିଲେ। ଏ ନେଇ ଗ୍ରାମବାସୀ ପୃଥକ ଭାବେ ବସି ଆଲୋଚନା କଲା ପରେ ସେମାନଙ୍କ ନିଷ୍ପତ୍ତି ଜଣାଇବେ ବୋଲି ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ଫଳରେ ୱାର୍ଡ ସଭା ସେତିକିରେ ଅଟକି ରହିଥିଲା।

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

# ଫେରିଗଲେ ତଦନ୍ତକାରୀ ଅଧିକାରୀ

**ଖଇରା, ୨୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗରସଙ୍ଗ ପଞ୍ଚାୟତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଏହାର ତଦନ୍ତ ପାଇଁ ଆସିଥିବା ତଦନ୍ତକାରୀ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ କାର୍ଯ୍ୟାଳୟରେ ତାଲା ପଡିଥିବାରୁ ଅଧିକାରୀମାନେ ନିରାଶ ହୋଇ ଫେରିଥିଲେ।

ଅନିୟମିତତା ନେଇ ଗତ ଅକ୍ଟୋବର ୧୨ ତାରିଖରେ ବାଲେଶ୍ୱର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତିରାଜ ବିଭାଗର ଏସ୍‌ଡିପିଓ ନାରାୟଣ ଚନ୍ଦ୍ର ବେହେରା ଖଇରା ବ୍ଲକ ଗରସଙ୍ଗ ପଞ୍ଚାୟତକୁ ତଦନ୍ତ ନିମନ୍ତେ ପହଞ୍ଚିଥିଲେ। ହେଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡିଥିବା ଦେଖି ଏ ବିଷୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗକରିବିଫଳହେଇଥିଲେ।କୌଣସିପ୍ରକାର କାଗଜ ପତ୍ର ନ ପାଇ ବାଧ ହୋଇ ଫେରି ଯାଇଥିଲେ।

ପ୍ରକାଶଥାଉ କି, ଦୀର୍ଘ ୭ରୁ ୮ ମାସ ଧରି ପଞ୍ଚାୟତର ମାସିକ ବୈଠକ ନ ହେବା, ଆୟବ୍ୟୟର ହିସାବ ଦିଆ ନ ଯିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇ ଅସମ୍ପୂର୍ଣ୍ଣ ଘରର ବିଲ୍ କରାଯିବା,ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରାଯିବା, ଆମ ଗାଁ ଆମ ବିକାଶ ଯୋଜନାରେ ବଉଳାଣି ଗ୍ରାମର ବ୍ୟକ୍ତିଗତ ଜାଗା ଉପରେ ଏକ କୋଠଘର ନିର୍ମାଣ କରାଯିବା, ଗୋଟିଏ ଜମି ଉପରେ ଗୋଟିଏ ପରିବାରରେ ୩ଜଣଙ୍କ ନାମରେ ୩ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ବଣ୍ଟନ କରାଯିବା, ବିଜୁ ଯୁବ ବାହିନୀ ମାଧ୍ୟମରେ ବୃକ୍ଷରୋପଣ ନିମନ୍ତେ ଆସିଥିବା ସରକାରୀ ଅନୁଦାନ ୧ ଲକ୍ଷ ୬୦ ହଜାର ଟଙ୍କା ହଡପ କରାଯିବା ନେଇ ଅଭିଯୋଗ ହୋଇଥିଲା। ପଞ୍ଚାୟତର ସମିତି ସଭ୍ୟ ରାଜେନ୍ଦ୍ର ଜେନାଙ୍କ ସହିତ ସୁକାନ୍ତି ଜେନା, ସଞ୍ଜିତା ସେଠୀ, ଅର୍ଜୁନ ଦାସ, ସୁଦାମ ଘୋଷ ଓ ମଦନ ମୋହନ ବେହେରାଙ୍କ ସମେତ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନ୍ତ ପାଇ ଆସିଥିବା ଏସ୍‌ଡିପିଓ ନାରାୟଣ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ପୂର୍ବରୁ ପତ୍ର ମାଧ୍ୟମରେ ଗସ୍ତ ସମ୍ପର୍କରେ ଅବଗତି କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ ରହିବା ଯୋଗୁ ସେ କ୍ଷୋଭ ପ୍ରକାଶ କରିବା ସହିତ ଏ ବିଷୟରେ ଉପଜିଲାପାଳଙ୍କୁ ଅବଗତ କରାଇବେ ବୋଲି ପ୍ରକାଶ କରିଥିଲେ। ଉପଜିଲାପାଳ ନିଲୁ ମହାପାତ୍ରଙ୍କ ମତାମତ ନେବାରୁ ପଞ୍ଚାୟତିରାଜ ବିଭାଗର ଏସ୍‌ଡିପିଓଙ୍କ ରିପୋର୍ଟକ୍ରମେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ